# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୧୦/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, August 10 / 2019 ★★

୧୫ଶ ଭାଗ ୨୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





**ଶୁବମନ ଗିଲ୍‌ଙ୍କ ରେକର୍ଡ**
ଶୁବମନ ଗିଲ୍ ଭାରତର ସର୍ବକନିଷ୍ଠ କ୍ରିକେଟର ଭାବେ ପ୍ରଥମ ଶ୍ରେଣୀ କ୍ରିକେଟରେ ଦ୍ୱିଶତକ ହାସଲ କରିଛନ୍ତି। ୧୪

୧୨ **ଭଲ ସିନେମାରେ ଅଭିନୟ ଚାହେଁ**
ଅଭିନେତ୍ରୀ ମୃଣାଳ ଠାକୁର ଭଲ ବିଷୟବସ୍ତୁଭିତ୍ତିକ ସିନେମାରେ ଗୁରୁତ୍ୱ ଦିଅନ୍ତି ବୋଲି ପ୍ରକାଶ କରିଛନ୍ତି।




## ୩୭୦ ଉଚ୍ଛେଦ ପରେ ଭାରତ-ପାକ୍ ବିବାଦ

# ମୁଣ୍ଡ ଖେଳାଇବନି ଜାତିସଂଘ

**ଜାତିସଂଘ,୯।୮ (ପି.ଟି./ଆଇଏଏନ୍‌ଏସ୍)**

ସମ୍ବିଧାନ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦରେ ଜାତିସଂଘ ମୁଣ୍ଡ ଖେଳାଇବ ନାହିଁ। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଦୁଇଦେଶ କୌଣସି ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନ ନେଇ ସର୍ବାଧିକ ସଂଯମ ଅବଲମ୍ବନ କରନ୍ତୁ। ଏଥିସହ ଶିମ୍‌ଲା ରାଜିନାମାକୁ ଅନୁସରଣ କରି ବିବାଦର ସମାଧାନ କରନ୍ତୁ ବୋଲି ଶୁକ୍ରବାର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଭାରତ ଓ ପାକିସ୍ତାନକୁ ପରାମର୍ଶ ଦେଇଛନ୍ତି।



ଆଣ୍ଟୋନିଓ ଗୁଟେରେସ୍

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ହଟାଯାଇ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏଥିରେ ଛାନିଆ ହୋଇ ଭାରତକୁ ଯୁଦ୍ଧଭୟ ଦେଖାଇବା ସହ ପୁଲୱାମା ଭଳି ଆକ୍ରମଣ ପୁଣି ଘଟିବ ବୋଲି ଚେତାବନୀ ଦେଇଛନ୍ତି। ଭାରତର ନିଷ୍ପତ୍ତିକୁ ଇସ୍‌ଲାମାବାଦ ଏକତରଫା ଏବଂ ବେଆଇନ ବୋଲି ଦର୍ଶାଇ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି। ଏହାସହ ଦୁଇଦେଶ ମଧ୍ୟରେ ଚାଲିଥିବା ସମ୍‌ଝୌତା ଏକ୍ସପ୍ରେସ୍‌କୁ ବନ୍ଦ କରିଦେଇଥିବାବେଳେ ଥର୍ ଏକ୍ସପ୍ରେସ୍‌କୁ ମଧ ବନ୍ଦକରିବା ପାଇଁ ଚିନ୍ତା କରୁଛି। ସେହିପରି ସମସ୍ତ ପ୍ରକାର ଦ୍ୱିପାକ୍ଷିକ ସାଂସ୍କୃତିକ ସମ୍ପର୍କକୁ ମଧ ବାତିଲ କରିଦେଇଛି। ପାକିସ୍ତାନର ଏଭଳି ନିଷ୍ପତ୍ତିକୁ ଭାରତ ପକ୍ଷରୁ ନିନ୍ଦା କରାଯାଇ ପୁନର୍ବିଚାର ପାଇଁ କୁହାଯାଇଥିବାବେଳେ ଜାତିସଂଘର ଦ୍ୱାରସ୍ଥ ହୋଇଛି ଇସ୍‌ଲାମାବାଦ। ହେଲେ ଜାତିସଂଘ ଏହି ବ୍ୟାପାରରେ ମୁଣ୍ଡ ଖେଳାଇବା ପାଇଁ ମନାକରିଦେଇଥିବାରୁ ପାକିସ୍ତାନକୁ ଶକ୍ତ ଝଟକା ଲାଗିଛି। ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଜମ୍ମୁ-କଶ୍ମୀର ସ୍ଥିତି ଉପରେ ଜାତିସଂଘ ନଜର ରଖିଛି। ଉଭୟ ପକ୍ଷ ଯଥାସମ୍ଭବ ସଂଯମ ରହିବା ଉଚିତ। ଭାରତ-ପାକିସ୍ତାନ ୧୯୭୨ ଶିମ୍‌ଲା ରାଜିନାମା ଅନୁସାରେ କାମ କରନ୍ତୁ। ତେବେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ ବା ମଧ୍ୟସ୍ଥତା କରିବାକୁ ଗୁଟେରେସ୍ ମନା କରିଦେଇଥିବା ତାଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିରେ ଏହି ବିବାଦରେ କୌଣସି ଦେଶ ଛନ୍ଦି ହେବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଦୁଇଦେଶକୁ ଚାଇନା ପରାମର୍ଶ ଦେଇଥିବାବେଳେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ବେଜିଂ ଧାଇଁଛନ୍ତି। ଇତିମଧ୍ୟରେ ଏହି ପ୍ରସଙ୍ଗରେ ଆମେରିକା ତା'ର ପୂର୍ବ ନୀତି ବଜାୟ ରଖିଥିବା ୱାଶିଂଟନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଅନ୍ତର୍ଜାତୀୟ ସମୁଦାୟ ନିକଟରେ ଭାରତ ବିରୋଧରେ ଫେରାଦ ହୋଇଥିବା ପାକିସ୍ତାନକୁ ନିରାଶ ହେବାକୁ ପଡ଼ିଛି।

- **ଶିମ୍‌ଲା ରାଜିନାମାକୁ ଅନୁସରଣ କର: ଗୁଟେରେସ୍**
- **ତୁମ କଥା ତୁମେ ବୁଝ: ଚାଇନା**
- **ବେଜିଂ ଧାଇଁଲେ କୁରେଶୀ**
- **ଆମେରିକାର ନୀତି ଅପରିବର୍ତ୍ତିତ**

## ଶିମ୍‌ଲା ରାଜିନାମା କ'ଣ

**ନୂଆଦିଲ୍ଲୀ,୯।୮**

୧୯୭୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବାଂଲାଦେଶ ମୁକ୍ତି ଯୁଦ୍ଧ ହୋଇଥିଲା। ଏହାର ପରିଣାମ ସ୍ୱରୂପ ପୂର୍ବ ପାକିସ୍ତାନ ନାମରେ ପରିଚିତ ବାଂଲାଦେଶ ପାକିସ୍ତାନ ଭୂଖଣ୍ଡରୁ ଅଲଗା ହୋଇଥିଲା। ଭାରତ ସହାୟତାରେ ବାଂଲାଦେଶ ଏକ ନୂଆ ରାଷ୍ଟ୍ର ଭାବେ ଉଭା ହୋଇଥିଲା। ଏଥିଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହାକୁ ନେଇ ଦୁଇଦେଶରେ ଲାଗିରହିଥିବା ବିବାଦର ସମାଧାନ ପାଇଁ ୧୯୭୨ ଜୁଲାଇ ୨ ରାତି ୧୨ଟା ୪୦ ମିନିଟରେ ହିମାଚଳ ପ୍ରଦେଶ ରାଜଧାନୀ ଶିମ୍‌ଲାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏହା 'ଶିମ୍‌ଲା ରାଜିନାମା' ନାମରେ ପରିଚିତ। ଦୁଇଦେଶ ନିଜ ନିଜ ମଧ୍ୟରେ ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବେ ବୋଲି ଏଥିରେ ସହମତି ପ୍ରକାଶ କରିଥିଲେ। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଜୁଲ୍‌ଫିକର ଅଲି ଭୁଟ୍ଟୋଙ୍କ ଦ୍ୱାରା ସ୍ୱାକ୍ଷରିତ ଉକ୍ତ ରାଜିନାମାକୁ ସେହିବର୍ଷ ଉଭୟ ଭାରତ ଓ ପାକିସ୍ତାନ ପାର୍ଲାମେଣ୍ଟର ଅନୁମୋଦନ ମିଳିଥିଲା। ଜମ୍ମୁ-କଶ୍ମୀର ସମସ୍ୟା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଏଥିରେ ତୃତୀୟ ପକ୍ଷର କିଛି ଭୂମିକା ନାହିଁ। ଜାତିସଂଘର ଚାର୍ଟର ଅନୁସାରେ ଜମ୍ମୁ-କଶ୍ମୀରର ଚୂଡ଼ାନ୍ତ ସ୍ଥିତି ନିର୍ଣ୍ଣୟ କରାଯିବ ବୋଲି ଏହି ରାଜିନାମାରେ ସର୍ତ୍ତ ରହିଛି।



୧୯୭୨ ଶିମ୍‌ଲା ରାଜିନାମାରେ ସ୍ୱାକ୍ଷର କରୁଛନ୍ତି ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନ ରାଷ୍ଟ୍ରପତି ଜୁଲ୍‌ଫିକର ଅଲି ଭୁଟ୍ଟୋ।

## ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର, ଲଦାଖ ହେବ କେନ୍ଦ୍ରଶାସିତ ଅଞ୍ଚଳ

**■ ପୁନର୍ଗଠନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର**

**ନୂଆଦିଲ୍ଲୀ,୯।୮ (ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀର ପୁନର୍ଗଠନ ଅଧିନିୟମ, ୨୦୧୯କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଅନୁମୋଦନ କରିଛନ୍ତି। ଫଳରେ ଅସନ୍ତା ଅକ୍ଟୋବର ୩୧ ତାରିଖରୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବ। ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ସରକାର ଆଣିଥିବା ବିଲ୍ ମଙ୍ଗଳବାର ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ରହିବାକୁ ଥିବାବେଳେ ଲଦାଖରେ ବିଧାନସଭା ରହିବ ନାହିଁ। ଅକ୍ଟୋବର ୩୧ ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ। ରାଜାରାଜୁଡ଼ା ଶାସନରେ ଥିବା ୫୬୫ଟି ରାଜ୍ୟକୁ ଭାରତରେ ମିଶାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେଣୁ ସେହିଦିନ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଗଠନ ହେବାକୁ ଯାଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ଏମ୍ସରେ ଜେଟ୍‌ଲୀ



**ନୂଆଦିଲ୍ଲୀ,୯।୮ (ପି.ଟି.)**

ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରୁଣ ଜେଟ୍‌ଲୀ ଶୁକ୍ରବାର ସକାଳେ ଶ୍ୱାସକ୍ରିୟା ନେବାରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି କରାଯାଇଛି। ସେ ହସ୍ପିଟାଲ୍‌ର କାର୍ଡିଓ-ନ୍ୟୁରୋ ୱାର୍ଡରେ ଅବ୍‌ଜରଭେଶନ୍‌ରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଓ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଗତବର୍ଷ ମେ ୧୪ରେ ଜେଟଲୀଙ୍କର ବୃକ୍କ ପ୍ରତିରୋପଣ ହୋଇଥିଲା ଓ ସେ ଦୀର୍ଘଦିନ ଧରି ଅର୍ଥମନ୍ତ୍ରୀ ଦାୟିତ୍ୱରୁ ଦୂରେଇ ରହିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଚିକିତ୍ସା ପାଇଁ ଆମେରିକା ଯାଇଥିଲେ। ପରେ ସେ ଏମ୍ସରେ ଭର୍ତ୍ତି ହୋଇଥିଲେ। ନିର୍ବାଚନ ପରେ ସରକାରରେ କୌଣସି ପଦପଦବୀରେ ରହିବା ପାଇଁ ସେ ମନା କରିଦେଇଥିଲେ।

## ୮ଠା କୃଷି ନୀତି ଉନ୍ମୋଚନ କଲେ ରାଜ୍ୟ ସରକାର

# କୃଷି, କୃଷକଙ୍କ ସର୍ବାଙ୍ଗୀନ ଉନ୍ନତିକୁ ଗୁରୁତ୍ୱ

- **କାଳିଆ ଯୋଜନା ଅବଧି ୫ ବର୍ଷ ବୃଦ୍ଧି ପାଇଁ ପ୍ରସ୍ତାବ**
- **ଫୋକସ୍‌ରେ ୪୮ ପ୍ରତିଶତ ଭୂମିହୀନ ମହିଳା କୃଷି ଶ୍ରମିକ**

**ଭୁବନେଶ୍ୱର,୯।୮ (ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ପକ୍ଷରୁ ଶୁକ୍ରବାର ୮ଠା କୃଷି ନୀତି ପ୍ରସ୍ତୁତ କରାଯାଇଛି। ରାଜ୍ୟର କୃଷକମାନଙ୍କ ସଶକ୍ତୀକରଣ, ସର୍ବାଙ୍ଗୀନ ଉନ୍ନତି ଓ ବିଶେଷ ଭାବେ ଆୟକୁ ବହୁଗୁଣିତ କରିବା ଉପରେ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଏତଦ୍ ବ୍ୟତୀତ ପ୍ରସ୍ତୁତ ୮ଠା କୃଷି ନୀତିରେ କୃଷକଙ୍କ ଅର୍ଥନୈତିକ ବିକାଶ ସହ ସାମାଜିକ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ୪୮ ପ୍ରତିଶତ ଭୂମିହୀନ ମହିଳା କୃଷି ଶ୍ରମିକ ବୋଲି ୮ଠାରେ ଉଲ୍ଲେଖ କରାଯାଇଛି। ସେହିପରି ରାଜ୍ୟରେ ପ୍ରାୟ ୫୦,୦୦୦ ଭୂମିହୀନ ଏକାକିନୀ ମହିଳା କୃଷି ଶ୍ରମିକ ରହିଥିବା ଆକଳନ କରାଯାଇଛି। ପ୍ରସ୍ତୁତ ୮ଠା କୃଷି ନୀତିରେ ଏହି ବର୍ଗର ମହିଳାଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିବା କୁହାଯାଇଛି।

କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ କୃଷକଙ୍କୁ ଦୃଷ୍ଟିରେ ରଖାଯାଇ ୮ଠା ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ସୁବିଧା ସହ ଆଧୁନିକ ଜ୍ଞାନକୌଶଳ ବିନିଯୋଗ ମାଧ୍ୟମରେ କିପରି ସୁଫଳ ପାଇହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ ନୁହେଁ, ନିୟମିତ ବ୍ୟବଧାନରେ ଯେପରି ବହୁଗୁଣିତ ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ପୂର୍ବରୁ ୨୦୧୩ ମସିହାରେ ରାଜ୍ୟ ପକ୍ଷରୁ କୃଷିନୀତି ଲାଗୁ କରାଯିବା ସହ ଅନେକାଂଶରେ ସଫଳତା ମଧ୍ୟ ଲାଭ କରାଯାଇଥିଲା। ସେହିପରି ୨୦୧୬-୧୭ରେ ରାଜ୍ୟ ୧୧୭ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ସହ ବଳକା ରାଜ୍ୟ ହୋଇପାରିଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ସେହିଭଳି ୨୦୦୨-୦୩ରୁ ୨୦୧୫-୧୬ ମଧ୍ୟରେ ରାଜ୍ୟର ଚାଷୀଙ୍କ ଆୟରେ ମାତ୍ରାଧିକ ଅଭିବୃଦ୍ଧି ଲକ୍ଷ୍ୟ କରାଯାଇଥିଲା। ଏହି ସମୟରେ ରାଜ୍ୟରେ ଥିବା ଚାଷୀଙ୍କ ହାରାହାରି ମାସିକ ଆୟ ୧୦୬୨ ଟଙ୍କାରୁ ୭୭୩୧ ଟଙ୍କାକୁ ବୃଦ୍ଧି ହୋଇଥିଲା। ସେ ସମୟରେ ଏ ସମ୍ପର୍କିତ ଜାତୀୟ ଅଭିବୃଦ୍ଧି ହାର ୧୧.୭ ପ୍ରତିଶତ ରହିଥିବାବେଳେ ରାଜ୍ୟର ହାର ଉତ୍ସାହଜନକ ୧୬.୫ ପ୍ରତିଶତ ରହିଥିଲା। ଗତ ଡିସେମ୍ବରରେ ଆରମ୍ଭ କରାଯାଇଥିବା କାଳିଆ ଯୋଜନାକୁ ୫ ବର୍ଷ ଯାଏ ବୃଦ୍ଧି କରିବା ପାଇଁ ୮ଠା କୃଷି ନୀତିରେ ସୁପାରିସ କରାଯାଇଛି। ପ୍ରାଥମିକ ଭାବେ ୫ଟି ପର୍ଯ୍ୟାୟ ଚାଷ ପାଇଁ ଏହାକୁ ଲାଗୁ କରାଯାଇଥିଲା। ଏହି ଯୋଜନା ଦ୍ୱାରା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ପ୍ରତି ଫସଲ ପିଛା ୫୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନୁରୂପଭାବେ ଭାଗଚାଷୀ ଓ ଜମିହୀନ କୃଷି ଶ୍ରମିକଙ୍କୁ ମଧ୍ୟ ସହାୟତା ଦେବାର ବ୍ୟବସ୍ଥା ରହିଥିଲା। ୮ଠାରେ ମୁଖ୍ୟତଃ ୮ଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଶେଷ ଭାବେ ବିଚାର କରାଯାଇଛି। ଏଗୁଡ଼ିକ ହେଉଛି- କୃଷି କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର, ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇ ଚାଷ କରିବା, ସୁବ୍ୟବସ୍ଥିତ ବଜାର ବ୍ୟବସ୍ଥା, ଉତ୍ପାଦନ ଶକ୍ତି ବୃଦ୍ଧି, ଭିତ୍ତିଭୂମି ବିକାଶ, ବିବିଧୀକରଣ , ଦକ୍ଷତା ବିକାଶ ଓ କୃଷି ସଂସ୍ଥାକୁ ସୁଦୃଢ଼ୀକରଣ।

## ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ନାମ ଘୋଷିତ

**ଭୁବନେଶ୍ୱର,୯।୮ (ବ୍ୟୁରୋ)**

ରାଜ୍ୟ ସରକାର ଶୁକ୍ରବାର ସବୁ ଜିଲାର ଯୋଜନା କମିଟି ଅଧ୍ୟକ୍ଷଙ୍କ ନାମ ଘୋଷଣା କରିଛନ୍ତି। ମୟୂରଭଞ୍ଜ ଜିଲା କମିଟି ଅଧ୍ୟକ୍ଷ ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ନିଯୁକ୍ତ ହୋଇଥିବାବେଳେ ବାଲେଶ୍ୱର ପାଇଁ ଅନନ୍ତ ଜେନା, ଭଦ୍ରକ ପାଇଁ ବ୍ୟୋମକେଶ ରାୟ, ଯାଜପୁର ପାଇଁ ମନ୍ତ୍ରୀ ସମୀର ଦାଶ, କେନ୍ଦ୍ରାପଡ଼ା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜଗତ୍‌ସିଂହପୁର ପାଇଁ ପ୍ରଶାନ୍ତ କୁମାର ମୁଦୁଲି, କଟକ ପାଇଁ ପ୍ରମୋଦ ମଲ୍ଲିକ, ପୁରୀ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖୋର୍ଦ୍ଧା ପାଇଁ ପ୍ରଶାନ୍ତ ଜଗଦେବ, ନୟାଗଡ ପାଇଁ ସତ୍ୟନାରାୟଣ ପ୍ରଧାନ, ଗଞ୍ଜାମ ପାଇଁ ଶ୍ରୀକାନ୍ତ ସାହୁ, ବୌଦ୍ଧ ପାଇଁ ମହିଧର ରଣା, ଗଜପତି ପାଇଁ ମନ୍ତ୍ରୀ ଜଗନ୍ନାଥ ସାରକା, କନ୍ଧମାଳ ପାଇଁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୁବର୍ଣ୍ଣପୁର ପାଇଁ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାୟଗଡା ପାଇଁ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ପାଇଁ ରଘୁରାମ ପଡାଲ, ନବରଙ୍ଗପୁର ପାଇଁ ମନ୍ତ୍ରୀ ରଘୁନନ୍ଦନ ଦାସ, ମାଲକାନଗିରି ପାଇଁ ମନ୍ତ୍ରୀ ତୁଷାରକାନ୍ତି ବେହେରା, ନୂଆପଡ଼ା ପାଇଁ ରାଜେନ୍ଦ୍ର ଢୋଲକିଆ, ବଲାଙ୍ଗୀର ପାଇଁ ମନ୍ତ୍ରୀ ନବ କିଶୋର ଦାସ, ବରଗଡ଼ ପାଇଁ ଦେବେଶ ଆଚାର୍ଯ୍ୟ, ସମ୍ବଲପୁର ପାଇଁ ମନ୍ତ୍ରୀ ସୁଶାନ୍ତ ସିଂ, ଝାରସୁଗୁଡ଼ା ପାଇଁ ମନ୍ତ୍ରୀ ପଦ୍ମନାଭ ବେହେରା, ସୁନ୍ଦରଗଡ ପାଇଁ ସାରଦା ପ୍ରସାଦ ନାୟକ, ଅନୁଗୋଳ ପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଢେଙ୍କାନାଳ ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଦେବଗଡ଼ ଏବଂ କେନ୍ଦୁଝର ପାଇଁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ, କଳାହାଣ୍ଡି ପାଇଁ ମନ୍ତ୍ରୀ ଟୁକୁନି ସାହୁଙ୍କୁ ନିଯୁକ୍ତ କରାଯାଇଛି।

ଜିଲା ଯୋଜନା କମିଟି ଦାୟିତ୍ୱ ବଣ୍ଟା ଯାଇଥିଲେ ମଧ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ବିଷ୍ଣୁ ଦାସ ଇସ୍ତଫା ଦେବାପରେ ଏହି ପଦ ଖାଲିପଡିଛି। ତିର୍ତ୍ତୋଲରୁ ସେ ନିର୍ବାଚନ ଲଢି ବିଧାୟକ ହୋଇଛନ୍ତି। ଏହି ପଦରେ ବର୍ତ୍ତମାନ ଦଳ କାହାକୁ ବସାଇବ ତାକୁ ନେଇ ଚର୍ଚ୍ଚା ବଢିବାରେ ଲାଗିଛି।

## ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

# ଉରି, ଅନ୍ଧାଧୁନ୍, ବଧାଇ ହୋ, ପ୍ୟାଡମ୍ୟାନ୍‌କୁ ସର୍ବଶ୍ରେଷ୍ଠ ମାନ୍ୟତା

**ନୂଆଦିଲ୍ଲୀ,୯।୮ (ଆଇଏଏନ୍‌ଏସ୍)**

ବଲିଉଡ୍ ଫିଲ୍ମ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍', 'ଅନ୍ଧାଧୁନ୍', 'ବଧାଇ ହୋ' ଏବଂ 'ପ୍ୟାଡମ୍ୟାନ୍' ୬୬ତମ ଜାତୀୟ ଫିଲ୍ମ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଫିଚର ଫିଲ୍ମ କ୍ୟାଟେଗୋରି ଚେୟାରପର୍ସନ ରାହୁଲ ରାୱଲ, ନନ୍-ଫିଚର ଫିଲ୍ମ କ୍ୟାଟେଗୋରି ଚେୟାରପର୍ସନ ଏଏସ୍ କନଲ ଏବଂ ସର୍ବୋତ୍ତମ ସିନେମା କାହାଣୀ ଲେଖା କ୍ୟାଟେଗୋରି ଚେୟାରପର୍ସନ ଉତ୍ପଳ ବୋରପୂଜାରୀ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି। ଚେୟାରପର୍ସନ ଏବଂ ଅନ୍ୟ ବିଚାରକମଣ୍ଡଳୀ ସଦସ୍ୟମାନେ ପୂର୍ବାହ୍ନରେ ଏ ସଂକ୍ରାନ୍ତ ଏକ ରିପୋର୍ଟ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକରଙ୍କୁ ପ୍ରଦାନ କରିଛନ୍ତି। ସାମାଜିକ ସମସ୍ୟାଭିତ୍ତିକ ହିନ୍ଦୀ ଚଳଚ୍ଚିତ୍ର 'ପ୍ୟାଡମ୍ୟାନ୍'କୁ ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଘୋଷଣା କରାଯାଇଥିବାବେଳେ 'ଅନ୍ଧାଧୁନ୍' ଓ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍'ରେ ଅଭିନୟ ପାଇଁ ଆୟୁଷ୍ମାନ ଖୁରାନା ଓ ଭିକି କୌଶଲଙ୍କୁ ଯୁଗ୍ମଭାବେ ସର୍ବଶ୍ରେଷ୍ଠ ଅଭିନେତା ପୁରସ୍କାର, ଉରି ନିର୍ଦ୍ଦେଶକ ଆଦିତ୍ୟ ଧର୍‌ଙ୍କୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ। ଏଥିସହିତ ଏହି ଫିଲ୍ମରେ ବିଶ୍ୱଦୀପ ଦୀପକ ଚାଟାର୍ଜୀଙ୍କୁ ସାଉଣ୍ଡ ଡିଜାଇନର ଆୱାର୍ଡ ପ୍ରଦାନ କରାଯିବ। ଉକ୍ତ ଫିଲ୍ମର ବେଷ୍ଟ ମ୍ୟୁଜିକ୍ ଡାଇରେକ୍ଟର ଭାବେ ଶାଶ୍ୱତ ସଚ୍ଚଦେବଙ୍କୁ ପୁରସ୍କୃତ କରାଯିବ। 'ଅନ୍ଧାଧୁନ୍'କୁ ଚଳିତ ବର୍ଷ ଜାତୀୟ ପୁରସ୍କାର ମିଳିଛି। ଏହାକୁ ସର୍ବଶ୍ରେଷ୍ଠ ହିନ୍ଦୀ ଫିଲ୍ମ ପୁରସ୍କାର ପାଇଁ ଘୋଷଣା କରାଯାଇଛି।

'ବଧାଇ ହୋ' ସର୍ବଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମର ମାନ୍ୟତା ପାଇଛି। ଏହା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବା ସହିତ ଏଥିରେ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭାବେ ସୁରେଖା ସିକ୍ରି ଅଭିନୟ କରିଛନ୍ତି।

ଅକ୍ଷୟ କୁମାରଙ୍କ ଅଭିନୀତ 'ପ୍ୟାଡମ୍ୟାନ୍'କୁ ସାମାଜିକ ସମସ୍ୟା ଆଧାରିତ ସର୍ବୋତ୍ତମ ଫିଲ୍ମ ଘୋଷଣା କରାଯାଇଛି। 'ପଦ୍ମାବତ୍'କୁ ମ୍ୟୁଜିକ୍ କ୍ୟାଟେଗୋରିରେ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ଏତଦ୍‌ଭିନ୍ନ ଗୁଜରାଟୀ ଫିଲ୍ମ 'ହେଲାରୋ'କୁ ବେଷ୍ଟ ଫିଚର ଫିଲ୍ମ ପୁରସ୍କାର, ତେଲୁଗୁ ଚଳଚ୍ଚିତ୍ର 'ମହାନଟି'ରେ ସର୍ବୋତ୍ତମ ଅଭିନୟ ପାଇଁ କୀର୍ତ୍ତି ସୁରେଶଙ୍କୁ ପୁରସ୍କୃତ କରାଯିବ। ପରିବେଶ ସଂରକ୍ଷଣ କ୍ଷେତ୍ରରେ 'ପାନି', ଜାତୀୟ ଏକତା ଉପରେ 'ଓଣ୍ଡାଲା ଏରାଡାଲ୍ଲା'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ନର୍ଗିସ ଦତ୍ତ ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି।



- **ପ୍ୟାଡମ୍ୟାନ୍' ଶ୍ରେଷ୍ଠ ଚଳଚ୍ଚିତ୍ର**
- **'ଅନ୍ଧାଧୁନ୍' ଓ 'ଉରି'ରେ ଆୟୁଷ୍ମାନ ଓ ଭିକି ଯୁଗ୍ମଭାବେ ଶ୍ରେଷ୍ଠ ଅଭିନେତା**
- **ଆଦିତ୍ୟ ଧର୍ ଶ୍ରେଷ୍ଠ ନିର୍ଦ୍ଦେଶକ**


**ଆଜିର ସମ୍ପାଦକୀୟ**

ନୂଆ ଆଭିମୁଖ୍ୟ


**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟରେ ସଦସ୍ୟମାନଙ୍କ ପାଇଁ ଦଳଗୁଡ଼ିକ ଆଚରଣବିଧି ଲାଗୁ କରିବା ଉଚିତ।
– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE 09.08.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 55 | 100 | 110 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 53 | 97 | 107 |
| BHM | 51 | 94 | 104 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

ଧରିତ୍ରୀ
DHARITRI
ଶନିବାର, ୧୦ ଅଗଷ୍ଟ, ୨୦୧୯



"ଇଭିଏମ୍‌ରୁ ଦୂରେଇ ଯାଇ ପୁଣି ଥରେ ବାଲଟ ପେପର ଯୁଗକୁ ଫେରିବା ପ୍ରଶ୍ନ ଉଠୁନି। ସ୍ୱରାଷ୍ଟ୍ର ଓ ଆଇନ ମନ୍ତ୍ରଣାଳୟରୁ ଆନୁଷ୍ଠାନିକ ଭାବେ ସବୁଜ ସଙ୍କେତ ମିଳିବା ପରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହେବ।
- ସୁନୀଲ ଆରୋରା, ମୁଖ୍ୟ ନିର୍ବାଚନ କମିଶନର



## ସଂକ୍ଷେପରେ

### ଭେଲୋରରେ ଡିଏମ୍‌କେର ବାଜିମାତ୍



ଡି.ଏମ୍. କାଥିର ଆନନ୍ଦ

**ଚେନ୍ନାଇ,୯।୮**-ବହୁ ପ୍ରତୀକ୍ଷିତ ଭେଲୋର ଲୋକ ସଭା ଆସନ ଡିଏମ୍‌କେ ହାତକୁ ଯାଇଛି। ଏଠାରେ ଦଳର ପ୍ରାର୍ଥୀ ଡି.ଏମ୍. କାଥିର ଆନନ୍ଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ନ୍ୟୁ ଜଷ୍ଟିସ୍ ପାର୍ଟି ମୁଖ୍ୟ ଏ.ସି. ଷନ୍ମୁଘମ୍‌ଙ୍କୁ ମାତ୍ର ୮,୧୪୧ ଭୋଟରେ ପରାସ୍ତ କରିଛନ୍ତି। ଷନ୍ମୁଘମ୍‌ଙ୍କୁ ଶାସକ ଏଆଇଏଡିଏମ୍‌କେ ନିଜର ମେଣ୍ଟ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ଆନନ୍ଦଙ୍କୁ ୪.୮୫ ଲକ୍ଷ ଭୋଟ ମିଳିଥିବାବେଳେ ଷନ୍ମୁଘମ୍‌ଙ୍କୁ ୪.୭୭ ଲକ୍ଷ ଭୋଟ ମିଳିଛି। ଏହି ବିଜୟ ସହ ଡିଏମ୍‌କେ ଏମ୍‌ପିଙ୍କ ସଂଖ୍ୟା ତାମିଲନାଡୁରେ ୩୯ରେ ପହଞ୍ଚିଛି। ପ୍ରକାଶଥାଉ କି, ଗତ ୫ ତାରିଖରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

### ଭାଜପାରେ ମିଶିଲେ ଭୁବନେଶ୍ୱର କଳିତା



**ନୂଆଦିଲ୍ଲୀ,୯।୮(ପି.ଟି.)**-ବରିଷ୍ଠ କଂଗ୍ରେସ ନେତା ଭୁବନେଶ୍ୱର କଳିଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କ ଉପସ୍ଥିତିରେ ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ସୋମବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ୩୭୦ ଧାରା ଉଚ୍ଛେଦ ନେଇ ଗୃହରେ ବିଲ ଆଗତ କରିବା ପରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଧାରା ୩୭୦କୁ ନେଇ କଂଗ୍ରେସର ଆଭିମୁଖ୍ୟରେ ଅସନ୍ତୁଷ୍ଟ ହୋଇ ସେ ଦଳ ଛାଡ଼ିଥିବା ଜଣାପଡ଼ିଛି। ଆସାମରୁ ରାଜ୍ୟ ସଭାକୁ ଆସିଥିବା ଏହି ଏମ୍‌ପି କେନ୍ଦ୍ର ନିଷ୍ପତ୍ତିକୁ ସମର୍ଥନ କରିବା ସହ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦକୁ ଦୃଢ଼ ସମର୍ଥନ କରିଛନ୍ତି।

### ଇତିହାସର ଆଇନାରେ

**ଅଗଷ୍ଟ ୧୦ର ପ୍ରମୁଖ ଘଟଣା**

୨୦୧୨ ଅଗଷ୍ଟ ୧୦ରେ ଦକ୍ଷିଣ ଆଫ୍ରିକାର ରୁଷ୍ଟେନବର୍ଗ ନିକଟରେ ମାରିକାନା ଗଣହତ୍ୟା ଘଟିଥିଲା। ଏଥିଯୋଗୁ ୪୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦକ୍ଷିଣ ଆଫ୍ରିକାର ଖଣି ଶ୍ରମିକଙ୍କ ଦେଶବ୍ୟାପୀ ଧର୍ମଘଟର ୨୫ତମ ବାର୍ଷିକୀରେ ଏହି ହତ୍ୟାକାଣ୍ଡ ଘଟିଥିଲା।

୨୦୧୪ ଅଗଷ୍ଟ ୧୦ରେ ତେହେରାନ୍‌ର ସେପାହାନ ଏୟାରଲାଇନ୍ସ ଫ୍ଲାଇଟ୍ ୫୯୧୫ ଦୁର୍ଘଟଣାଗ୍ରସ୍ତ ହେବାରୁ ୪୦ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନ ଇରାନ୍‌ର ରାଜଧାନୀ ତେହେରାନ୍‌ରୁ ଟାବାସ୍‌କୁ ଉଡାଣ କରୁଥିଲା। ଉକ୍ତ ବିମାନର ଖଣ୍ଡବିଖଣ୍ଡିତ ଅଂଶ ଆଜାଦି ଷ୍ଟାଡିୟମ୍ ନିକଟବର୍ତ୍ତୀ ଏକ ଜନବସତି ଅଞ୍ଚଳ ଉପରେ ପଡିଥିଲା।

## ୭ ରାଜ୍ୟରେ ବର୍ଷା ବିପ୍ରାତ: କେରଳ, ମହାରାଷ୍ଟ୍ରରେ ୬୭ ମୃତ

# ୪ ରାଜ୍ୟରେ ଜଳ ତାଣ୍ଡବ

**ଥିରୁଭାନନ୍ତପୁରମ୍/ବେଙ୍ଗାଲୁରୁ/ମୁମ୍ବାଇ/ଡେରାଡୁନ,୯।୮(ପି.ଟି.)**

ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ର, କର୍ନାଟକ, ଗୁଜରାଟ ଓ କେରଳ ସମେତ ୭ଟି ରାଜ୍ୟରେ ବନ୍ୟାର କରାଳ ରୂପ ଦେଖିବାକୁ ମିଳିଛି। କେରଳରେ ବର୍ଷା ଓ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ୩ ଦିନରେ ୩୦ରେ ପହଞ୍ଚିଥିବାବେଳେ ୨୨ ହଜାରରୁ ଅଧିକ ଲୋକଙ୍କୁ ବିଭିନ୍ନ ରିଲିଫ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମହାରାଷ୍ଟ୍ରର ୫ ଜିଲାରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୩୭ରେ ପହଞ୍ଚିଛି। କର୍ନାଟକ ସରକାର ଅଲମାଟି ଡ୍ୟାମ୍‌ରୁ ୪.୮୦ ଲକ୍ଷ କ୍ୟୁସେକ୍ ଜଳ ଛାଡ଼ିଥିବାରୁ ମହାରାଷ୍ଟ୍ର ବନ୍ୟା ପରିସ୍ଥିତି ଆହୁରି ସଙ୍ଗିନ୍ ହେବାକୁ ଯାଉଛି। କର୍ନାଟକରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ବେଲାଗାଭି ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ହଜାର ହଜାର ଲୋକ ବନ୍ୟାପାଣି ଘେରରେ ରହିଥିବାବେଳେ ଲକ୍ଷାଧିକ ଏକର ଚାଷଜମି ଜଳମଗ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆକାଶମାର୍ଗରୁ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁଜରାଟରେ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ନର୍ମଦା ନଦୀର ସର୍ଦ୍ଦାର ସରୋବର ଡ୍ୟାମ୍‌ରେ ଜଳସ୍ତର ପ୍ରଥମ ଥର ପାଇଁ ୧୩୧ ମିଟରରେ ପହଞ୍ଚିଛି। ୨୧ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଓଡ଼ିଶାର ମାଲକାନଗିରି ଓ ରାୟଗଡ଼ା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଲାଗି କେରଳ, ମହାରାଷ୍ଟ୍ର, କର୍ନାଟକ ଓ



କର୍ନାଟକର ବେଲ୍‌ଗମ ଜିଲାରେ ସେନା ଯବାନ ବନ୍ୟା ଘେରରୁ ଲୋକଙ୍କୁ ଉଦ୍ଧାର କରୁଛନ୍ତି।

ଗୁଜରାଟକୁ ରାଜ୍ୟକୁ ଏନ୍‌ଡିଆର୍‌ଏଫ୍‌ର ୮୩ ଟିମ୍ ପଠାଯାଇଛି। ଏହାବ୍ୟତୀତ ତିନି ସେନା ଓ ତଟସୁରକ୍ଷା ବାହିନୀର ମୋଟ ୧୭୩ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସି ବିଭିନ୍ନ ରାଜ୍ୟର ବନ୍ୟା ପରିସ୍ଥିତି ସମୀକ୍ଷା କରାଯାଇଛି।

କେରଳରେ ବର୍ଷା ଓ ଭୂସ୍ଖଳନ ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅଧିକାଂଶ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେବା ସହ ବିଭିନ୍ନ ସ୍ଥାନରେ ବନ୍ୟା ସୃଷ୍ଟି ହୋଇଛି। ୱାୟନାଡ଼, ମାଲାପୁରମ୍, କନ୍ନୁର ଏବଂ ଇଡୁକ୍କି ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। କୋଚି ବିମାନ ବନ୍ଦରକୁ ରବିବାର ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ବର୍ଷା ଲାଗିରହିଥିବାରୁ

- **ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା: ୪ ଜଣଙ୍କ ଜୀବନ ଗଲା**
- **କର୍ନାଟକରେ ୧.୨୪ ଲକ୍ଷ ଲୋକ ସ୍ଥାନାନ୍ତର**
- **ଉଦ୍ଧାର କାର୍ଯ୍ୟରେ ୮୩ ଏନ୍‌ଡିଆର୍‌ଏଫ ଟିମ୍ ସମେତ ୩ ସେନା ମୁତୟନ**

ରାଜ୍ୟର ୧୪ ଜିଲା ମଧ୍ୟରୁ ୯ଟିରେ ରେଡ୍ ଆଲର୍ଟ ଜାରି ହୋଇଛି। ଶନିବାର ପର୍ଯ୍ୟନ୍ତ ସ୍କୁଲ୍ କଲେଜ ବନ୍ଦ ରଖାଯାଇଛି। ଶୁକ୍ରବାର ସକାଳେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ରିଲିଫ ଓ ଉଦ୍ଧାର କାର୍ଯ୍ୟ ନେଇ



ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ଏକ ଉଚ୍ଚସ୍ତରୀୟ ବୈଠକ କରିଥିବାବେଳେ ସ୍ଥଳସେନା ଓ ବାୟୁସେନାର ସହାୟତା ଲୋଡ଼ିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେରଳ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ନିଜ ନିର୍ବାଚନମଣ୍ଡଳୀ ୱାୟନାଡ଼ ସମେତ ବନ୍ୟା ପ୍ରଭାବିତ ଅନ୍ୟ ଅଞ୍ଚଳର ବିପନ୍ନମାନଙ୍କୁ ସହାୟତା ଯୋଗାଇଦେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ସମସ୍ତ ସହାୟତା ଯୋଗାଇଦିଆଯିବାର ପ୍ରତିଶ୍ରୁତି ଦେଇଥିବା ରାହୁଲ ଟୁଇଟ୍ କରିଛନ୍ତି।

ମହାରାଷ୍ଟ୍ରର ବିଭିନ୍ନ ଜିଲାରେ ବନ୍ୟା ସଙ୍ଗିନ୍ ରହିଛି। ସର୍ବାଧିକ ପ୍ରଭାବିତ ସାଙ୍ଗଲି ଓ କୋହ୍ଲାପୁର ଜିଲାରେ ନୌସେନାର ୧୨ ଉଦ୍ଧାରକାରୀ ଦଳଙ୍କୁ ନିୟୋଜିତ କରାଯାଇଛି। ୨ ଲକ୍ଷରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମହାରାଷ୍ଟ୍ରର ୫ ଜିଲାରେ ବର୍ଷା ଓ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି।

କର୍ନାଟକର କ୍ରିଷ୍ଣା, କାବେରୀ, କାଳୀ, ବରାହୀ, ମାର୍କଣ୍ଡେୟ, ଭୀମା, ମାଳପ୍ରଭା, ଘାଟପ୍ରଭା, ତୁଙ୍ଗା, ଭଦ୍ରାବତୀ, ହେମବତୀ, ଶରାବତୀ, ନେତ୍ରାବତୀ, ତୁଙ୍ଗଭଦ୍ରା, କୁମାରଧାରା, ବରଦା, କାବିନି ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବେଲାଗାଭି ସମେତ ବଗଲାକୋଟ, ବିଜୟପୁର, ରାଇଚୁର, ଯାଦ୍‌ଗିର୍, ଗଡାଗ୍, ଉତ୍ତର କନ୍ନଡ, ହାଭେରି, ହୁବଲ୍ଲି-ଧରୱାଡ୍, ବେଲାରୀ, ଦକ୍ଷିଣ କନ୍ନଡ, ଚିକ୍କମାଗାଲୁରୁ ଏବଂ କୋଡଗୁ ଜିଲା ବନ୍ୟା ପ୍ରଭାବିତ ହୋଇଛି। କୋଡଗୁ ଜିଲାର କୋରଙ୍ଗାଲା ଅଞ୍ଚଳରେ ବନ୍ୟା ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। କାନ୍ଥ ପଡି ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି। ୧ ଲକ୍ଷ ୨୪ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ନିଆଯାଇଥିବାବେଳେ ବର୍ଷାଜନିତ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ଓ ଜରୁରୀ ବିଭାଗ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ସମେତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍)ର ୯ଟି ଟିମ୍ ଓ ସେନା ଯବାନ ସାମିଲ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ବାୟୁସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି।

ସେହିପରି ତାମିଲନାଡୁର ନୀଳଗିରି ପାର୍ବତ୍ୟ ଜିଲାରେ ପ୍ରବଳ ବର୍ଷା ଯୋଗୁ ୫ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଜିଲାରେ ସର୍ବାଧିକ ୯୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଇକରାର ଇନ୍ଦିରା ନଗରରେ କାନ୍ଥ ପଡ଼ି ମାଆଝିଅଙ୍କ ମୃତ୍ୟୁ ହୋଇଥିବାବେଳେ କୁରୁଝୁକୁଲି ଡ୍ରେନ୍‌ରୁ ୨ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେମାନେ ଗୁରୁବାର ସନ୍ଧ୍ୟାରେ କାମ ସାରି ଘରକୁ ଫେରୁଥିବାବେଳେ ଡ୍ରେନ୍‌ରେ ଭାସିଯାଇଥିଲେ। ସେହିପରି କାନ୍ଥ ଭୁଶୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି।

ସେପଟେ ଉତ୍ତରାଖଣ୍ଡର ଟିହରି ଜିଲାରେ ବାଦଲଫଟା ବର୍ଷାରେ ମାଆପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାରସକାଳେଚାମୋଲିଜିଲାରେଅନ୍ୟ ଦୁଇଜଣ ବନ୍ୟାଜଳରେ ଭାସିଯାଇଛନ୍ତି। ଏହି ପାର୍ବତ୍ୟାଞ୍ଚଳ ରାଜ୍ୟରେ ପ୍ରବଳ ବର୍ଷାରେ ଅନେକ ଘର, ପୋଲ ଭାସିଯିବା ସହ ଫସଲ ନଷ୍ଟ ହୋଇଛି।



ପଶ୍ଚିମବଙ୍ଗର ନଦୀୟା ଜିଲାରେ ବିଶ୍ୱ ସ୍ୱଦେଶୀ ଲୋକ ଦିବସ ପାଳନ ଅବସରରେ କଳାକାରମାନେ ଲୋକନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ଭାରତ-ପାକ୍ ଆପୋସ ଆଲୋଚନା ଉପରେ ଚାଇନାର ଗୁରୁତ୍ୱ

**ବେଜିଂ, ୯।୮(ପି.ଟି.)**

ବିଭିନ୍ନ ସମସ୍ୟାର ସମାଧାନ ଲାଗି ଭାରତ ଓ ପାକିସ୍ତାନ ଆପୋସ ଆଲୋଚନା କରିବା ଉଚିତ ବୋଲି ଚାଇନା ଶୁକ୍ରବାର ମତ ଦେଇଛି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଉପୁଜିଥିବା ପରିସ୍ଥିତିକୁ ନେଇ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶି ସମର୍ଥନ ଲାଗି ସେଠାକୁ ଯାଇଥିବାବେଳେ ଏହା ପୂର୍ବରୁ ଚାଇନା ଏଭଳି ମତ ରଖିଛି। କୁରେଶି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଓ ଅନ୍ୟ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଉଭୟେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ରକ୍ଷାକରି ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଚାଇନା ମତ ଦେଇଛି। ପ୍ରକାଶଥାଉ କି, ଗତ ୬ରେ ଚାଇନା ଲଦାଖକୁ ସ୍ୱତନ୍ତ୍ର କେନ୍ଦ୍ର ଶାସିତ ଅଞ୍ଚଳ ମାନ୍ୟତାକୁ ବିରୋଧ କରିଥିଲା।

## କଂଗ୍ରେସର ନୂଆ ମୁଖ୍ୟ ନିଷ୍ପତ୍ତି ଆଜି

**ନୂଆଦିଲ୍ଲୀ, ୯।୮**

କଂଗ୍ରେସର ନୂଆ ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ଶନିବାର ବସିବାକୁ ଥିବା କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ନିଷ୍ପତ୍ତି ନିଆଯିବ। ଗତ ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ମେ ମାସରେ ଅଧ୍ୟକ୍ଷ ପଦରୁ ରାହୁଲ ଇସ୍ତଫା ଦେଇଥିଲେ। ଗାନ୍ଧୀ ପରିବାରକୁ ଛାଡ଼ି ଏଥର କଂଗ୍ରେସ ଅଧ୍ୟକ୍ଷ ନିଯୁକ୍ତି କରାଯିବ ବୋଲି ୟୁପିଏ ଅଧ୍ୟକ୍ଷା ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କହିଥିବାବେଳେ ଦଳରେ ଉତ୍ସାହ ବଢିବାରେ ଲାଗିଛି। କଂଗ୍ରେସ ଅଧ୍ୟକ୍ଷ ପଦ ଦୌଡ଼ର ସର୍ବାଗ୍ରେ ପୂର୍ବତନ ମନ୍ତ୍ରୀ ମୁକୁଲ ୱାସ୍‌ନିକ ରହିଥିବା କୁହାଯାଉଛି। ଅତି କମ୍‌ରେ ସାଙ୍ଗଠନିକ ନିର୍ବାଚନ ହେବା ପର୍ଯ୍ୟନ୍ତ ତାଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତ କରାଯାଇପାରେ ବୋଲି କୁହାଯାଉଛି। ଅନ୍ୟ ପକ୍ଷରେ ଜ୍ୟୋତିରାଦିତ୍ୟ ସିନ୍ଧିଆ, ସଚିନ୍ ପାଇଲଟଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ସିଡବ୍ଲ୍ୟୁସି ବୈଠକ ବସିବା ପୂର୍ବରୁ ଶୁକ୍ରବାର ସୋନିଆ ଗାନ୍ଧୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଦଳର ବରିଷ୍ଠ ନେତା ଏ.କେ. ଆଣ୍ଟୋନୀ, ଅହମ୍ମଦ ପଟେଲ, କେ.ଭି. ବେଣୁଗୋପଳ ପ୍ରମୁଖ ଏନେଇ ବିସ୍ତୃତ ଆଲୋଚନା କରିଥିଲେ। ତେବେ କାହାକୁ ଦଳର ମଙ୍ଗ ଧରିବା ଲାଗି ବଛାଯିବ ତାହା ଶନିବାର ସ୍ପଷ୍ଟ ହୋଇଯିବ।



ମୁକୁଲ ୱାସ୍‌ନିକ

## ରାଜା, ୟେଚୁରୀ ଶ୍ରୀନଗରରେ ଅଟକ

**ନୂଆଦିଲ୍ଲୀ,୯।୮(ପି.ଟି.)**

ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ସିପିଏମ୍ ମୁଖ୍ୟ ଡି. ରାଜାଙ୍କୁ ଶୁକ୍ରବାର ଜମ୍ମୁ-କଶ୍ମୀରରେ ପ୍ରବେଶ କରିବାକୁ ଦିଆଯାଇ ନାହିଁ। ଉଭୟଙ୍କୁ ଶ୍ରୀନଗର ବିମାନବନ୍ଦରରେ ଅଟକ ରଖାଯିବା ପରେ ଦିଲ୍ଲୀକୁ ବିମାନରେ ଫେରାଇ ଦିଆଯାଇଛି। ଏହାକୁ ଦୁଇ ବାମପନ୍ଥୀ ନେତା ଅଗଣତାନ୍ତ୍ରିକ ବୋଲି ଅଭିହିତ କରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବାମପନ୍ଥୀ ନେତା ୟେଚୁରୀ ଓ ରାଜା ଶୁକ୍ରବାର ସିପିଏମ୍ ନେତା ମହମ୍ମଦ ତାରିଗାମୀଙ୍କ ସମେତ



**ଦୁହିଁଙ୍କୁ ଦିଲ୍ଲୀ ଫେରାଗଲା**

ଅନ୍ୟ ସହଯୋଗୀଙ୍କୁ ଭେଟିବା ପାଇଁ ଶ୍ରୀନଗର ଯାଇଥିଲେ। ବିମାନବନ୍ଦରରେ ଓହ୍ଲାଇବା ପରେ ସୁରକ୍ଷା କାରଣରୁ ଉଭୟଙ୍କୁ ସେଠାରେ ଅଟକ ରଖାଯାଇଥିଲା। ପରେ ସେମାନଙ୍କୁ ଦିଲ୍ଲୀ ଫେରାଇ ଦିଆଯାଇଥିଲା। ଦୁଇନେତା ଗୁରୁବାର ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ସେମାନଙ୍କ ଗସ୍ତ ସମ୍ପର୍କରେ ଅବଗତ କରି ଅନୁମତି ମାଗିଥିଲେ। ଏହାସତ୍ତ୍ୱେ ଯିବାକୁ ଅନୁମତି ନ ମିଳିବା କେନ୍ଦ୍ରର ଭାଜପା ସରକାରଙ୍କ ଏକଛତ୍ରବାଦୀ ଓ ଅଗଣତାନ୍ତ୍ରିକ କାର୍ଯ୍ୟ ବୋଲି ବାମପନ୍ଥୀ ନେତାମାନେ ସମାଲୋଚନା କରିଛନ୍ତି।

## ଅଯୋଧ୍ୟା ମାମଲାର ଦୈନନ୍ଦିନ ଶୁଣାଣି ଜାରି ରହିବ

**ନୂଆଦିଲ୍ଲୀ, ୯।୮(ପି.ଟି.)**

ଅଯୋଧ୍ୟା ଜମି ସ୍ୱତ୍ୱ ବିବାଦ ନେଇ ଚାଲିଥିବା ମାମଲାର ଦୈନନ୍ଦିନ ଶୁଣାଣି ଜାରିରହିବ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ସର୍ବଭାରତୀୟ ସୁନ୍ନି ୱାକଫ୍ ବୋର୍ଡ ତରଫରୁ ମାମଲା ଲଢୁଥିବା ଓକିଲ ରାଜୀବ ଧୱନ ଦୈନନ୍ଦିନ ଶୁଣାଣିକୁ ବିରୋଧ କରିଥିଲେ। ସପ୍ତାହକୁ ୫ ଦିନ ମାମଲାର ଶୁଣାଣି କରାଗଲେ ଏଥିରେ ପ୍ରସ୍ତୁତ ହୋଇ ଭାଗନେବାକୁ ଅସୁବିଧା ହେଉଥିବା ଧୱନ ଦର୍ଶାଇଥିଲେ। ଏତେଶୀଘ୍ର ଶୁଣାଣି କରାଗଲେ ତାଙ୍କ ପ୍ରସ୍ତୁତିରେ ସମସ୍ୟା ସୃଷ୍ଟିହେଉଛି। ଉର୍ଦ୍ଦୁ ଓ ସଂସ୍କୃତରେ ଥିବା କାଗଜପତ୍ର ଅନୁବାଦ କରିବାରେ ଅସୁବିଧା ହେଉଛି ବୋଲି କହିଥିଲେ। ତେବେ ପୂର୍ବରୁ ସ୍ଥିରୀକୃତ ନିର୍ଦ୍ଦେଶନାମାରେ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ୫ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ତେବେ ବରିଷ୍ଠ ଓକିଲ ଧୱନ ଚାହିଁଲେ ବିଶ୍ରାମ ନେଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।



ରାଜୀବ ଧୱନ

## ସ୍ୱାଭାବିକ ହେଉଛି କଶ୍ମୀର ସ୍ଥିତି

**ଶ୍ରୀନଗର/ନୂଆଦିଲ୍ଲୀ,୯।୮**

- **ଜମ୍ମୁରୁ ହଟିଲା ୧୪୪ ଧାରା**
- **ଶନିବାର ଖୋଲିବ ସ୍କୁଲ, କଲେଜ**

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଉତ୍ତେଜନା ଓ ହିଂସା ଏଡ଼ାଇବା ପାଇଁ ଜାରି ହୋଇଥିବା କଟକଣାକୁ ପ୍ରଶାସନ ପକ୍ଷରୁ ଧୀରେ ଧୀରେ ଉଠାଇ ଦିଆଯାଉଛି। ଏଥିଯୋଗୁ ଉପତ୍ୟକାରେ ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ଶୁକ୍ରବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକେ ପ୍ରାର୍ଥନା କରିଛନ୍ତି। କାଁ ଭାଁ କେତୋଟି ସ୍ଥାନରେ ଅପ୍ରୀତିକର ଘଟଣାକୁ ଛାଡ଼ିଦେଲେ ମୋଟାମୋଟି ଭାବେ ଉପତ୍ୟକାକୁ ଶାନ୍ତି ଫେରୁଛି ବୋଲି କୁହାଯାଇପାରେ।

କିଛିଦିନ ହେଲା ନିଜ ନିଜ ଘରେ ଆବଦ୍ଧ ହୋଇ ରହିଥିବା କଶ୍ମୀରୀମାନେ ଏବେ ପଦାକୁ ଗୋଡ଼ କାଢ଼ିବାରେ ଲାଗିଛନ୍ତି। ଶୁକ୍ରବାର ନମାଜ ପାଠ ଥିବାରୁ ସ୍ଥାନୀୟ ମସ୍‌ଜିଦଗୁଡ଼ିକରେ କଟକଣା କୋହଳ କରାଯାଇଥିଲା। ବହୁସଂଖ୍ୟକ ଲୋକ ସାମୂହିକ ନମାଜ ପାଠ କରିଥିଲେ। ମଙ୍ଗଳବାରଠାରୁ କଶ୍ମୀରରେ ଥିବା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଡୋଭାଲ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଶ୍ରୀନଗରର ଇଦ୍‌ଘା ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିଥିଲେ। ପରେ ସେ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଭେଟି ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସହରରେ ଦୋକାନ ବଜାରଗୁଡ଼ିକ ଖୋଲିବାରେ ଲାଗିଛି। ଅଗଷ୍ଟ ୫ରୁ ଜାରି ହୋଇଥିବା ୧୪୪ ଧାରାକୁ ଶୁକ୍ରବାର ଜମ୍ମୁ ଜିଲା ପ୍ରଶାସନ ହଟାଇଦେଇଛି। ଶନିବାରଠାରୁ ସ୍କୁଲ, କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ଜିଲାପାଳ ସୁଷମା ଚୌହାନ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର କଶ୍ମୀରର ସୋପୋରରେ ସୁରକ୍ଷା ବଳକୁ ଟେକାମାଡ଼ ହୋଇଥିବା ଜଣାପଡ଼ିଛି। କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ପ୍ରାୟ ସବୁ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା କର୍ମୀ ପୂର୍ବଭଳି ମୁତୟନ ରହିଛନ୍ତି। ଅନ୍ୟପକ୍ଷରେ ୩୭୦ ଉଚ୍ଛେଦ ପ୍ରତିବାଦରେ ଦିଲ୍ଲୀରେ କଶ୍ମୀରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜମ୍ମୁ-କଶ୍ମୀରରୁ ଆସି ଦିଲ୍ଲୀ-ଏନ୍‌ସିଆର୍‌ରେ ରହୁଥିବା ଛାତ୍ର ଓ କର୍ମଚାରୀମାନେ ଯନ୍ତରମନ୍ତର ରୋଡ୍‌ରେ ମୁହଁରେ କଳାପଟି ବାନ୍ଧି ଓ ହାତରେ ପ୍ଲାକାର୍ଡ ଧରି କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇଛନ୍ତି। ଉପତ୍ୟକାରେ ଯୋଗାଯୋଗର ମାଧ୍ୟମ ବିଚ୍ଛିନ୍ନ ହୋଇଥିବାରୁ ୫ ଦିନ ହେଲା ସେମାନେ ନିଜ ପରିବାର ସହ ଫୋନ୍‌ରେ କଥା ହୋଇପାରି ନ ଥିବା ଦିଲ୍ଲୀ ୟୁନିଭର୍ସିଟି, ଜାମିଆ ମିଲିଆ ଇସ୍‌ଲାମିଆ ଏବଂ ଜେଏନ୍‌ୟୁ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

## ଥର୍ ଏକ୍ସପ୍ରେସ ବାତିଲ କଲା ପାକ୍



**ନୂଆଦିଲ୍ଲୀ, ୯।୮(ପି.ଟି.)**

**ଦିଲ୍ଲୀ ଫେରିଲା 'ସମଝୌତା'**

ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଥର୍ ଏକ୍ସପ୍ରେସ ସେବା ବାତିଲ କରିଛି। ଏହି ଟ୍ରେନ ୨୦୦୬ରୁ ଯୋଧପୁରର ଭଗତ୍ କୀ କୋଠି ଷ୍ଟେଶନଠାରୁ ପ୍ରତ୍ୟେକ ଶୁକ୍ରବାର ରାତିରେ କରାଚୀ ଅଭିମୁଖେ ଯାତ୍ରା କରୁଥିଲା। ଯୋଧପୁର ରେଳୱେ ଡିଭିଜନ ପକ୍ଷରୁ ଏନେଇ ଅବଗତ କରାଯାଇ ନ ଥିବା କୁହାଯାଇଛି। ଥର୍ ଏକ୍ସପ୍ରେସ ପୂର୍ବଭଳି ଯାତ୍ରା ଆରମ୍ଭ କରିବ ବୋଲି ଯୋଧପୁର ଡିଭିଜନର ମୁଖପାତ୍ର ଗୋପାଳ ଶର୍ମା ପ୍ରକାଶ କରିଛନ୍ତି। ଏନେଇ ପାକିସ୍ତାନର ୪୨ ଯାତ୍ରୀଙ୍କୁ ମିଶାଇ ଅନେକ ଟିକେଟ୍ କାଟିଥିବା କୁହାଯାଇଛି।

ପୂର୍ବରୁ ଦୁଇ ଦେଶକୁ ଯୋଡୁଥିବା ସମଝୌତା ଏକ୍ସପ୍ରେସ ସେବାକୁ ପାକିସ୍ତାନ ବାତିଲ କରିଥିଲା। ୱାଘା ସୀମାରେ ଏହାକୁ ଅଟକାଇବା ପରେ ମାତ୍ର ୧୧୭ ଯାତ୍ରୀ (ପାକିସ୍ତାନର ୪୮)ଙ୍କୁ ନେଇ ସମଝୌତା ଏକ୍ସପ୍ରେସ ଶୁକ୍ରବାର ସକାଳେ ସାଢେ ୪ ଘଣ୍ଟା ବିଳମ୍ବରେ ଦିଲ୍ଲୀ ଫେରିଛି। ୱାଘାରେ ଏହାକୁ ଅଟକାଯାଇଥିଲାବେଳେ ଅଟ୍ଟାରିରେ ଯାତ୍ରୀମାନେ ବିଳମ୍ବରେ ପହଞ୍ଚିଥିଲେ।

### ଭାରତ ସହ ସାଂସ୍କୃତିକ ସମ୍ପର୍କ ଛିନ୍ନ କଲା

**ଇସ୍‌ଲାମାବାଦ,୯।୮(ପି.ଟି.)**– ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଭାରତ ସହ ସମସ୍ତ ସାଂସ୍କୃତିକ, ମନୋରଞ୍ଜନ ଶିଳ୍ପର ଯୁଗ୍ମ ଉପକ୍ରମ ସମ୍ପର୍କ ଆଦି ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଏମିତିକି ଭାରତୀୟ ଡିଟିଏଚ୍ ସରଞ୍ଜାମଗୁଡ଼ିକୁ ବିରୋଧ କରାଯିବ ବୋଲି ସୂଚନା ଓ ପ୍ରସାରଣ ବ୍ୟାପାରରେ ପ୍ରଧାନମନ୍ତ୍ରୀଙ୍କ ବିଶେଷ ସହାୟକ ଫର୍ଦ୍ଦୋସ୍ ଆସିକ୍ ଆୱାନ୍ କହିଛନ୍ତି। ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ କଳୁଷିତ ହୋଇଯାଇଥିବା ସେ ପ୍ରକାଶ କରିଛନ୍ତି। ଜାତୀୟ ସୁରକ୍ଷା ପରିଷଦ ପକ୍ଷରୁ ସବୁସ୍ତରରେ ହିନ୍ଦୁତ୍ୱ ଭାବଧାରାକୁ ବିରୋଧ କରିବା ଲାଗି ଏକ ଗୋଷ୍ଠୀ ଗଠନ କରାଯାଇଛି। ପାକିସ୍ତାନରେ ଭାରତୀୟ ଫିଲ୍ମକୁ ନିଷିଦ୍ଧ କରାଯାଇଛି। ପାକିସ୍ତାନର କୌଣସି ସିନେମା ହଲ୍‌ରେ ଭାରତୀୟ ଫିଲ୍ମ, ଡ୍ରାମା ଚାଲିପାରିବ ନାହିଁ ବୋଲି ଆୱାନ୍ ପ୍ରକାଶ କରିଛନ୍ତି।



ଶ୍ରଦ୍ଧାବାନ ହୁଅ, ବୀର୍ଯ୍ୟବାନ ହୁଅ, ଆତ୍ମଜ୍ଞାନ ଲାଭ କର, ଆଉ ପରହିତରେ ଜୀବନଯାପନ କର ଏହା ମୋର ଇଚ୍ଛା ଓ ଆଶୀର୍ବାଦ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ୧୨ରୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୯।୮ (ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଧୀରେ ଧୀରେ ଦୁର୍ବଳ ହେଉଥିବାବେଳେ ଏବେ ମଧ୍ୟପ୍ରଦେଶ ଉପରେ ରହିଛି। ଏହା ଫଳରେ ଓଡ଼ିଶାରେ ବର୍ଷା ପରିମାଣ କମିଯାଇଛି। ଆସନ୍ତା ଦୁଇଦିନ ଆଉ ବଡ଼ଧରଣର ବର୍ଷା ହେବାର ସମ୍ଭାବନା ନାହିଁ। ତେବେ ରାଜ୍ୟର ସବୁ ସ୍ଥାନରେ କାଁ ଭାଁ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୧୨ ତାରିଖ ବେଳକୁ ଆଉ ଗୋଟିଏ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବା ସହ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଉଛି। ବିଶେଷକରି ଉତ୍ତର ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ୧୨ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ଢେଙ୍କାନାଳ, ସମ୍ବଲପୁର, ଯାଜପୁର, ଭଦ୍ରକରେ ପ୍ରବଳ ବର୍ଷା ହେବ। ସେହିପରି ୧୩ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, କଟକ, ଜଗତସିଂହପୁର, ନବରଙ୍ଗପୁର, କୋରାପୁଟର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଚଳିତବର୍ଷର ସବୁଠାରୁ ଅଧିକ ବର୍ଷା ହୋଇଛି। ବଲାଙ୍ଗୀରରେ ସର୍ବାଧିକ ୨୧୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡ଼ାରେ ୧୭୪.୫ ମିମି, କୋରାପୁଟରେ ୧୨୯.୪ ମିମି, ସୋନପୁରରେ ୧୦୧.୨ ମିମି, ହୀରାକୁଦରେ ୯୪.୨ ମିମି, ଟିଟିଲାଗଡ଼ରେ ୭୯.୮ ମିମି ବର୍ଷା ହୋଇଛି। ଚଳିତ ସପ୍ତାହରେ ହୋଇଥିବା ବର୍ଷା ରାଜ୍ୟରେ ଜାରି ରହିଥିବା ନିଅଣ୍ଟିଆ ବର୍ଷାକୁ କିଛିମାତ୍ରାରେ ପୂରଣ କରିଛି। ତଥାପି କେତେକ ଜିଲାରେ ନିଅଣ୍ଟିଆ ବର୍ଷାର ସ୍ଥିତି ରହିଛି।

# ଚିଲିକା: ବିଭାଗୀୟ ତଥ୍ୟକୁ ହାଇକୋର୍ଟଙ୍କ ସନ୍ଦେହ

- ବିପଦ ଆଣିବ ଚିଙ୍ଗୁଡ଼ି ଘେରି
- ସେପ୍ଟେମ୍ବର ୧୬ରେ ପରବର୍ତ୍ତୀ ଶୁଣାଣି
- ଆଶଙ୍କାରେ ପରିବେଶବିତ୍‌
- ଚଳିତ ବର୍ଷ ବସିନାହିଁ ଚିଲିକା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କମିଟି

ଭୁବନେଶ୍ୱର,୯।୮ (ବ୍ୟୁରୋ)

ଦ୍ରୁତ ଶିଳ୍ପାୟନ ମାନବ ସମାଜ ପାଇଁ ବିକାଶ ଆଣିଛି। ହେଲେ ଶିଳ୍ପାୟନ ଓ ଅର୍ଥନୈତିକ ଫାଇଦା ପାଇଁ ମନୁଷ୍ୟ ପ୍ରକୃତିକୁ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରୁଛି, ଯାହା ପରବର୍ତ୍ତୀ ସମୟରେ ଅନେକ ବିପର୍ଯ୍ୟୟକୁ ଡାକି ଆଣୁଛି। ସବୁଜିମା ଜଙ୍ଗଲ ପରି ଜୈବ ବିବିଧତାରେ ନଦୀ, ହ୍ରଦର ଆବଶ୍ୟକତା ରହିଛି। ହେଲେ ସେଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଯାଉ ନ ଥିବା ଅନୁଭବ ହେଉଛି। ଆମ ରାଜ୍ୟର ଚିଲିକା ହ୍ରଦ କଥା ବିଚାର କରାଯାଉ ବିଦେଶୀ ପକ୍ଷୀ, ଡଲଫିନ ଓ ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ର ପାଇଁ ଏହା ପ୍ରସିଦ୍ଧ। ଅନୁରୂପ ଭାବେ ସ୍ଥାନୀୟ ହ୍ରଦକୁ ଜୀବିକା କରି ମତ୍ସ୍ୟଜୀବୀମାନେ ମଧ୍ୟ ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ହେଲେ ଓଡ଼ିଶା ହାଇକୋର୍ଟଙ୍କ ନିଜସ୍ୱ ଅନୁଧ୍ୟାନ ଓ ଚିଲିକା ସୁରକ୍ଷା ସମ୍ପର୍କିତ ସରକାରୀ ତଥ୍ୟ ମେଳ ଖାଉ ନ ଥିବା ଏବେ ଜଣାପଡ଼ିଛି।

ଚଳିତ ମାସ ପହିଲାରେ ହାଇକୋର୍ଟରେ ଏ ସଂକ୍ରାନ୍ତରେ ଏକ ଶୁଣାଣି ସମୟରେ ରାଜ୍ୟ ସରକାର ଚିଲିକାରେ ଚିଙ୍ଗୁଡ଼ି ଘେରି ହ୍ରାସ ପାଇଥିବା ଜଣାଇଥିଲେ ମଧ୍ୟ ସେ ସଂକ୍ରାନ୍ତରେ ଲିଖିତ ତଥ୍ୟ ଉପସ୍ଥାପନ କରି ନ ଥିଲେ। ଏଥିରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୂର୍ବରୁ ହାଇକୋର୍ଟ ବେଆଇନ ଚିଙ୍ଗୁଡ଼ି ଘେରି ସମ୍ପର୍କରେ ସ୍ୱତନ୍ତ୍ର ଅନୁଧ୍ୟାନ ପାଇଁ ଆମିକସ୍ କ୍ୟୁରୀ ମୋହିତ ଅଗ୍ରୱାଲ ନିଯୁକ୍ତ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ଏ ସମ୍ପର୍କରେ ନିୟମିତ ବୈଠକ କରୁଛି। ଗତ ଜୁନ୍ ୨୪ରେ ହୋଇଥିବା ବୈଠକରେ ସରକାରଙ୍କ ପକ୍ଷରୁ ଚିଙ୍ଗୁଡ଼ି ଘେରିର ପରିମାଣ ୨୯,୦୦୦ଏକର ବୋଲି ଖୋଦ୍ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା। ସାଟେଲାଇଟ୍ ବ୍ୟବହାର ମାଧ୍ୟମରେ ଏହି ସଂଖ୍ୟା ଜଣାପଡ଼ିଥିବା ମଧ୍ୟ ଉଲ୍ଲେଖ କରାଯାଇଥିଲା। ହେଲେ ଗତ ଅଗଷ୍ଟ ୧ରେ ଏହି ସଂଖ୍ୟା ଅହେତୁକ ହ୍ରାସ ପାଇଥିବା କୁହାଗଲା। ଏହାକୁ ନେଇ ହାଇକୋର୍ଟ ସରକାରୀ ତଥ୍ୟ ଉପରେ ସନ୍ଦେହପ୍ରକଟ କରିଥିଲେ। ଏଥିସହିତ ସତ୍ୟପାଠ ଆକାରରେ ଚିଙ୍ଗୁଡ଼ି ଘେରି ସମ୍ପର୍କିତ ପୂର୍ଣ୍ଣାଙ୍ଗ ତଥ୍ୟ ରଖିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଯାଉଛି। ତେଣୁ ସରକାର ଚିଙ୍ଗୁଡ଼ି ଘେରି ନେଇ କି ତଥ୍ୟ ରଖୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୁରୀ, ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲାରେ ଚିଲିକାର ଉପସ୍ଥିତି ଥିଲେ ବି କୃଷ୍ଣପ୍ରସାଦ ଅଞ୍ଚଳରେ ବ୍ୟାପକ ବେଆଇନ ଚିଙ୍ଗୁଡ଼ି ଘେରି ଦେଖାଦେଇଥାଏ। ଏହାକୁ ଉଚ୍ଛେଦ କରିବା ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା ଠିକ୍ ଭାବେ ଅନୁପାଳନ ହେଉନାହିଁ। ହାଇକୋର୍ଟଙ୍କ ବ୍ୟତୀତ ପରିବେଶ ଓ ଜଳ ବିଶେଷଜ୍ଞମାନେ ମଧ୍ୟ ଚିଲିକାକୁ ନେଇ ସନ୍ଦେହପ୍ରକଟ କରିଛନ୍ତି। ଜଳ ବିଶେଷଜ୍ଞ ରଞ୍ଜନ ପଣ୍ଡା କହିଛନ୍ତି ଯେ, ଚିଙ୍ଗୁଡ଼ି ଘେରି ଦ୍ୱାରା ଜାଲ ଲଗାଯିବା ସହ ହ୍ରଦ ମଧ୍ୟରେ ମାଟି ବନ୍ଧ କରାଯାଇଥାଏ। ଏହା ଦ୍ୱାରା ମୂଳ ହ୍ରଦର ପରିସୀମା ଆପେ ସଙ୍କୁଚିତ ହୋଇଥାଏ। ଦୀର୍ଘଦିନ ଧରି ଘେରି ରହିବା ଦ୍ୱାରା ପଟୁ ବଢ଼ିଥାଏ। ଆକର୍ଷଣୀୟ ଆକାରର ଚିଙ୍ଗୁଡ଼ି ଉତ୍ପାଦନ ନେଇ ବ୍ୟବହାର କରାଯାଉଥିବା ସାର ଓ ରସାୟନ ପଦାର୍ଥର ପ୍ରୟୋଗ ମଧ୍ୟ ହ୍ରଦକୁ ପ୍ରଦୂଷିତ କରିଥାଏ। ଏହା ଦ୍ୱାରା ମାଛ ବଂଶ ପ୍ରତି ବିପଦ ସୃଷ୍ଟି ହେଉଥିବାବେଳେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡିକୁ ପ୍ରଭାବିତ କରୁଛି। ହ୍ରଦର ପ୍ରାକୃତିକ ପରିସୀମା କମିବା ଦ୍ୱାରା ଜଳ ନିଜର ଗୁଣାତ୍ମକମାନ ହରାଇବ। ଚିଙ୍ଗୁଡ଼ି ଘେରି ବୃଦ୍ଧି ଯୋଗୁ ପକ୍ଷୀଙ୍କ ଜୀବନ ପ୍ରଭାବିତ ହେଉଛି ବୋଲି ରଞ୍ଜନ କହିଛନ୍ତି।

ସେହିପରି ଚିଲିକାର ସୁରକ୍ଷା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କମିଟି ରହିଛି। ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରୁ ପ୍ରାପ୍ତ ଉତ୍ତରରୁ ଚଳିତ ବର୍ଷ ଷ୍ଟିଅରିଂ କମିଟି ଓ କାର୍ଯ୍ୟନିର୍ବାହୀ କମିଟି ବୈଠକ ବସି ନ ଥିବା ସ୍ପଷ୍ଟ ଉଲ୍ଲେଖ ରହିଛି। ଶେଷଥର ପାଇଁ କାର୍ଯ୍ୟନିର୍ବାହୀ ବୈଠକ ୨୦୧୮ ଡିସେମ୍ବର ୫ ଏବଂ ଷ୍ଟିଅରିଂ କମିଟି ବୈଠକ ସେହିମାସ ୨୦ରେ ବସିଥିଲା। ହେଲେ ଆଶ୍ଚର୍ଯ୍ୟର ବିଷୟ ଗଭର୍ନିଂ ବଡି ବୈଠକ ଶେଷଥର ପାଇଁ ୨୦୧୩ ଜୁନ୍ ୨୭ରେ ବସିଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କ ଦ୍ୱାରା ଗତ ଜୁଲାଇ ୧୬ରେ ପଚରାଯାଇଥିବା ଅଣତାରକା ପ୍ରଶ୍ନ ନଂ-୭୯୮ର ଉତ୍ତର ରଖି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ତଥ୍ୟ ରଖିଛନ୍ତି। ତେଣୁ ଚିଲିକାର ସୁରକ୍ଷା ପ୍ରତି ସରକାର କେତେ ସମ୍ବେଦନଶୀଳ, ତାହା ଏଥିରୁ ସ୍ପଷ୍ଟ ଅନୁମେୟ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

## ଆଜି ସୁଆର ମହାସୁଆର ନିର୍ବାଚନ

ପୁରୀ ଅଫିସ, ୯।୮

ଶ୍ରୀମନ୍ଦିରର ସୁଆର ମହାସୁଆର ନିଯୋଗ ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ମୋଟ ୩୭ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୧୫ ଜଣ ନିର୍ବାଚିତ ହେବେ। କୋଇଲି ବୈକୁଣ୍ଠ ପରିସରରେ ଥିବା ନିଯୋଗ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବ। ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ଭୋଗ ଗ୍ରହଣ ହେବ। ୧୧ ତାରିଖ ସକାଳ ୯ଟାରୁ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ। ନିର୍ବାଚିତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ ପ୍ରମୁଖ କର୍ମକର୍ତ୍ତା ଚୟନ କରାଯିବ। ଶ୍ରୀମନ୍ଦିରର ସବୁଠୁ ବଡ଼ ନିଯୋଗ କୁହାଯାଉଥିବା ସୁଆର ମହାସୁଆର ନିଯୋଗ କ୍ଷମତା କାହା ହାତରେ ରହିବ ତାହା ଉପରେ ଏବେ ସମସ୍ତଙ୍କ ନଜର। ନିଯୋଗର ତିନିଗୋଷ୍ଠୀ କ୍ଷମତା ହାତେଇବାକୁ ସବୁ ପ୍ରକାର ଉଦ୍ୟମ କରିଥିବାବେଳେ କିଏ ଏହି ନିଯୋଗ ପଦ ପଦବୀରେ ରହୁଛନ୍ତି ତାହା ରବିବାର ସ୍ପଷ୍ଟ ହୋଇଯିବ।




## ଆଜି କ'ଣ କେଉଁଠି

**ଦେବଗଡ଼**
- ୩୦ତମ ଜାତୀୟ ଚେସ୍ ମିଟ୍ ଉଦ୍‌ଘାଟନ, ଜବାହାର ନବୋଦୟ ବିଦ୍ୟାଳୟ,ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**
- ନବୋଦୟ ବିଦ୍ୟାଳୟ ସମିତି ଜାତୀୟ ହକି ମିଟ୍-୧୯ର ଉଦ୍‌ଘାଟନୀ ସମାରୋହ, ଜିଙ୍ଗ ନଗର ନବୋଦୟ ବିଦ୍ୟାଳୟ ଖେଳ ପଡିଆ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା, ଦାନୀପାଲି ରାମଚଣ୍ଡୀ ସେବାସଦନ, ଅପରାହ୍ନ ସାଢ଼େ ୪ଟା ।
- ମହମ୍ମଦ ରଫିକ ସଂଗୀତ ସନ୍ଧ୍ୟା, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୬ଟା।

**କଣ୍ଟାବାଞ୍ଜି**
- ଜ୍ଞାନ ବିଜ୍ଞାନ ମେଳା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅପରାହ୍ନ ୨ଟା।
- ଏନଏସିସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଲାୟନ୍ସ ପବ୍ଲିକ ସ୍କୁଲ, ପୂର୍ବାହ୍ନ ୧୧ଟାରୁ।

**ଭଟଲି**
- ଇନ୍ଦିରା ଆବାସ କାର୍ଯ୍ୟାଦେଶ ବଣ୍ଟନ, ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୯।୩୦।
- କୁଇଶିରା ବାହୁଡ଼ା ରଥଯାତ୍ରା, କୁଇସିରା, ଅପରାହ୍ନ ୪ଟା।

**ତରଭା**
- ମହାଜଳଶାୟୀ, ନୀଳକଣ୍ଠେଶ୍ୱର ମନ୍ଦିର, ସକାଳ ୬ଟା ।

**କର୍ଲାମୁଣ୍ଡା**
- ମହିଳା ଅଧିକାର ସାମୁଖ୍ୟର ପଞ୍ଚାୟତସ୍ତରୀୟ ବୈଠକ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପୌରକେଲା, ପୂର୍ବାହ୍ନ ୧୦ଟା ।

**ସିନାପାଲି**
- ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସିନାପାଲି ହାଇସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




# ରାଜଧାନୀରେ ମୁଖ୍ୟମନ୍ତ୍ରୀ କରିବେ ପତାକା ଉତ୍ତୋଳନ

**ସ୍ୱାଧୀନତା ଦିବସ ସମାରୋହ**
- ଢେଙ୍କାନାଳରେ ଅରୁଣ, କଟକରେ ନିରଞ୍ଜନ
- ପୁରୀରେ ପ୍ରଫୁଲ୍ଲ, କେନ୍ଦ୍ରାପଡ଼ାରେ ରଣେନ୍ଦ୍ର

ଭୁବନେଶ୍ୱର,୯।୮ (ବ୍ୟୁରୋ)

ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱରରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ବିଭିନ୍ନ ଜିଲା ମୁଖ୍ୟାଳୟରେ କିଏ ଜାତୀୟ ପତାକା ଉତ୍ତୋଳନ କରିବେ ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଶୁକ୍ରବାର ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରେ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଢେଙ୍କାନାଳରେ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଟକରେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅନୁଗୋଳରେ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ପୁରୀରେ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ରାପଡ଼ାରେ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କଳାହାଣ୍ଡି ଜିଲା ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିଭଳି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମୟୂରଭଞ୍ଜରେ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ସୁନ୍ଦରଗଡ଼ରେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କନ୍ଧମାଳ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବଲାଙ୍ଗୀରରେ ଓ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ନୟାଗଡ ଜିଲା ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା କେନ୍ଦୁଝରରେ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ବଲପୁରରେ, ବିଜ୍ଞାନ ଓ କାରିଗରି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବାଲେଶ୍ୱରରେ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯାଜପୁରରେ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ନବରଙ୍ଗପୁରରେ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କୋରାପୁଟ ଜିଲା ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମାଲକାନଗିରିରେ, ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ରାୟଗଡାରେ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଗଜପତିରେ, ରାଜସ୍ୱ ପର୍ଷଦ ସଦସ୍ୟ ଭଦ୍ରକ ଜିଲାରେ ପତାକା ଉତ୍ତୋଳନ କରିବେ। ସେହିପରି ଖୋର୍ଦ୍ଧା ଜିଲା ମୁଖ୍ୟାଳୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ରାଉରକେଲାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଜାତୀୟ ପତାକା ଉତ୍ତୋଳନ କରିବେ। ବରଗଡ଼, ବୌଦ୍ଧ, ଦେବଗଡ଼, ଗଞ୍ଜାମ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ନୂଆପଡା ଓ ସୁବର୍ଣ୍ଣପୁର ଜିଲାରେ ସେଠାକାର ଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସ୍ଥିର ହୋଇଛି।




# ଆଜିଠୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା

ପୁରୀ ଅଫିସ, ୯।୮

ଶ୍ରାବଣ ଶୁକ୍ଳ ଦଶମୀ ତିଥି ଅର୍ଥାତ୍ ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଝୁଲଣ ଯାତ୍ରା। ୭ ଦିନ ବ୍ୟାପୀ ଏହି ଝୁଲଣ ଯାତ୍ରା ଚାଲିବ। ଏଥିସହ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ମଠ, ମନ୍ଦିରରେ ମଧ୍ୟ ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। କେତେକ ମଠରେ ଏହା ପାଞ୍ଚଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶରତ ରାସର ପୂର୍ବାଭାସ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ଭଜନ, କୀର୍ତ୍ତନରେ ଗୁଞ୍ଜରିତ ହେବ ମଠ, ମନ୍ଦିର। ଏଥିପାଇଁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ତେବେ ମଠ, ମନ୍ଦିର ସଂସ୍କୃତିକୁ ନେଇ ସମୃଦ୍ଧ ଶ୍ରୀକ୍ଷେତ୍ର ଝୁଲଣ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ବିଭିନ୍ନ ଦେବାଳୟରେ ପ୍ରସ୍ତୁତ ହୋଇଯାଇଛି ଝୁଲଣ କୁଞ୍ଜ। କୁଞ୍ଜ ପରିସରକୁ ଜରି ଜମ୍ବୁରାରେ ଆକର୍ଷଣୀୟ ଭାବେ ସଜେଇ ଦିଆଯାଇଛି। ଏଥିସହ ବିଭିନ୍ନ ପ୍ରକାର ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି କୁଞ୍ଜ ପରିସର। ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣ ଦୋଳିରେ ଝୁଲିବେ। ଶ୍ରୀକ୍ଷେତ୍ରରେ ରହିଛି ଅନେକ ପୁରାତନ ମଠ। ପ୍ରାୟ ଅଧିକାଂଶ ମଠରେ ପୂଜା ପାଉଛନ୍ତି ରାଧାକୃଷ୍ଣ। ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ରାଧା ଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ପୁରୀ ଆସିଛନ୍ତି। ବିଶେଷକରି ଶ୍ରୀକ୍ଷେତ୍ରରେ ଜଗନ୍ନାଥ ବଲ୍ଲଭ ମଠ, ନେବଳ ଦାସ ମଠ, ହରିଦାସ ମଠ, ଉତ୍ତରପାର୍ଶ୍ୱ ମଠ, ଜିୟର ସ୍ୱାମୀ, ରାଧାବଲ୍ଲଭ ମଠ, ବଡ଼ ଓଡ଼ିଆ ପ୍ରଭୃତି ମଠରେ ବେଶ୍ ଆଡମ୍ବରରେ ଅନୁଷ୍ଠିତ ହେବ ଝୁଲଣ ଯାତ୍ରା। ଏହି ଉପଲକ୍ଷେ ବିଭିନ୍ନ ମଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି। ନେବଳ ଦାସରେ ୫ ଦିନ ଧରି ଝୁଲଣ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ, ଲକ୍ଷ୍ମୀନୃସିଂହ ଏବଂ ରାମ ଲକ୍ଷ୍ମଣ ସୀତା କୁଞ୍ଜରେ ଦୋଳି ଖେଳିବେ। ପ୍ରତ୍ୟହ ନିତ୍ୟ ଆଳତୀ ପରେ ପ୍ରଭୁଙ୍କ ପାଇଁ ଝୁଲଣ ଆଳତୀ କରାଯିବ। ଏଥିସହ ସ୍ୱତନ୍ତ୍ର ଭୋଗ ମଧ୍ୟ ଲାଗି କରାଯିବ। ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ପାଲା, ଦାସକାଠିଆ ଓ ପାରମ୍ପରିକ ଭଜନ ପରିବେଷଣ କରାଯିବ। ଏହାବ୍ୟତୀତ ଅନ୍ୟାନ୍ୟ ମଠ ମନ୍ଦିରରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



ଝୁଲଣ ଯାତ୍ରା ପାଇଁ ରାଧାବଲ୍ଲଭ ମଠରେ କୁଞ୍ଜ ପ୍ରସ୍ତୁତି ଚାଲିଛି।

**ଚଳଚଞ୍ଚଳ ଶ୍ରୀକ୍ଷେତ୍ରର ମଠ ମନ୍ଦିର**

**କିଛି ତଥ୍ୟ**

ଇ-ମୋବିଲିଟିକୁ ପ୍ରୋତ୍ସାହନ ଲାଗି ସରକାର ଚଳିତ ବର୍ଷ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି।
-ଅର୍ଥ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବସନ୍ତ କୁମାର
ପରିବାରବର୍ଗ


ଇଶିକା
ପରିବାରବର୍ଗ


କୁକୁ
ପରିବାରବର୍ଗ


ସାଇ ସମର୍ଥ
ପରିବାରବର୍ଗ


ରାମଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୫ ପରିସଂଖ୍ୟାନ ଅନୁସନ୍ଧାନକାରୀଙ୍କୁ ନିଯୁକ୍ତି

ଭୁବନେଶ୍ୱର,୯।୮(ବ୍ୟୁରୋ)

ଓଡ଼ିଶାରେ ଦାରିଦ୍ର୍ୟ ବ୍ୟାପକ ଭାବରେ ହ୍ରାସ ପାଇଛି। ବିଗତ ଦଶନ୍ଧିରୁ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସର୍ବେକ୍ଷଣ ଜରିଆରେ ଯେଉଁ ତଥ୍ୟ ପ୍ରଦାନ କରିଥାଆନ୍ତି, ତାହା ରାଜ୍ୟର ବିଭିନ୍ନ ଯୋଜନା ପ୍ରଣୟନ ନିମନ୍ତେ ବ୍ୟବହୃତ ହୋଇଥାଏ। ସାମାଜିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିବାରେ ଅନୁସନ୍ଧାନକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ସ୍ଥାନୀୟ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଚୟନ ହୋଇଥିବା ୧୫ ଜଣ ପରିସଂଖ୍ୟାନ ଅନୁସନ୍ଧାନକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସମୟରେ ମନ୍ତ୍ରୀ ବେହେରା ଏହି କଥା କହିଛନ୍ତି।

ମନ୍ତ୍ରୀ କହିଥିଲେ ଯେ, ରାଜ୍ୟବାସୀଙ୍କୁ ଏକ ଉତ୍ତରଦାୟୀ, କାର୍ଯ୍ୟକ୍ଷମ, ସ୍ୱଚ୍ଛ, ସକ୍ରିୟ ସୁଶାସନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ 'ଟି'ମନ୍ତ୍ର ତଥା କାର୍ଯ୍ୟକ୍ଷେତ୍ରରେ ଦଳଗତ ପରିଚାଳନା, ବୈଷୟିକ ବିଦ୍ୟାର ପ୍ରୟୋଗ, ସ୍ୱଚ୍ଛତା, ସମୟାନୁବର୍ତ୍ତିତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହା ଫଳରେ ରାଜ୍ୟରେ ପରିବର୍ତ୍ତନ ଆସିବା ସହ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ନିଯୁକ୍ତ ଅନୁସନ୍ଧାନକାରୀମାନେ ନିଜ ନିଜ କାର୍ଯ୍ୟ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ୫ 'ଟି'ର ଉପଯୋଗ ଓ ଅନୁପାଳନ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ନୂତନ ଅନୁସନ୍ଧାନକାରୀମାନଙ୍କୁ ଚଳିତ ଜାତୀୟ ନମୁନାର ୭୭ତମ ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ କରାଯିବା ସ୍ଥିର କରାଯାଇଛି। ଏହାର କାର୍ଯ୍ୟକାଳ ଅବଧି ଚଳିତ ବର୍ଷ ଜାନୁୟାରୀରୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ରଖାଯାଇଛି। ଜମି, ପ୍ରାଣୀ ସମ୍ପଦ ରଖିଥିବା ପରିବାର ଏବଂ ଚାଷୀ ପରିବାରର ପରିସ୍ଥିତି ଆକଳନ ନିମନ୍ତେ ଋଣ ଓ ପୁଞ୍ଜି ଲଗାଣର ତଥ୍ୟ, ଜମିର ମାଲିକାନା ସ୍ୱତ୍ୱ, ଚାଷ ଜୋତର ପରିମାଣ ସହିତ ସେହି ମାଲିକାନାରେ ଥିବା ପ୍ରାଣୀ ସମ୍ପଦର ତଥ୍ୟ ସଂଗ୍ରହ କରାଯାଉଛି। ଏହା ବ୍ୟତୀତ ସମସ୍ତ ପରିବାରର ଖାଉଟି ବ୍ୟୟ, ଆୟ, ଉତ୍ପାଦନକ୍ଷମ ସମ୍ପତ୍ତି, ଋଣଭାର, ଚାଷ ପ୍ରଣାଳୀ ଓ ଆଧୁନିକ କୃଷି ଜ୍ଞାନକୌଶଳ ପରି ବିଭିନ୍ନ ଅର୍ଥନୈତିକ ମାନଦଣ୍ଡ ସଂପର୍କିତ ତଥ୍ୟ ସଂଗ୍ରହ କରାଯାଉଛି।

### ହଳଧର ନାଗଙ୍କ ଦାବି

## ସମ୍ବଲପୁରୀ-କୋଶଲୀକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କର

**ନୂଆଦିଲ୍ଲୀ,୯।୮:** ସମ୍ବଲପୁରୀ-କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ ଶୁକ୍ରବାର ବିଶିଷ୍ଟ କବି ପଦ୍ମଶ୍ରୀ ହଳଧର ନାଗ ଦାବି କରିଛନ୍ତି। ନୂଆଦିଲ୍ଲୀରେ ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ସ୍ୱଦେଶୀ ଲେଖକ ସମ୍ମିଳନୀକୁ ସମ୍ବୋଧିତ କରି ହଳଧର କହିଛନ୍ତି, ସମ୍ବଲପୁରୀ-କୋଶଲୀ ଭାଷାକୁ କ୍ରମଶଃ ସ୍ୱୀକୃତି ମିଳିବାରେ ଲାଗିଛି। କେନ୍ଦ୍ର ସରକାର ଏହାକୁ ସମ୍ବିଧାନର ୮ମ ପରିଚ୍ଛେଦରେ ସାମିଲ କରନ୍ତୁ। ଏହି ଅବସରରେ ସେ କୋଶଲୀ ଭାଷାରେ ଏକ କବିତା ଆବୃତ୍ତି କରିଥିଲେ। ଏହି ସାହିତ୍ୟ ମହୋତ୍ସବକୁ ପ୍ରଖ୍ୟାତ ଓଡ଼ିଆ କବି ସୀତାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ବିହାର, ପଶ୍ଚିମବଙ୍ଗ ସମେତ ଉତ୍ତର-ପୂର୍ବାଞ୍ଚଳର ଅନେକ ଲେଖକ ଯୋଗଦେଇ ଦେଶର ସ୍ଥାନୀୟ ଭାଷାଗୁଡ଼ିକୁ ସ୍ୱୀକୃତି ଦେବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭକରିବା ସକାଶେ ମନ ବଳାଇବେ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଗୁରୁଜନମାନଙ୍କ ପରାମର୍ଶ କ୍ରମେ କାମ କଲେ ସମସ୍ୟା ସମାଧାନ ହେବା ସମ୍ଭାବନା ରହିଛି।

**ବୃଷ**
ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, କିନ୍ତୁ ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଆର୍ଥିକ ସ୍ଥିତି କମ୍‌ଜୋର ରହିବ, ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ମିଥୁନ**
ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ । ପୁରାତନ ରୋଗର ପୀଡ଼ା ମନକୁ ସାମୟିକ ବିଷାଦିତ କରିବ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ।

**କର୍କଟ**
ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ଆଶଙ୍କା ରହିଛି।

**ସିଂହ**
ଯେତେ ପ୍ରକାର ଚେଷ୍ଟାକଲେ ମଧ୍ୟ ବିଳମ୍ବିତ ସମୟରେ କାମଗୁଡ଼ିକ ସମ୍ପନ୍ନ ହେବାରୁ ମନରେ ସରସତା ରହିବନାହିଁ । ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କୌଣସି କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି।

**କନ୍ୟା**
ଭାଗ୍ୟ ସ୍ଥାନକୁ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଦୃଷ୍ଟି ଅର୍ଥ ଓ ସମ୍ମାନ ପ୍ରଦାନ କରିବ। ଶନିଙ୍କ କୁପ୍ରଭାବରେ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ଆଶଙ୍କା ରହିଛି। ଏକାଦଶସ୍ଥ ଗ୍ରହମାନେ କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପ୍ରଦାନ କରିବେ। ଦ୍ୱାଦଶଭାବସ୍ଥ ମଙ୍ଗଳ ଭ୍ରାତୃ ସମ୍ପର୍କ ହାନିକରିପାରେ।

**ତୁଳା**
କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପଡ଼ୋଶୀମାନେ ନିଜ ନିଜର ସ୍ୱାର୍ଥସାଧାନ ମାନସରେ ମନ ବୁଝିଲା ଭଳି କଥା କହି କାର୍ଯ୍ୟ ହାସଲ କରିବେ।

**ବିଛା**
କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ । କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସହକର୍ମୀମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ**
ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁତ ଟଣାଓଟରା ଲାଗିପାରେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧାତ୍ମିକ କାର୍ଯ୍ୟକ୍ରମରେ ଯଥାସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର**
ଆଜି ସକାଳୁ ସକାଳୁ କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ, ପରିବାର ଭିତରେ, ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିପାରନ୍ତି। ସ୍ଥଗିତ ରହିଥିବା ନିର୍ମାଣ କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ।

**କୁମ୍ଭ**
ଯେକୌଣସି କାମ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଦୁଃଖ ପ୍ରକାଶ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସଂଗତି ଲକ୍ଷ୍ୟକଲେ ମଧ୍ୟ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ**
ଆଜି ସକାଳୁ ସକାଳୁ ହଠାତ୍ ଉପରିସ୍ଥଙ୍କ ଚାପରେ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡ଼ାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ । ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଶ୍ରାବଣ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ଶନିବାର, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ବା କୁଗ୍ରହ ମହୋତ୍ସବ ଆରମ୍ଭ, ଅଗଷ୍ଟ ୧୦ ତାରିଖ, ଡେଙ୍ଗୁ ନିରୋଧକ ଦିବସ, ମକ୍କାରେ ହଜ୍ ଆରମ୍ଭ। ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୫ମି. ଗତେ, ଘ୧।୨୬ମି. ମଧ୍ୟେ ଘ୨।୫୮ମି. ଗତେ, ଘ୪।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୦ମି. ଗତେ ଘ୧୦।୧୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




SALE

Maruti Van OMINI with gas connection for sale. Contact: 7978024751. D-62199

TATA ACE mega 2017 model, NANO TWIST in excellent condition. Finance facility available. 9439778849. D-64997




SALE

**6000 sqft GA corner plot sale at Saheed Nagar, Bhubaneswar. Contact- Deepak: 9937329999.** D-66280

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

**Gharabari boundary plot Tamando MCL boundary side, direct owner: 8144391451.** D-66739

Guest house for sale, land: 2200sqft. construction 8000sqft. near Nuagaon Petrol Pump. 9861067341. D-13837

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

**ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/- ରେ plot ବିକ୍ରିହେବ। 6370292040.** D-66746

Booking 2BHK simplex 1500 sqft. land 27,40,000/, Tankapaniroad, Sai temple, simplex BJEM-(2) 1200 sqft. land 15,80,000/-. 7735738102. D-13836

**Twincity ର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9124321519.** D-66758

**ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଅଛି। 9938737955.** D-66756

**Twincityର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7978773097.** D-66757

**Ready to move 3BHK flat with garage near Khandagiri, outright sale, 70lakhs. Contact: 9040090395, 9040090398.** D-65677

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

**ଭୁବନେଶ୍ୱର ବାଳକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

Land available at Sisupalgarh 1k.m. from Lingaraj temple. Call: 9437033691. D-65678

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66173

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

BDA plot 60', 30' road, ready for construction. Sqft. 650/- ରେ ଭୁବନେଶ୍ୱର Pitapalli, NH side ରେ ମିଳୁଅଛି। Contact: 6371719107, 9777764051. D-13840

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709.** D-66749

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nurshing home. Contact No.: 9338579645. D-65000

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

Ready for construction BDA plot 30' road, electric pole, boundary sqft. 600/- ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9777449397, 9438330874. D-13841

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

Plot for sale at Trisulia, total area 10440sqft., 16ft road, 400 meter from Trisulia square. Contact: 6371449544. Broker excuse. D-13843

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

**Bhubaneswar କଲ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429.** D-66759

**Best commercial plot near Hanspal 8000sqft. and Pahala NH. 15000 sqft. Contact only buyers- 9040059669.** D-67035

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

Gharabari developed plot at Tankapani Road, just 6km from Ravi Talkies Square. Immediate registration, boundary, electricity, wide road. Contact: 7008229682, 7978737479. D-13845

**4BHK duplex with gated community at Balianta (Land-1400, construction-2200 @ 55lakh and 2600 @ 65lakh). Contact: mplanets: 9938219397, 9861022055.** D-13820

**Bank approved fully furnished 1&2 BHK flat in Puri, book at 1.5lakhs. 9438389359.** D-13839

**SC gharabari plot (3000sqft) near Puri Canal, Hanspal just 2k.m from NH-5 (sqft. Rs.1270). M- 8763499150, 8895131458.** D-13838




**Built your Residential & Commercial Project with best quality material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13844

**Contact for interior design of ceiling, TV unit, wardrobe and modular kitchen from the experts. Call: 7008550473.** D-13806




3BHK, Ground floor 1800 sqft., garage, Nageswar Tangi. Bank, Corporate, executive preffered. 7894391620. D-52900

300 sqft. with kitchen for office use only backside of Hotel Royal Midtown, 23-Ashok Nagar. Contact: 9861011328. D-65676




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa985 3999966@gmail.com. D-59937

Ayurvedic herbal full body massage smart lady therapist:9437453813. D-66279

Newly opening Ayurvedic body massage smart therapist, Shree herbal, 775 0020754. D-67343

Physiotherapy full body massage by trained ladies / gents therapist: 7008773793. D-67032

Welcome Seva Care enjoy sensual service by smart Therapist: 6371291612. D-67034

Kajal ayurvedic massage club fully relaxed by smart lady, home service available. 9937637219. D-66939




Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345




ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ





## ଜିଲା ଚିଠି
### ବରଗଡ଼

# ଭାତହାଣ୍ଡିରୁ ଲୁଣ୍ଠନ

ଓଡ଼ିଶାର ବରଗଡ଼ ଜିଲାରେ ସର୍ବାଧିକ ଧାନ ଉତ୍ପାଦନ ହୁଏ। ଏହି ଦୃଷ୍ଟିରୁ ବରଗଡ଼କୁ ରାଜ୍ୟର ଭାତହାଣ୍ଡି ବୋଲି ଅଭିହିତ କରାଯାଏ। ମାତ୍ର ଯେଉଁ ଚାଷୀମାନଙ୍କ ପାଇଁ ଜିଲା ଏଭଳି ନାମିତ ହୋଇଛି, ସେହି ଚାଷୀଙ୍କୁ ଆଜି ଦୁର୍ବିଷହ ଜୀବନ ଅତିବାହିତ କରିବାକୁ ପଡୁଛି। କେବଳ ଅଭାବୀ ବିକ୍ରି, ମରୁଡ଼ି, ମାଟିଆଗୁଣ୍ଡି ପୋକ(ଚକଡ଼ା) ଉପଦ୍ରବ ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ତାହା ନୁହେଁ ବରଂ ଏହି ଚାଷୀଙ୍କୁ ନାନା ଆଳ ଦେଖାଇ ବୀମା କମ୍ପାନୀ ମଧ୍ୟ ଲୁଣ୍ଠନ କରିବାରେ ଲାଗିଛି। ଗତ କିଛିବର୍ଷ ହେଲା ଜିଲାରେ କ୍ରମାଗତ ଫସଲକ୍ଷତି ହେଉଛି। ହେଲେ ବୀମାଭୁକ୍ତ ସମସ୍ତ ଚାଷୀଙ୍କୁ ବୀମା ସହାୟତା ମିଳୁନାହିଁ। କ୍ଷେତ୍ର ପରିଦର୍ଶନ ରିପୋର୍ଟ ବଦଳରେ ସାଟେଲାଇଟ୍ ତଥ୍ୟ, ଆକ୍ଚୁଏଲ ୟିଲ୍ଡ(ଏୱାଇ), ଥ୍ରେସହୋଲ୍ଡ ୟିଲ୍ଡ(ଟିୱାଇ), ନୂଆ ଗାଇଡ୍ ଲାଇନ୍ ଆଦି ଆଳ ଦେଖାଇ ବୀମା କମ୍ପାନୀ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ବୀମା ସହାୟତାରୁ ବଞ୍ଚିତ କରୁଛି। ପ୍ରତି ଫସଲ ପୂର୍ବରୁ ଚାଷୀଙ୍କଠାରୁ ବୀମା ପ୍ରିମିୟମ ବାଧ୍ୟତାମୂଳକ ଭାବେ ଅସୁଲି କରାଯାଉଛି। ମାତ୍ର ଫସଲ କ୍ଷତି ସତ୍ତ୍ୱେ ବୀମା ରାଶି ପ୍ରଦାନ ସମୟ ଆସିଲେ ସମ୍ପୃକ୍ତ କମ୍ପାନୀ ଆଡ଼ ଧରାଛୁଆଁ ଦେଉନାହିଁ। ଥରେ କିମ୍ବା ଦୁଇଥର ନୁହେଁ, ଫସଲ ସମୟ ଆସିଲେ ପ୍ରିମିୟମ ଅସୁଲି ପାଇଁ ତତ୍ପର ହୋଇ ପଡୁଥିବା ବୀମା କମ୍ପାନୀ ଅମଳବେଳେ ଫସଲକ୍ଷତି ଜଣାପଡ଼ିଲେ ଚାଷୀଙ୍କଠାରୁ ବାରମ୍ବାର ଦୂରେଇ ଯାଉଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଶତ ପ୍ରତିଶତ ଧାନ ଫସଲ କ୍ଷତି ପାଇଁ ବରଗଡ଼ ଜିଲା ପାଇଁ ଆଗରୁ ହେକ୍ଟର ପ୍ରତି ୧୨ହଜାର ୫୦୦ ଟଙ୍କା ବୀମା ସହାୟତା ପ୍ରଦାନ ନିର୍ଦ୍ଧାରିତ ହୋଇଥିଲା। ଏଥର ତାହା ହେକ୍ଟର ପ୍ରତି ୬୫ହଜାର ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ବୀମା କମ୍ପାନୀ ଏଥିପାଇଁ ୧୪ ପ୍ରତିଶତ ବୀମା ପ୍ରିମିୟମ ସଂଗ୍ରହ କରୁଛି। ସେଥିରୁ ୨ପ୍ରତିଶତ ଚାଷୀ ଦେଉଥିବାବେଳେ ବାକି ପ୍ରିମିୟମ ରାଶିର ୫୦ପ୍ରତିଶତ ଲେଖାଏଁ ଉଭୟ ରାଜ୍ୟ, କେନ୍ଦ୍ର ସରକାର ବୀମା କମ୍ପାନୀଙ୍କୁ ଦେଉଛନ୍ତି। ଏହି କ୍ରମରେ ପ୍ରିମିୟମ ବାବଦକୁ ବୀମା କମ୍ପାନୀ ହେକ୍ଟର ପ୍ରତି ଚାଷୀଙ୍କଠାରୁ ୧୩୦୦, ରାଜ୍ୟ ସରକାରଙ୍କଠାରୁ ୩୯୦୦ ଏବଂ କେନ୍ଦ୍ର ସରକାରଙ୍କଠାରୁ ୩୯୦୦ ଟଙ୍କା ନେଉଛି। କେବଳ ବରଗଡ଼ ଜିଲାରେ ବୀମା କମ୍ପାନୀ ଗତ ୨୦୧୭ ଖରିଫରେ ୧ଲକ୍ଷ ୬୧ହଜାର ୩୬, ୨୦୧୭-୧୮ ରବିରେ ୩୨ହଜାର ୨୬୦, ୨୦୧୮ ଖରିଫରେ ୧ଲକ୍ଷ ୭୫ହଜାର ୮୧୯, ୨୦୧୮-୧୯ ରବିରେ ୩୩ ହଜାର ୯୫୬, ୨୦୧୯ ଖରିଫରେ ୨ଲକ୍ଷ ୮୭ହଜାର ୪୮୭ ହେକ୍ଟର ଜମି ପାଇଁ ସେହି ହାରରେ ବୀମା ପ୍ରିମିୟମ ଅସୁଲି କରିଥିବା ଯୋଗୁ ସବୁକୁ ଆକଳନ କଲେ, ସେ ବାବଦକୁ ସମୁଦାୟ କେତେ ଟଙ୍କା ପାଇଥିବ, ତାହା ଏଥିରୁ ସହଜରେ ଅନୁମେୟ। ଅନ୍ୟପଟେ ଫସଲକ୍ଷତି ଯୋଗୁ ଜିଲାକୁ ଗତ ୨୦୧୭ ଖରିଫରେ ୬୯୧, ୨୦୧୭-୧୮ ରବିରେ ୩୮, ୨୦୧୮ ଖରିଫରେ ୨୪୦ କୋଟି ବୀମା ସହାୟତା ପହଞ୍ଚି ସାରିଛି। ୨୦୧୯ ଖରିଫ ଆରମ୍ଭ ହୋଇଥିବା ବେଳେ ୨୦୧୮-୧୯ ରବି ଫସଲକ୍ଷତି ବାବଦକୁ ବୀମା ସହାୟତା ପ୍ରଦାନ ପାଇଁ ଏପର୍ଯ୍ୟନ୍ତ ବୀମା କମ୍ପାନୀ ଆକଳନ ସାରି ପାରିନାହିଁ। କେବଳ ସେତିକି ନୁହେଁ, ଜିଲାର ଯେତେ ସଂଖ୍ୟକ ଚାଷୀଙ୍କଠାରୁ ବୀମା କମ୍ପାନୀ ପ୍ରିମିୟମ ନେଉଛି, ସେମାନଙ୍କ ଫସଲକ୍ଷତି ହୋଇଥିଲେ ସୁଦ୍ଧା ସମସ୍ତଙ୍କୁ ବୀମା ସହାୟତା ପ୍ରଦାନ କରୁନାହିଁ। ବୀମା ସହାୟତା ପ୍ରଦାନ ବେଳେ ନାନା ଆଳରେ ଅଯୋଗ୍ୟ ଦର୍ଶାଇ ସେଥିରୁ ଅନେକ ଚାଷୀଙ୍କୁ ବାଦ୍ ଦେଉଛି। ତେବେ ଅଯୋଗ୍ୟ ଘୋଷିତ ହେଲେ, ରାଜ୍ୟ ସରକାର ଯେଭଳି କାଳିଆ ଯୋଜନା ହେଉ କି ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଯୋଜନାରୁ ଲୋକଙ୍କୁ ଦିଆଯାଇଥିବା ସହାୟତା ଫେରାଇ ନେଉଛନ୍ତି। ହେଲେ ଅଯୋଗ୍ୟ ଜଣାପଡ଼ିଲେ ବୀମା କମ୍ପାନୀ ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନେ ଜମା କରିଥିବା ବୀମା ପ୍ରିମିୟମ ରାଶି ଫେରାଇବାକୁ ନାରାଜ ହେଉଛି ଏବଂ ଏଥିରେ ସରକାର ମଧ୍ୟ ନୀରବ ରହିଛନ୍ତି। ଫଳରେ ସହାୟତା ବଦଳରେ ମିଳିମିଶି ଭାତହାଣ୍ଡିରୁ ବୀମା କମ୍ପାନୀ ଲୁଣ୍ଠନ କରି ଚାଲିଛି।

– ପ୍ରେମାନନ୍ଦ ଖମାରୀ

■ ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ

# ମୁକ୍ତି ସଂଗ୍ରାମରେ ଓଡ଼ିଶାର ବଳିଷ୍ଠ ଭୂମିକା ଥିଲା

■ ୩ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧିତ
■ ଡାକ ବିଭାଗର ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ

ଭୁବନେଶ୍ୱର,୯।୮(ବ୍ୟୁରୋ)

ମୁକ୍ତି ସଂଗ୍ରାମରେ ଓଡ଼ିଶାର ଭୂମିକା ଯଥେଷ୍ଟ ଥିଲା। ଓଡ଼ିଶାର ବରପୁତ୍ରମାନେ ନିଜ ତ୍ୟାଗ ଓ ବଳିଦାନ ପାଇଁ ଚିରକାଳ ମନେରହିବେ। ସେହି ମହାନ ବରପୁତ୍ରମାନଙ୍କ ଜୀବନକୁ ଅନୁଶୀଳନ କରି ବର୍ତ୍ତମାନର ପିଢୀ ନିଜର ଚେତନାକୁ ଜାଗ୍ରତ କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଜ୍ୟ ଅଭିଲେଖାଗାର ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ସ୍ୱାଧୀନତା ସଂଗ୍ରାମୀଙ୍କ ଅସୀମ ଦେଶଭକ୍ତି ଓ ବଳିଦାନକୁ ସ୍ମରଣ କରିଥିଲେ। କ୍ରାନ୍ତିର ଅର୍ଥ ରକ୍ତପାତ ନୁହେଁ। ଏହାର ଅର୍ଥ ପରିବର୍ତ୍ତନ। ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ଜୀବନରେ କ୍ରାନ୍ତି ଆଣିଥିଲେ। ସେହିପରି ଛତ୍ରପତି ଶିବାଜୀଙ୍କ ଜୀବନରେ ତାଙ୍କ ଗୁରୁ ସ୍ୱାମୀ ରାମଦାସ ନିଜର ଶିକ୍ଷା ଦ୍ୱାରା କ୍ରାନ୍ତି ଜାଗ୍ରତ କରାଇଥିଲେ। ବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧୀ ସତ୍ୟାଗ୍ରହ ଓ ଅହିଂସା ମାର୍ଗ ଜରିଆରେ ଭାରତମାତାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାକୁ ଦେଶବାସୀଙ୍କ ମଧ୍ୟରେ କ୍ରାନ୍ତିର ଚେତନା ଜାଗ୍ରତ କରାଇଥିଲେ। ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୪୨ ଅଗଷ୍ଟ ୯ ତାରିଖରେ ଆରମ୍ଭ ହୋଇଥିବା 'ଭାରତ ଛାଡ଼ ଆନ୍ଦୋଳନ' ଭାରତର ମୁକ୍ତି ସଂଗ୍ରାମରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଓଡ଼ିଶା ଗସ୍ତ ସମୟରେ ଗାନ୍ଧିଜୀ ଏଠାକାର ଦାରିଦ୍ର୍ୟକୁ ଦେଖି ବିଚଳିତ ହୋଇଥିଲେ। ଗରିବ ଓ ଅବହେଳିତଙ୍କୁ ସାହାଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଗାନ୍ଧିଜୀ ଗସ୍ତ କରିଥିବା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏକ ସର୍କିଟ୍‌ରେ ପରିଣତ କରି ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଥିବା ମନ୍ତ୍ରୀ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଭାରତ ଛାଡ଼ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋକପାତ କରି ଏହି ଆନ୍ଦୋଳନରୁ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିଲୋପର ବୀଜ ସ୍ଥାପିତ ହୋଇଥିଲା ବୋଲି କହିଥିଲେ। ଓଡ଼ିଶା ଡାକ ସର୍କଲର ମହାଡାକପାଳ ସନ୍ତୋଷ କୁମାର କାମିଲା କାର୍ଯ୍ୟକ୍ରମରେ ଯୋଗଦେଇ ଡାକ ବିଭାଗ ପକ୍ଷରୁ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଏବଂ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତକୁ ନେଇ ଡାକଟିକେଟ ଓ ଫଟୋ ପ୍ରଦର୍ଶନୀ ଆୟୋଜନ କରୁଥିବା କହିଥିଲେ। ଏହି ଅବସରରେ ରାଜ୍ୟପାଳ ୩ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ତଥା ଭଦ୍ରକ ଜିଲାର ରାମହରି ଗୋସ୍ୱାମୀ ଓ ଶ୍ୟାମସୁନ୍ଦର ବେହେରା ଏବଂ ସମ୍ବଲପୁର ଜିଲାର ଦେବାନନ୍ଦ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡାକ ବିଭାଗ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ଲଫାପା ଉନ୍ମୋଚନ କରିବା ସହ ରାଜ୍ୟ ଅଭିଲେଖାଗାରର ସୋସିଆଲ ମିଡ଼ିଆ ଦୃଶ୍ୟ ଶ୍ରାବ୍ୟ ଅଭିଲେଖାକୁ ଲୋକାର୍ପଣ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଉଥିବା ବେଳେ ଯୁଗ୍ମ ସଚିବ ସଂଘମିତ୍ରା ସତପଥୀ ଏବଂ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ମଞ୍ଚାସୀନ ଥିଲେ। ଗାନ୍ଧିଜୀ, ଓଡ଼ିଶା ଓ ଭାରତଛାଡ଼ ଆନ୍ଦୋଳନକୁ ନେଇ ଆୟୋଜିତ ଫଟୋ ଓ ଡାକଟିକେଟ ପ୍ରଦର୍ଶନୀକୁ ରାଜ୍ୟପାଳ ବୁଲି ଦେଖିଥିଲେ।



ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଏକ ଉପହାର ପ୍ରଦାନ କରୁଛନ୍ତି।

# ୪ ରାଜ୍ୟ ପାଇଁ ଭାଜପାର ନିର୍ବାଚନ ପ୍ରଭାରୀ ନିଯୁକ୍ତ

ନୂଆଦିଲ୍ଲୀ,୯।୮(ପି.ଟି.)

ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ୪ ରାଜ୍ୟ ଦିଲ୍ଲୀ, ହରିୟାଣା, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ପାଇଁ ଭାଜପା ପ୍ରଭାରୀ ନିଯୁକ୍ତ କରିଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଦିଲ୍ଲୀ ପାଇଁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ନରେନ୍ଦ୍ର ସିଂ ତୋମାର ହରିୟାଣା ଏବଂ ଭୁପେନ୍ଦ୍ର ଯାଦବ ମହାରାଷ୍ଟ୍ର ପାଇଁ ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ସେହିପରି ଓମ୍.ମାଥୁର ଝାଡ଼ଖଣ୍ଡ ପାଇଁ ନିର୍ବାଚନ ପ୍ରଭାରୀ ରହିଛନ୍ତି। ହରିୟାଣା, ମହାରାଷ୍ଟ୍ର, ଝାଡଖଣ୍ଡରେ ଚଳିତ ବର୍ଷ ଶେଷ ସୁଦ୍ଧା ନିର୍ବାଚନ ହେବାକୁ ଥିବାବେଳେ ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୦ ଆରମ୍ଭରେ ହେବ।

# ସେପ୍ଟେମ୍ବର ସୁଦ୍ଧା ସବୁ ଶିଶୁଙ୍କୁ ରୋଟାଭାଇରସ୍ ଟିକା

ନୂଆଦିଲ୍ଲୀ,୯।୮(ପି.ଟି.)

ସେପ୍ଟେମ୍ବର ଶେଷ ସୁଦ୍ଧା ଦେଶର ସବୁ ଶିଶୁଙ୍କୁ ରୋଟାଭାଇରସ୍ ଟିକା ପ୍ରଦାନ କରାଯିବ। ଏଥିପାଇଁ ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟସୂଚୀ ଅନୁଯାୟୀ ସାରା ଦେଶର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷ ବର୍ଦ୍ଧନ ଶୁକ୍ରବାର ସୂଚନା ଦେଇଛନ୍ତି। ୨୦୨୨ ସୁଦ୍ଧା ଦେଶରୁ ଡାଇରିଆ ଜନିତ ଶିଶୁମୃତ୍ୟୁ ସମ୍ପୂର୍ଣ୍ଣ ରୋକିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଡାଇରିଆରେ ସର୍ବାଧିକ ଶିଶୁ ମୃତ୍ୟୁମୁଖରେ ପଡୁଥିବାରୁ ଏହାକୁ ରୋକିବା ଜରୁରୀ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

■ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ନର୍ସିଂ କର୍ମଚାରୀ ସଂଘର ଆଲୋଚନା

# ଦାବି ପୂରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୯।୮(ବ୍ୟୁରୋ)

ଦୀର୍ଘଦିନ ଧରି ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିବା ସେବିକାମାନଙ୍କୁ ନିୟମିତ କରିବା, ମୂଳ ଦରମା ସଂଶୋଧନ, ଠିକ ସମୟରେ ପଦୋନ୍ନତି ଆଦି ୩ଦଫା ପ୍ରମୁଖ ଦାବି ନେଇ ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସଙ୍କ ସହ ଆଲୋଚନା ହୋଇଛି। ଲୋକସେବା ଭବନସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏହି ଆଲୋଚନା ହୋଇଥିଲା। ଏହା ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାରଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୂଳ ଦରମା ସଂଶୋଧନ ନିମନ୍ତେ ଆନୋମଲି କମିଟି ପ୍ରସ୍ତୁତ କରିବା ପାଇଁ ମଧ ମନ୍ତ୍ରୀ କହିଛନ୍ତି। ଏହି ଆଲୋଚନା ସମୟରେ ନର୍ସିଂ କର୍ମଚାରୀ ସଂଘର ମୁଖ୍ୟ ଉପଦେଷ୍ଟା ସୁବାସ ସିଂ, ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି, ଓଭର ସାଇଟ୍ କମିଟି ସଦସ୍ୟା ମାଳତି ତ୍ରିପାଠୀ, କାର୍ଯ୍ୟକାରିଣୀ ସଦସ୍ୟା ସୁମତି ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସ୍‌ଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), ସମ୍ବଲପୁର, ହୁସେନ୍ ହାଉସ୍, ଅଇଁଠାପାଲି
ସମ୍ବଲପୁର - ୭୬୮୦୦୪(ଓଡିଶା), ଇ-ମେଲ : sbi.18398@sbi.co.in,
ଲ୍ୟାଣ୍ଡ ଲାଇନ୍ ନଂ. (ଅଫିସ୍)ଫୋନ/ଫ୍ୟାକ୍ସ : ୦୬୬୩-୨୫୪୦୦୨୫

### ଗାଡି ନିଲାମ ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସ୍‌ଡ୍ ଆସେଟ୍‌ସ୍ ରିକଭରି ଶାଖା, ସମ୍ବଲପୁର ନିମ୍ନରେ ପ୍ରଦତ୍ତ ଗାଡି ଗୁଡିକ ସର୍ବସାଧାରଣରେ ନିଲାମ ଦ୍ୱାରା ବିକ୍ରୟ ନିମିତ୍ତ ସାଧା କାଗଜରେ ଲିଖିତ ଆବେଦନ ଗୁଡିକ ଅମାନତ ରାଶି (ଯାହାକି ବିଫଳ ନିଲାମଧାରୀଙ୍କୁ ଫେରସ୍ତ ଦିଆଯିବ) ସହ ଜଉମୁଦ ଟେଣ୍ଡର ଆହ୍ୱାନ କରୁଛନ୍ତି। ଅମାନତ ରାଶି କ୍ରସଡ୍ ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ଗୁଡିକ **ସହକାରୀ ମହାପ୍ରବନ୍ଧକଙ୍କ** ସପକ୍ଷରେ ଦେୟ ଦର୍ଶାଇ **ଷ୍ଟ୍ରେସ୍‌ଡ୍ ଆସେଟ୍‌ସ୍ ରିକଭରି ଶାଖା, ସମ୍ବଲପୁରରେ ତା ୨୨.୦୮.୨୦୧୯ ରିଖ ଅପରାହ୍ନ ୪ ଘଟିକା** ମଧ୍ୟରେ ଜମାକରି ପାରିବେ।

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. | ପଞ୍ଜିକୃତ ନଂ | ମଡେଲ / ନିର୍ମାଣ | ଇଞ୍ଜିନ୍ ନଂ. | ଚେସିସ୍ ନଂ. | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି |
|---|---|---|---|---|---|---|---|---|
| ୧. | ଆନନ୍ଦ କୁମାର ଡୋରା A/c No. ୩୫୬୨୪୮୭୫୯୩୧ | OD-15F-9014 | TATA LP01515 TC/55 BS-III BUS | 61A84281032 | MAT476102 G0B00964 | ୨୦୧୬ | ଟ.୧୦,୫୪,୦୦୦/- | ଟ.୧,୦୫,୦୦୦/- |
| ୨. | ସୁରେନ୍ଦ୍ର ଶର୍ମା A/c No.୩୫୬୨୪୮୭୫୯୩୧ | OD-15A-5138 | Eicher 3025XP CWC TRUCK | E683CDDD525727 | MC243KRF 0DE01619 | ୨୦୧୩ | ଟ.୬,୫୧,୦୦୦/- | ଟ.୬୫,୦୦୦/- |
| ୩. | ସୁନିଲ୍ କୁମାର ଦେହୁରୀ A/c No. ୩୨୪୫୭୫୬୪୨୩୩ | OD-05A-8228 | Ashok Leyland Bus AL PSV 4/161 | CVEZ411592 | MB1PBEJC8 CEVL1874 | ୨୦୧୨ | ଟ.୯,୫୩,୦୦୦/- | ଟ.୯୫,୦୦୦/- |
| ୪. | ଜାହ୍ନବୀ ଦେହୁରୀ A/c No. ୩୩୫୯୦୧୭୩୬୭୭ | OD-05J-9432 | Ashok Leyland Bus AL PSV 4/169 | DTEZ 409511 | MB1PREJC 2DETL5305 | ୨୦୧୩ | ଟ.୧୩,୪୭,୦୦୦/- | ଟ.୧,୩୫,୦୦୦/- |
| ୫. | ସୁରେନ୍ଦ୍ର କୁମାର ସାହା ଏବଂ ମହେଶ କୁମାର ସାହା A/c No. ୩୬୮୭୩୧୯୦୨୩୯ | OD-14N-7640 | Renault Lodgy DCI RXZ JSRGW4 | E040752 | MEEJSRGW GG9008004 | ୨୦୧୭ | ଟ.୬,୮୫,୦୦୦/- | ଟ.୬୯,୦୦୦/- |
| ୬. | ମନୋହର ସିଂହ A/c No. ୩୪୦୬୯୬୬୮୦୧୩ | OD-15C-3011 | Mahindra & Mahindra | BE14Z00189 | MP1PFALB CE6D49232 | ୨୦୧୬ | ଟ.୮,୪୩,୦୦୦/- | ଟ.୮୪,୦୦୦/- |
| ୭. | ତୁଷାର ଭୂୟାଁ A/c No. ୩୫୭୩୨୧୯୯୫୦୪ | OD-14H-1164 | Renault Lodgy 85 PS RXZ 08004 | K9KR86E0008638 | MEEJSRKF 9F8000936 | ୨୦୧୬ | ଟ.୬,୩୦,୦୦୦/- | ଟ.୬୩,୦୦୦/- |
| ୮. | ସୁରଜ କୁମାର ନାଏକ A/c-୩୦୭୨୭୨୦୭୬୭୭ | OR16C-4813 | EICHER TERRA TRUCK | E683CD8H021981 | 30EC8J013787 | ୨୦୦୯ | ଟ.୧୬୨,୦୦୦/- | ଟ.୧୬,୦୦୦/- |
| ୯. | ସୁରଜ କୁମାର ନାଏକ A/c-୩୦୭୨୭୨୦୭୬୭୭ | OR16C-4814 | EICHER TERRA TRUCK | E683CD8E021179 | 30EC8E0132258 | ୨୦୦୯ | ଟ.୧୬୦,୦୦୦/- | ଟ.୧୬,୦୦୦/- |
| ୧୦. | ସୁରଜ ଏଣ୍ଟରପ୍ରାଇଜେସ୍ A/c No. ୩୫୭୧୦୩୫୨୧୧୭ | | Make/Model CHICAGO PNEUMATIC / CPS 325 AIR COMPRESSOR | | PNE670210 | ୨୦୧୭ | ଟ.୩,୮୮,୮୦୦/- | ଟ.୩୯,୦୦୦/- |
| ୧୧. | ସୁରଜ ଏଣ୍ଟରପ୍ରାଇଜେସ୍ A/c No. ୩୫୭୧୦୩୫୨୧୧୭ | | Make/Model CHICAGO PNEUMATIC / CPS 325 AIR COMPRESSOR | | PNE670211 | ୨୦୧୭ | ଟ.୩,୮୮,୮୦୦/- | ଟ.୩୯,୦୦୦/- |
| ୧୨. | ବଣ୍ଟି କୁମାର ଅଗ୍ରୱାଲ A/c No. ୩୭୦୧୪୯୨୨୩୪୭ | | PART MACHINERY OF A 200 TPH STONE CRUSHER Make- Puzzolana | | | | ଟ.୭୪,୮୭,୦୦୦/- | ଟ.୭୪୮,୭୦୦/- |
| ୧୩. | ମେସର୍ସ ଶକ୍ତି ଟ୍ରାନ୍ସପୋର୍ଟ A/c No.୩୫୬୮୮୧୨୮୭୨୪ | OD-14G-8346 | Eicher 35.31K HSD BS III TC/62 TRUCK | E613CDGC073640 | MC2L1KRC 0GC008745 | ୨୦୧୬ | ଟ.୮,୧୭,୦୦୦/- | ଟ.୮୨,୦୦୦/- |
| ୧୪. | ଅନୁପ ସିଂଘଲ୍ A/c No. ୩୪୫୮୪୧୪୩୩୯୪ | OD-14E-0171 | TATA PRIMA HYVA 2528K TRUCK | 2703041K64107348 | MAT713105 E3K23272 | ୨୦୧୫ | ଟ.୬,୩୬,୦୦୦/- | ଟ.୬୪,୦୦୦/- |
| ୧୫. | ମୁଲ୍‌ଚାନ୍ଦ୍ ବିଡୋଲିଆ A/c No. ୩୪୫୮୪୪୦୪୬୩୧ | OD-14D-9711 | TATA PRIMA HYVA 2528K TRUCK | 2703041L64107518 | MAT713105 E3N24815 | ୨୦୧୫ | ଟ.୬,୩୬,୦୦୦/- | ଟ.୬୪,୦୦୦/- |
| ୧୬. | ମୁଲ୍‌ଚାନ୍ଦ୍ ବିଡୋଲିଆ A/c No. ୩୪୫୮୪୪୦୪୬୩୧ | OD-14D-9891 | TATA PRIMA HYVA 2528K TRUCK | 2703041L64107513 | MAT713105 E3N25671 | ୨୦୧୫ | ଟ.୬,୮୧,୦୦୦/- | ଟ.୬୮,୦୦୦/- |
| ୧୭. | ବିକାଶ ସିଂଘଲ A/c No. ୩୪୫୮୪୩୨୫୦୫୬ | OD-14E-0351 | TATA PRIMA HYVA 2528K TRUCK | 2703041K64107426 | MAT713105 E3N24351 | ୨୦୧୫ | ଟ.୬,୩୬,୦୦୦/- | ଟ.୬୪,୦୦୦/- |
| ୧୮. | ବିକାଶ ସିଂଘଲ A/c No.୩୪୫୮୪୩୨୫୦୫୬ | OD-14E-0261 | TATA PRIMA HYVA 2528K TRUCK | 2703041K64107430 | MAT713105 E3K24023 | ୨୦୧୫ | ଟ.୬,୩୬,୦୦୦/- | ଟ.୬୪,୦୦୦/- |

### ଫର୍ଣ୍ଣିଚର ଏବଂ ଫିକ୍ସର୍ /ମହଯୁଦ ଥିବା ଦ୍ରବ୍ୟର ବିକ୍ରୟ ନିମିତ୍ତ ନିଲାମ

| କ୍ର. ନଂ. | ଋଣଗ୍ରହିତା/ଅଂଶୀଦାର ଏବଂ ଜାମିନଦାରଙ୍କ ନାମ ଏବଂ ଠିକଣା | ଆସବାବ ପତ୍ର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା |
|---|---|---|---|
| ୧୯. | ମେସର୍ସ. ଏସ୍. କେ. ଲାଲ୍‌ବାବୁ ଏଣ୍ଟରପ୍ରାଇଜ୍, (ଆକାଉଣ୍ଟ ନଂ. ୩୫୧୬୨୩୦୪୭୪୩ ସିସି), ଅଂଶୀଦାର: ମିସେସ୍ ଏସ୍‌କେ ୟାକୁବ୍ ବିବି, ସ୍ୱା: ସେକ୍ ଲାଲ ସାହେବ, ମିସେସ୍ ସେକ୍ କାସିମ୍, ସ୍ୱା: ସୁଭନ୍ ସାହେବ, ଜାମିନଦାର: ସେକ୍ ସୁଭନ ସାହେବ, ଆନ୍ଧ୍ରାବ୍ୟାଙ୍କ ନିକଟ, ମେନ୍ ରୋଡ୍, ଅତାବିରା, ପିନ୍- ୭୬୮୦୨୭, ସମସ୍ତଙ୍କ ଠିକଣା ରାମାଲାୟମ୍ ଷ୍ଟ୍ରିଟ୍, ନୂଆଖଇରାପାଲି, ପୋ: ଲରସରା, ଜିଲ୍ଲା: ବରଗଡ଼, ପିନ୍-୭୬୮୦୨୭। | ମହଯୁଦ ଥିବା ଗାରମେଣ୍ଟସ୍/ ଡ୍ରେସ୍ ପୋଷାକ ସାମଗ୍ରୀ, (ଦାବି ଅନୁଯାୟୀ ମିଳିଥିବା ତାଲିକା) | ଟ.୨୮,୦୦,୦୦୦ / ଟ.୨,୮୦,୦୦୦ |
| ୨୦. | ମେସର୍ସ. ଏସ୍. କେ. ଗାରମେଣ୍ଟସ୍ (ଆକାଉଣ୍ଟ ନଂ.୩୫୦୬୭୪୫୨୮୯୩ ଟିଏଲ୍), ସ୍ୱତ୍ତ୍ୱାଧିକାରୀ: ମିସେସ୍ ସେଖ୍ ଅହମଦ୍ ଉନିଶା, ସ୍ୱା: ସେଖ୍ ୟାକୁବ୍ ସାହେବ୍, ଆନ୍ଧ୍ରାବ୍ୟାଙ୍କ ପାଖ, ମେନ୍‌ରୋଡ୍, ଅତାବିରା, ଜାମିନଦାରମାନେ: ୧. ସେଖ୍ ସୁଭନ୍ ସାହେବ, ୨. ସାହେବ ୟାକୁବ୍ ବିବି, ୩. ସେଖ୍ ସତର ସାହେବ, ୪. ସେଖ୍ ନାଗୁର ସାହେବ, ୫. ସେଖ୍ ରହିମ୍ ସାହେବ. ସମସ୍ତଙ୍କ ଠିକଣା ରାମାଲାୟମ୍ ଷ୍ଟ୍ରିଟ୍, ନୂଆଖଇରାପାଲି, ପୋ: ଲରସରା, ଜିଲ୍ଲା: ବରଗଡ଼, ପିନ୍-୭୬୮୦୨୭। | ଇଲେକ୍ଟ୍ରିକ୍ / ଇଲେକ୍ଟ୍ରୋନିକ ଆଇଟମ୍ ସହିତ ଫର୍ଣ୍ଣିଚର୍ ଏବଂ ଫିକ୍ସର୍ (ଦାବି ଅନୁଯାଇ ମିଳିଥିବା ତାଲିକା) | ଟ.୪,୮୨,୦୦୦ / ଟ.୪୯,୦୦୦ |

**ନିଲାମ ସ୍ଥାନ : ଭାରତୀୟ ଷ୍ଟେଟ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ସମ୍ବଲପୁର,**
**ନିଲାମ ତାରିଖ ଏବଂ ସମୟ : ୨୬.୦୮.୨୦୧୯(ସୋମବାର), ପୂର୍ବାହ୍ନ ୧୦.୩୦ ଘଟିକା ରୁ ଅପରାହ୍ନ୧.୩୦ ମିନିଟ୍**

ପାର୍କିଂ ୟାର୍ଡ/ଷ୍ଟୋରେଜ୍ ବିବରଣୀ :
କ୍ର.ନଂ. ୧ ରୁ ୨ ନିମନ୍ତେ : ପୁଷ୍ପନାଥ ଷ୍ଟକ୍ ୟାର୍ଡ, ଏନ୍‌ଏଚ୍-୫୩, ଚୌଧୁରୀ ଛକ, ସିନ୍ଦୁରପଙ୍କ, ସମ୍ବଲପୁର, ଶ୍ରୀ ହିମାଂଶୁ, ମୋ : ୯୯୩୮୪୩୦୮୧୧
କ୍ର.ନଂ ୩ ନିମନ୍ତେ : ଏମ୍ ବି ଷ୍ଟକ୍ ୟାର୍ଡ, ଜଲ୍‌ଦା, 'ସି' ବ୍ଲକ୍, ରାଉରକେଲା-୪୩, ଶ୍ରୀ ଅଭି ସାହୁ, ମୋ : ୮୩୨୮୯୪୧୯୮୪
କ୍ର.ନଂ. ୪ ନିମନ୍ତେ : ସିଟି ଇନ୍‌ଭେଷ୍ଟିଗେସନ୍ ଷ୍ଟକ୍ ୟାର୍ଡ ନଂ. ୪, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର, ଶ୍ରୀ ଅମିତ୍, ମୋ : ୭୦୦୮୯୧୭୪୦୩
କ୍ର.ନଂ. ୫ ରୁ ୯ ନିମନ୍ତେ : ଆରଏସିପିସି / ଏସ୍‌ଏମଇସିସିସି ଷ୍ଟକ୍ ୟାର୍ଡ, ସେକ୍ଟର-୧୭, ରାଉରକେଲା
କ୍ର.ନଂ. ୧୦ ରୁ ୧୧ ନିମନ୍ତେ : ମେସର୍ସ ଶ୍ରୀଜ୍ୟୋତି ଷ୍ଟକ୍ ୟାର୍ଡ, କେଶିଙ୍ଗା ରୋଡ୍, ହୋଣ୍ଡା ସୋ ରୁମ୍ ପଛପାଖ, ଭବାନୀପାଟଣା, କଳାହାଣ୍ଡି, ଶ୍ରୀ ସମିର୍, ମୋ : ୭୯୭୮୭୬୪୫୨୧
କ୍ର.ନଂ. ୧୨ ନିମନ୍ତେ : ଚଣାମୁଣ୍ଡା କ୍ରସର ପ୍ଲାଣ୍ଟ ସାଇଟ୍, ଜିଲ୍ଲା: ନୂଆପଡ଼ା, ଶ୍ରୀ ସମିର୍, ମୋ : ୭୯୭୮୭୬୪୫୨୧
କ୍ର.ନଂ. ୧୩ ରୁ ୧୮: ନିମନ୍ତେ : SAMIL ଷ୍ଟକ୍ ୟାର୍ଡ, ଏନ୍‌ଏଚ୍ ୪୨, ନୂଆପାଟଣା, କୁଷ୍ପିଙ୍ଗ୍, ଚୌଦ୍ୱାର, କଟକ - ୭୫୪୦୨୭, ଶ୍ରୀ ପ୍ରଭାତ, ମୋ : ୮୬୫୮୭୩୮୩୨୦
କ୍ର.ନଂ. ୧୯ ରୁ ୨୦: ମେସର୍ସ ଏସ୍ କେ ଲାଲ୍‌ବାବୁ ଏଣ୍ଟରପ୍ରାଇଜେସ୍, ଶ୍ରୀ ବିନୋଦ କୁମାର ଅଗ୍ରୱାଲ୍‌ଙ୍କ ସପିଂ କମ୍ପ୍ଲେକ୍ସ, ମେନ୍‌ରୋଡ୍, ଅତାବିରା। ଜିଲ୍ଲା: ବରଗଡ, ପିନ୍- ୭୬୮୦୨୭. ଓଡିଶା।
କ୍ର.ନଂ. ୧୯ ରୁ ୨୦: ଗଛିତ ସାମଗ୍ରୀ ଗୁଡିକ ତା. ୨୧.୦୮.୨୦୧୯ରିଖ ରେ ତନଖି ପାରିବେ।

ଜଉମୁଦା ଲଫାପା ଗୁଡିକ ଉପରେ **"QUOTATION FOR PURCHASE OF VEHICLE / MACHINERY/ FURNITURE & FIXTURE / STOCK"** ନିର୍ଦ୍ଦିଷ୍ଟ ଗାଡି ନମ୍ବର ସହ ସବିଶେଷ ବିବରଣୀ ଦର୍ଶାଇ ଜମା କରିବେ। ଲଫାପଗୁଡିକ **ତା.୨୬.୦୮.୨୦୧୯ (ସୋମବାର) ପୂର୍ବାହ୍ନ ୧୦.୩୦ ମିନିଟ୍** ସମୟରେ ଖୋଲାଯିବ। ପ୍ରାପ୍ତ ପ୍ରସ୍ତାବଗୁଡିକ ସର୍ବନିମ୍ନ ସଂରକ୍ଷିତ ମୂଲ୍ୟ କିମ୍ବା ତା ଠାରୁ ଅଧିକ ନଥିଲେ ଟେଣ୍ଡର ଗୁଡିକୁ ବାଜ୍ୟାପ୍ତି କରାଯିବ। **ଗାଡି/ଫର୍ଣ୍ଣିଚର ଏବଂ ଫିକ୍ସର୍ /ମହଯୁଦ ଥିବା ଦ୍ରବ୍ୟ** ଗୁଡିକ ନିରିକ୍ଷଣ ନିମିତ୍ତ ପାର୍କିଂ / ଷ୍ଟୋରେଜ୍ ସ୍ଥାନରେ ଆଗ୍ରହୀ ନିଲାମଧାରୀମାନେ ଭାରପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ନିଜସ୍ୱ ଖର୍ଚ୍ଚରେ ଯେକୌଣସି ବ୍ୟାଙ୍କ କାର୍ଯ୍ୟଦିବସରେ ଦେଖିପାରିବେ। କୌଣସି ଗୋଟିଏ **ଗାଡି /ଫର୍ଣ୍ଣିଚର ଏବଂ ଫିକ୍ସର୍ /ମହଯୁଦ ଥିବା ଦ୍ରବ୍ୟ** ନିମିତ୍ତ ଏକାଧିକ ଟେଣ୍ଡର ମିଳିଥିବା ପ୍ରସ୍ତାବ ଉପରେ ସର୍ବୋଚ ମୂଲ୍ୟ ପ୍ରାପ୍ତ ପ୍ରସ୍ତାବ ଉପରେ ନିଲାମଧାରୀମାନେ **ଟ.୧୦,୦୦୦/- ଟଙ୍କା** ବିଡି ବୃଦ୍ଧି କ୍ରମରେ ନିଲାମ ଡାକିପାରିବେ। ସଫଳ ନିଲାମଧାରୀମାନଙ୍କୁ ସର୍ବୋଚ ମୂଲ୍ୟର ଶତକଡା **୨୫%** ସେହିଦିନ ଜମା କରିବାକୁ ପଡିବ। ଅବିଶିଷ୍ଟ ବଳକା ରାଶି **୫ଦିନ** ମଧ୍ୟରେ **ତା. ୩୧.୦୮.୨୦୧୯ରିଖ (ଶନିବାର) ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କରସ୍ ଚେକ୍ ଗୁଡିକ ସହାୟକ ମହାପ୍ରବନ୍ଧକ, ଭାରତୟ ଷ୍ଟେଟ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ସମ୍ବଲପୁରଙ୍କ** ସପକ୍ଷରେ ସମ୍ବଲପୁରରେ ଦେୟ ଦର୍ଶାଇ ଜମା କରିବେ। ଜମା କରିବାରେ ବିଫଳ ନିଲାମଧାରୀଙ୍କ ଦ୍ୱାର ଜମା ହେଇଥିବା ଟଙ୍କା ବାଜ୍ୟାପ୍ତି କରାଯିବ। ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ପ୍ରାପ୍ତ ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କରସ୍ ଚେକ୍ କୁ ଅଗ୍ରାଧିକାର ଦିଆଯିବ। ଗାଡିଗୁଡିକ / **ଫର୍ଣ୍ଣିଚର ଏବଂ ଫିକ୍ସର୍ /ମହଯୁଦ ଥିବା ଦ୍ରବ୍ୟ "ଯାହା ଯେଉଁଠାରେ ଅଛି"** ଏବଂ **''ଯାହା ଯେପରି ଅଛି''** ଭିତ୍ତିରେ ବିକ୍ରୟ କରାଯିବ। ସର୍ବୋଚ୍ଚ ନିଲାମ ଡାକିଥିବା ସଫଳ ନିଲାମଧାରୀମାନେ ପାର୍କି ୟାର୍ଡରୁ ଗାଡିଗୁଡିକ ଗ୍ରହଣ କରିବେ। ଗାଡିର ମାଲିକାନା ପରିବର୍ତ୍ତନ / ବୈଧାନିକ ଖର୍ଚ୍ଚ ଏବଂ ଅନ୍ୟାନ ଖର୍ଚ୍ଚ କୁ ନିଲାମଧାରୀମାନେ ବହନ କରିବେ। ଗାଡିଗୁଡିକ/ ଯନ୍ତ୍ରପାତି/ଫର୍ଣ୍ଣିଚର ଏବଂ ଫିକ୍ସର୍ /ମହଯୁଦ ଥିବା **ଦ୍ରବ୍ୟ**ନିଲାମର କୌଣସି ପ୍ରସ୍ତାବକୁ/ କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କରିବା /ବାଜ୍ୟାପ୍ତି କରିବା / ରଦ୍ଦ କରିବା ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଂରକ୍ଷିତ ଅଛି ଏବଂ ଏଥିପାଇଁ ବ୍ୟାଙ୍କକୁ କେହିଦାୟୀ କରିପାରିବେ ନାହିଁ।
**ଏହି ବିକ୍ରୟ ନୋଟିସ୍ ଟି ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତା ନିମନ୍ତେ ମଧ ଉଦିଷ୍ଟ। ସେମାନେ ନିଲାମ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ଜମା କରିବାକୁ ଜଣାଇ ଦିଆଯାଉଛି। ନିଲାମ ପରେ ଯଦି ବଳକା କିଛି ରହିଗଲା ସେମାନଙ୍କ ଠାରୁ ସୁଧ ଓ ଖର୍ଚ୍ଚ ସହ ଆଦାୟ କରାଯିବ। ଅଧିକ ବିବରଣୀ ନିମନ୍ତେ ଭାରପ୍ରାପ୍ତ ଅଫିସର ଭାରତୀୟ ଷ୍ଟେଟ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ସମ୍ବଲପୁର, ମୋବାଇଲ ନଂ.: ୯୪୩୭୪୮୯୫୩୭ ସହ ଯୋଗାଯୋଗ କରିବାପାରିବେ।**

ତାରିଖ : ୦୯.୦୮.୨୦୧୯
ସ୍ଥାନ: ସମ୍ବଲପୁର

କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ,
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ସମ୍ବଲପୁର


# ରାଜ୍ୟର ୧୨ ହସ୍ପିଟାଲରେ ଏଲ୍ଇଡି ଡିସ୍‌ପ୍ଲେ ବୋର୍ଡ ଉନ୍ମୋଚିତ




କ୍ୟାପିଟାଲ ହସ୍ପିଟାଲରେ ଏଲ୍ଇଡି ଡିସପ୍ଲେ ବୋର୍ଡ ଉନ୍ମୋଚନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୯।୮(ବ୍ୟୁରୋ)

## ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ସୂଚନା ପାଇବେ ଜନସାଧାରଣ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଚେତନତା ବୃଦ୍ଧି ତଥା ସ୍ୱାସ୍ଥ୍ୟସେବା ସମ୍ପର୍କିତ ସମସ୍ତ ଅପ୍‌ଡେଟ୍ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲ ପରିସରରେ ଏଲ୍ଇଡି ଡିସପ୍ଲେ ବୋର୍ଡ ଉନ୍ମୋଚନ କରିଛନ୍ତି। ସ୍ୱାସ୍ଥ୍ୟସେବା ସମ୍ପର୍କରେ ସଚେତନତା ବୃଦ୍ଧି, ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବ୍ୟବହାରରେ ପରିବର୍ତ୍ତନ, ସୁସ୍ଥ ରହିବା ନିମନ୍ତେ ଠିକ୍ ଅଭ୍ୟାସ ଆପଣାଇବା ପାଇଁ ପ୍ରୋତ୍ସାହନ, ବ୍ୟବହାର ପରିବର୍ତ୍ତନ ଦ୍ୱାରା ଜନସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ମିଳୁଥିବା ସୁଫଳକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଅନ୍ୟ ଡାକ୍ତରଖାନା ଏଭଳି ମୋଟ ୧୨ଟି ସ୍ଥାନରେ ଏକାଥରକେ ଏହି ବୋର୍ଡ ଉନ୍ମୋଚନ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମ୍ୟାଲେରିଆ, କୀଟନାଶକ ସିଞ୍ଚନ, ଔଷଧୀୟ ମଶାରି ବ୍ୟବହାର, ଚେଙ୍ଗ, ଗର୍ଭାବସ୍ଥାର ଲକ୍ଷଣ, ସ୍ତନ୍ୟପାନ, ପରିବାର ନିୟୋଜନ, ସୁରକ୍ଷିତ ମାତୃତ୍ୱ, ଉଚ୍ଚ ରକ୍ତଚାପ, ଡାଇରିଆ, ଟିବି, ହାତଧୁଆ, ଶୌଚାଳୟ ବ୍ୟବହାର, ନିରାପଦ ଖାଦ୍ୟ ଓ ପାନୀୟଜଳ ବ୍ୟବହାର, ତମାଖୁ ସେବନଠାରୁ ଦୂରେଇ ରହିବା, ଚକ୍ଷୁଦାନ, ଏଚ୍ଆଇଭି/ଏଡ୍‌ସ, କୁଷ୍ଠ, ଡେଙ୍ଗୁ, ଡାଇବେଟିସ୍, ୧୦୮ ଓ ୧୦୨ ଆମ୍ବୁଲାନ୍ସ, ନିରାମୟ, ଆମ କ୍ଲିନିକ ଭଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତ ସୂଚନା ସମ୍ବଳିତ ଅଡିଓ ଭିଜୁଆଲ ପ୍ରଦର୍ଶିତ ହେବ। ପର୍ଯ୍ୟାୟ କ୍ରମେ ଜନସାଧାରଣଙ୍କ ନିମନ୍ତେ ଏହି ବୋର୍ଡଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ସଂକ୍ରାନ୍ତ ସୂଚନା ପ୍ରଦର୍ଶନ କରାଯିବ। କ୍ୟାପିଟାଲ ହସ୍ପିଟାଲ ପରିସରରେ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ଏମ୍‌ଡି ଯାମିନୀ ଷଡ଼ଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାରଙ୍କ ସମେତ ବିଭାଗର ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକ ବୃନ୍ଦ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ- ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ- ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ।
-ଶ୍ରୀମା

# ନୂଆ ଆଭିମୁଖ୍ୟ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସରକାରର ଦ୍ୱିତୀୟ ପାଳିରେ ଜନସାଧାରଣଙ୍କ ଉଚ୍ଚ ପ୍ରତ୍ୟାଶା ପ୍ରତି ସଚେତନ ଅଛନ୍ତି। ଦେଶର ଦୁର୍ଗତି ପାଇଁ ପୂର୍ବର ଉପା ସରକାର ଉପରେ ବା ଆହୁରି ପୂର୍ବର ନେହେରୁ ସରକାର ଉପରେ ଦୋଷ ଲଦିଦେଇ ସେ ନିଜ ଦାୟିତ୍ୱକୁ ଫାଙ୍କିଦେଇ ପାରିବେ ନାହିଁ। ତେଣୁ ତାଙ୍କୁ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ।

ଅମଲାତନ୍ତ୍ର ଉପରେ ଖୁବ୍ ଆସ୍ଥା ସ୍ଥାପନ କରୁଥିବା ମୋଦି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ ପରିବର୍ତ୍ତନ, ପ୍ରଶାସନିକ ସଂସ୍କାର ଓ କ୍ଷମତା ବିକାଶ ଉପରେ ଜୋର ଦେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ହେଉଛି ସବୁ ନିଷ୍ପତ୍ତି ନେବା ପ୍ରକ୍ରିୟାର କେନ୍ଦ୍ର। ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗଙ୍କୁ ହଠାତ୍ ତାଙ୍କ ସ୍ଥାନରୁ ହଟାଇ ଏହା ପୁଣି ଅମଲାତନ୍ତ୍ର ଉପରେ ନିଜର କର୍ତ୍ତୃତ୍ୱକୁ ଦୋହରାଇଛି। ଦେଶ ସାରା ବାବୁମାନଙ୍କୁ ଏହାଦ୍ୱାରା ସୂଚନା ମିଳିଯାଇଛି କି ମୋଦି ୨.୦ ସରକାର ଅପାରଗ ବା ସରକାରଙ୍କ ଆଭିମୁଖ୍ୟକୁ ବୁଝିପାରୁ ନ ଥିବା ବାବୁମାନଙ୍କୁ ଆଦୌ ସହ୍ୟ କରିବେ ନାହିଁ।

ଅଧିକାଂଶ ବିଶ୍ୱାସ କରନ୍ତି ଯେ, ପ୍ରଧାନମନ୍ତ୍ରୀ ସ୍ଥିରତା ଉପରେ ଗୁରୁତ୍ୱ ଦେବେ। ସେ ତାଙ୍କ ପୂର୍ବ ପାଳି ସରକାରର ଅଧିକାଂଶ ବାବୁଙ୍କୁ ପୂର୍ବ ପଦରେ ରଖିଛନ୍ତି ଏବଂ ତାଙ୍କର ମୁଖ୍ୟ ସହଯୋଗୀମାନେ ମଧ୍ୟ ତାଙ୍କ ପଟରେ ରହିଛନ୍ତି। ପିଏମ୍ଓର କାର୍ଯ୍ୟଶୈଳୀ ପୂର୍ବ ପରି ରହିଛି କିନ୍ତୁ ଏହା ଅଧିକ ଅଭିଜ୍ଞତା ବା ଅଧିକ ଅଭିଜ୍ଞ ବାବୁଙ୍କ ଦ୍ୱାରା ସମୃଦ୍ଧ ହୋଇଛି। ଶୁଣିବାକୁ ମିଳୁଛି ଯେ, ମାସକ ପରେ ଉପର ସ୍ତରରେ କିଛି ପରିବର୍ତ୍ତନ ଘଟିବ। ମୋଦିଙ୍କ କାର୍ଯ୍ୟ ସଂସ୍କୃତିର ମୁଖ୍ୟ ଉପାଦାନ ହେଉଛି ଡାଇରେକ୍ଟ ଆକ୍ସେସ୍ (ସିଧାସଳଖ ଯୋଗାଯୋଗ), କାର୍ଯ୍ୟଧାରାର ସରଳୀକରଣ ଏବଂ ନିଷ୍ପତ୍ତି ନେବା ଓ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ନ କରିବା। ସେ ଚାହାନ୍ତି ବାବୁମାନେ ସୃଜନାତ୍ମକ ଚିନ୍ତା କରିବେ ଏବଂ ରିସ୍କ ନେଇ କାର୍ଯ୍ୟ କରିବେ। ସୂଚନା ମିଳୁଛି ଯେ, ନୂତନ କର୍ମଚାରୀବର୍ଗ ପରିଚାଳନା ନୀତି ଆସିବ, ଯେଉଁଥିରେ କର୍ମଚାରୀମାନେ ପ୍ରଶାସନର ପ୍ରାଥମିକତା ଅନୁସାରେ ନିଯୁକ୍ତି ପାଇବେ, ପ୍ରଥମ ପାଳି ପରି ସରକାରଙ୍କ ପ୍ରତି ଆସ୍ଥା ବା ବିଶ୍ୱାସକୁ ଭିତ୍ତି କରି ନୁହେଁ।

ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ପାଳିରେ ୩୬୦ ଡିଗ୍ରୀ ମୂଲ୍ୟାଙ୍କନ ବ୍ୟବସ୍ଥା, ଅଫିସ୍ ଓ ଫାଇଲଗୁଡ଼ିକର କମ୍ପ୍ୟୁଟରୀକରଣ, ବାରମ୍ବାର ବହୁସଂଖ୍ୟାରେ ଅଦଳବଦଳ, ଅବଧି ପୂରିବା ପୂର୍ବରୁ ବାବୁମାନଙ୍କୁ ନିଜ ରାଜ୍ୟକୁ ପଠାଇଦେବା ପ୍ରଭୃତି ଘଟଣା ଅମଲାତନ୍ତ୍ରକୁ ଦୋହଲାଇଦେଇଥିଲା ବେଳେ ଦ୍ୱିତୀୟ ପାଳିରେ ସରକାର ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ୨୦୧୪ରେ କେନ୍ଦ୍ରରେ ମୋଦି କ୍ଷମତାକୁ ଆସିବା ପରେ ସେ ନେଇଥିବା ପଦକ୍ଷେପଗୁଡ଼ିକୁ ନେଇ ବାବୁମାନେ ଯାହା ଭାବନ୍ତୁ ନା କାହିଁକି ଏହା ଅତୀତରେ କାମ ଦେଇଥିଲା। ତଥାପି ଏହାର କିଛି ଉପଯୋଗିତା ନାହିଁ ବୋଲି ମନେକରାଯାଉଛି।

ତେଣୁ ଅଧିକାଂଶ ଆଶା କରୁଛନ୍ତି ଯେ, ମୋଦିଙ୍କ ପ୍ରଥମ ପାଳିର ଆଭିମୁଖ୍ୟରେ ପରିବର୍ତ୍ତନ ଘଟିବ। ନିର୍ବାଚନରେ ବିପୁଳ ଜନସମର୍ଥନ ପାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଲୋକପ୍ରିୟତାରେ ତାଙ୍କର ପୂର୍ବସୂରି ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କ ସମକକ୍ଷ ହୋଇପାରିଛନ୍ତି। ସେମାନଙ୍କ ପରି ମୋଦି ନୂତନ ଚିନ୍ତାଧାରା ଆପଣେଇ ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରି ଇତିହାସ ସୃଷ୍ଟି କରିବାକୁ ଚାହିଁପାରନ୍ତି। ଏଥିପାଇଁ ସେ ତାଙ୍କ କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ପାଇଁ ଉତ୍ସର୍ଗୀକୃତ ଓ ନିଷ୍ଠାପର ବାବୁମାନଙ୍କୁ ବାଛିବାର ଆବଶ୍ୟକତା ରହିଛି।

ପ୍ରଧାନମନ୍ତ୍ରୀ ତାଙ୍କ ପ୍ରଥମ ପାଳି ଅପେକ୍ଷା ଏବେ ବାବୁମାନଙ୍କର ଅଧିକ ପରିଚିତ। ଏଥର ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟସୂଚୀ ହେଉଛି ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ୨୦୨୨ ସୁଦ୍ଧା ଉଭୟ ଅର୍ଥନୀତି ଓ ରାଷ୍ଟ୍ର ଶାସନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ କରି ତାଙ୍କ ପ୍ରଶାସନ ଉପରେ ଏକ ସ୍ୱତନ୍ତ୍ର ମୋହର ଲଗାଇବାକୁ ସୁନିଶ୍ଚିତ କରିବା। ଭାରତକୁ ବିକାଶ ପଥରେ ଉଚ୍ଚତର ସ୍ତରକୁ ନେବା ପାଇଁ ହେଲେ ଦରକାର ଜନାଭିମୁଖୀ ଆଇନକାନୁନଗୁଡ଼ିକର ଉତ୍ତରଦାୟୀ ଓ ଦକ୍ଷ କାର୍ଯ୍ୟକାରିତା ଏବଂ ମୋଦି ତାହା କରିବା ପାଇଁ ଯଥାସମ୍ଭବ ଚେଷ୍ଟିତ।

Email: dilipcherian@gmail.com

### ଚିରନ୍ତନୀ

ଜୀବନ ପରେ ଏ ଦେହ ହୁଏ
ଜଡ଼ହୁଁ ବେଶି ହୀନ
ଚିହ୍ନ ତାର ନ ରହେ କାହିଁ ଲେଶ,
ଅସୀମ କାଳ କରଇ ଖେଳ
ଆସଇ ନିଶିଦିନ
ନାହିଁ କି ଲୟ, ନାହିଁ କି ତା'ର ଶେଷ! (ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | | | 3 | | | | | | | 4 | 2 |
| 7 | | | | | C | | B | | A | 0 | 1 | | | |
| 9 | | | | | E | | A | | | | | | 5 | |
| | | | 6 | | 3 | 2 | | E | 7 | | 4 | 1 | | C |
| | 4 | 3 | | | | | | D | | 5 | 8 | | B | |
| 5 | | | | A | | B | 4 | | 6 | | | | | D |
| | | | 8 | | | | | 7 | 4 | | | 3 | 2 | |
| C | | | | | | | | | | 9 | | | 6 | |
| | E | | | | | | | 6 | | D | 0 | 8 | | 7 |
| | | | 4 | 0 | 9 | | | | E | 3 | | | | |
| | | D | | 3 | | | 5 | 1 | | | | | | 8 |
| | | | | | B | 9 | | C | | 1 | 3 | 4 | 7 | |
| | | C | | | 1 | | D | 4 | 0 | E | | 5 | 9 | B |
| | | | | | D | A | 0 | | | 4 | | 2 | | 1 |
| | 0 | | | 6 | | | 7 | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 3 | 2 | E | 6 | 8 | 0 | 1 | C | 9 | 7 | 5 | D | B |
| 0 | B | 6 | 9 | 7 | 5 | E | 4 | 3 | D | 8 | 2 | A | 1 | C |
| 5 | E | C | 4 | A | D | 6 | 9 | 2 | 1 | 3 | B | 8 | 7 | 0 |
| 9 | 7 | 1 | B | 8 | C | 5 | A | D | 4 | E | 0 | 3 | 2 | 6 |
| 2 | D | 8 | 0 | 3 | 1 | B | C | 7 | 5 | A | 6 | E | 9 | 4 |
| 7 | 3 | 5 | 6 | 0 | A | C | 1 | 8 | 9 | 2 | 4 | D | B | E |
| 1 | 2 | E | D | C | B | 4 | 3 | 0 | 7 | 6 | 8 | 9 | 5 | A |
| D | C | 9 | E | 4 | 8 | A | 6 | B | 3 | 1 | 5 | 7 | 0 | 2 |
| 8 | 6 | 0 | 1 | 5 | 2 | D | 7 | 9 | A | B | E | C | 4 | 3 |
| B | 4 | A | 7 | 9 | 3 | 2 | E | 5 | 0 | C | D | 1 | 6 | 8 |
| 6 | 5 | D | C | B | 0 | 9 | 8 | A | E | 4 | 1 | 2 | 3 | 7 |
| 3 | 0 | 4 | 8 | 1 | 9 | 7 | B | E | 2 | 5 | C | 6 | A | D |
| E | 9 | 7 | A | 2 | 4 | 0 | 5 | C | 6 | D | 3 | B | 8 | 1 |
| A | 8 | 2 | 3 | 6 | E | 1 | D | 4 | B | 7 | 9 | 0 | C | 5 |
| C | 1 | B | 5 | D | 7 | 3 | 2 | 6 | 8 | 0 | A | 4 | E | 9 |

ଗତକାଲିର ଉତ୍ତର

# କେବଳ ବାବୁ ତିଆରି କାରଖାନା

ମନ-ମାନଚିତ୍ର

ଡ. ନରହରି ବେହେରା

ଭାରତ ହେଉଛି ଋଷି ଓ କୃଷିର ଦେଶ। ସମୟ ଥିଲା ଏ ଦେଶର ମୁନିଋଷିମାନେ ଏ ମାଟିର ପଥପ୍ରଦର୍ଶକ ଏବଂ କୃଷି ଓ ଗୋପାଳନ ଏ ଧର୍ମର ବୃତ୍ତି ତଥା ସଂସ୍କୃତି ଥିଲା। ସମୟ ବଦଳିଛି। ଋଷି ପରମ୍ପରା ନାହିଁ। କିଛି ଭଣ୍ଡବାବାଙ୍କ ଆଚରଣ ଯୋଗୁ ପ୍ରତ୍ୟେକ ସାଧୁସନ୍ଥ ଆଜି ସନ୍ଦେହ ଘେରରେ। ଅନ୍ୟପକ୍ଷରେ କୃଷି ଓ ଗୋସମ୍ପଦ ମଧ୍ୟ ବିପର୍ଯ୍ୟସ୍ତ। ପ୍ରାଚୀନ କାଳରେ ଗୁରୁକୁଳ ହିଁ ଥିଲା ଏ ଦେଶର ଭାଗ୍ୟ ଓ ଭବିଷ୍ୟତ। ସାଧୁମାନେ ଶିଷ୍ୟମାନଙ୍କୁ ଭିକ୍ଷାବୃତ୍ତିଠାରୁ ଆରମ୍ଭ କରି କୃଷି, ଗୋପାଳନ, ସଂସାର ଧର୍ମ, ଆଧ୍ୟାତ୍ମିକ ଜ୍ଞାନ ପର୍ଯ୍ୟନ୍ତ ସବୁ ବିଷୟରେ ଶିକ୍ଷା ଦେଉଥିଲେ। ଏହି ଶିକ୍ଷାର ଉଦ୍ଦେଶ୍ୟ ଥିଲା ଜଣେ ବିଦ୍ୟାର୍ଥୀ ଜୀବନର ପ୍ରତ୍ୟେକ କ୍ଷେତ୍ରର ଅଭିଜ୍ଞତା ଅର୍ଜନ କରୁ, ବଞ୍ଚିବାପାଇଁ ସଂଗ୍ରାମ କରି ଶିଖୁ।

ପରାଧୀନ ଭାରତରେ ଏ ସମସ୍ତ ରୂପରେଖ ବଦଳିଗଲା। ବ୍ରିଟିଶ୍ ସରକାର ଏ ଅଖଣ୍ଡ ଭାରତକୁ ଭାଗଭାଗ କରିବାକୁ ପ୍ରଥମେ ଦୃଷ୍ଟି ଦେଲେ ଶିକ୍ଷା ଉପରେ। ସେମାନେ ଉଚ୍ଚଶ୍ରେଣୀ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ଇଂଲିଶ୍ ଶିକ୍ଷା ଦେଇ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି କରି ନିଜର ଆଧିପତ୍ୟ ଜାହିର କରିବାକୁ ପ୍ରୟାସ ଜାରିରଖିଲେ। ସେମାନେ ଅନୁଭବ କରିଥିଲେ, ଯେ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ଅକ୍ଷୁଣ୍ଣ ଥିବ ସେ ପର୍ଯ୍ୟନ୍ତ ଏ ଗୋରା ଶାସନକୁ ସେମାନେ ସହଜରେ ଗ୍ରହଣ କରିବେ ନାହିଁ। ଏହି ଭାବନାକୁ ଅଧିକ ରସାଣିତ କରି ଚାର୍ଲସ ଗ୍ରାଣ୍ଟ ଏବଂ ୱିବର ଫୋର୍ସ ବାରମ୍ବାର ଇଷ୍ଟ ଇଣ୍ଡିଆ କମ୍ପାନୀ ଉପରେ ଇଂଲିଶ୍ ଭାଷା ମାଧ୍ୟମରେ ପାଶ୍ଚାତ୍ୟ ସାହିତ୍ୟ ଏବଂ ଖ୍ରୀଷ୍ଟିଆନ ଧର୍ମର ପ୍ରଚାର କରିବାକୁ ଚାପ ସୃଷ୍ଟି କଲେ। ପରବର୍ତ୍ତୀ ସମୟରେ ୧୯୩୫ ମସିହାରେ ଯେଉଁ ଶିକ୍ଷାନୀତି ଖସଡ଼ା ପ୍ରସ୍ତୁତ କଲେ ତାହା ଭାରତରେ ଇଂଲିଶ ଶିକ୍ଷାର ପଥ ପ୍ରଶସ୍ତ କରିଦେଲା। ସବୁଠି ଇଂଲିଶ୍ ଶିକ୍ଷାର ପ୍ରଚଳନ କରାଯିବାର ବ୍ୟବସ୍ଥା କରାଗଲା। ଅନ୍ୟ ପୁସ୍ତକ ଅପେକ୍ଷା ଇଂଲିଶ୍ ଭାଷାରେ ରଚିତ ପୁସ୍ତକ ସୁଲଭ ହେଲା। ଯେଉଁମାନେ ଇଂଲିଶ୍ ଭାଷା ଅଧ୍ୟୟନ କଲେ ସେମାନଙ୍କୁ ସରକାରୀ ଦପ୍ତରରେ ଚାକିରିର ସୁଯୋଗ ମିଳିଲା। ଅନ୍ୟପକ୍ଷରେ ତତ୍କାଳୀନ ସମାଜରେ ଲୁଚି ରହିଥିବା ଅପସଂସ୍କୃତିକୁ ଦୂର କରିବା ଲାଗି ଭାରତୀୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଇଂଲିଶ୍ ଶିକ୍ଷାର ଗୁରୁତ୍ୱ ଅଛି ବୋଲି ରାଜା ରାମମୋହନ ରାୟଙ୍କ ପରି ବିଦ୍ୱାନମାନେ ଏହାକୁ ସମର୍ଥନ ଜଣାଇଲେ। ଫଳରେ ଇଂଲିଶ୍ ଭାଷା କାୟା ବିସ୍ତାର କଲା। ଏହା ସହିତ ଲର୍ଡ ମାକ୍ଲେଙ୍କ ଲୁଚି ରହିଥିବା ମନ୍ଦ ଉଦ୍ଦେଶ୍ୟ ମଧ୍ୟ ପ୍ରଭାବ ବିସ୍ତାର କଲା।

ଏ ଇଂଲିଶ୍ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ମାକ୍ଲେ ୧୮୩୬ ଅକ୍ଟୋବର ୧୨ ତାରିଖରେ ତାଙ୍କ ବାପାଙ୍କୁ ଲେଖିଥିବା ଚିଠିର କିୟଦଂଶ ସୂଚାଇ ଦିଏ। ସେ ଲେଖିଥିଲେ- ''Our English schools are flourishing wonderfully; we find it difficult to provide instruction to all. The effect of this education on Hindus is prodigious. No Hindu who has received an English education ever remains sincerely attached to his religion. It is my firm belief that if our plans of education are followed up, there will not be a single idolator among the respected classes 30 years hence. And this will be effected without our efforts to proselytize.'' କାଳକ୍ରମେ ଏମିତି ପରିସ୍ଥିତି ହେଲା ଯେ ସମସ୍ତେ କ୍ଷମତାସୀନ ସରକାରଙ୍କ ଭାଷାରେ ପାଣ୍ଡିତ୍ୟ ପ୍ରଦର୍ଶନ କରି ସେମାନଙ୍କର ନିକଟତର ହେବାକୁ ଚେଷ୍ଟା କଲେ। କଥାରେ ଅଛି ମଲୁ ଖୋଜୁଥିଲା କାକରପାଣି, ବଇଦ କହିଲା ଦିଅ ତୋରାଣି। ଏଇ ନ୍ୟାୟରେ ବ୍ରିଟିଶ୍ ସରକାର ତାଙ୍କର ଭାଷା, ଭାବନା ଏବଂ ପଶ୍ଚିମା ସଂସ୍କୃତିକୁ ଲଦି ଦେବାରେ ସଫଳ ହେଲେ। ୧୯୩୧ ମସିହାରେ ଗାନ୍ଧିଜୀ ଗୋଲ୍ ଟେବୁଲ ବୈଠକରେ ବ୍ରିଟିଶ୍ ସରକାରଙ୍କୁ ଦାୟୀ କରି କହିଥିଲେ- The beautiful tree of education was cut by you British. Therefore today India is far more illiterate than it was 100 years ago. ଗାନ୍ଧିଜୀଙ୍କ କଥା ଆଜି ସତ୍ୟରେ ପରିଣତ ହୋଇଛି। ଭାରତର ସାହିତ୍ୟ, ଦର୍ଶନ, ଚିନ୍ତା ଚେତନା ସବୁ କିଛି ଲକ୍ଷ୍ୟହରା ହୋଇପଡ଼ିଛି।

ସ୍ୱାଧୀନ ଭାରତରେ ଅନେକ କମିଶନ ବସିଛି, ସଂସ୍କାର ପାଇଁ ଅନେକ ପରାମର୍ଶ ଦିଆଯାଇଛି। ମାତ୍ର ଶିକ୍ଷାର୍ଥୀମାନେ କେବଳ ବସ୍ତୁବାଦୀ ହେବା ବ୍ୟତୀତ କିଛି ଶିକ୍ଷା ଲାଭ କରିପାରୁ ନାହାନ୍ତି। ବିଦ୍ୟାଦାତା ଏବଂ ବିଦ୍ୟାର୍ଥୀ ଉଭୟେ କେବଳ ଶୁକପକ୍ଷୀ ପରି ପାଠ କଣ୍ଠସ୍ଥ କରିବାରେ ବ୍ୟସ୍ତ। ଶ୍ରେଣୀ ଶିକ୍ଷା ଅପେକ୍ଷା ଜେରକ୍ସ କପି ଏବଂ ଗୁଗ୍ଲ ସର୍ଚ୍ଚରେ ପାଠପଢ଼ା ଚାଲୁଛି। ଶିକ୍ଷକମାନେ ଆଜି ନୀରବ। ଶ୍ରେଣୀରେ ପିଲାଙ୍କୁ ଆକଟ କରିବାକୁ ଡରୁଛନ୍ତି, କାରଣ ଏହା ଏବେ ଦଣ୍ଡମୁକ୍ତ ଅଞ୍ଚଳ। ପିଲାଟି ଯେତେ ଦୁଷ୍ଟାମି କରୁ, ପାଠ ନ ପଢୁ, ଏ ଶ୍ରେଣୀରୁ ସେ ଶ୍ରେଣୀକୁ ଡେଉଁଥାନ୍ତୁ- ଶିକ୍ଷକମାନେ ବାପଲୋ ଧନଲୋ କହିବେ ସିନା ଶାସନ କରିପାରିବେ ନାହିଁ। ତିରିଶ ବର୍ଷ ତଳେ ବିଦ୍ୟାର୍ଥୀମାନେ ବିଦ୍ୟାଳୟରେ SUPWରେ ବିଭିନ୍ନ ଫଳଫୁଲ ଚାଷ କରୁଥିଲେ। ବାଡ଼ିବଗିଚାର ଯତ୍ନ ନେଉଥିଲେ। ନିଜ ଶ୍ରେଣୀ ଗୃହ ସଫାସୁତୁରା ରଖୁଥିଲେ। ଏସବୁ କାମଦ୍ୱାରା ତାଙ୍କ ମନ ଭିତରେ କୌଣସି କାମ ପ୍ରତି ବୀତସ୍ପୃହ ଭାବ ରହୁ ନ ଥିଲା। ସେମାନଙ୍କୁ ଆନନ୍ଦ ମିଳୁଥିଲା। ମନ ଭିତରେ ଥିବା ଧନୀ-ଗରିବର ଭାବ ଦୂର ହେଉଥିଲା। କର୍ମ ପ୍ରତି ଥିବା ବିମୁଖତା ଦୂର ହୋଇଯାଉଥିଲା। କହିବାକୁ ଗଲେ ଏ ବ୍ୟବସ୍ଥା ପ୍ରାଚୀନ ଭାରତରେ ଆଶ୍ରମ ଜୀବନର ଥିଲା ଏକ ବିମଳ ସ୍ମୃତି। ମାତ୍ର ଏବେ ସେସବୁ ନିଷିଦ୍ଧ କର୍ମ। କୌଣସି ଛାତ୍ରୀଛାତ୍ର ସେ କାମ କରିଦେଲେ ସଙ୍ଗେ ସଙ୍ଗେ ମିଡିଆରେ ପ୍ରକାଶ ହୋଇଯାଉଛି। ଏ ଶିକ୍ଷାର ଉଦ୍ଦେଶ୍ୟ କ'ଣ ? କେବଳ ବାବୁ ତିଆରି କରିବା ପାଇଁ ଯୋଜନା ନୁହେଁ ତ ?

ବାବୁ ତିଆରି କରି ବ୍ରିଟିଶ୍ ଶାସନକୁ ଦୃଢ଼ କରିବା ପାଇଁ ସ୍ୱପ୍ନ ଦେଖୁଥିବା ମାକ୍ଲେଙ୍କ ସଂଖ୍ୟା ଏବେ ଦିନକୁ ଦିନ ବଢ଼ି ଚାଲିଛି। ଭାରତ ବର୍ତ୍ତମାନ ଇଂଲିଶ୍‌ମୟ ହୋଇଯାଇଛି। ଇଂଲିଶ୍‌ରେ ପାଣ୍ଡିତ୍ୟ ଅର୍ଜନ ନ କଲେ ଜଣେ ବିଦ୍ୟାର୍ଥୀ କୌଣସି କାମ ପାଇଁ ଯୋଗ୍ୟ ହୋଇପାରିବ ନାହିଁ। ପାଠ ପଢ଼ି ଦୁଇପଦ ଇଂଲିଶ୍‌ରେ କହି ନ ପାରିଲେ ସେ ପାଠୁଆରେ ଗଣା ହେବନାହିଁ- ଏ ଭାବନା ଏବେ ପ୍ରାୟ ସମସ୍ତଙ୍କୁ କାଳିଶି ପରି କାବୁ କରିଛି। ସମସ୍ତେ ଏଥିପାଇଁ ପାଗଳପ୍ରାୟ। ଛତୁ ଫୁଟିଲାପରି ପବ୍ଲିକ୍ ସ୍କୁଲ। ସବୁଠି ଛାତ୍ରୀଛାତ୍ରଙ୍କର ପ୍ରବଳ ଭିଡ଼। ଅଭିଭାବକଙ୍କର ଇଂଲିଶ୍ ପାଠ ପଢ଼ାଇବାରେ ଯେଉଁ ବ୍ୟାକୁଳତା ଏବଂ ଆତ୍ମତୃପ୍ତିର ମିଶ୍ରିତ ଦୀପ୍ତି ଆଖିରେ ନ ଦେଖିଲେ ବୁଝି ହେବନାହିଁ। ଅଭିଭାବକଙ୍କର ଆଗ୍ରହ ଦେଖି ଓଡ଼ିଶା ସରକାର ମଧ୍ୟ ଇଂଲିଶ୍ ଭାଷାରେ ଛାତ୍ରୀଛାତ୍ରଙ୍କୁ ଦକ୍ଷ କରିବା ପାଇଁ ମଡେଲ ଇଂଲିଶ୍ ସ୍କୁଲ ଖୋଲିବାରେ ଲାଗିପଡ଼ିଛନ୍ତି। ମାତ୍ର ଏହାର ପରିଣତି କ'ଣ ହେଉଛି ତାହା ଦେଖିବାକୁ କାହାର ବେଳ ନାହିଁ। ପ୍ରତ୍ୟେକ ବର୍ଷ ଇଂଲିଶ୍ ଭାଷାରେ ଦକ୍ଷ ହୋଇଥିବା ଏବଂ ସାଧାରଣ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉତ୍ତୀର୍ଣ୍ଣ ହେବାପରେ କି ପ୍ରତିଷ୍ଠା ଅର୍ଜନ କରିଛନ୍ତି, ସେମାନେ ଭାରତୀୟ ସଂସ୍କୃତି ଏବଂ ପରମ୍ପରାରେ କେତେ ଦକ୍ଷ ହୋଇଛନ୍ତି ଇତ୍ୟାଦି ବିଷୟରେ ତର୍ଜମା କରାଯାଉ ନାହିଁ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଧ୍ୟାତ୍ମିକ, ସାଂସ୍କୃତିକ କିମ୍ବା ଭାରତୀୟ ଭାବଧାରା ବିଷୟରେ ଦକ୍ଷତା ବୃଦ୍ଧି ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ କି ପାଠ୍ୟକ୍ରମ ନାହିଁ। ସପ୍ତାହରେ ଅନ୍ତତଃ ଗୋଟିଏ ଦୁଇଟି ପିରିୟଡ ରଖାଯାଇ ପାରନ୍ତା, ମାତ୍ର ତାହା ହେଉନାହିଁ। ଏପରି ପରିସ୍ଥିତିରେ ଉଚ୍ଚ ଶିକ୍ଷାଲାଭ ପରେ ବିଦ୍ୟାର୍ଥୀଟିଏ ଡାକ୍ତର, ଇଞ୍ଜିନିୟର, ଅଧିକାରୀ ଯାହା କିଛି ହେଲେ ବି ତା'ଠାରୁ ମାନବୀୟ ଗୁଣ ଆଶା କରିବା ବିଡ଼ମ୍ବନା ମାତ୍ର। ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ବାବୁ ତିଆରି କାରଖାନା ନ ହୋଇ ମଣିଷ ତିଆରି କାରଖାନା ହେବା ଉଚିତ। ତା' ନ ହେଲେ ଏ ଦେଶର ଭାଗ୍ୟ ଭବିଷ୍ୟତ କ'ଣ ହେବ ତାହା ଜଳ ଜଳ ହୋଇ ଦିଶୁଛି।

ବାସୁଦେବବାସ୍ୟମ୍, ଜଗନ୍ନାଥ ବିହାର,
ବାଇପାସ୍, ଭଦ୍ରକ,ମୋ-୭୯୭୮୯୦୩୫୦୯

# ବାଲ୍ୟ ବିବାହକୁ ରୋକିବ ନୂତନ ଶିକ୍ଷାନୀତି

ଘାସିରାମ ପଣ୍ଡା

୧୯୮୬ ମସିହାରୁ ପ୍ରଚଳିତ ଜାତୀୟ ଶିକ୍ଷାନୀତିକୁ ଦେଶର ଏକ ମାଇଲ ଖୁଣ୍ଟ ଭାବରେ ଗଣାଯାଏ। ଶିକ୍ଷାକୁ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଇ ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଗଲା। ଏହା ପରେ ଶିକ୍ଷାନୀତିରେ ପରିବର୍ତ୍ତନର ଆବଶ୍ୟକତା ଥିଲା। ଡେରିରେ ହେଲେବି ବର୍ତ୍ତମାନର ସରକାର ଏକ ନୂତନ ଶିକ୍ଷାନୀତି ଆଣିବା ସ୍ୱାଗତ ଯୋଗ୍ୟ। ଆମ ଦେଶରେ ବିଭିନ୍ନ ଆଇନରେ ଶିଶୁମାନଙ୍କ ବୟସ ଭିନ୍ନ ଭିନ୍ନ ରଖାଯାଇଛି। ସାଧାରଣତଃ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁ ବୋଲି ଧରାଯାଏ। ଶିକ୍ଷା ଅଧିକାର ଆଇନରେ ଏହାକୁ୧୪ ରଖାଯାଇଛି। ପ୍ରସ୍ତାବିତ ନୂତନ ଶିକ୍ଷା ନୀତିରେ ଏହାର ପରିଧିକୁ ୧୮ ପର୍ଯ୍ୟନ୍ତ ବିସ୍ତାର କରାଯାଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପରିଯୋଜନା କରାଯାଇଛି। ଦେଶରେ ତଥା ଆମ ରାଜ୍ୟରେ ଅନେକ ଝିଅ ଅଧାରୁ ପାଠ ଛାଡି ବିବାହ କରୁଛନ୍ତି। ଶିକ୍ଷା ଅଧିକାର ଆଇନର ପରିସର ୧୪ ବର୍ଷ ପର୍ଯ୍ୟନ୍ତ ଥିବା କାରଣରୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଭଳି ଆବାସିକ ଶିକ୍ଷା ବ୍ୟବସ୍ଥା ଅଷ୍ଟମ ଶ୍ରେଣୀ ପରେ ଶେଷ ହୋଇଯାଉଛି। ଏହା ପରେ ପଢିବା ପାଇଁ ଆର୍ଥିକ ସ୍ୱଚ୍ଛଳତା ନ ଥିବା ଛାତ୍ରୀଙ୍କ ପାଠ ପଢା ସେତିକିରେ ରହିଯାଉଛି। ଏହା ପରେ ବିବାହ ବ୍ୟତୀତ ସେମାନଙ୍କ ପାଇଁ ଆଉ କିଛି ବିକଳ୍ପ ରହୁନାହିଁ। ୧୪ ବର୍ଷ ଭିତରେ ଘଟୁଥିବା ବାଲ୍ୟବିବାହକୁ ରୋକାଯାଇ ପାରିଲେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାକୁ ଫେରେଇ ଅଣାଯାଇ ପାରୁଛି। କିନ୍ତୁ ୧୪ ପରେ ଓ ୧୮ ଭିତରେ ବାଲ୍ୟବିବାହକୁ ରୋକାଗଲେ ଶିକ୍ଷା ବାଧ୍ୟତାମୂଳକ ହୋଇ ନ ଥିବାରୁ ବିଦ୍ୟାଳୟକୁ ପଠାଯାଇ ପାରୁନାହିଁ। ସାବାଳିକା ହୋଇ ନ ଥିଲେ ଅନେକ କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାରେ ବି ସାମିଲ କରାଯାଇ ପାରୁନାହିଁ। ଏପରି କ୍ଷେତ୍ରରେ ଶିକ୍ଷା ଅଧିକାରର ପରିସର ୧୮କୁ ବୃଦ୍ଧି ପାଇଲେ ବାଲ୍ୟବିବାହକୁ ରୋକିବାରେ ଏହା ନିଶ୍ଚିତ ସହାୟକ ହେବ। କିନ୍ତୁ ଏହାର ସଫଳ ରୂପାୟନ ପାଇଁ ଆମକୁ ପୂର୍ବ ଅଭିଜ୍ଞତାରୁ ଅନେକ କିଛି ଶିଖିବାକୁ ପଡିବ।

ପ୍ରଚଳିତ ଶିକ୍ଷା ଅଧିକାର ଆଇନକୁ ଦଶବର୍ଷ ପୂରିଲାଣି। ଏହା ସତ୍ତ୍ୱେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ପାଇଁ ଏଥିରେ ନିର୍ଧାର୍ଯ୍ୟ ମାନ ପୂରଣରେ ଆମେ ସଫଳ ହୋଇ ନାହୁଁ। ଏଣୁ ବୟସର ପରିସରକୁ ଖାଲି ବଢେଇଦେଲେ ଶିକ୍ଷା ମାଧ୍ୟମରେ ଦେଶ ପରିବର୍ତ୍ତନର ସ୍ୱପ୍ନ ଫଳବତୀ ହେବ ନାହିଁ। ଏଥିପାଇଁ ଶିକ୍ଷା ଅଧିକାର ଆଇନର କାର୍ଯ୍ୟାନ୍ୱୟନରେ ହୋଇଥିବା ଉପଲବ୍ଧି ଆଧାରରେ ପ୍ରସ୍ତାବିତ ଶିକ୍ଷାନୀତିରେ ପରିବର୍ତ୍ତନ ଆଣିବାକୁ ପଡିବ। ବିଦ୍ୟାଳୟ ପାଇଁ ଆନୁଷଙ୍ଗିକ ଭିତ୍ତିଭୂମି, ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କ ଅଭାବ, ଦୂରତା ପ୍ରଭୃତି ଅନେକ କାରଣରୁ ପିଲାମାନେ ବିଦ୍ୟାଳୟ ବାହାରେ ରହୁଛନ୍ତି। ପ୍ରାଥମିକ ଶିକ୍ଷାକୁ ସ୍ୱେଚ୍ଛାସେବୀଙ୍କ ହାତରେ ଛାଡିଦେଲେ ଏହା ଆହୁରି ଦୁର୍ବିଷହ ହୋଇପଡିବ। ଶିକ୍ଷା ପରିଚାଳନା ଏକ କୌଶଳ। ଏଣୁ ଏଥିପାଇଁ ନିର୍ଦ୍ଦିଷ୍ଟ ତାଲିମର ଆବଶ୍ୟକ ହୁଏ। ବିନା ତାଲିମପ୍ରାପ୍ତ କାହାକୁ ଶିକ୍ଷା ପରିଚାଳନାରେ ସାମିଲ କରାଯିବା ଉଚିତ ହେବ ନାହିଁ। ଅନେକ ଶ୍ରେଣୀକୁ ଗୋଟିଏ ଶିକ୍ଷକ ଦ୍ୱାରା ଶିକ୍ଷା ପରିଚାଳନା ବ୍ୟବସ୍ଥା 'ବସ୍ତ୍ର ଅଭାବରେ ସୂତା ଦାନ' ଭଳି। ଏଣୁ ଶିକ୍ଷା ପାଇଁ ବ୍ୟୟକୁ ବୋଝ ମନେ ନ କରି ଶ୍ରେଣୀ ଅନୁସାରେ ଶିକ୍ଷକ ନିଯୁକ୍ତିକୁ ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏକାଧିକ ବିଦ୍ୟାଳୟକୁ ମିଶାଇ 'ସ୍କୁଲ କମ୍ପ୍ଲେକ୍ସର ପରିକଳ୍ପନା ଏଥିରେ କରାଯାଇଛି। ପିଲାଙ୍କ ସଂଖ୍ୟା ଆଧାରରେ ବିଦ୍ୟାଳୟକୁ ବନ୍ଦ କରାଯାଉଥିବା ବ୍ୟବସ୍ଥାକୁ ଏହା ପରୋକ୍ଷରେ ଅନୁମୋଦନ କରୁଛି। ବିଦ୍ୟାଳୟର ଦୂରତାକୁ ସର୍ବନିମ୍ନ ଏକ କିଲୋମିଟର ଭିତରେ ନ ରଖିଲେ ବୟସର ପରିସର ବଢେଇଲେ ବି ପିଲା ବିଦ୍ୟାଳୟ ବାହାରେ ହିଁ ରହିବେ। ଆଦିବାସୀ ଅଞ୍ଚଳରେ ସ୍ଥାନୀୟ ଭାଷା ଓ ବହିର ଭାଷାରେ ପ୍ରଭେଦ କାରଣରୁ ପିଲାମାନଙ୍କର ଆଗ୍ରହ କମେ ଓ ବିଦ୍ୟାଳୟ ଆସିବା ବନ୍ଦ କରିଦିଅନ୍ତି। ସ୍ଥାନୀୟ ଲୋକଙ୍କୁ କେବଳ ଅସ୍ଥାୟୀ ଭାବେ ସାମିଲ କଲେ ଏ ସ୍ଥିତିରେ ବିଶେଷ ଉନ୍ନତି ହେବ ନାହିଁ। ଶିକ୍ଷକ ନିଯୁକ୍ତିକୁ ଜିଲାଭିତ୍ତିକ କରାଯାଇ ପାରିଲେ ସ୍ଥାନୀୟ ଲୋକଙ୍କ ସକ୍ରିୟ ଭାଗୀଦାରି ସମ୍ଭବ ହୋଇପାରିବ। ପ୍ରାଥମିକ ଶିକ୍ଷାରେ ଘରୋଇ ଅନୁଷ୍ଠାନ ପାଇଁ ଥିବା ନିୟମକୁ କୋହଳ କରାଯିବା ପାଇଁ ନୂତନ ଶିକ୍ଷାନୀତି ପ୍ରସ୍ତାବ ଦେଇଛି। ଏହା ହିଁ ପ୍ରାଥମିକ ଶିକ୍ଷାର ଦୁର୍ଦ୍ଦଶା ଓ ସାମାଜିକ ବିଷମତାର କାରଣ ହେବ। ପ୍ରାଥମିକ ଶିକ୍ଷା ସରକାରଙ୍କ ନିୟନ୍ତ୍ରଣରେ ରହିଲେ ଯାଇ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ସାକାର ହେବ। ନୂତନ ଶିକ୍ଷାନୀତିର ପ୍ରଣୟନକୁ ଏଥିପାଇଁ ଏକ ସୁଯୋଗ ବୋଲି ଗ୍ରହଣ କରାଯାଇ ପାରେ।

ସୁବର୍ଣ୍ଣପୁର, ମୋ- ୯୪୩୮୩୪୧୭୯୪,
ghasirampanda@gmail.com

## ଏଇ ଭାରତରେ

ବିହାରରେ ଜଣେ ଚାଷୀଙ୍କ ପୁଅଙ୍କୁ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ସମ୍ମାନଜନକ ଗ୍ରେନେଲ୍ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗୟା ଜିଲାର ହମ୍‌ଜାପୁର ଗାଁର ଶଫିକୁର ରହମନଙ୍କୁ ପୁରସ୍କାର ସ୍ୱରୂପ ୭୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମହିଳାଙ୍କ ଅଧିକାର ଲାଗି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଉକ୍ତ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ। ସେ ୧୫ବର୍ଷ ବୟସରୁ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ହରିୟାଣା, ରାଜସ୍ଥାନ, ପଞ୍ଜାବ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଆଦି ରାଜ୍ୟରେ ନିଜର ସାମାଜିକ କାର୍ଯ୍ୟ ଜାରି ରଖିଛନ୍ତି। ଦେଶରେ ତାଙ୍କର ୭୦ଟି ଟିମ୍ ସାମାଜିକ କାର୍ଯ୍ୟରେ ଜଡ଼ିତ ରହିଛନ୍ତି। ୨୦୦୪ରେ ସେ ଦିଲ୍ଲୀରେ ଗୋଟି ଶ୍ରମିକ ବିରୋଧୀ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ୨୦୦୬ରେ ସେ 'ଏମ୍ପାୱାର୍ଡ ପିପଲ' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗଠନ କରିଥିଲେ। ସେହିପରି କନ୍ୟାଭ୍ରୂଣ ହତ୍ୟାକୁ ବିରୋଧ କରି ସେ ୩ଶହ କିଲୋମିଟର ପଦଯାତ୍ରା କରିଛନ୍ତି। ଇତିମଧ୍ୟରେ ଶଫିକୁର ୫ହଜାରରୁ ଅଧିକ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ସାରିଲେଣି। ଶଫିକୁରଙ୍କ ଏଭଳି ଜନହିତକର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ନିଶ୍ଚୟ।

### ୨୫ ବର୍ଷ ତଳର ଧରିତ୍ରୀ

୧୦ ଅଗଷ୍ଟ ୧୯୯୪

- ତାମିଲନାଡୁରେ ଇଞ୍ଜିନିୟରିଂ ଓ ମେଡିକାଲ କଲେଜଗୁଡ଼ିକରେ ୬୯% ସ୍ଥାନ ସଂରକ୍ଷଣ ନୀତିର କାର୍ଯ୍ୟକାରିତା ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ।
- ବିଶିଷ୍ଟ ସମାଜତତ୍ତ୍ୱବିତ୍ ଏସ.ସି. ଦୁବେଙ୍କୁ ୧୯୯୩ର ସମ୍ମାନଜନକ ମୂର୍ତ୍ତିଦେବୀ ପୁରସ୍କାର ପ୍ରଦାନ କରାଯିବା ପାଇଁ ମନୋନୀତ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ହ୍ୱାଟ୍ସଆପ୍ ବେମାରି

ମହାଶୟ,

ତଥ୍ୟ ପ୍ରେରଣର ଅନ୍ୟତମ ସାଧନ ହ୍ୱାଟ୍ସଆପ୍ ଆଜି ଏକ ବେମାରିରେ ପରିଣତ ହୋଇଛି। ଲୋକମାନେ ବିଶେଷକରି ଯୁବତୀଯୁବକମାନେ ହ୍ୱାଟ୍ସଆପ୍‌ରେ ନିମଗ୍ନ ରହି ନିଜର ବହୁମୂଲ୍ୟ ସମୟ ଅପଚୟ କରୁଛନ୍ତି। ବିଦ୍ୟାର୍ଥୀମାନଙ୍କ ଜୀବନରେ ତ ହ୍ୱାଟ୍ସଆପ୍‌ର କୁପରିଣାମ ନ କହିବା ଭଲ। ପାଠପଢ଼ାରେ ହେଳାକରି, ହ୍ୱାଟ୍ସଆପ୍‌ରେ ମଜ୍ଜିଯାଇ ସେମାନେ ସେମାନଙ୍କର, ସମାଜର ଓ ରାଷ୍ଟ୍ରର ଭବିଷ୍ୟତ ଅନ୍ଧକାର କରୁନାହାନ୍ତି କି ? ହ୍ୱାଟ୍ସଆପ୍‌ର କେବଳ ସକାରାତ୍ମକ ଓ ସୀମିତ ପ୍ରୟୋଗ କରାଯିବା ଉଚିତ। ମା'ବାପା ଓ ଶିକ୍ଷକମାନେ ସଜାଗ ହୁଅନ୍ତୁ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

### ସ୍କୁଲରେ ତାଲା

ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା କମିଯାଉଥିବାରୁ ୨୦୧୬ରେ ସରକାର ୯୬୬ଟି ପ୍ରାଇମେରୀ ଏବଂ ଅପର ପ୍ରାଇମେରୀ ସ୍କୁଲରେ ତାଲା ପକାଇଥିଲେ। ଏବେ ପୁଣି ୨୨୮ଟି ସ୍କୁଲରେ ତାଲା ପଡ଼ିଲା। ୧୯୬୦ରେ ଭାରତ ସରକାର ଦେଶର ସମସ୍ତଙ୍କୁ ସାକ୍ଷର କରିବାକୁ ନାମଲେଖା ଅଭିଯାନ ଆରମ୍ଭ କରିଥିଲେ। ଆଜିକା ଦିନରେ ଆଉ ସେ ନାମଲେଖା ଅଭିଯାନ ନାହିଁ। ଘରୋଇ ସ୍କୁଲ ଏବଂ ଇଂଲିଶ୍ ମାଧ୍ୟମ ସ୍କୁଲ ସେସବୁ କରୁଛନ୍ତି ଏବଂ ସେମାନଙ୍କ ସ୍କୁଲ ଲାଗି ପିଲା ସଂଗ୍ରହ କରୁଛନ୍ତି। ଏବେ ଆମ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଅଧୀନରେ ୩୩,୩୯୮ଟି ପ୍ରାଥମିକ ଏବଂ ୧୭,୯୧୬ଟି ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି। କିନ୍ତୁ ଦୁଃଖର କଥା ଥରେ ସ୍କୁଲ ଘର ତିଆରି ହୋଇଯିବା ପରେ ତାହାର ରକ୍ଷଣାବେକ୍ଷଣ କଥା ସରକାର ଭୁଲି ଯାଉଛନ୍ତି। ସ୍କୁଲରେ ପାଚେରି, ଖେଳପଡିଆ ଏବଂ ଆସବାବପତ୍ର ନାହିଁ। କେଉଁ ସ୍କୁଲରେ ଶୌଚାଳୟ ଅଛି ତ ଆଉ କେଉଁଠି ନାହିଁ। ସ୍କୁଲ ଘର ଏବଂ ପରିବେଶର ରକ୍ଷଣାବେକ୍ଷଣ ଠିକ୍ ଭାବରେ ହେଉ ନ ଥିବାରୁ ଘରର କବାଟ, ଝରକା, ଆଲମିରା ଏବଂ ବହିପତ୍ରକୁ ଉଇ ଖାଇଯାଉଛନ୍ତି। ଘର ବାହାରେ ଏବଂ ଭିତରେ ସାପ, ବେଙ୍ଗ ଲୁଚକାଳି ଖେଳୁଛନ୍ତି। ଘରର ଛାତ ଉପରେ ବରଗଛ ଠିଆହୋଇଯାଉଛି। କୋଠରିର ଅଭାବ ଯୋଗୁ ଗୋଟିଏ ଗୋଟିଏ କଠୋରିରେ ଦୁଇ ତିନିଟା କ୍ଲାସ ହେଉଛି। ଶିକ୍ଷକ ଅଭାବରୁ ଜଣେ ଜଣେ ଶିକ୍ଷକ ୨/୩ଟା କ୍ଲାସକୁ ସମ୍ଭାଳୁଛନ୍ତି। ଏଥିରେ କି ପାଠପଢ଼ା ହେବ ? ଏହି ପ୍ରାଥମିକ ସ୍କୁଲଗୁଡ଼ିକ ପାଇଁ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କର ଆବଶ୍ୟକତା ଥିଲା ବେଳେ ୧ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକରେ କାମ ଚଳାଯାଉଛି। ୭୦ ହଜାର ଶିକ୍ଷାକର୍ମୀ ନିୟୋଜିତ ହୋଇଥିଲେ ମଧ୍ୟ ଠିକ୍ ଭାବରେ ଦରମା ପାଉନାହାନ୍ତି। ତେଣୁ ମେଧାବୀ ଛାତ୍ରୀଛାତ୍ର ଶିକ୍ଷକତା ପ୍ରତି ମନ ବଳାଉନାହାନ୍ତି। ସମୟ ଆସିବ, ଯେତେବେଳେ ସରକାରୀ ସ୍କୁଲଗୁଡିକ ପୂରା ବନ୍ଦ ହୋଇଯିବ। ଗରିବ ପିଲା ପାଠପଢ଼ାରୁ ବଞ୍ଚିତ ହେବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

## ସଂକ୍ଷେପରେ

### ଝାଡ଼ଖଣ୍ଡ କଂଗ୍ରେସ ସଭାପତିଙ୍କ ଇସ୍ତଫା

ରାଞ୍ଚି,୯।୮(ଆଇଏଏନ୍ଏସ୍)

ଝାଡ଼ଖଣ୍ଡ ପ୍ରଦେଶ କଂଗ୍ରେସ ସଭାପତି ଅଜୟ କୁମାର ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ପଠାଇଦେଇଛନ୍ତି। ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଜୟ ଦ୍ୱିତୀୟ ଥର ପାଇଁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

### ଆଇଆଇଆଇଟିରୁ ଗୁଣାତ୍ମକ ନିଯୁକ୍ତି ଉପରେ ଗୁରୁତ୍ୱ

ଭୁବନେଶ୍ୱର,୯।୮(ବ୍ୟୁରୋ): ଆଇଆଇଆଇଟିରୁ ପ୍ରତିବର୍ଷ ଯେପରି ଗୁଣାତ୍ମକ ଛାତ୍ର ଉତ୍ତୀର୍ଣ୍ଣ ହୋଇ ନିଯୁକ୍ତି ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗୁରୁତ୍ୱ ଦେଇଛନ୍ତି। ଗୁଣାତ୍ମକ ନିଯୁକ୍ତି ହିଁ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱ ବଢ଼ାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଗଭର୍ଣ୍ଣିଂ ବଡି ବୈଠକରେ ଶିକ୍ଷାନୁଷ୍ଠାନର ଇକୋ ସିଷ୍ଟମ, ଭିତ୍ତିଭୂମି ବିକାଶ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଭିନ୍ନ ଶିଳ୍ପସଂସ୍ଥାନ ଏମ୍.ଟେକ ଏବଂ ପି.ଏଚ୍‌ଡି. ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ହେଉଥିବା ମାନବ ସମ୍ବଳ ଆବଶ୍ୟକ କରୁଛନ୍ତି। ତେଣୁ ଶିକ୍ଷାନୁଷ୍ଠାନରେ ଗବେଷଣା ଓ ଉନ୍ନୟନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ୨୦୧୩ରୁ ନିଯୁକ୍ତି ସମ୍ପର୍କିତ କାର୍ଯ୍ୟକ୍ରମ ହୋଇଆସୁଛି। ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହାର ଲଗାତର ଶତପ୍ରତିଶତ ରହୁଥିବା ଜଣାପଡିଛି। ସେହିପରି ଚଳିତବର୍ଷ ଅଗଷ୍ଟ ୫ରେ ପ୍ଲେସ୍‌ମେଣ୍ଟ ସମ୍ପର୍କିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିବା ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଗୋପାଳକୃଷ୍ଣ ନାୟକ ସୂଚନା ଦେଇଛନ୍ତି। ମାଇକ୍ରୋସଫ୍ଟ, ଭିସା ଏବଂ ମ୍ୟାକିନ୍ସେ ଭଳି ସଂସ୍ଥା କ୍ୟାମ୍ପସ ଚୟନ ପାଇଁ ସଂସ୍ଥାନକୁ ଆସୁଛନ୍ତି। ଏହି କମ୍ପାନୀଗୁଡିକ ବାର୍ଷିକ ୧୫ରୁ ୪୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ୟାକେଜ ପ୍ରଦାନ କରୁଥିବା ବୈଠକରୁ ଜାଣିବାକୁ ମିଳିଛି।

ସେହିପରି ଜାତୀୟ ସଂସ୍ଥାନ କ୍ରମାଙ୍କ ତାଲିକାରେ ଶିକ୍ଷାନୁଷ୍ଠାନକୁ ଭାଗ ନେବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରତି ସେମିଷ୍ଟରରେ ଛାତ୍ରୀଛାତ୍ର ନିଜ ମନପସନ୍ଦର ବିଷୟ ଚୟନ କରି ପଢ଼ିବାର ବ୍ୟବସ୍ଥା ରହିଛି। ସେହିପରି ନିର୍ଦ୍ଦେଶକ ଗୋପାଳକୃଷ୍ଣ କହିଛନ୍ତି ଯେ, ପରିସଂଖ୍ୟାନ ବିଜ୍ଞାନରେ ଏକ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରାଯିବ। ଏଥିରେ ଆପଟସ୍ ଡାଟା ଲ୍ୟାବ ସହଯୋଗିତା କରିବ।

## 'ଗୋଟିଏ ରାଷ୍ଟ୍ର, ଏକ ରାଶନ କାର୍ଡ' ଯୋଜନା

# ୪ ରାଜ୍ୟରେ ଆରମ୍ଭ ହେଲା ପାଇଲଟ ପ୍ରକଳ୍ପ

ନୂଆଦିଲ୍ଲୀ,୯।୮

- ୨୦୨୦ଜୁନ୍‌ରୁ ସାରା ଦେଶରେ ଲାଗୁ ହେବ
- କେନ୍ଦ୍ର ମନ୍ତ୍ରୀ ରାମବିଳାସ ପାଶ୍ୱାନ ଶୁଭାରମ୍ଭ କଲେ




କେନ୍ଦ୍ର ସରକାର 'ଗୋଟିଏ ରାଷ୍ଟ୍ର, ଏକ ରାଶନ କାର୍ଡ' ଯୋଜନାର ପାଇଲଟ ପ୍ରକଳ୍ପ ଶୁକ୍ରବାର ଆରମ୍ଭ କରିଛନ୍ତି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ ଓ ମହାରାଷ୍ଟ୍ର ମଧ୍ୟରେ ଏହି କାର୍ଡ ପୋର୍ଟେବିଲିଟି ସୁବିଧାକୁ କେନ୍ଦ୍ର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରାମବିଳାସ ପାଶ୍ୱାନ ଅନ୍‌ଲାଇନରେ ଶୁଭାରମ୍ଭ କରିଛନ୍ତି। ପାଇଲଟ ପ୍ରକଳ୍ପ ସଫଳ ହେବା ପରେ ଏହାକୁ ୨୦୨୦ ଜୁନ୍ ପହିଲାରୁ ସାରା ଦେଶରେ ଲାଗୁ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଣିକି ଉକ୍ତ ୪ ରାଜ୍ୟର ହିତାଧିକାରୀ ଆଧାର ସଂଯୋଗ ହୋଇଥିବା କାର୍ଡ ଜରିଆରେ ନିଜ ରାଜ୍ୟ ବ୍ୟତୀତ ଅନ୍ୟ ୩ ରାଜ୍ୟରେ ପିଡିଏସ୍ ସାମଗ୍ରୀ କଣ୍ଟ୍ରୋଲ ଦୋକାନରୁ ନେଇପାରିବେ।

ଭିଡିଓ କନଫରେନ୍ସିଂ ଜରିଆରେ ଉକ୍ତ ଯୋଜନାର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ ପାଶ୍ୱାନ କହିଛନ୍ତି ଯେ, ଦେଶରେ ଏଭଳି ପଦକ୍ଷେପ ଐତିହାସିକ। ଏହା ଦ୍ୱାରା ପିଡିଏସ୍ ଯୋଗାଣରେ ଦୁର୍ନୀତି ଉପରେ ଲଗାମ ଲଗାଯାଇପାରିବ। ଏଥିସହିତ ରୋଜଗାର ଉଦ୍ଦେଶ୍ୟରେ ଅନ୍ୟ ରାଜ୍ୟକୁ ଯାଉଥିବା ଶ୍ରମିକଙ୍କୁ ସବ୍‌ସିଡିଯୁକ୍ତ ରାଶନ ସାମଗ୍ରୀ ମିଳିବା ସହଜ ହେବ। ଏଭଳି ବ୍ୟବସ୍ଥା ଦ୍ୱାରା ଏକାଧିକ କାର୍ଡ ରଖିବାର ଝାମେଲାରୁ ମୁକ୍ତି ମିଳିବ। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପାଶ୍ୱାନ ଯୁକ୍ତି ଦର୍ଶାଇଥିଲେ ଯେ, ଉକ୍ତ ଯୋଜନା ଦେଶରେ ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବା ପରେ ଖାଉଟି ଗୋଟିଏ ପିଡିଏସ୍ ଦୋକାନ ସହ ବନ୍ଧା ହୋଇ ରହିବେ ନାହିଁ। ସେ ଦେଶର ଯେକୌଣସି ସ୍ଥାନରୁ ନିଜର ପିଡିଏସ୍ ସାମଗ୍ରୀ ନେଇପାରିବେ। ଏଭଳି ବ୍ୟବସ୍ଥା ଦ୍ୱାରା ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ କାର୍ଡର ଏକ ଡାଟାବେସ୍ ତିଆରି କରାଯିବ। ଫଳରେ ଡୁପ୍ଲିକେଟ କାର୍ଡ ହଟାଇବା ସହଜ ହେବ। ସରକାର ଜିଏସ୍‌ଟିଆଇଏନ୍ ଭଳି ରାଶନ କାର୍ଡର ରିୟଲ ଟାଇମ ଅନ୍‌ଲାଇନ ଡାଟାବେସ୍ ତିଆରି କରିବାକୁ ଯୋଜନା କରୁଛନ୍ତି। ଇତିମଧ୍ୟରେ ୭ ରାଜ୍ୟ ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ପଞ୍ଜାବ, ରାଜସ୍ଥାନ ଏବଂ ତ୍ରିପୁରାରେ ରାଶନ କାର୍ଡର ଅନ୍ତଃ ପୋର୍ଟେବିଲିଟି(ନିଜ ରାଜ୍ୟ ଭିତରେ)କୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି। ଏହାର ଅର୍ଥ ଖାଉଟି ନିଜ ରାଜ୍ୟ ଭିତରେ ଯେକୌଣସି ସ୍ଥାନରୁ ନିଜର ରାଶନ ସାମଗ୍ରୀ ହାସଲ କରିପାରୁଛନ୍ତି। କେନ୍ଦ୍ର ଖାଦ୍ୟ ସଚିବ ରବି କାନ୍ତ କହିଛନ୍ତି ଯେ, ଆସନ୍ତାବର୍ଷ ଜାନୁୟାରୀ ସୁଦ୍ଧା ଉକ୍ତ ରାଜ୍ୟଗୁଡ଼ିକରେ ଧୀରେ ଧୀରେ ରାସନ କାର୍ଡର ଆନ୍ତଃ ପୋର୍ଟେବିଲିଟି ବ୍ୟବସ୍ଥା ଆରମ୍ଭ ହୋଇଯିବ। ଜାନୁୟାରୀ ସୁଦ୍ଧା ଦେଶର ୧୧ ରାଜ୍ୟରେ ଗୋଟିଏ ରାଷ୍ଟ୍ର, ଏକ ରାଶନ କାର୍ଡ ଯୋଜନା ଲାଗୁ ହୋଇଯିବ। ସୂଚନାଥାଉ କି, ବର୍ତ୍ତମାନ କେନ୍ଦ୍ର ସରକାର ୫ ଲକ୍ଷ ପିଡିଏସ୍ ଦୋକାନ ଜରିଆରେ ୮୧ କୋଟି ଗରିବଙ୍କୁ ମୁଣ୍ଡପିଛା ୫ କେଜି ଲେଖାଏ ଖାଦ୍ୟଶସ୍ୟ ବାଣ୍ଟୁଛନ୍ତି। ଫଳରେ ସରକାରଙ୍କୁ ବାର୍ଷିକ ୧.୪ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ପଡୁଛି। ସରକାର କେଜି ୩ ଟଙ୍କାରେ ଚାଉଳ, ୨ଟଙ୍କାରେ ଗହମ ଯୋଗାଇ ଦେଉଛନ୍ତି।

### ଯୁବତୀଙ୍କୁ ଲିଫ୍ଟ ଦେଇ ଫସିଲେ ଯୁବକ

ପରଜଙ୍ଗ, ୯।୮ (ଡି.ଏନ.ଏ.)

ପରଜଙ୍ଗ ଥାନା ସରାଙ୍ଗ- ଭାଲୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତାର ଜହ୍ନାପଡ଼ା ଗାଁ ନିକଟରୁ ଶୁକ୍ରବାର ସନ୍ଧ୍ୟାରେ ଅଭିନବ ଉପାୟରେ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଭାଲୁମୁଣ୍ଡା ଗ୍ରାମର ସନ୍ନ୍ୟାସୀ ନାଏକ। ଦୁଇଜଣ ଯୁବକ ଏବଂ ଜଣେ ଯୁବତୀ ନିସ୍ଙ୍କୁ ମାଡ଼ମାରି ତାଙ୍କଠାରୁ ୧୦୦୦ ଟଙ୍କା ଲୁଟି ନେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ସନ୍ନ୍ୟାସୀ ତାଳଚେରରୁ ଘରକୁ ଫେରୁଥିଲେ। ସରାଙ୍ଗ ଗେଟ୍ ନିକଟରେ ଜଣେ ଯୁବତୀ ଭାଲୁମୁଣ୍ଡା ଯିବାକୁ ଲିଫ୍ଟ ମାଗିଥିଲେ। କିଛିବାଟ ଯିବା ପରେ ଜହ୍ନାପଡ଼ା ଗ୍ରାମ ନିକଟରେ ଦୁଇଜଣ ଯୁବକ ଅନ୍ୟ ଏକ ବାଇକ୍‌ରେ ଆସି ଅଟକାଇ ସନ୍ନ୍ୟାସୀଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ୧୦୦୦ ଟଙ୍କା ଛଡ଼ାଇ ନେଇଥିଲେ। ସେପଟେ ଲିଫ୍ଟରେ ଆସିଥିବା ଯୁବତୀ ଜଣକ ଅଭିଯୁକ୍ତଙ୍କ ସହ ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ।

# ବିଜୁଳି ଦର ହ୍ରାସ ପାଇଁ ଆନ୍ଦୋଳନ

ଭୁବନେଶ୍ୱର,୯।୮(ବ୍ୟୁରୋ)



ବିଜୁଳି ଦର ହ୍ରାସ ଦାବିରେ ଲୋୟର ପିଏମ୍‌ଜି ଅଭିମୁଖେ ଯାଉଥିବା ଆନ୍ଦୋଳନକାରୀମାନେ।

ଦେଶର ରାଜଧାନୀ ତଥା ବ୍ୟୟବହୁଳ ସହରଭାବେ ପରିଚିତ ଦିଲ୍ଲୀବାସୀଙ୍କ ପାଇଁ ମାସିକ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଇଛି। ଚଳିତ ମାସ ପହିଲାରେ ସେଠାକାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଥିଲା। ହେଲେ ବିଭିନ୍ନ ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ କରୁଥିବା ରାଜ୍ୟ ଓଡ଼ିଶାର ବିଜୁଳି ଦେୟ ଅଧିକ ରହୁଛି। ତେଣୁ ଦିଲ୍ଲୀ ଯଦି ଜାତୀୟ ଗ୍ରୀଡ୍‌ରୁ ବିଦ୍ୟୁତ କ୍ରୟ କରି ସ୍ଥାନୀୟ ଅଧିବାସୀଙ୍କୁ ରିହାତି ଦେଇ ପାରୁଛି, ଓଡ଼ିଶାରେ କାହିଁକି ସମ୍ଭବ ନୁହେଁ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ତେଣୁ ଦିଲ୍ଲୀ ଦରରେ ରାଜ୍ୟବାସୀଙ୍କୁ ବିଜୁଳି ଯୋଗାଇଦେବା ପାଇଁ ଏକ ଅଭିନବ ପୋଷ୍ଟ କାର୍ଡ ଆନ୍ଦୋଳନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି।

ଶ୍ରୀକାନ୍ତଙ୍କ ସମେତ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଓ କୃଷ୍ଣଚନ୍ଦ୍ର ଶଗରିଆ, ସଙ୍ଗଠକ ଦେବୀପ୍ରସାଦ ପୃଷ୍ଟି, ଅକ୍ଷୟ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ପୋଷ୍ଟ କାର୍ଡ ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟରେ ବିଦ୍ୟୁତ ସମସ୍ୟା, ବିଭାଗୀୟ ଦୁର୍ନୀତି ସର୍ବୋପରି ବିଜୁଳି ଦର ହ୍ରାସ ନେଇ ଏକ ବୈଠକ ସ୍ଥାନୀୟ ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଲୋୟର ପିଏମ୍‌ଜିସ୍ଥିତ ଡାକଘରେ ପୋଷ୍ଟକାର୍ଡ ପ୍ରେରଣ କରିଥିଲେ। ଏହା ପରେ ଗଣମାଧ୍ୟମକୁ ଶ୍ରୀକାନ୍ତ କହିଛନ୍ତି ଯେ, ଦିଲ୍ଲୀର ବିଦ୍ୟୁତ୍ ଉପଭୋକ୍ତା ୪୦୦ ୟୁନିଟ୍ ପାଇଁ ମାସକୁ ମାତ୍ର ୨୫୦ ଟଙ୍କା ଦେବେ। ହେଲେ ଓଡ଼ିଶାରେ ସମାନ ସଂଖ୍ୟକ ୟୁନିଟ୍ ଲାଗି ଉପଭୋକ୍ତା ୧୯୬୦ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି, ଏହା ଦିଲ୍ଲୀ ତୁଳନାରେ ୧୭୧୦ ଟଙ୍କା ଅଧିକ। ଦିଲ୍ଲୀର ମୁଣ୍ଡପିଛା ଆୟ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟଠାରୁ ପ୍ରାୟ ୧୦ ଗୁଣ ଅଧିକ। ହେଲେ ଦିଲ୍ଲୀରେ ୨୦୦ ୟୁନିଟ୍ ମାଗଣା, ଓଡ଼ିଶାରେ ନାହିଁ ନ ଥିବା ଦାମ୍ କାହିଁକି ବୋଲି କହି ଶ୍ରୀକାନ୍ତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ,ରାଜ୍ୟରେ ଶୂନ୍‌ରୁ ୫୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ୍ ପିଛା ୨.୫୦ ଟଙ୍କା, ୫୦-୧୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୪.୩୦, ୧୫୦-୨୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୫.୩୦ ଏବଂ ୨୦୦ରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ପାଇଁ ୟୁନିଟ୍ ପିଛା ୫ ଟଙ୍କା ୭୦ ପଇସା ଦେବାକୁ ପଡୁଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଗଲା ଚିଠି

## ସବୁଜ ପତ୍ରିକାଧାରୀଙ୍କ ସଂଖ୍ୟା ଗଣତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୯।୮(ବ୍ୟୁରୋ)

ରାଜ୍ୟରେ କେତେ ସବୁଜ ପତ୍ରିକାଧାରୀ ରହିଛନ୍ତି ସେମାନଙ୍କ ସଂଖ୍ୟା ଗଣତି ଆରମ୍ଭ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ସରକାରଙ୍କ ନିକଟରେ ସବୁଜ ପତ୍ରିକାଧାରୀଙ୍କ ସମ୍ପର୍କରେ ସେଭଳି କୌଣସି ତଥ୍ୟ ନ ଥିବା ଜଣାପଡିଛି। ଏବେ ତଥ୍ୟ ସଂଗ୍ରହ କରିବା ପରେ ସେମାନଙ୍କ ପାଇଁ ରାଜ୍ୟ ସରକାର କିଛି ଘୋଷଣା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଗତ ନିର୍ବାଚନ ପୂର୍ବରୁ ସବୁଜ ପତ୍ରିକାଧାରୀଙ୍କ ପକ୍ଷରୁ ବିଭିନ୍ନ ଦାବି ତଥା ଶିକ୍ଷା ଏବଂ ସରକାରୀ ଚାକିରି କ୍ଷେତ୍ରରେ ସୁବିଧା ଦେବା ପାଇଁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ସଂଘଗୁଡିକର ଦାବି ସମ୍ପର୍କରେ ଆଲୋଚନା କରିବାକୁ ମନ୍ତ୍ରୀ ସ୍ତରୀୟ କମିଟି ଗଠନ ମଧ୍ୟ କରାଯାଇଥିଲା। ସେତେବେଳେ ଉକ୍ତ କମିଟି ସହ ସଂଘ ସଦସ୍ୟମାନେ ଆଲୋଚନା କରିଥିଲେ। ବର୍ତ୍ତମାନ ଦାବି ପୂରଣ ପୂର୍ବରୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ସଂଖ୍ୟା ଗଣନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଣାପଡିଛି।

## କେନ୍ଦୁଝର ସହରରେ ସେକ୍ସ ରାକେଟ

### ୫ ଯୁବତୀଙ୍କ ସମେତ ୧୦ ଗିରଫ

କେନ୍ଦୁଝର, ୯।୮ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ସହରରେ ଶୁକ୍ରବାର ରାତିରେ ଏକ ସେକ୍ସ ରାକେଟ ଠାବ ହୋଇଛି । ୫ଜଣ ଯୁବତୀ ଓ ୫ଜଣ ଯୁବକଙ୍କୁ ପୋଲିସ ଗିରଫ କରି ଅଧିକ ତଦନ୍ତ କରୁଛି। ସହରରେ ସେକ୍ସ ର୍ୟାକେଟ ଚାଲୁଥିବା ସୂଚନା ପାଇ ଟାଉନ ଥାନା ଅଧିକାରୀ ସୋମନାଥ ଜେନା ଦୁଇଟି ସ୍ଥାନରେ ଚଢ଼ାଉ କରିଥିଲେ। ସେଠାରୁ ଏହି ୧୦ଜଣଙ୍କୁ ଧରାଯାଇଛି। ଗିରଫ ଯୁବକମାନେ ଠାକୁରପଟନା, କଲେଜ ରୋଡ଼ ଓ ମାର୍କେଟ ଅଞ୍ଚଳର ବୋଲି ଜଣାପଡିଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଚୋରା ମଦ ବିକ୍ରି ଅଭିଯୋଗରେ ଅଟକ ଅଭିଯୁକ୍ତଙ୍କ ମୃତ୍ୟୁ

ବାଲେଶ୍ୱର ଅଫିସ, ୯।୮


ଗ୍ରାମବାସୀ ରାସ୍ତା ଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ରେମୁଣା ଗୋଲେଇ ମା' କାଳୀ ହୋଟେଲରେ ଚୋରା ମଦ ବିକ୍ରି ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଗତ ବୁଧବାରରେ ଶିଳ୍ପାଞ୍ଚଳ ଥାନା ପୋଲିସ ହୋଟେଲର କର୍ମଚାରୀ ରତିକାନ୍ତ ଦାସଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଗୁରୁବାର ସକାଳେ ତାଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ହଠାତ୍ ତଳେ କଚାଡ଼ି ପଡ଼ି ଯାଇଥିଲେ। ମୁଣ୍ଡ ପଛପଟେ ମାଡ଼ ହେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ହେବାରୁ ଗୁରୁବାର କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ରତିକାନ୍ତଙ୍କ ମୃତ୍ୟୁ ହୋଇଛି। ଏନେଇ ସ୍ଥାନୀୟ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଛି। ଏହି ଖବର ଜାଣିବା ପରେ ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକେ ଶିଳ୍ପାଞ୍ଚଳ ଥାନା ରେମୁଣା ଗୋଲେଇରେ ଶୁକ୍ରବାର ରାତି ୯ଟା ସମୟରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ରତିକାନ୍ତଙ୍କୁ ପୋଲିସ ମାଡ଼ ମାରି ଏଭଳି ଅବସ୍ଥା କରିଥିବାର ପରିବାର ଲୋକେ ଅଭିଯୋଗ କରିଥିବାବେଳେ ଶତାଧିକ ଲୋକ ରାସ୍ତାରୋକୋରେ ସାମିଲ ହୋଇଛନ୍ତି। ଘଟଣାସ୍ଥଳରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ସହଦେବଖୁଣ୍ଟା ଥାନା ଆଇଆଇସି ପରେଶ ରାଉତ, ଡିଏସ୍‌ପି ଉମେଶ ପଣ୍ଡା ଫୋର୍ସ ସହ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି। ଏ ସମ୍ପର୍କରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଜୟନ୍ତ ବେହେରା କହନ୍ତି, ଅଭିଯୋଗ ପାଇବା ପରେ ମଦ ବିକ୍ରି କରୁଥିବା ରତିକାନ୍ତଙ୍କୁ ଗତ ୭ ତାରିଖ ରାତିରେ ଅଣାଯାଇ ଥାନାରେ ଅଟକ ରଖାଯାଇଥିଲା। ହଠାତ୍ ତା'ର ଦେହ ଅସୁସ୍ଥ ହେବାରୁ ପରିବାର ଲୋକଙ୍କୁ ଡାକି ଚିକିତ୍ସା ପାଇଁ ପୋଲିସ ସହିତ ଯିବାବେଳେ ପୂର୍ବରୁ ଥିବା ବାତ ରୋଗ ବାହାରିଥିଲା। ସେ କଚାଡ଼ି ହୋଇ ପଡ଼ିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ପୋଲିସ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟଚିକିତ୍ସାଳୟ ଓ ପରେ କଟକକୁ ନେଇ ଚିକିତ୍ସା କରାଇବାର ସମସ୍ତ ବ୍ୟବସ୍ଥା କରିଛି।


## ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ପ୍ରକଳ୍ପ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ

ଭାରତ ସରକାରଙ୍କର ପ୍ରାଥମିକ ଉଦ୍ୟମରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (ଶା.ଓ.ଉ.ଅ.କେ.) ନିମନ୍ତେ ନିମ୍ନସୂଚିତ ପଦବୀ ଆବଶ୍ୟକ।

| କ୍ର. ସଂ. | ପଦବୀର ନାମ | ପଦବୀ ସଂଖ୍ୟା | ମାସିକ ସମ୍ମିଳିତ ବେତନ |
|---|---|---|---|
| | ପ୍ରଶାସନିକ ପଦବୀ | | |
| ୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ୭୦,୦୦୦ |
| ୨ | କାର୍ଯ୍ୟାଳୟ ଅଧ୍ୟକ୍ଷ | ୦୧ | ୩୦,୦୦୦ |
| ୩ | କନିଷ୍ଠ ହିସାବ ଅଧିକାରୀ | ୦୧ | ୩୦,୦୦୦ |
| ୪ | କ୍ଲର୍କ (ଉଚ୍ଚ ବର୍ଗ) | ୦୧ | ୨୪,୦୦୦ |
| ୫ | ବହୁମୁଖୀ କାର୍ଯ୍ୟ ସହାୟକ (ଏମ୍.ଟି.ଏସ୍.) | ୦୧ | ୧୨,୦୦୦ |
| | ବିଦ୍ୟା-ଆଧାରିତ (ଏକାଡେମିକ୍) ପଦବୀ | | |
| ୬ | ବରିଷ୍ଠ ଗବେଷକ | ୦୫ | ୪୧,୦୦୦ |
| ୭ | ସହାୟକ ଗବେଷକ | ୦୫ | ୩୭,୦୦୦ |

ଆବେଦନପତ୍ର ପହଞ୍ଚିବାର ଶେଷ ତାରିଖ :- ଦୈନିକ ସମ୍ବାଦପତ୍ରଗୁଡିକରେ (ଓଡ଼ିଶାର ପ୍ରମୁଖ ଓଡ଼ିଆ ଓ ଇଂରାଜି ଦୈନିକ) ଏହି ବିଜ୍ଞାପନ ପ୍ରକାଶ ପାଇବାର ୨୧ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଆବେଦନପତ୍ର ପହଞ୍ଚିବା/ଦାଖଲ କରିବା ଆବଶ୍ୟକ। ସମ୍ପୂର୍ଣ୍ଣ ହୋଇଥିବା ଆବେଦନପତ୍ରକୁ ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମାନସଗଙ୍ଗୋତ୍ରୀ, ହୁଣସୂରୁ ରୋଡ୍, ମୈସୁର-୫୭୦୦୦୬, କର୍ଣ୍ଣାଟକ (Director, Central Institute of Indian Languages, Manasagangothri, Hunsur Road, Mysore-570006, Karnataka) ଠିକଣାରେ ଡାକରେ ପଠାଇପାରିବେ ବା ନିଜେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ତାରିଖ ପରେ ଆବେଦନପତ୍ର ପହଞ୍ଚିଲେ ବା ଦାଖଲ କଲେ ତାହା ଗ୍ରହଣଯୋଗ୍ୟ ନୁହେଁ। ଅନୁଷ୍ଠାନର ୱେବ୍‌ସାଇଟ୍ www.ciil.orgର ଘୋଷଣା (Announcement) ପୃଷ୍ଠାରେ ଆବେଦନପତ୍ର ତଥା ଏ ସମ୍ପର୍କିତ ଅଧିକ ସୂଚନା ଉପଲବ୍ଧ।

ସହାୟକ ନିର୍ଦ୍ଦେଶକ (ପ୍ରଶାସନ)
କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମୈସୁର

davp 21248/11/0002/1920


### ଯୁକ୍ତ୨ ବଳକା ସିଟ୍ ନାମଲେଖା ୧୩ରୁ ଆବେଦନ

ଭୁବନେଶ୍ୱର, ୯।୮(ବ୍ୟୁରୋ): ଯୁକ୍ତ୨ ପ୍ରଥମ ବର୍ଷରେ ବଳକା ସିଟ୍‌ରେ ନାମଲେଖା ପାଇଁ ଶୁକ୍ରବାର ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଆସନ୍ତା ୧୩ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ୨୪ତାରିଖ ରାତି ସାଢ଼େ ୧୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୨୬ତାରିଖ ଅପରାହ୍ନ ୩ଟା ସୁଦ୍ଧା ଛାତ୍ରୀଛାତ୍ରମାନେ ସମସ୍ତ ଡକ୍ୟୁମେଣ୍ଟ ନିକଟସ୍ଥ ଏସ୍‌ଆର୍‌ସି ସେଣ୍ଟରରେ ଦାଖଲ କରିବେ। ୨୯ତାରିଖରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୩୦ ଓ ୩୧ତାରିଖ ଦୁଇଦିନ ମଧ୍ୟରେ ନାମ ଲେଖାଇବେ।


देना बैंक अब-बैंक ऑफ बड़ौदा
DENA BANK NOW-BANK OF BARODA

ବାଲେଶ୍ୱର ଶାଖା
ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧
ଫୋନ୍: ୦୬୭୮୨-୨୬୦୨୧୮, ୨୬୩୩୧୧

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ) (ପରିଶିଷ୍ଟ ୪ [ରୁଲ୍ ୮(୧)])

ନିମ୍ନ ସ୍ୱାକ୍ଷରକାରୀ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) '[ଆକ୍ଟ] ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା(ମାନେ) ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

### ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ

| ଋଣଗ୍ରହୀତା(ମାନ)ଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ଲକ୍ଷ୍ମୀ ବ୍ରିକ୍ସ ଇଣ୍ଡଷ୍ଟ୍ରିଜ୍, କାରଖାନା ଠିକଣା-** ସା: ବଣପାରିଆ, କୁରୁଡା, ଏନ୍‌ଏଚ୍-୫ ପାର୍ଶ୍ୱ, ସର୍ଭିସ୍ ରୋଡ୍, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୬, **୨) ମନ୍ମଥ କୁମାର ଦତ୍ତ, ୩) ଶ୍ରୀମତୀ ବିଜୟ ଲକ୍ଷ୍ମୀ ଦତ୍ତ, ବାସସ୍ଥାନ ଠିକଣା-** ସା: ଚାନ୍ଦମାରୀ ପଡିଆ, ପ୍ଲଟ୍ ନଂ.: ୧୬, ଶିବ ମନ୍ଦିର ନିକଟ, ସହଦେବ ଖୁଣ୍ଟା, ବାଲେଶ୍ୱର-୭୫୬୦୦୧, ଓଡ଼ିଶା | **୧) ମନ୍ମଥ କୁମାର ଦତ୍ତଙ୍କ** ନାମରେ ଥିବା ଜମି ଏବଂ କାରଖାନା ସେଡ ଯାହାର ଖାତା ନଂ.: ୩୧୫/୨୬୬, ପ୍ଲଟ୍ ନଂ.: ୧୧୧/୧୨୮୩ ଏବଂ ୧୧୨/୧୨୮୪, ଅନୁରୂପ ହାଲ୍ ଖାତା ନଂ.: ୩୧୫/୬୪୩, ହାଲ୍ ପ୍ଲଟ୍ ନଂ.: ୧୧୨/୧୨୮୪/୧୬୧୧ ଏବଂ ୧୧୧/୧୨୮୩/୧୬୧୦, କ୍ଷେତ୍ର: ୦.୨୦ ଏକର, ମୌଜା: ବଣପାରିଆ, କୁରୁଡା, ଜିଲ୍ଲା: ବାଲେଶ୍ୱର-୭୫୬୦୫୬, ଏହାର | ୦୪.୦୫.୨୦୧୯ / ୦୫.୦୮.୨୦୧୯ | ତା୦୪.୦୫.୨୦୧୯ ରିଖ ସୁଦ୍ଧା ଟ.୫୩,୭୬,୩୧୦/- + ତା୦୧.୦୩.୨୦୧୯ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୨, ଦକ୍ଷିଣ: ପ୍ଲଟ୍ ନଂ.: ୧୧୪୨, ପୂର୍ବ: ଗିରିଜା ଶଙ୍କର ଦାସଙ୍କ ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୦, **୨) ମନ୍ମଥ କୁମାର ଦତ୍ତଙ୍କ** ନାମରେ ଥିବା ବାସୋପଯୋଗୀ ଡ୍ୟୁପ୍ଲେକ୍ସ ୟୁନିଟ୍ ଯାହାକି "ସୁପ୍ରତିକ ଲାଇଫ୍ ଷ୍ଟାଇଲ୍"ରେ ଅବସ୍ଥିତ ଯାହାର ମୌଜା: କୁରୁଡା, ଥାନା: ସଦର, ଥାନା ନଂ.: ୧୯୬, ଜିଲ୍ଲା: ବାଲେଶ୍ୱର, ସବ୍ ପ୍ଲଟ୍ ନଂ.: ଏ/୧୫, କ୍ଷେତ୍ର: ୧୪୧୦ ବର୍ଗଫୁଟ, ମ୍ୟୁଟେସନ୍ ଖାତା ନଂ.: ୧୯୬/୮୦୬, ପ୍ଲଟ୍ ନଂ.: ୫୯/୧୫୪୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୪), ଦକ୍ଷିଣ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୬), ପୂର୍ବ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୬), ପଶ୍ଚିମ: ପ୍ରସ୍ତାବିତ ରାସ୍ତା

ସ୍ଥାନ : ବାଲେଶ୍ୱର, ତାରିଖ : ୦୯.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା



## ODISHA SUB-ORDINATE STAFF SELECTION COMMISSION

Block No.3 & 5, Unit -1, Bhubaneswar-751009
Telephone - 0674-2597149, 2597152 (office)
Fax- 0674-2597155, Website : www.osssc.gov.in

**No.IIE-69/2018 -268 (C)/OSSSC, Date- 07.08.2019**

**NOTICE**

### Written Test for recruitment to the post of Excise Constable

No.40-T :- In pursuance of the Advertisements No.IIE-68/2017- 910(C)/OSSSC dt. 09.10.2018, No.39(C)/OSSSC dt.11.01.2019 and IIE-69/2018-29 (C)/OSSSC dt. 10.01.2019, the Provisional List of the candidates qualified in the Physical Standard Measurement and Physical Efficiency Test held from 18.01.2019 to 31.01.2019 for the post of Excise Constable is hereby published as at Annexure-1. The candidates who appeared in the PSM & PET may visit the Commission's website: www.osssc.gov.in to see the results. The Written Test for the qualified candidates will be held at all the approved examination centres in the district headquarters on **08.09.2019 (Sunday)** from 10.00 AM onwards. The admission letters available online may be downloaded from the OSSSC Website from 24.08.2019 onwards by the qualified candidates using their User ID and Password to appear in the examination. **No hard-copy of Admission Letter will be sent to any candidate by post.**

*By order of the Commission*
Sd./- Secretary

09007/11/0001/1920



" ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ଜଙ୍ଗଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଲଖନପୁର,୯।୮(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ବନହରପାଲି ଥାନା ସାହାଜବାହାଲ ଗ୍ରାମ୍ୟ ଜଙ୍ଗଲରୁ ଶୁକ୍ରବାର ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତଦେହ ସାହାଜବାହାଲ ଗ୍ରାମର ରାହାସ ମାଝି (୬୩)ଙ୍କର ବୋଲି ଜଣାପଡ଼ିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୭/୧୯) ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାହାସ ଗତ ଗୁରୁବାର ମଧାହ୍ନରୁ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ଗ୍ରାମର କେତେଜଣ ବ୍ୟକ୍ତି ଜଙ୍ଗଲକୁ ଯାଇଥିବାବେଳେ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ।

### ବୁର୍ଲା ଭାଜପାର କ୍ରାନ୍ତି ଦିବସ ପାଳନ

ଚିପିଲିମା,୯।୮(ଡି.ଏନ.ଏ.): ବୁର୍ଲା ସହର ଗୋପବନ୍ଧୁ ଛକଠାରେ ମଣ୍ଡଳ ସଭାପତି ନମ୍ରସକାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୀମାଞ୍ଚଳ ଖଟେଇ ଉପସ୍ଥିତ ରହି ପଶ୍ଚିମାଞ୍ଚଳର ବୀରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ । ଖଟେଇ ବକ୍ତବ୍ୟରେ କ୍ରାନ୍ତିକାରୀ ଦିବସ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଏପରି କି ଆଗାମୀ ଦିନରେ ଭାଜପା ବୁର୍ଲା ମଣ୍ଡଳ ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମକୁ ଜୋର୍‌ଦାର କରିବାକୁ ଆଲୋକପାତ କରିଥିଲେ। ଏଥିରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହରିଶଙ୍କର ପଣ୍ଡା, ବରିଷ୍ଠ ସଭ୍ୟ ଦୟାନନ୍ଦ ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ ନାୟକ, ଜାନକୀ ମେହେର, ସୁମି କୁମ୍ଭାର, ରୀତା କୋର, ସୁଜାତା ଜେନା, ଜମୁନା ସିକା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଆଇନଜୀବୀ ତଥା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରତାପ କୁମାର ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

### ପାନୀୟଜଳ ଯୋଗାଣ ଟ୍ୟାଙ୍କର ଶୁଭାରମ୍ଭ

ସମ୍ବଲପୁର,୯।୮(ବ୍ୟୁରୋ) ଅଶୋକ ଜଲାନ ଫାଉଣ୍ଡେଶନ ପକ୍ଷରୁ ପାନୀୟଜଳ ଯୋଗାଣ ଟ୍ୟାଙ୍କର ଶୁକ୍ରବାର ସମ୍ବଲପୁର ମୁଦିପଡ଼ା ଜନସ୍ୱାସ୍ଥ୍ୟ ଅଫିସ ପରିସରରେ ଶୁଭାରମ୍ଭ ହୋଇଯାଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ଜନସ୍ୱାସ୍ଥ୍ୟ ବିଭାଗର ମନୋଜ କୁମାର ନନ୍ଦ, ଭାଗ୍ୟଧର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇଂ. ଅଶୋକ ଜଲାନଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ସେ କହିଥିଲେ ଯେ, ସମ୍ବଲପୁର ମହାନଗର ନିଗମ ଅଧୀନ ବିଭିନ୍ନ ଅଞ୍ଚଳକୁ ପାନୀୟଜଳ ଯୋଗାଣ ହୋଇପାରୁ ନାହିଁ । ଫଳରେ ଟ୍ୟାଙ୍କର ସାହାଯ୍ୟରେ ପାନୀୟଜଳ ଲୋକଙ୍କୁ ଯୋଗାଇ ଦିଆଯାଇ ପାରିବ । ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ, ଅଗ୍ରୱାଲ ସମ୍ମେଳନ, ଲାୟନ୍ସ କ୍ଲବ, ମାରୱାଡି ମହିଳା ସମିତି କ୍ଷେତରାଜପୁର, ସୋସିଆଲ ଷ୍ଟାର କ୍ଲବ, ସମ୍ବଳ, ବଡବଜାର ନବ ଯୁବକ ସଂଘ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ଜିଏମ୍‌ୟୁରେ ତୁଳସୀ ଦାସ ଜୟନ୍ତୀ

ସମ୍ବଲପୁର,୯।୮(ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ପକ୍ଷରୁ କବି ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସଦନ କୁମାର ପାଲଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା । ତୁଳସୀ ଦାସଙ୍କ ରଚନାରେ ଯେତିକି ଧାର୍ମିକ ମହତ୍ତ୍ୱ ରହିଛି, ସେତିକି ସାହିତ୍ୟିକ ଦୃଷ୍ଟିରେ ମହତ୍ତ୍ୱ ରହିଛି ବୋଲି ଡ. ପାଲ କହିଥିଲେ। ସହାୟକ ପ୍ରଫେସର ଡ.ଜ୍ୟୋତି ମିଶ୍ର, ଡ.ଦାଶରଥୀ ବେହେରା ତୁଳସୀ ଦାସଙ୍କ ରଚନା ବିଷୟରେ ଆଲୋଚନା କରିଥିଲେ। ସାଂସ୍କୃତିକ ସମ୍ପାଦକ ମନୋଜ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ପରେ ପିଏଚଡି, ଏମ୍‌ଫିଲ, ପିଜି ଛାତ୍ରୀଛାତ୍ରମାନେ ତୁଳସୀ ଦାସଙ୍କ ନିତିବାଣୀ ଉପରେ ଆଲୋଚନା କରିଥିଲେ ।

## ଏମ୍‌ସିଏଲ୍ ବିସ୍ଥାପିତ, କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ବୈଠକ

# ଉପଯୁକ୍ତ ସୁବିଧା ମିଳିଲେ ଗାଁ ଛାଡ଼ିବାକୁ ରାଜି

ଲଖନପୁର,୯।୮(ଡି.ଏନ୍.ଏ.)




ତ୍ରିପାକ୍ଷିକ ବୈଠକରେ ଉପସ୍ଥିତ ଅଧିକାରୀ।

ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବହୁବିଧ ସମସ୍ୟା ନେଇ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଓ ବେଲପାହାଡ଼ ଖୋଲାମୁହଁ କୋଇଲାଖଣି ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ପାରୁନାହିଁ। ଏଥିପାଇଁ କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଫଳରେ ଖଣି କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧା ବଢ଼ିଯାଇଛି। ଏହାର ପ୍ରତିକାର ପାଇଁ ଖଣି କର୍ତ୍ତୃପକ୍ଷ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଖଇରକୁନୀ, ଟିଙ୍ଗିସ୍‌ମାଲ୍ ଓ ଦର୍ଲିପାଲି ଗ୍ରାମର ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ଶୁକ୍ରବାର ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଡକାଇଥିଲା। ସକାଳେ ଖଇରକୁନୀ ଓ ଟିଙ୍ଗିସ୍‌ମାଲ୍ ଗ୍ରାମବାସୀଙ୍କୁ ନେଇ ଦହଲଡେରା ପ୍ରାଥମିକ ସ୍କୁଲରେ ବୈଠକ ହୋଇଥିଲା। ଅପରାହ୍ନରେ ଦର୍ଲିପାଲି ଗ୍ରାମରେ ବୈଠକ ହୋଇଥିଲା। ତେବେ ବୈଠକ ସମ୍ପର୍କରେ ଜିଲା ପ୍ରଶାସନ କିମ୍ବା ଏମ୍‌ସିଏଲ୍ ପକ୍ଷରୁ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖଇରକୁନୀ ଓ ଟିଙ୍ଗିସ୍‌ମାଲ୍ ଗ୍ରାମର କେତେଜଣ ବ୍ୟକ୍ତି ଚାକିରି, କ୍ଷତିପୂରଣ ଆଦି ସୁବିଧା ସୁଯୋଗ ନେଇ ଗାଁ ଛାଡ଼ି ଅନ୍ୟତ୍ର ଥାଇଥାନ ହେଲେଣି। ତେବେ ଉପଯୁକ୍ତ ସୁବିଧା ସୁଯୋଗ ପାଇ ନ ଥିବା ବ୍ୟକ୍ତିମାନେ ଏବେ ବି ଗାଁରେ ରହିଛନ୍ତି। ଏଥିମଧ୍ୟରେ ରହିଛନ୍ତି ବହୁ କ୍ଷତିଗ୍ରସ୍ତ ଶୁକବାସୀ। ଏଥିପାଇଁ ସମ୍ପୂର୍ଣ୍ଣ ଗ୍ରାମ ବିସ୍ଥାପିତ ହୋଇପାରୁ ନାହିଁ। ଫଳରେ ଖଣି ସମ୍ପ୍ରସାରଣ କାମ ଅଟକି ରହିଛି। ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି, ଥାଇଥାନ ଆଦି ସୁବିଧା ସୁଯୋଗ ଯୋଗାଇଦେଲେ ଗାଁ ଛାଡ଼ିବା ପାଇଁ ଲୋକେ ପ୍ରସ୍ତୁତ ବୋଲି ବୈଠକରେ କହିଥିଲେ। ଯଦି ଏହା କରା ନ ଯାଏ ତେବେ ଲୋକେ ଗାଁ ଛାଡ଼ିବେ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ଏ ନେଇ ଉପଜିଲାପାଳ ଶିବ ଟପ୍ପୋ କହିଛନ୍ତି ଯେଉଁ ଲୋକମାନଙ୍କର ଯାହା କିଛି ଦାବି ରହିଛି ସେମାନେ ପୁନର୍ବାର ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରନ୍ତୁ। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ବିଚାର କରାଯିବ ବୋଲି ଉପଜିଲାପାଳ ଟପ୍ପୋ କହିଛନ୍ତି। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଟପ୍ପୋ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଏମ୍‌ସିଏଲ୍ ପକ୍ଷରୁ ଜିଏମ୍ ଅନୀଲ କୁମାର ସିଂ, ଜିଏମ୍ (ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକାର, ଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ, ଯୁରେନ୍ ପଟ୍ଟନାୟକ, ମିତ୍ରଭାନୁ ବଡ଼େଇ, ଦଶରଥ ମିଶ୍ର, ଗ୍ରାମବାସୀଙ୍କ ପକ୍ଷରୁ ଅଶୋକ ବୁଢ଼ିଆ, ବିରଞ୍ଚି ସାହୁ, ସୁରେନ୍ଦ୍ର ସାହୁ, ସାଧୁଚରଣ ଦଣ୍ଡସେନା, ଦାମୋଦର ଭୋଇ, ପ୍ରେମଶୀଳା ପଣ୍ଡିଆ, ସାଗତୁଲା ଭୋଇ, ଜେମା ଭୋଇ, ଗଙ୍ଗାପ୍ରସାଦ ଦୀପ, ଅର୍ଜୁନ ସେଠ, ଭୀମ ସେଠ, ଗୋକୁଳା ସିଂ, ଗୋବିନ୍ଦ କରାଳି, କିଶୋର କରାଳି, ରବୀନ୍ଦ୍ର ସାହୁ, ଅମଦ ଓରାମ, ଗଙ୍ଗାଧର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା

# ୨୬ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା

ଭୁବନେଶ୍ୱର,୯।୮(ବ୍ୟୁରୋ): ବୃହତ୍ ପୁଞ୍ଜି ନିବେଶ ଅର୍ଥାତ୍ ୫୪ ହଜାର କୋଟି ଟଙ୍କା ବିନିଯୋଗରେ ରାଜ୍ୟରେ ହେବାକୁ ଥିବା ୨୬ଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ସଚିବାଳୟରେ ଅନୁଷ୍ଠିତ ହୋଇଥିଲା। ହରିଦାସପୁର-ପାରାଦୀପ ରେଳଲାଇନ୍‌ରେ କିଭଳି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଯିବ ତାହା ବୈଠକର ବିଷୟବସ୍ତୁ ଥିଲା। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରକଳ୍ପଗୁଡ଼ିକର ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ଅଧିଗୃହୀତ ଜମି ହସ୍ତାନ୍ତର, ପୁନଃ ଥଇଥାନ ସ୍ଥାନର ବିକାଶ ଏବଂ କଲୋନୀ ନିର୍ମାଣ, ଜଙ୍ଗଲ ଅନୁମତି, ପରିବେଶ ଅନୁମତି, କ୍ଷତିପୂରଣ ଅର୍ଥ ଆବଣ୍ଟନ, ଜବରଦଖଲ ଉଚ୍ଛେଦ ଆଦି ବିଷୟରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ପ୍ରକଳ୍ପ ପରିଚାଳନା ସେଲ୍ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ତଥ୍ୟ ଉପସ୍ଥାପନ କରିଥିଲେ। ସଡ଼କ ଓ ରେଳପଥ ଆଦି ଭିତ୍ତିଭୂମି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଓ ଜବରଦଖଲ ଉଚ୍ଛେଦ ହେଉଛି ପ୍ରମୁଖ ଆବଶ୍ୟକତା। ହେଲେ ଏ ଦିଗରେ ଥିବା ସମସ୍ୟାଗୁଡିକର ସମାଧାନ ହୋଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ବୈଠକରୁ ଜଣାପଡ଼ିଛି। ପ୍ରାୟ ୧୦୦୦ କୋଟି ବିନିଯୋଗରେ ନିର୍ମାଣ ହେଉଥିବା ହରିଦାସପୁର-ପାରାଦୀପ ରେଳଲାଇନ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକୀୟ ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଉପସ୍ଥିତ କ୍ୟାବିନେଟ୍ କମିଟି ପ୍ରକଳ୍ପ ତଦାରଖ ଗ୍ରୁପ୍‌ର ଯୁଗ୍ମ ଶାସନ ସଚିବ ରାଜୀବ ଅଗ୍ରୱାଲଙ୍କୁ ଅନୁରୋଧ କରିଥିଲେ। ଏ ଦିଗରେ ରେଲୱେ ବୋର୍ଡ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ ଅଗ୍ରୱାଲ ପ୍ରତିଶ୍ରୁତି ଦେଇଛନ୍ତି। ହରିଦାସପୁର-ପାରାଦୀପ ରେଳପଥରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଚଳିତବର୍ଷ ଶେଷସୁଦ୍ଧା ଏଥିରେ ରେଳ ଚଳାଚଳ ଆରମ୍ଭ କରିବାକୁ ଲକ୍ଷ୍ୟ ରହିଛି। ସେହିପରି ୩୫୫୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ଖୋର୍ଦ୍ଧାରୁ ବଲାଙ୍ଗୀର ୧୧୨ କିମି ରେଳପଥ ପାଇଁ ଜମି ରେଲୱେକୁ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଅନ୍ୟପକ୍ଷରେ ୧୧୩୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବାଂଶପାଣି-ଜଖପୁରା ରେଳ ରାସ୍ତାର ଦୋହରୀକରଣ, ରାଉରକେଲା-ଝାରସୁଗୁଡା ରେଳପଥ, କୋରାପୁଟ-ସିଙ୍ଗାପୁର ରାସ୍ତାର ଦେହରୀକରଣ, ଜରପଡ଼ା-ବୁଢ଼ାପଙ୍କ-ତାଳଚେର ରେଳପଥ ଓ ଫ୍ଲାଏଓଭର୍, ଭଦ୍ରକ-ନିର୍ଗୁଣ୍ଡି ରେଳପଥ, କୋଟାଭାଲସା-କୋରାପୁଟ ରେଳପଥ, ବୁଢ଼ାପଙ୍କ-ସାଳଗାଁ ରେଳପଥ, ବିଜୟନଗରମ୍-ସମ୍ବଲପୁର ରେଳପଥ ଆଦି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରାଜପଥ ପ୍ରକଳ୍ପ ମଧ୍ୟରେ ୧୦୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ହେଉଥିବା ଜାତୀୟ ରାଜପଥ-୫ର ଚଣ୍ଡିଖୋଲ-ଜଗତପୁର-ଭୁବନେଶ୍ୱର ସେକ୍‌ସନ୍ ଷଷ୍ଠ ରାସ୍ତା ପ୍ରଶସ୍ତୀକରଣ, ବୀରମିତ୍ରପୁର-ବାରକୋଟ ଜାତୀୟ ରାଜପଥ, ଜାତୀୟ ରାଜପଥ-୬ର ବିଞ୍ଝବାହଲ-ତିଲେଇବଣି ରାସ୍ତା, ସିଙ୍ଗାରା-ବିଞ୍ଝବାହାଲ ଜାତୀୟ ରାଜପଥ ଆଦି ପ୍ରମୁଖ ପ୍ରକଳ୍ପର ସମୀକ୍ଷା କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ଟେକି ଉଠୁଛି,**
**ହାତ ଚିକ୍କଣ ହେଉଛି ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡ଼ି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଇଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ଟେକିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ ସେହିପରି ଯିଏ ଅର୍ଥ କାରବାର କରେ, ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଇନାନୀ ବୋଲି ଗୋଟିଏ ଥିଲା**
**ଦଇବ ଦଣ୍ଡିଲା ତାକୁ,**
**ଆଣ୍ଠୁଏ ପାଣିରେ ଜପ କରୁଥିଲା**
**ପରଧନ ଖାଇବାକୁ ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୁରୀଣ। କେତକ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କେବେହେଲେ ଭୋଗ୍ୟ ହୋଇ ପାରି ନ ଥାଏ, ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଉ ନ ଥିବା ମହିଳା ନିଜ କୃତକର୍ମର ଫଳଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅବହେଳିତ ବେଲପାହାଡ଼ ବୀରଭୂମି



ବେଲପାହାଡ଼,୯।୮(ଡି.ଏନ୍.ଏ.) ଆଉ ୬ ଦିନ ପରେ ସାରା ଦେଶରେ ସ୍ୱାଧୀନତା ଦିବସ ପାଳନ ହେବ। ମାତ୍ର ବେଲପାହାଡ଼ ସହରାଞ୍ଚଳସ୍ଥିତ ବୀରଭୂମିର ଅବସ୍ଥା ସୁଧୁରିପାରିନି। ବୀରଭୂମିରେ ଦୀର୍ଘଦିନରୁ ମାଟି ଗଦା ଓ ଘାସପତ୍ର ଭର୍ତ୍ତିହୋଇ ରହିଛି। ସେହି ଅଳିଆ ଅବର୍ଜନା ମଧ୍ୟରେ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ ଓ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଶୋଭା ପାଉଛି। ଏହାର ସଫେଇ ପ୍ରତି ଏପର୍ଯ୍ୟନ୍ତ କାହାରି ନଜର ପଡୁନି। ପ୍ରତିବର୍ଷ ଆଞ୍ଚଳିକ ପରିଷଦ ପକ୍ଷରୁ ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନ ହୋଇଥାଏ। ଏଥିସହିତ ଗଣତନ୍ତ୍ର ଓ ସାଧାରଣତନ୍ତ୍ର ଦିବସ ସମାରୋହ ପାଳନ ହୋଇଥାଏ। ମାତ୍ର ସମାରୋହ ସରିବା ପରେ ବୀରଭୂମି ପ୍ରତି କାହାରି ନଜର ପଡ଼ି ନ ଥାଏ। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଗୁମାଡେରା ମାଉସୀ ମା' ମନ୍ଦିର ନିକଟ ରେଳ ଧାରଣା ପାର୍ଶ୍ୱରେ ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ପରେ ଏହି ସ୍ଥାନକୁ ବୀରଭୂମି ନାମରେ ନାମିତ କରାଯାଇଛି। ହେଲେ ବୀରଭୂମିର ଉନ୍ନତୀକରଣ ଆଖିଦୃଶିଆ ହୋଇନାହିଁ। କିଛି ମାସ ପୂର୍ବରୁ ରେଳ ବିଭାଗ ପକ୍ଷରୁ ବୀରଭୂମି ପଛ ପାର୍ଶ୍ୱରେ ପାଚେରି ନିର୍ମାଣ କାର୍ଯ୍ୟ ଚାଲିଥିଲା। ସେ ସମୟରେ ବୀରଭୂମି ସ୍ଥଳରେ କେହି ମାଟି, ପଥର ତଥା ପାଚେରୀ ଭଗ୍ନାଂଶ ପକାଇ ଦେଇଥିଲେ। ଯାହା ଆଜିପର୍ଯ୍ୟନ୍ତ ସଫେଇ ହୋଇ ନାହିଁ। ପୌର ପରିଷଦ ଇଓ ଲୋକନାଥ ତିୱାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଦୁଇଦିନ ମଧ୍ୟରେ ବୀରଭୂମି ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

HEALTH CARE

FINANCE

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

REAL ESTATE SALE

URGENT SALE
3 BHK Flats at "Mani Tribhuvan" located on Nandan Kanan Road, Raghunathpur, Bhubaneswar.
Please contact us at
9748761763
gcoopersestate@gmail.com

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ୍ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅଗଷ୍ଟ ୧୦/୨୦୧୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ
ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭାଙ୍ଗିଲା

ସମ୍ବଲପୁର,୯।୮(ବ୍ୟୁରୋ)

ସମ୍ବଲପୁର ସଦର ଥାନା ଅଧୀନ ମିର୍ଗାମୁଣ୍ଡା ଗ୍ରାମ ଛକଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଇଥିଲା। ଏନେଇ ବିଳମ୍ବିତ ରାତିରୁ ଶୁକ୍ରବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି । ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୫୩/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ

ବାମରା,୯।୮(ସ୍ୱ.ପ୍ର.)

ବାମରା ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁଙ୍କ ବଡପୁଅ କିଶୋର କୁମାର ସାହୁ(୩୮)ଙ୍କ ଶୁକ୍ରବାର ହୃଦଘାତରେ ମୃତ୍ୟୁ ହୋଇଯାଇଛି। କିଶୋର ଅଞ୍ଚଳରେ ଜଣେ ପରିଚିତ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ବିୟୋଗରେ ଶୋକର ଛାୟା ଖେଳି ଯାଇଛି।

■ବିଶ୍ୱ ଆଦିବାସୀ ଦିବସ

# ଆଦିବାସୀମାନେ ପ୍ରକୃତିର ଉପାସକ






ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ବିଶ୍ୱ ଆଦିବାସୀ ଦିବସ ଉତ୍ସବରେ ପ୍ରଫେସର ସୁମନ କେର୍କେଟା ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। ବିଶ୍ୱ ଆଦିବାସୀ ଦିବସ ଉତ୍ସବରେ ଆଦିବାସୀ ନୃତ୍ୟ ।

ସମ୍ବଲପୁର,୯।୮(ବ୍ୟୁରୋ)

ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ଉପାସକ। ପରିବେଶ ସୁରକ୍ଷା ଦିଗରେ ସେମାନେ ବ୍ରତୀ ହୁଅନ୍ତି। ସମ୍ପ୍ରତି ବିକାଶ ନାମରେ ପରିବେଶ ନଷ୍ଟ ହେଉଛି। ଫଳରେ ବିଶ୍ୱ ତାପନରେ ପରିବର୍ତ୍ତନ ଦେଖା ଦେଇଛି। ଏନେଇ ଆଦିବାସୀମାନେ ଏକତା, ନିଷ୍ଠା ଓ ଏକାଗ୍ରତା ରକ୍ଷା କରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଜରୁରୀ ହୋଇପଡିଛି। ଅନ୍ୟପକ୍ଷେ ଆଦିବାସୀମାନେ ନ୍ୟାୟ୍ୟଦାବି, ମୌଳିକ ସୁବିଧା ଲାଗି ସ୍ୱର ଉତ୍ତୋଳନ କରିବା ସମୟ ଆସିଛି । ଏନେଇ ଦେଶର କୋଣଅନୁକୋଣରେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଆଦିବାସୀମାନଙ୍କ ଉନ୍ନତି ହୋଇପାରିବ। ସେହିପରି ଭାଷା, ସଂସ୍କୃତି ଓ ପରମ୍ପରା ଆଦିବାସୀଙ୍କ ପ୍ରକୃତ ପରିଚୟ । ଏହାର ସୁରକ୍ଷା ମଧ୍ୟ ଜରୁରୀ । ନଚେତ ଆଦିବାସୀମାନଙ୍କ ପରିଚୟ ଓ ଇତିହାସ ଖୋଜିବାକୁ ବେଳ ନ ଥିବ । ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ବିଶ୍ୱ ଆଦିବାସୀ ଦିବସ ଉତ୍ସବରେ ବକ୍ତାମାନେ ଏହା କହିଛନ୍ତି । ନୂଆଦିଲ୍ଲୀ ଏଚ୍‌ଆର୍‌ଏପିସି ଅଧ୍ୟକ୍ଷ ଦିଲୀପ କୁମାର ବେହେରା ମୁଖ୍ୟବକ୍ତା, ଇଣ୍ଡିଆନ ଅଏଲ୍‌ର ଅବସରପ୍ରାପ୍ତ ଡିଜିଏମ୍ ଥୋମାସ ମିଞ୍ଜ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ସୁମନ କେର୍କେଟା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୁଲିଅସ୍ ଲାକଡା, ସର୍ବଭାରୀତୟ ସିଣ୍ଡିକେଟ ବ୍ୟାଙ୍କ ଡେପୁଟି ଜେନେରାଲ ସେକ୍ରୋଟାରୀ ପରମାନନ୍ଦ ବାଗ, ସମ୍ବଲପୁର ବନ୍ୟପ୍ରାଣୀ ଡିଭିଜନ ଏସ୍‌ସିଏଫ ବସିଲ ବାର୍ଲା, ଓଡ଼ିଶା ଆଦିବାସୀ ଦଳିତ ସେନା ଜିଲା ସଭାପତି ସୁରେଶ ମୁଣ୍ଡା, ଆଦିବାସୀ ନେତା ବୁଧରାମ ମୁଣ୍ଡା, ଓଡ଼ିଶା ଆଦିବାସୀ ଦଳିତ ସେନା ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ହାଓ, ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟୁଷ କୁମାର ସେନାପତି ଅତିଥି ପରିଚୟ ଦେଇଥିବା ବେଳେ ଏନ୍.ଏସ୍.ଆଡୁସ୍ ଧନ୍ୟବାଦ ଅର୍ପଣ କରିଥିଲେ। ଆବାହକ ଷ୍ଟାନଲାସ ବାର୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଦୀପ୍ତି କୁମାର ହେମ୍ବ୍ରମଙ୍କ ସଂଯୋଜନାରେ ସାକ୍ଷୀପନା ଆର୍‌ସି ଚର୍ଚ୍ଚ, ଦେହେରୀପାଲି ବିର୍ସାମୁଣ୍ଡା ବିକାଶ ସଂଘ ଓ ଅଇଁଠାପାଲି ମୁଣ୍ଡା ଆଦିବାସୀ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ମାଇକେଲ ଲାକ୍ରା, ଦାଉଦ ଡୁଙ୍ଗଡୁଙ୍ଗ ଓ ପ୍ରୀତି ପ୍ରଧାନ ବିଚାରକ ଭାବେ ରହିଥିଲେ । ସେହିପରି ବିଜୁ ଜନତା ଦଳ ସମ୍ବଲପୁର ବିଧାନସଭା ମଣ୍ଡଳୀ ପକ୍ଷରୁ ବିର୍ସାମୁଣ୍ଡା ଛକରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଶ୍ରମିକ ନେତା ଗୋକୁଳ ମେହେରଙ୍କ ସମେତ କର୍ମୀମାନେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଡକାୟତି ଘଟଣା : ୩ କିନ୍ନର ଗିରଫ

ସମ୍ବଲପୁର,୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ହୀରାକୁଦ ରେଳ ଷ୍ଟେଶନ ନିକଟରେ ହୋଇଥିବା ଡକାୟତି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି । ପୋଲିସ ଘଟଣାରେ ସମ୍ପୃକ୍ତ ୩ଜଣ କିନ୍ନରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେବୁ ପରିଡ଼ା, ନୈନା ମେହେତା, ଗୁଡ୍ଡି ସାହୁ। ଏନେଇ ବୁର୍ଲା ଥାନା ପୋଲିସ ଏକ ମାମଲା(ନଂ.୨୯୯/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପୋଲିସ ୩ଜଣ କିନ୍ନରଙ୍କୁ ଥାନାରେ ଅଟକ ରଖିଥିବା ଘଟଣା ପ୍ରଚାରିତ ହୋଇଥିଲା। ଏନେଇ ସମ୍ବଲପୁର ସହରରୁ କେତେଜଣ କିନ୍ନର ଥାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ପରେ ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ଘଟଣା ସଂକ୍ରାନ୍ତରେ ଅବଗତ କରାଇଥିଲା। ପରେ କିନ୍ନରମାନେ ଥାନାରୁ ଚାଲିଆସିଥିଲେ। ସୂଚନାଯୋଗ୍ୟ, ହୀରାକୁଦ ରେଳ ଷ୍ଟେଶନ ନିକଟରେ ଗତ ୬ତାରିଖରେ ୫ରୁ ୭ଜଣ କିନ୍ନରଙ୍କ ସହ କିଛି ଯୁବକ ରିତେଶ ଦେ ନାମକ ଜଣେ ଯୁବକଙ୍କୁ ମାଡପିଟ କରିଥିଲେ। ଏପରି କି ତାଙ୍କଠାରୁ ୪ଶହ ଟଙ୍କା ଲୁଟି ନେଇଥିଲେ। ଏନେଇ ରିତେଶ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ୩ଜଣଙ୍କୁ ଧରିବାରେ ସଫଳ ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ କହିଛି।



ଭିସୁଟରେ ଜଣେ ଛାତ୍ର ନାମଲେଖା ବେଳେ ସାର୍ଟିଫିକେଟ ଯାଞ୍ଚ କରୁଛନ୍ତି।

# ଜିଲାପାଳ ଅଫିସ ସମ୍ମୁଖରେ ସିପିଆଇର ବିକ୍ଷୋଭ

ସମ୍ବଲପୁର,୯।୮(ବ୍ୟୁରୋ)

କେନ୍ଦ୍ରରେ ଭାଜପା ଦ୍ୱିତୀୟ ଥର କ୍ଷମତା ହାସଲ କରିଛି । କିନ୍ତୁ ଦେଶରେ ମହିଳା ସଂଖ୍ୟାଲଘୁ ଦଳିତ ଓ ଆଦିବାସୀଙ୍କ ଉପରେ ଆକ୍ରମଣ, ଅତ୍ୟାଚାର, ହତ୍ୟା, ବଳାତ୍କାର ମାମଲା ବଢି ଚାଲିଛି। ଏହାର ପ୍ରତିବାଦରେ ଶୁକ୍ରବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସମ୍ବଲପୁର ଜିଲାର ଅସଂଗଠିତ ଶ୍ରମିକ, ମହିଳା ସମିତି, ଆଦିବାସୀ ଦଳିତ ସଂଖ୍ୟାଲଘୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭମ ସକସେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ସମ୍ପାଦକ ନଟୁ ଗୋପାଳ, କ୍ଷୀରୋଦ ସିଂଦେଓ, ଅଶୋକ ବିଶି, ସରୋଜିନୀ ଆଚାର୍ଯ୍ୟ, ରବୀନ୍ଦ୍ର ମହାନ୍ତି, ସୌରେନ୍ଦ୍ରୀ ପଣ୍ଡା, ଧ୍ରୁବ ବେହେରା, ଅରୁଣ ଖୁଣ୍ଟିଆ, ନିରଦ ସିଂଦେଓ, ଉର୍ମିଳା ପେରା, କୁନି ସାହୁ, ରୁକ୍ମଣୀ ମହାନନ୍ଦ, ପାଣ୍ଡବ ମିର୍ଦ୍ଧା, ଜଗନ୍ନାଥ ପଣ୍ଡା, ବୁଧଦେବ ବିଶ୍ୱାଳ, ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ନେତୃତ୍ୱ ନେଇଥିଲେ ।




ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଭିସୁଟ୍‌ରେ ବିଟେକ୍ ଛାତ୍ରୀଛାତ୍ରଙ୍କ ନାମଲେଖା

ସମ୍ବଲପୁର,୯।୮(ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଦ୍ୟାଳୟ(ଭିସୁଟ୍)ରେ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କ ନାମଲେଖା ହୋଇଛି । ବିଟେକ, ବି.ଆର୍କିଟେକ, ଇଣ୍ଟିଗ୍ରେଟେଡ୍(ଏମ୍‌ଟେକ୍ ଓ ବିଟେକ) ୫ ବର୍ଷିୟା କୋର୍ସ ପାଇଁ ଛାତ୍ରୀଛାତ୍ରମାନେ ନାମ ଲେଖାଇଥିଲେ। ମୋଟ ୮୨୪ ଜଣ ଛାତ୍ରୀଛାତ୍ର ୩ ଦିନ ଭିତରେ ନାମ ଲେଖାଇଥିବା ଜଣାପଡିଛି। ବିଭିନ୍ନ ଦାବି ନେଇ ଅଧ୍ୟାପକଙ୍କ ଆନ୍ଦୋଳନ ଯୋଗୁ ବୁଧବାର ପ୍ରଥମ ଦିନରେ ୩ ଘଣ୍ଟା ବିଳମ୍ବରେ ନାମଲେଖା ହୋଇଥିଲା । ହେଲେ ଗୁରୁବାର ଓ ଶୁକ୍ରବାର ସ୍ୱାଭାବିକ ଭାବେ ନାମଲେଖା ହୋଇଥିବା ଜଣାପଡିଛି। ଏହି ଅବସରରେ ବିଭିନ୍ନ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଷ୍ଟଡି ଲୋନ୍ ଦେବା ପାଇଁ କ୍ୟାମ୍ପ କରିଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,୯।୮(ବ୍ୟୁରୋ)

ସମ୍ବଲପୁର ଧନୁପାଲି ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଗୋବିନ୍ଦତୋଲାର ସୋନୁ ରଥ। ଏନେଇ ଧନୁପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୋନୁ ଗୁରୁବାର ରାତ୍ରିରେ ଖର୍ଚ୍ଚ ପାଇଁ ଟଙ୍କା ମାଗିଥିଲେ। ହେଲେ ତାଙ୍କୁ ଟଙ୍କା ମିଳି ନ ଥିଲା। ଅନ୍ୟପକ୍ଷେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଜଣାପଡିଛି।

### ଟ୍ରକ୍ ଦୁର୍ଘଟଣା: ୩ ଘଣ୍ଟା ଫସି ରହିଲେ ଡ୍ରାଇଭର

ବାମରା,୯।୮(ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ଗରିଆମାଲ ମୁଖ୍ୟରାସ୍ତା ଲମତି ଛକଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟ୍ରକ୍ ଡ୍ରାଇଭର ବିନୋଦ ଶୁକ୍ଲା କ୍ୟାବିନରେ ଚାପି ହୋଇ ରହିଯାଇଥିଲେ। ୩ଘଣ୍ଟା ପରେ ପୋଲିସ, ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକ ଗ୍ୟାସ କଟର ସାହାର୍ଯ୍ୟରେ କ୍ୟାବିନ କାଟି ତାଙ୍କୁ ବଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ମିଳିଥିବା ସୂଚନା ମୁତାବକ, ଗୁରୁବାର ରାତିରେ ବାମରାରୁ ଏକ ଚିପ୍ସ ବୋଝେଇ ଟ୍ରକ (ନଂ.ସିଜି୧୩ଏଲ୍‌ଏ–୪୬୯୯) ରାଉରକେଲା ଯାଉଥିବା ବେଳେ ଲମତି ଛକରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଡ୍ରାଇଭର ବିନୋଦ କ୍ୟାବିନରେ ଚାପି ହୋଇଯାଇଥିଲେ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ସମ୍ବଲପୁର,୯।୮(ବ୍ୟୁରୋ)

ହିଣ୍ଡାଲକୋ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ପଣ୍ଡଲୋଇଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଧରୁପାଣି, ପୁଲିଆଡିହି, ମାଲିଆଟିକ୍ରା ଓ ଫୁଲଚାଙ୍ଗର ଗ୍ରାମର ୫୦ରୁ ଅଧିକ ମହିଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ରେଙ୍ଗାଲି ସିଡିପିଓ ଦର୍ଶନୀ ଏକ୍କା, ପିଏଚ୍‌ଇଓ ଯଦୁମଣି ଗର୍ଣ୍ଡେକ, ବୋମାଲୋଇ ସରପଞ୍ଚ ଶେସଦେବ ପ୍ରଧାନ, ନାଏବ ସରପଞ୍ଚ ସୀତାଞ୍ଜଳୀ ସାହୁ, ଆଦିତ୍ୟ ଆଲୁମିନିୟମ ଏଜିଏମ୍ ସତ୍ୟପ୍ରକାଶ ଦାଶ, ମ୍ୟାନେଜର ପରନିତ ସିଂ, ଡ. ସତ୍ୟନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିମାନେ ସ୍ତନ୍ୟପାନ ସପ୍ତାହ ପାଳନର ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ। ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ସିଏସ୍‌ଆର୍ ମୁଖ୍ୟ ଏ.ସତ୍ୟନାରାୟଣଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶ୍ୱେତା ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଆଶା, ମହିଳା ସୁପରଭାଇଜର ଯୋଗଦେଇଥିଲେ । ଆଦିତ୍ୟ ଆଲୁମିନିୟମ, ମହିଳା ଓ ଶିଶୁ ବିଭାଗ ଏବଂ ଓଡ଼ିଶା ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା।



ହିଣ୍ଡାଲକୋ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ପଣ୍ଡଲୋଇଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ଅତିଥି, କର୍ମକର୍ତ୍ତା ଓ ମା'ମାନେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୯।୮(ବ୍ୟୁରୋ)

ନୀରବ ସାଧକ ଭାବେ ଛାତ୍ରୀଛାତ୍ରମାନେ ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତୁ। ଯେ, କୌଣସି ବିଷୟରେ ଇଚ୍ଛାଶକ୍ତି ସହ ପାଠ ପଢ଼ି ମାତୃ ଭାଷା ପ୍ରତି ସମ୍ମାନ ରକ୍ଷା କରନ୍ତୁ। ଏନେଇ ସରକାର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପ୍ରୟାସ ଜାରି ରହିଛି। ଏପରି କି ସମ୍ବଲପୁର ସହରରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ସଂସ୍କୃତି, ପରମ୍ପରା ଭରି ରହିଛି । ସମ୍ବଲପୁର ବିଶ୍ୱ ବିଦ୍ୟାଳୟ, ଭିସୁଟ୍, ଭିମସାର, ଆଇଆଇଏମ୍, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନଗୁଡିକ ରହିଛି। ତେଣୁ ସମ୍ବଲପୁରକୁ ରାଜ୍ୟର ମଥାମଣି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର ଏମ୍‌ବିଏ ବିଭାଗ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟୟନ ଗବେଷଣା ସଂସ୍ଥା ଅଧକ୍ଷ ସିପ୍ରା ମଲ୍ଲିକ କହିଛନ୍ତି। ଓଡ଼ିଆ ଅଧ୍ୟୟନ ଗବେଷଣା ସଂସ୍ଥା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ କୁଳସଚିବ ଡ. ସଞ୍ଜିତ କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ସୂର୍ଯ୍ୟନାରାୟଣ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଡିନ୍ ପ୍ରଫେସର ନିରଦଚରଣ ଖୁଣ୍ଟିଆ, ଲକ୍ଷ୍ମୀନାରାୟଣ ବକ୍ସି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ଆଗକୁ ବଢିବାକୁ ଉପଦେଶ ଦେଇଥିଲେ। ୨୦୧୯ ଶିକ୍ଷା ବର୍ଷରେ ସଫଳତା ହାସଲ କରିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ୨୨ଟି ବିଭାଗର ଶ୍ରେଷ୍ଠ ୭୩ ଛତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା ।




ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ଚନ୍ଦ୍ରୟାନ– ୨ ଶୀର୍ଷକ ଆଲୋଚନା

ସମ୍ବଲପୁର, ୯।୮ (ବ୍ୟୁରୋ)

ଚନ୍ଦ୍ରୟାନ–୨ ଶୀର୍ଷକ ଆଲୋଚନା ଚକ୍ର ଶୁକ୍ରବାର କ୍ଷେତରାଜପୁର ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସରକାରୀ ମହିଳା କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଦାସ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରସନ୍ନ ମିଶ୍ର, ଆଲେଖିକା ପାଣି ବକ୍ତାଭାବେ ଯୋଗଦେଇ ଚନ୍ଦ୍ରୟାନ–୨ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଚନ୍ଦ୍ରୟାନ–୨ ମଡେଲ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା । ସ୍କୁଲ ଅଧ୍ୟକ୍ଷ ସୁମନ ଡାଲମିଆ, ନିର୍ଦ୍ଦେଶକ ଅନୁରାଗ ଡାଲମିଆ, ଉପାଧ୍ୟକ୍ଷ ଅଭିଷେକ ଝା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ।




ଶୁକ୍ରବାର ସମ୍ବଲପୁର କ୍ଷେତରାଜପୁର ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ଚନ୍ଦ୍ରୟାନ–୨ ମଡେଲ ପ୍ରଦର୍ଶିତ କରାଯାଉଛି ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଜିଲା ଓକିଲ ସଂଘ ପକ୍ଷରୁ ନୂତନ ଜିଲାଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦେବଗଡ,୯।୮(ଡି.ଏନ.ଏ): ଗତ ୨୦୧୩ ମସିହା ଏପ୍ରିଲ ୨୦ ତାରିଖ ଦେବଗଡରେ ସ୍ଥାପିତ ଜିଲା ସେସନ୍ସ କୋର୍ଟରେ ଶୁକ୍ରବାର ସୁଦିପ୍ତ କୁମାର ଆଚାର୍ଯ୍ୟ ୪ର୍ଥ ଜିଲା ଦୌରାଜଜ୍ ଭାବେ ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ଓକିଲ ସଂଘ ପକ୍ଷରୁ ନୁତନ ଜିଲାଜଜ୍ ଆଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବା ସହ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଂଘ ଉପସଭାପତି ବିକାଶ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାଜଜ୍ ଆଚାର୍ଯ୍ୟ ବାର୍ ଓ ବେଞ୍ଚ ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ ଓ ସେ ଜଣେ ଆଇନଜୀବୀରୁ ଏହି ପଦବୀରେ ଅବସ୍ଥାପିତ ହୋଇଥିବାରୁ ଦେବଗଡରେ ନିଜର ବିଚାର ବିଭାଗୀୟ ଅଧିକାରୀ ତଥା ଓକିଲ ବନ୍ଧୁଙ୍କ ସହିତ ନିଶ୍ଚିତ ଭାବେ ସୁସମ୍ପର୍କ ରହିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସିଜେଏମ୍ ଇତିଶ୍ରୀ ମାଳବିକା ଭୁୟାଁ ଓ କୋର୍ଟ ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତିଙ୍କ ସହ ଜିଲା ଆଇନ୍‌ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ସବଜଜ୍ ଏମ୍.ଶିବାନୀ, ଏସ୍‌ଡିଜେଏମ୍ ସୌଦାମିନୀ ବିଶ୍ୱାଳ ତଥା ପ୍ରୋବେସନାରୀ ଜଜ୍ ସୁଶ୍ରୀ ସୃଷ୍ଟି ସାମନ୍ତ ଓ ପ୍ରଣତୀ ପଟେଲ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ । ସେହିପରି ଜିଲାଜଜ୍ ଆଚାର୍ଯ୍ୟ ନିଜର ପ୍ରଶାସନିକ ଦକ୍ଷତା ଓ ତାଙ୍କର ଅମାୟୀକ ଗୁଣ ଯୋଗୁଁ ବିଗତ ଦିନର କର୍ମସ୍ଥଳୀ ମାନଙ୍କରେ ସେ ଓକିଲ ମାନଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ବରିଷ୍ଠ ଓକିଲ ପ୍ରସନ୍ନ ରଥ ଓ ମନୋଜ ପାଢ଼ୀ ପ୍ରମୁଖ ମତବ୍ୟକ୍ତ କରିଥିଲେ। ନୂତନ କୋଠାର ଆନୁସଙ୍ଗିକ ବିକାଶ ପାଇଁ ନୂତନ ଜିଲାଜଜ୍‌ଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ । ସେହିପରି ସଂଘ ସମ୍ପାଦକ ତରଣୀକାନ୍ତ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଓକିଲ ଭୁପେନ୍ଦ୍ର ନାଥ ଦେବ, ଜୟ ଭଗୱାନ ଅଗ୍ରୱାଲା, ତାପସ ମହାପାତ୍ର, ପୃଥ୍ୱୀରାଜ ପଟ୍ଟନାୟକ, ସଚ୍ଚିକାନ୍ତ ଦାଶ, ରଞ୍ଜନ ସାହୁ, କେଶବ ଚନ୍ଦ୍ର ସାହୁ, ସୁଧୀର ରଥ, ସୈଳେନ୍ଦ୍ର ସାହୁ, ଶ୍ରୀବସ୍ତ ମିଶ୍ର, ଟିକେଶ୍ୱର ଧଳ, ବିରେନ୍ ପ୍ରଧାନ, ସୁଶାନ୍ତ ବିଶ୍ୱାଳ, ଜନ୍ମେଜୟ ପ୍ରଧାନ, ରାଜ କିଶୋର ପ୍ରଧାନ, ଭାଗିରଥୀ ଦ୍ୱିବେଦୀ, ଅଭିଳାଶ ମିଶ୍ର, ପିଙ୍କିରାଣୀ ନନ୍ଦ, ମୋତିଲାଲ ବିଶ୍ୱାଳ, ମାଧବଚନ୍ଦ୍ର ମହାପାତ୍ର, ରିଙ୍କୁ ନାଥ, ପୂର୍ଣ୍ଣଚନ୍ଦ୍ର ବୁଡା ଓ ଚୌଧୁରୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

■ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ପାଇଁ ପ୍ରଶାସନର ଗୁରୁତ୍ୱାରୋପ

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ରୂପରେଖ ପ୍ରସ୍ତୁତ

ଦେବଗଡ଼, ୮।୮(ଡ଼ି.ଏନ.ଏ.)

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶମତେ ବର୍ତ୍ତମାନ ସାରା ଦେଶରେ ପରିବେଶର ସ୍ୱଚ୍ଛତା ଏବଂ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଉଛି । ଓଡିଶା ସରକାର ମଧ ସ୍ୱଚ୍ଛ ତଥା ସୁସ୍ଥ ଓଡିଶା ଅଭିଯାନ ହାତକୁ ନେଇଛନ୍ତି। ଯେଉଁଥିରେ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶମତେ ପଞ୍ଚାୟତସ୍ତର ପର୍ଯ୍ୟନ୍ତ କଠିନ ବର୍ଯ୍ୟବସ୍ତୁ ପରିଚାଳନା କରାଯିବା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲାରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ତଥା ପି.ଡି.,ଡିଆରଡିଏ ଭିମସେଣ୍ଟ ପୁନମକାନ୍ତ ଏକ୍କା ବୈଠକରେ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ଏହି କଠିନ ବର୍ଯ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମର ସଫଳରୂପାୟନ ପାଇଁ ଜିଲାସ୍ତରରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଉପଦେଷ୍ଟା କମିଟି ଗଠନ କରାଯାଇଛି । ଜିଲାସ୍ତରୀୟ କମିଟିରେ ଜିଲାପାଳ ଅଧକ୍ଷ ଥିବାବେଳେ ବ୍ଲକସ୍ତରୀୟ କମିଟିରେ ବି.ଡି.ଓ. ଏବଂ ପଞ୍ଚାୟତସ୍ତରୀୟ କମିଟିରେ ସରପଞ୍ଚ ଅଧକ୍ଷ ରହିଛନ୍ତି। ଏହି କମିଟି ନିଜ ନିଜ ସ୍ତରରେ କଠିନ ବର୍ଯ୍ୟବସ୍ତୁ ପରିଚାଳନାର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଦେଖିବା ସଙ୍ଗେ ସଙ୍ଗେ ଏହାର ପର୍ଯ୍ୟବେକ୍ଷଣ କରିବେ। ଅଗଷ୍ଟ ୧୫ ତାରିଖ ସୁଦ୍ଧା ପଞ୍ଚାୟତସ୍ତରରେ କଠିନ ବର୍ଯ୍ୟବସ୍ତୁ ପରିଚାଳନା ସମ୍ପର୍କିତ ବାଇଲ ପ୍ରସ୍ତୁତ କରାଯିବା ସଙ୍ଗେ ସଙ୍ଗେ ଏହାକୁ ଗ୍ରହଣ କରାଯିବ। ସେପ୍ଟେମ୍ବର ମାସ ଆରମ୍ଭରୁ ଏ ସମ୍ପର୍କରେ ପଞ୍ଚାୟତସ୍ତରୀୟ ପ୍ରତିନିଧିମାନଙ୍କୁ ତାଲିମ ପ୍ରଦାନ କରାଯାଇ ଏବଂ ସେପ୍ଟେମ୍ବର ଶେଷ ସୁଦ୍ଧା ଏଥିପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ, ଜଳ ସଂରକ୍ଷଣ ଓ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱାରୋପ କରି ଥିବାରୁ ବର୍ଷାଜଳର ସଂରକ୍ଷଣ ପାଇଁ ନଦୀ ଓ ନାଳରେ ଚେକ୍‌ଡ୍ୟାମ ନିର୍ମାଣ, ପୋଖରୀ ଖନନ, ବୃକ୍ଷରୋପଣ ଏବଂ ବିଲମାନଙ୍କରେ ହିଡ ବାନ୍ଧିବା ଉପରେ ଗାଁ ଲୋକମାନଙ୍କୁ ସଚେତନ କରାଯିବ । ଏ ସମ୍ପର୍କରେ ଅଗଷ୍ଟ ୧୫ ତାରିଖରେ ହେବାକୁ ଥିବା ଗ୍ରାମସଭାମାନଙ୍କରେ ବିସ୍ତୃତ ଭାବରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ସ୍ୱଚ୍ଛ,ସୁସ୍ଥ ଓ ସୁନ୍ଦର ଦେବଗଡ ପାଇଁ ଯୋଜନାବଦ୍ଧ ଭାବରେ ଏହି କାର୍ଯ୍ୟକ୍ରମର ସଫଳରୂପାୟନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଡିଆଇପିଆରଓ ବିଜୟ କୁମାର ମିଶ୍ର ଉପସ୍ଥିତ ଥିଲେ ।



ପିଡିଡିଆରଡିଏ ଭିମସେଣ୍ଟ ପୁନମକାନ୍ତ ଏକ୍କା ବୈଠକରେ ସୂଚନା ଦେଉଛନ୍ତି।



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅଧକ୍ଷ, ଛାତ୍ରୀଛାତ୍ର ଓ ଅଧାପିକା ଅଧାପକ।

ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ନିୟମିତ ଉପସ୍ଥାନ ଉପରେ ଗୁରୁତ୍ୱ

ଦେବଗଡ଼, ୯।୮(ଡ଼ି.ଏନ.ଏ.)

ଦେବଗଡ଼ ସଦର ମହକୁମାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ତିନିରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରମାନଙ୍କ ଉଦ୍ଦ୍ୟେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡ଼ ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ କଳା ଓ ବାଣିଜ୍ୟ ବିଭାଗର ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ରହି ପ୍ରତିଟି ବିଭାଗର ସ୍ୱପରିଚୟ ବିଦ୍ୟାର୍ଥିମାନଙ୍କୁ ପ୍ରଦାନ କରିଥିଲେ । ନିୟମିତ ଭାବରେ ମହାବିଦ୍ୟାଳୟର ଉପସ୍ଥିତ ହୋଇ ବିଦ୍ୟା ଅଧୟନ କରିବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷ ମହାରଣା ମହାବିଦ୍ୟାଳୟର ଶୃଙ୍ଖଳା ଓ ନିତି ନିୟମ ଉପରେ ବିଶଦ ଭାବରେ ଉପସ୍ଥିତ ବିଦ୍ୟାର୍ଥି ମାନଙ୍କୁ ଅବଗତ କରିଥିଲେ। ସେହିପରି ପରୀକ୍ଷା ଦାୟୀତ୍ୱରେ ଥିବା ବରିଷ୍ଠ ଅଧାପକ ଡ଼ ପ୍ରଦୀପ କୁମାର ମିଶ୍ର ଓ ଡ଼ ପ୍ରଫୁଲ୍ଲ ଚନ୍ଦ୍ର ରାଉତ ପରୀକ୍ଷାରେ ସାଧୁତା ଅବଲମ୍ବନ କରିବା ସହ ୭୫% ଉପସ୍ଥାନ ବିଷୟରେ ଆଲୋଚନା କରିବା ସହ ନିୟମିତ କ୍ଲାସ କରିବାକୁ ପରାମର୍ଶ ନେଇଥିଲେ। ସେହିପରି ପ୍ରଥମ ବର୍ଷ ଛାତ୍ରୀଛାତ୍ର ଓ ମହାବିଦ୍ୟାଳୟର ଅନ୍ୟ ଅଧାପିକା ଅଧାପକ,କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଅଧାପକ ଡ଼ ହେମନ୍ତ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶିଶୁ ଯୌନ ଶୋଷଣ ବନ୍ଦ କର୍ମଶାଳା

ସମ୍ବଲପୁର,୯।୮(ବ୍ୟୁରୋ)

ଦେଶରେ ଶିଶୁ ଯୌନ ଶୋଷଣ ବଢ଼ିବାରେ ଲାଗିଛି। ଏହାକୁ ବନ୍ଦ କରିବାକୁ ହେଲେ ଜନସଚେତନତା ଜରୁରୀ। ସେହିପରି ଶିଶୁଙ୍କ ମାତାପିତା ମଧ ସଚେତନ ହେବା ଆବଶ୍ୟକ। ଅପରପକ୍ଷେ ଦେଶରେ ଦାରିଦ୍ର୍ୟ ବଢ଼ିବାରେ ଲାଗିଛି। ଗରିବ ମାତାପିତାମାନେ ଶିଶୁମାନଙ୍କୁ ଅନ୍ୟ ଘରେ କାମ କରିବାକୁ ପଠାଉଛନ୍ତି। ଏହାଦ୍ୱାରା ଶିଶୁମାନେ ନିର୍ଯାତିତ ହେବା ସହ ଯୌନ ଶୋଷଣର ଶିକାର ହେଉଛନ୍ତି। ଏହାକୁ ରୋକିବାକୁ ଦେଶରେ ଆଇନ ପ୍ରଣୟନ କରାଯାଇଛି। ଏପରି କି ପ୍ରତ୍ୟେକ ଥାନାରେ ମହିଳା, ଶିଶୁ ଡେସ୍କ ରହିଛି। ଏନେଇ ପରିବାର ଲୋକେ ଆଇନର ସହାୟତା ନେବା ଉଚିତ। ଫଳରେ ସମାଜରେ ଶିଶୁ ଯୌନ ଶୋଷଣ ବନ୍ଦ ହୋଇପାରିବ। ଶୁକ୍ରବାର ୱାଲ୍ଡ ଭିଜନ୍ ପକ୍ଷରୁ ଆୟୋଜିତ ଶିଶୁ ଯୌନ ଶୋଷଣ ବନ୍ଦ କର୍ମଶାଳାରେ ବକ୍ତାମାନେ ଏହା କହିଛନ୍ତି। ଭିଏସ୍‌ଏସ୍ ମାର୍ଗ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ସମ୍ବଲପୁର ଶିଶୁ କଲ୍ୟାଣ ସମିତି ଅଧକ୍ଷ ବ୍ରଜେନ୍ଦ୍ର କିଶୋର ପଣ୍ଡା, ସିଡିପିଓ ବିଜୟା ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଜିଲା ଅପରାଧ ବ୍ୟୁରୋ ଇନ୍ସପେକ୍ଟର ତାରାବତୀ ପ୍ରଧାନ, ୱାର୍ଲ୍ଡ ଭିଜନ ଅଧିକାରୀ ଡ. ଅନଙ୍ଗଦେବ ସିଂ, ସହ ନିର୍ଦ୍ଦେଶକ ଏସ୍.ଲିଙ୍ଗଡୋ ବକ୍ତା ଭାବେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳର ମହିଳାମାନେ ଯୋଗ ଦେଇଥିଲେ ।




ଶୁକ୍ରବାର ସମ୍ବଲପୁରରେ ଅତିଥି ଓ ବକ୍ତାମାନେ ଶିଶୁ ଯୌନ ଶୋଷଣ ବନ୍ଦ କର୍ମଶାଳାରେ ସଚେତନତା ପତ୍ରିକା ଉନ୍ମୋଚନ କରୁଛନ୍ତି ।

# ଗୋଶାଳା ଭାଜପା ମଣ୍ଡଳ ପକ୍ଷରୁ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

ଚିପିଲିମା,୯।୮(ଡି.ଏନ.ଏ):

ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଗୋଶାଳା ମଣ୍ଡଳ ଭାଜପା ପକ୍ଷରୁ ସାନଟିକ୍ରାସ୍ଥିତ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା। ଭାଜପା ନେତା ଯୋଗେନ୍ଦ୍ର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁଷମାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସୁଷମାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧକ୍ଷା ସୁଷମା ସାହୁ, ପୂର୍ବତନ ସରପଞ୍ଚ ମୁରଲୀ ଛୁରିଆ, ମନୋଜ ସାହୁ, ରାଧେଶ୍ୟାମ ସିଂ, ମହେନ୍ଦ୍ର ପଣ୍ଡା, ସୁଧୀର ପୂଜାରୀ, ରାମକୃଷ୍ଣ ଗୋଖିନା, ମନଜିତ କୁଁଅର, ସଞ୍ଜୀବ ଠାକୁର, ଦେବେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଣ୍ଡଳ ସଭାପତି ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।



ଉପସ୍ଥିତ ଏବିଭିପି କର୍ମକର୍ତ୍ତା ସଦସ୍ୟ।

# ଭାଜପା,ଏବିଭିପି ପକ୍ଷରୁ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

ଦେବଗଡ଼, ୯।୮(ଡ଼ି.ଏନ.ଏ.)

ଦେବଗଡ଼ ଜିଲା ଭାଜପା ପକ୍ଷରୁ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏ ନେଇ ସ୍ଥାନୀୟ ବସନ୍ତ ନିବାସ ଡ଼ାକବଙ୍ଗଳାଠାରେ ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଜିଲାପରିଷଦ ଅଧକ୍ଷା ସୁଧାମୟୀ ପଟେଲ,ସୁବାସିନୀ ସାହୁ, ରଣଜିତ ପଟେଲ, ହରମୋହନ ପାଣି, ମୀନକେତନ ପ୍ରଧାନ, ଭାରତଭୂଷଣ ପ୍ରଧାନ, ସୁଧିର କୁମାର ବ୍ରହ୍ମା, ରମଣୀ ଦାଶ, ବିରଞ୍ଚି ବେହେରା, ଦୈତାରୀ ସାହୁ, ଡ଼ୋଳାମଣି ସାହୁ, ସନ୍ତୋଷ ଭୂତିଆ, ସତ୍ୟନାରାୟଣ ପାଣି, ସୁଧିର କୁମାର ପାତ୍ର, ଦିବ୍ୟଶଙ୍କର ଖୁଂଟିଆ, ସରୋଜ ପାଣି, ପ୍ରିତିପରମିତା ବେହେରା, ଅମିୟ କୁମାର ମିଶ୍ର, ଅକାଲୁ ଧଳ, ଚନ୍ଦ୍ର ଶେଖର ମହାପାତ୍ର ତଥା ଜିଲାର ବହୁ କର୍ମୀ ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ସଂସ୍କୃତି ଭବନଠାରେ ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ) ପକ୍ଷରୁ ମଧ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମଡେଲ କଲେଜର ଅଧାପକ କୋଶିଷ ପ୍ରଧାନ, ଏବିଭିପି ଜିଲା ସଂଯୋଜକ ଅରବିନ୍ଦ ପ୍ରଧାନ, ଜ୍ୟୋତିରଞ୍ଜନ ପ୍ରଧାନ, ସତ୍ୟ ରଞ୍ଜନ ପ୍ରଧାନ, ଅଞ୍ଜନ ସାହୁ, ବିଦ୍ୟାଧର କିଶାନ, ଉମେଶ ସାହ. ତାପସ ସାହୁ, ପପୁ ପ୍ରଧାନଙ୍କ ସମତେ ଅନ୍ୟମାନେ ଉପସ୍ଥିତ ରହି ଗୀତାର ଅଷ୍ଟମ ଅଧାୟ ପାଠ କରିଥିଲେ।

# ଅନାଥ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ



ଗୋଲବଜାରଠାରେ ଅଟକିଥିବା ଅଟୋ ରିକ୍ସାରେ ଅନାଥ ମୁକ୍ତ ଭାରତ ପୋଷ୍ଟର ଲଗାଯାଉଛି ।

ସମ୍ବଲପୁର,୯।୮(ବ୍ୟୁରୋ):

ଅନାଥ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଗୋଲବଜାର ଛକଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଇନ୍‌ରହୁଇଲ କ୍ଲବ ହ୍ୟାଣ୍ଡଲୁମ୍ ସିଟି ସଭ୍ୟାମାନେ ପଥଚାରୀଙ୍କୁ ସଚେତନ କରାଇଥିଲେ। ଏପରି କି ଅଟୋ ରିକ୍ସାଗୁଡିକରେ ଅନାଥ ମୁକ୍ତ ଭାରତ ଲେଖାଥିବା ପୋଷ୍ଟର ଲଗାଇଥିଲେ। ସଭ୍ୟାମାନେ ଦେଶରୁ ଅନାଥ ମୁକ୍ତ ଜରୁରୀ ବୋଲି ସ୍ଲୋଗାନ ଦେଇଥିଲେ । କ୍ଲବ ସଭାନେତ୍ରୀ ସୂର୍ଯ୍ୟକାନ୍ତୀ ମେହେର, ପୂର୍ବତନ ସଭାନେତ୍ରୀ ସୁନୀତା ରଥ, ସୁଜାତା ପାଢ଼ୀ, ଦୀପ୍ତିପ୍ରଭା ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଣମାଧମର ସହଯୋଗ ଲୋଡିଲା ନୂତନ ଗଣେଶ ମେଳା କମିଟି

ଦେବଗଡ,୯।୮(ଡି.ଏନ.ଏ)

୧୯୪୯ ମସିହାରୁ ସ୍ଥାନୀୟ କେତେକ ବ୍ୟବସାୟୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦେବଗଡର ଗଣପର୍ବ ଗଣେଶ ମେଳାରେ ଚଳିତବର୍ଷ ପୂନର୍ବାର ବ୍ୟବସାୟୀମାନେ ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷିରେ ଶୁକ୍ରବାର ଗୋପବନ୍ଧୁ ଛକ ନିକଟ ଏକ ହୋଟେଲରେ ଚଳିତବର୍ଷର ନୂତନ କମିଟି ଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଭିନ୍ନ ଗଣମାଧମର ପ୍ରତିନିଧିଙ୍କୁ ସୂଚନା ଦେବାସହ ପ୍ରସାର ପ୍ରଚାର ପାଇଁ ଅନୁରୋଧ କରିଛନ୍ତି। ଆଗାମୀ ୨ରୁ ୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନଧରି ପାଳିତ ହେବ ଓଡିଶାର ଅନ୍ୟତମ ପ୍ରସିଦ୍ଧ ଗଣେଶ ମେଳା। ସୂଚନା ଅନୁଯାୟୀ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କର ପୂଜା ପାଇଁ ୧ ତାରିଖରେ ଅଧିବାସ ତଥା କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା । ଏଥିସହ ୨ ତାରିଖ ପବିତ୍ର ଚତୁର୍ଥୀ ତିଥିରୁ ବିଘ୍ନବିନାଶକ ଶ୍ରୀ ଗଣେଶଙ୍କର ପୂଜନୋତ୍ସବ ଆରମ୍ଭ ହୋଇ ୮ ତାରିଖ ରବିବାର ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ। ଏଣୁ ବିଗତ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ ମହାସମାରୋହରେ ଶାନ୍ତିଶୃଙ୍ଖଳାର ସହ ଏହି ଗଣପର୍ବ ପାଳନ ପାଇଁ କମିଟି ପକ୍ଷରୁ ଜିଲାର ସମସ୍ତ ବର୍ଗର ଜନସାଧାରଣ, ବ୍ୟବସାୟୀ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନଙ୍କର ସହଯୋଗ ଦ୍ୱାରା ସବୁ ସମ୍ଭବ ବୋଲି କହିଥିଲେ । ଖବରଦାତା ସମ୍ମିଳନୀରେ ସଭାପତି ଶମ୍ଭୁଲାଲ ଗୋଏଲ, ଉପସଭାପତି ଶୁଶିଳ କୁମାର ଭୋଇ, ସମ୍ପାଦକ ଶୁକଦେବ ଭଞ୍ଜ, ସହସମ୍ପାଦକ ଅରୁଣ କୁମାର ଗୋଏଲ, କୋଷାଧକ୍ଷ ଅଜୟ କୁମାର କୁମାର ମିଶ୍ର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପତିତପାବନ ସାହୁ, ଗୋପାଳ ଅଗ୍ରୱାଲା, ହରେକୃଷ୍ଣ ସାହୁ, ଜନ୍ମେଜୟ ନାୟକ, ଗୌରୀ ଶଙ୍କର ସୋମାନୀ, ବିରେନ କୁମାର ନାୟକ, ଅଜିତ କୁମାର ମୋଦୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ କୋଷାଧକ୍ଷ ଅଜୟ କୁମାର କୁମାର ମିଶ୍ର ଧନ୍ୟବାଦ ଦେବାସହ ଗଣମାଧମର ସହଯୋଗ ଲୋଡିଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ଫଟୋରେ ଖବର







ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ସମ୍ବଲପୁରରେ ମହିଳାମାନେ ନୃତ୍ୟ ପରିବେଷଣ କରିବା ପୂର୍ବରୁ ସଜ ହେଉଛନ୍ତି(ବାମ)। ସମ୍ବଲପୁର ଗୁରୁଦ୍ୱାରା ନିକଟସ୍ଥ ହନୁମାନ ମନ୍ଦିର ଭାଙ୍ଗିଯାଇଛି।(ମଝି)। ଶୁକ୍ରବାର ସାକ୍ଷୀପଡ଼ାସ୍ଥିତ ସେଣ୍ଟଜୋସେଫ କନ୍‌ଭେଣ୍ଟ ସ୍କୁଲ ଅଭିଭାବକ ସଂଘ କର୍ମକର୍ତ୍ତା ବିଭିନ୍ନ ଦାବିନେଇ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି ।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍

■ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# ଗୋଟିଏ ବି ଓଡ଼ିଆ ଫିଲ୍ମକୁ ମିଳିଲାନି

ଭୁବନେଶ୍ୱର,୯।୮(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଘୋଷଣା ହୋଇଛି ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର। ବହୁ ନାମୀଦାମୀ ଚଳଚ୍ଚିତ୍ରକୁ ଏଥର ମିଳିଛି ଏହି ସମ୍ମାନଜନକ ପୁରସ୍କାର। ହେଲେ ଓଡ଼ିଆମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଗୋଟିଏ ବି ଓଡ଼ିଆ ଫିଲ୍ମକୁ ୨୦୧୮ ବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଗି ଚୟନ କରାଯାଇନାହିଁ। ପୁରସ୍କାର ତ ଦୂରର କଥା, ଗୋଟିଏ ବି ଫିଲ୍ମ ଆଞ୍ଚଳିକ ଜୁରୀ କମିଟି ସଦସ୍ୟଙ୍କ ମନ ଜିଣିପାରିନାହିଁ। ଚଳିତବର୍ଷ ଏହି ଦୌଡ଼ରେ ଓଡ଼ିଶାରୁ ୪ଟି ଫିଲ୍ମ ସାମିଲ ହୋଇଥିଲା। ତେବେ କୌଣସି ଓଡ଼ିଆ ଫିଲ୍ମ ପୁରସ୍କାର ଲାଗି ଚୟନ ହୋଇ ନ ଥିବା ବେଳେ ଓଡ଼ିଆ ଭାଷାରେ ମଧ୍ୟ ଶ୍ରେଷ୍ଠ ସିନେମା ନାମ ଘୋଷଣା କରାଯାଇନାହିଁ। ଅନ୍ୟ ଭାଷାର ଫିଲ୍ମକୁ ଦେଖିଲେ ଓଡ଼ିଆ ଚଳଚ୍ଚିତ୍ର କ'ଣ ପାଇଁ ସବୁବେଳେ ପଛରେ ପଡ଼ିଯାଉଛି ତାହା ପ୍ରଶ୍ନବାଚୀ ହୋଇଛି। ମୌଳିକଧର୍ମୀ କାହାଣୀର ଅଭାବ ନା ଅତ୍ୟାଧୁନିକ ଟେକ୍ନୋଲୋଜି ସହ ତାଳଦେଇ ଚାଲିବାରେ ବିଫଳତା ତାହା ଏବେ ବି ଅନାଲୋଚିତ ବିଷୟ ହୋଇ ରହିଯାଇଛି।

ଇତିମଧ୍ୟରେ ୮୨ବର୍ଷରେ ପଦାର୍ପଣ କରିଛି ଓଡ଼ିଆ ଚଳଚ୍ଚିତ୍ର। ଆଗରୁ ବର୍ଷକୁ ହାତଗଣତି ଗୋଟିଏ ଦୁଇଟି ଚଳଚ୍ଚିତ୍ରରେ ସୀମିତ ରହିଯାଉଥିବା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ଏବେ ବାର୍ଷିକ ୩୦ରୁ ୪୦ ଫିଲ୍ମ ନିର୍ମାଣ କରୁଛି। ଏହା ସତ୍ତ୍ୱେ ବି ଗତ କିଛିବର୍ଷ ହେଲା ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ପୁରସ୍କାରରେ ନିଜର ସ୍ଥିତି ବଜାୟ ରଖିବାରେ ବିଫଳ ହୋଇଛି। ବିଶେଷକରି ଫିଚର ଫିଲ୍ମ ବିଭାଗରେ ଲଗାତର ଓଡ଼ିଆ ଚଳଚ୍ଚିତ୍ରକୁ ବିଫଳତାର ସାମ୍ନା କରିବାକୁ ପଡୁଛି। ଗତବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ହିନ୍ଦୀ ସହ କନ୍ନଡ଼, ପଞ୍ଜାବୀ, ମରାଠୀ, ତେଲୁଗୁ ଆଦି ଭାଷାର ଏକାଧିକ ଆଞ୍ଚଳିକ ଚଳଚ୍ଚିତ୍ର ପୁରସ୍କାର ହାତେଇବାରେ ସଫଳ ହୋଇଛନ୍ତି। ହିନ୍ଦୀ ଚଳଚ୍ଚିତ୍ର 'ବଧାଇ ହୋ', 'ଅନ୍ଧାଧୁନ୍', 'ଉରି', 'ପ୍ୟାଡ୍‌ମ୍ୟାନ୍'ଏଥର ଜାତୀୟ ପୁରସ୍କାର ପାଇଛନ୍ତି। କନ୍ନଡ଼ ଚଳଚ୍ଚିତ୍ର 'କେଜିଏଫ୍', ଗୁଜୁରାଟୀ ଚଳଚ୍ଚିତ୍ର 'ହେଲୋରା' ଏହି ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ବ୍ୟବସାୟିକ ଭାବେ ଏହି ଚଳଚ୍ଚିତ୍ରଗୁଡ଼ିକ ସଫଳତା ପାଇବା ସହ ଉଭୟ କଳା ଓ ବ୍ୟବସାୟକୁ କିଭଳି ଏକାଠି କରିହେବ ତାହାର ଉଦାହରଣ ଦେଇଛନ୍ତି। ୨୦୧୮ରେ ୩୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଫିଲ୍ମ ରିଲିଜ ହୋଇଥିଲେ ମଧ୍ୟ ଜାତୀୟସ୍ତରରେ ସଫଳତା ମିଳିନାହିଁ। 'କୋକଲି', 'ଫେରି ଆ' ଏବଂ 'ଭିଜା ମାଟିର ସ୍ୱପ୍ନ' ଭଳି ହାତଗଣତି ୪ଟି ଫିଲ୍ମ ଉନ୍ନତମାନର ହୋଇଥିବାରୁ ତାହାକୁ ପୁରସ୍କାର ଲାଗି ପଠାଯାଇଥିଲା। ମାତ୍ର କୌଣସି ଫିଲ୍ମ ନିଜର ଶ୍ରେଷ୍ଠତ୍ୱ ଜାହିର୍ କରିପାରିନାହାନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଆଞ୍ଚଳିକ ଜୁରି କମିଟିରୁ ମିଳିଥିବା ସୂଚନା ମୁତାବକ ଅନୁନ୍ନତ ଟେକ୍ନୋଲୋଜିର ବ୍ୟବହାର ସହ ଦୁର୍ବଳ କାହାଣୀ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ଏହି ଫିଲ୍ମଗୁଡ଼ିକୁ ପ୍ରାଥମିକ ପର୍ଯ୍ୟାୟରୁ ହିଁ ବାଦ୍ ଦିଆଯାଇଛି। ମନମୋହନ ମହାପାତ୍ରଙ୍କ 'ଭିଜା ମାଟିର ସ୍ୱପ୍ନ' କିନ୍ତୁ ଜାତୀୟ ଚଳଚ୍ଚିତ୍ର ଆର୍କାଇଭ୍‌ରେ ସ୍ଥାନିତ ହେବାକୁ ମନୋନୀତ ହୋଇଛି। ଯାହାକି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି।

ଆଇବିସି ସଂଶୋଧନକୁ ସୁପ୍ରିମକୋର୍ଟଙ୍କ ସମର୍ଥନ

## ଘର କ୍ରେତାଙ୍କୁ ମିଳିବ ଋଣଦାତାର ମାନ୍ୟତା

ନୂଆଦିଲ୍ଲୀ,୯।୮

ଘର କ୍ରେତାଙ୍କୁ ଆଶ୍ୱସ୍ତ କରି ସୁପ୍ରିମକୋର୍ଟ ଶୁକ୍ରବାର ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ (ଆଇବିସି)ରେ ସଂଶୋଧନକୁ କାଏମ ରଖିଛନ୍ତି। ଘର କ୍ରେତାଙ୍କୁ ଋଣପ୍ରଦାନକାରୀ ବ୍ୟାଙ୍କ ଭଳି ଋଣଦାତା ଭାବେ ମାନ୍ୟତା ଦେବା ଲାଗି ଆଇବିସିରେ ସଂଶୋଧନ କରାଯାଇଥିଲା। ଏହାକୁ ସର୍ବୋଚ୍ଚ ଅଦାଲତ ବଜାୟ ରଖିଛନ୍ତି। ଏ ସଂକ୍ରାନ୍ତରେ ୨୦୦ ରିଏଲ ଇଷ୍ଟେଟ କମ୍ପାନୀ ପକ୍ଷରୁ ଆଗତ ମାମଲାକୁ ଜଷ୍ଟିସ ଆର୍.ଏଫ୍.ନରିମାନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ସେମାନେ ନିଜ ଆବେଦନରେ ଆଇବିସି ସଂଶୋଧନକୁ ଅବୈଧ ଓ ଅସାମ୍ବିଧାନିକ ଦର୍ଶାଇବା ସହ ଏହାଦ୍ୱାରା ରିଏଲ ଇଷ୍ଟେଟ ସେକ୍ଟର ଗୁରୁତର ପ୍ରଭାବିତ ହେବ। ସୁପ୍ରିମକୋର୍ଟ ନିଷ୍ପତ୍ତିରୁ ଏହା ସ୍ପଷ୍ଟ ହୋଇଛି ଯେ, କୌଣସି ରିଏଲ ଇଷ୍ଟେଟ୍ କମ୍ପାନୀ ବୁଡ଼ିଗଲେ ଅଥବା ଦେବାଳିଆ ହୋଇଗଲେ ସମ୍ପତ୍ତି ନିଲାମ ବେଳେ ଘର କ୍ରେତାଙ୍କୁ ମଧ୍ୟ ଅଂଶଧନ ମିଳିବ। ରିଏଲ ଇଷ୍ଟେଟ କମ୍ପାନୀ ବୁଡ଼ିବା କ୍ଷେତ୍ରରେ କେବଳ ଋଣ ଦେଇଥିବା ବ୍ୟାଙ୍କକୁ ନିଲାମୀରୁ ଅଂଶଧନ ମିଳିଥାଏ।

# ହାଇକୋର୍ଟ ସମ୍ମୁଖରେ ଆଇନଜୀବୀଙ୍କ ଆନ୍ଦୋଳନ

**ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ**

■ କାର୍ଯ୍ୟବନ୍ଦ କରି କୋର୍ଟ ବର୍ଜନ

କଟକ ଅଫିସ, ୯।୮

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ(ସ୍ୟାଟ୍) ଉଚ୍ଛେଦ ପ୍ରତିବାଦରେ ଶୁକ୍ରବାର ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟ ସମ୍ମୁଖରେ ଦିନିକିଆ ଆନ୍ଦୋଳନ କରାଯାଇଥିଲା। ଏଥିରେ ହାଇକୋର୍ଟ ବାର୍ ଆସୋସିଏଶନ, ହାଇକୋର୍ଟ କ୍ରିମିନାଲ ବାର୍, କେନ୍ଦ୍ର ପ୍ରଶାସନିକ ଟ୍ରିବ୍ୟୁନାଲ ବାର୍, ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ବାର୍, କଞ୍ଜ୍ୟୁମର ବାର୍, କ୍ଲେମ୍ ବାର୍, ରେଲ୍ ବାର୍ ସାମିଲ ହେବା ସହ କାର୍ଯ୍ୟବନ୍ଦ କରି କୋର୍ଟ ବର୍ଜନ କରିଥିଲେ। ସ୍ୟାଟ୍ ବାର ଆସୋସିଏଶନ ସଭାପତି ଧୂଳିରାମ ପଟ୍ଟନାୟକ ଓ ସମ୍ପାଦକ ଶଶିଭୂଷଣ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ବିଭିନ୍ନ ସଂଘର ସଭାପତି, ସମ୍ପାଦକ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ପ୍ରତିନିଧିମଣ୍ଡଳୀ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀଙ୍କୁ ଭେଟିଥିଲେ। ସ୍ୟାଟ୍‌ରେ ପଡ଼ିରହିଥିବା ପ୍ରାୟ ୭୨ହଜାର ମାମଲାର ଭବିଷ୍ୟତ ନେଇ ପ୍ରତିନିଧିମଣ୍ଡଳୀ ଆଲୋଚନା କରିବା ସହ ହାଇକୋର୍ଟରେ ଦୁଇଟି ଅତିରିକ୍ତ ସର୍ଭିସ୍ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୪ ଫେବୃୟାରୀ ୧୮ରେ ସ୍ୟାଟ୍‌ରେ ୮ଜଣ ସଦସ୍ୟ ରହିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଭୁବନେଶ୍ୱର ଏହାର ପ୍ରମୁଖ ବେଞ୍ଚ ହୋଇଥିଲା। ତେବେ କଟକ ବେଞ୍ଚ ସହିତ ସମ୍ବଲପୁର ଓ ବ୍ରହ୍ମପୁର ସର୍କିଟ୍ ବେଞ୍ଚ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ୨୦୧୫ ସେପ୍ଟେମ୍ବର ୯ରେ ସ୍ୟାଟ୍ ଉଚ୍ଛେଦ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ସୋମବାର କେନ୍ଦ୍ର ସରକାର ସ୍ୟାଟ୍ ଉଚ୍ଛେଦ ନେଇ ଗେଜେଟ୍ ନୋଟିଫିକେଶନ ପ୍ରକାଶ କରିଥିଲେ। ଏହାକୁ ନେଇ ସ୍ୟାଟ୍‌ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାତ୍ର ହାଇକୋର୍ଟ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ସ୍ୟାଟ୍ ଉଚ୍ଛେଦ ଗେଜେଟ୍ ନୋଟିଫିକେଶନ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନାକରିଥିଲେ।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଭାଜପା ଏମ୍‌ପିମାନଙ୍କ ଅନୁରୋଧ

# ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିରକୁ ଆଦର୍ଶ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦିଅ

ଭୁବନେଶ୍ୱର,୯।୮(ବ୍ୟୁରୋ)

କଳା, ସଂସ୍କୃତି ଓ ପର୍ଯ୍ୟଟନର ଭୂମି ଓଡ଼ିଶା। ଐତିହ୍ୟ ଓ କାରୁକାର୍ଯ୍ୟରେ ପ୍ରସିଦ୍ଧି ଲାଭ କରିଥିବା କୋଣାର୍କ ସୂର୍ଯ୍ୟମନ୍ଦିର ଏବଂ ଜଗନ୍ନାଥ ଧାମ୍ ପୁରୀର ଶ୍ରୀମନ୍ଦିର ହେଉଛି ବିଶ୍ୱ ଦରବାରରେ ଓଡ଼ିଶାର ପରିଚୟ। ଏହି ଦୁଇ ଆଧ୍ୟାତ୍ମିକ କ୍ଷେତ୍ର ଭାରତର ପ୍ରମୁଖ ପର୍ଯ୍ୟଟନ ସ୍ଥଳଭାବେ ପରିଗଣିତ ହେଉଛି। ତେଣୁ କେନ୍ଦ୍ର ସରକାର ଉଭୟ ପୁରୀ ଓ କୋଣାର୍କକୁ ଭାରତର ଆଦର୍ଶ ପର୍ଯ୍ୟଟକସ୍ଥଳୀର ମାନ୍ୟତା ଦେବାକୁ ଓଡିଶାର ଭାଜପା ଏମ୍‌ପିମାନେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲାଦ ସିଂ ପଟେଲଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏମ୍‌ପିମାନେ ଦେଇଥିବା ଚିଠିରେ ଦର୍ଶାଇଛନ୍ତି, ହିନ୍ଦୁମାନଙ୍କ ପବିତ୍ର ଚାରିଧାମ ମଧ୍ୟରୁ ପୁରୀ ହେଉଛି ଅନ୍ୟତମ। ଏଠାରେ ପ୍ରତ୍ୟେକ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହୋଇଥାଏ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ପୁରୀ ଗସ୍ତ କରିଥିଲେ। ମଧ୍ୟକାଳୀନ ଶିଳ୍ପକଳା ଓ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟମନ୍ଦିରକୁ ୧୩ଶ ଖ୍ରୀଷ୍ଟାବ୍ଦରେ କଳିଙ୍ଗ ରାଜା ନରସିଂହ ଦେବ ନିର୍ମାଣ କରିଥିଲେ। ନିକଟରେ କେନ୍ଦ୍ର ସରକାର ଦେଶର ୧୭ଟି ଆଦର୍ଶ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରିଛନ୍ତି। ମାତ୍ର ଶ୍ରୀମନ୍ଦିର ଏବଂ ସୂର୍ଯ୍ୟମନ୍ଦିରକୁ ଏଥିରେ ସ୍ଥାନ ମିଳିନାହିଁ। ଓଡ଼ିଶାରୁ ଲୋକ ସଭା ଓ ରାଜ୍ୟ ସଭାକୁ ନିର୍ବାଚିତ ସମସ୍ତ ଭାଜପା ଏମ୍‌ପି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଚିଠି ଦ୍ୱାରା ଅନୁରୋଧ କରିଛନ୍ତି। କିଛିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖି ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିରକୁ ଭାରତର ଆଦର୍ଶ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଅନୁରୋଧ କରିଥିଲେ।

ବନ୍ୟାରେ ଧୋଇଯାଇଥିବା ରେଳପଥ ମରାମତି ଶେଷ

# ୧୦ କି.ମି.କୁ କମିଲା ଟ୍ରେନର ବେଗ

**ବାତିଲ୍ ହୋଇଥିବା ଟ୍ରେନ୍**

୧.ଦୁର୍ଗ-ବିଶାଖାପାଟଣା-ଦୁର୍ଗ ପାସେଞ୍ଜର (୫୮୫୨୯-୫୮୫୩୦)

୨. ସମ୍ବଲପୁର-କୋରାପୁଟ-ସମ୍ବଲପୁର ପାସେଞ୍ଜର (୫୮୩୦୧-୫୮୩୦୨)

୩. ସମ୍ବଲପୁର-ଜୁନାଗଡ ରୋଡ-ସମ୍ବଲପୁର ପାସେଞ୍ଜର (୫୮୩୦୩-୫୮୩୦୪)

**ଆଂଶିକ ବାତିଲ୍**

୯ତାରିଖରେ ହାଓଡ଼ାରୁ ଛାଡ଼ିବାକୁ ଥିବା ଓ ୧୦ତାରିଖରେ ଜଗଦଲପୁରରୁ ଛାଡ଼ିବାକୁ ଥିବା ହାଓଡ଼ା-ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ (୧୮୦୦୫-୧୮୦୦୬) ଟିଟିଲାଗଡ଼ ପର୍ଯ୍ୟନ୍ତ ଯାତ୍ରା କରିବ। ଉଭୟ ଦିଗରୁ ଟିଟିଲାଗଡ଼ ଓ ଜଗଦଲପୁର ମଧ୍ୟରେ ଟ୍ରେନ୍ ଚଳାଚଳ ବାତିଲ୍ ରହିବ।

ଭୁବନେଶ୍ୱର, ୯।୮(ବ୍ୟୁରୋ)

ରାୟଗଡ଼ାର ଡାଇକାଲୁ ଓ ଅମ୍ବାଦୋଳା ମଝିରେ ବନ୍ୟାରେ ଧୋଇଯାଇଥିବା ରେଳପଥକୁ ଶୁକ୍ରବାର ସକାଳ ସୁଦ୍ଧା ମରାମତି କରାଯାଇଛି। ଏବେ ସଂପୃକ୍ତ ପଥରେ ଟ୍ରେନ୍‌ର ବେଗକୁ ଘଣ୍ଟା ପ୍ରତି ୧୦ କିଲୋମିଟର ପର୍ଯ୍ୟନ୍ତ କମାଇ ଦିଆଯାଇଛି। ୨୪ଘଣ୍ଟିଆ ନଜର ରଖି ସେହି ପଥ ଦେଇ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଟିଟିଲାଗଡ଼ ଓ ରାୟଗଡ଼ାରେ ପରିଚାଳନାଗତ ସମସ୍ୟାକୁ ଦେଖି ପୂର୍ବତଟ ରେଳବାଇ ପକ୍ଷରୁ ୩ଟି ପାସେଞ୍ଜର ଟ୍ରେନ୍‌କୁ ବାତିଲ୍ କରାଯିବା ସହ ଗୋଟିଏ ଏକ୍ସପ୍ରେସକୁ ଆଂଶିକ ବାତିଲ କରାଯାଇଛି। ମରାମତି ହୋଇଥିବା ଟ୍ରାକ୍‌ରେ ଅଳ୍ପ ବେଗରେ (୧୦କି.ମି) ଟ୍ରେନ୍ ଚଳାଇବାକୁ ଅନୁମତି ଦିଆଯାଇଥିବାରୁ ସେହି ଟ୍ରାକ୍‌ରେ ଟ୍ରେନ୍ ସଂଖ୍ୟାକୁ କମାଇ ଦିଆଯାଇଛି। ଏଣିକି ଭୁବନେଶ୍ୱରରୁ କୋରାପୁଟ ହୀରାଖଣ୍ଡ ଏକ୍ସପ୍ରେସ ଯାତ୍ରା କରିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି।


**OFFICE OF THE REGULATED MARKET COMMITTEE, NABARANGPUR**

The Sub Collector cum Chairman, Regulated Market Committee, Nabarangpur invites sealed quotations for Insurance Policy Premium against storage of MAIZE & PADDY 500 MT & 1000 MT Godowns under WDRA Scheme of RMC, Nabarangpur vide Quotation Call Notice No.1596 dated. 08.08.2019 may be seen and downloaded from District web portal **www.nabarangpur.nic.in.** The last date for receipt of sealed quotations is 27.08.2019 up to 5.30 P.M.

**Sd./- Sub Collector cum Chairman, RMC, Nabarangpur**

**DIRECTOR LAND RECORDS AND SURVEYS, ODISHA**
**BOARD OF REVENUE, (LR & S BRANCH), ODISHA, CUTTACK**

**No. XXXVIII-01/2019-3060/LR&S Dated: 09.08.2019**

**REQUEST FOR PROPOSAL (RFP) FOR SUPPLY & INSTALLATION OF IT-EQUIPMENTS, PERIPHERALS, COMPACTOR AND FURNITURE IN MODERN RECORD ROOMS OF 14 TAHASILS OF THE STATE**

No.: 18-F: Sealed tenders are invited from established and accredited System Integrators for supply and installation of IT Equipments, Peripherals, Compactor and Furniture in the Modern Record Rooms of 14 Tahasils of the State under DILRMP for the year 2019-20. The last date of submission of bid is 11.09.2019 by 5.00 P.M.

For details, please visit **http://odisha.gov.in/tender** and **http://boardodisha.nic.in/**.

**Sd./- Director**
**Land Records and Surveys**

24002/11/0002/1920

See Career Appointment on every Wednesday & Saturday

**नालको NALCO**
**National Aluminium Company Limited**
(A Government of India Enterprise)
Nalco Bhawan, Nayapalli,
Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

**GLOBAL TENDER NOTICE**

**1. No.: NBC/MM/GTN/CSL-03/2019, Date : 01.08.2019 -** Digitally signed online bids are invited in CPP Portal for supply of **Caustic Soda Lye** for Alumina Refinery Damanjodi and CPP Angul, Odisha from Indigenous as well as overseas manufacturer/suppliers or their accredited agents.

**2. No.: NBC/MM/GTN/LBD/AIF3/2019/01/ Date : 31/07/2019 -** Online bids are invited for the supply of the following material for our Smelter plant, Angul (Odisha), India from bonafide indigenous as well as overseas manufacturers/suppliers or their accredited agents.

**Item Description :** Low Density Aluminium Fluoride, **Approx. Qty. reqd (MT) :** 2,274 MT +/-5%, **Earnest Money Deposit :** Rs. 25,00,000/- or in Equivalent USD, **Last date of tender Submission :** 31.08.2019 up to 1:00 PM.

**General Manager (Mat.)**

**NOTICE INVITING TENDER**
**Ref. No. NBC/MM/LP/ADMN/SMART ID CARDS/2019, Dtd : 31.07.2019**

Online digitally signed offers in two parts in Central Public Procurement Portal (CPPP) are invited from indigenous manufacturers / suppliers for supply of Smart ID Cards.

**Dy. General Manager (Mat.)**

Details of the tender along with tender document is available at **www.nalcoindia.com** and **www.eprocure.gov.in**. Bidders are advised to visit above websites for any modification / addition / bid due date extension.

**OFFICE OF THE NOTIFIED AREA COUNCIL, BHUBAN**
**Tel. No. 06769-272023, Email : bhubann.hud@nic.in**
**E-Procurement Notice-01/2019-20**
**Tender Call Notice No. 1348/BBN NAC Dt. 08.08.2019**

| | | | |
|---|---|---|---|
| 1. | Name of the Work | : | 04 Number of Civil Construction works as in the DTCN published in the website. |
| 2. | Estimated Cost | : | Varies from Rs. 4.00 Lakh to Rs. 20.00 Lakhs |
| 3. | Period of Completion | : | One Month to Six Months |
| 4. | Date and time of availability of Bid Document in the Portal | : | From 11.00 A.M. of Dt. 16.08.2019 to 5.00 P.M. of Dt. 22.08.2019 |
| 5. | Last date / Time for receipt of Bid in the portal | : | 5.00 P.M. of Dt. 22.08.2019 |
| 6. | Date and time of opening of Bid | : | 11.00 A.M. hours of Dt. 26.08.2019 |
| 7. | Name and address of the Officer | : | Executive Officer, Bhuban NAC |

**Inviting Bid :** Further details can be seen from the e-Procurement portal http://tenderorissa.gov.in

**Sd./- Executive Officer, Bhuban NAC**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the DGM, E.H.T. (O&M) Division, Balasore, Dist: Balasore-19. **CIN: U40102OR2004SGC007553**

**NOTICE INVITING TENDER - 02/2019-20**

Sealed tenders in duplicate are invited from intending Bidders having **(i)** valid Civil license (C or D) with PAN, GST for **Construction of open store yard cum scrap yard for stacking of various heavy equipment & scrap materials at 220 / 132 / 33KV Grid S/S, Balasore (ii)** valid dealership certificate with PAN, GST for **Procurement of 67 nos. 120W LED Flood lights Havels / Bajaj / Philips / Frequency make for Grid S/S, Balasore / Basta / Soro / Jaleswar. Cost of Tender Paper :** Rs.2,240/-, **EMD :** @1% of the quoted price including GST for each tender is to be submitted in shape of DD drawn in favour of **DGM,EHT (O&M) Division, OPTCL, Balasore** payable at Balasore without which the tender shall be rejected. Sale of tender documents from **Dt.13.08.19 to Dt. 27.08.19.** The tenders shall be received up to **1:00 P.M.** on **Dt.28.08.19** and will be opened at **3.00P.M** on same date.

For details, please visit our website **www.optcl.co.in.** Sd/-
**Corrigendum, if any, will be published in the website only.** **Dy. General Manager**

Please connect us: optcl.odisha optcl_odisha energyodisha

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୭୯୪୨/ଭୁ.ଉ.କ., ଭୁବନେଶ୍ୱର ତା୩୧।୦୭।୨୦୧୯ରିଖ
KNM - 1828/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର MIG ପ୍ଲଟ ନଂ.K9A–2015କୁ ଶ୍ରୀ ସୁସୀମ ଚନ୍ଦ୍ର ପାତ୍ର, ପିତା–ସ୍ୱର୍ଗତ ଭିମରାଜୁ ପାତ୍ର, ଗ୍ରାମ/ପୋଅ/ଥାନା–ବାଣପୁର, ଜିଲ୍ଲା–ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁସୀମ ଚନ୍ଦ୍ର ପାତ୍ର ଉକ୍ତ ପ୍ଲଟକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୌମ୍ୟ ରଞ୍ଜନ ଦାଶ, ପିତା–ହରେକୃଷ୍ଣ ଦାଶ, MIG–13, ହାଉସିଂ ବୋର୍ଡ କଲୋନୀ, ନୂଆସାହି, ପୋଅ–ବାଲିଆ, ଜିଲ୍ଲା–ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି। ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୨**

**GOVERNMENT OF ODISHA**
**DEPARTMENT OF TOURISM**
**No.: 7034/TSM, Bhubaneswar Dt.09.08.19**
**T.Cord-II(S)-132/2019**

**REQUEST FOR PROPOSAL FOR**
**Engaging an agency to obtain Forest/Environmental clearances of Department of Tourism Land Parcels around Puri-Konark region, Odisha**

No.: 12-R: Department of Tourism, Govt. of Odisha invites Technical and Financial proposals from eligible bidders for obtaining forest/environmental clearance involving DGPS survey and to provide technical support to obtain environmental/forest clearances of selected land parcels of Tourism Development around Konark-Puri region of Odisha State.

For this purpose, bids are invited from interested firms who have prior experience in obtaining environmental/forest clearance projects in India.

The RFP can be downloaded from **www.dot.odishatourism.gov.in** from 10th August 2019. The porposal of the bidders as per the requirements in the RFP, shall be received at the Office of Director Tourism, Paryatan Bhawan, Lewis Road, Bhubaneswar - 751014, Odisha, India latest by 1500 Hrs. on 12 September 2019.

**Sd./- Director &**
**Addl. Secretary to Govt.**

37001/11/0015/1920

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
**ବିଜ୍ଞାପନ**

No.: 17-g: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦୁଇ ଜଣ ଶିଶୁ, ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କର ନିର୍ଦ୍ଦେଶନାମା ଅନୁସାରେ, ଖଣ୍ଡଗିରିସ୍ଥିତ ସୁଭଦ୍ରା ମହତାବ ସେବା ସଦନ ଶିଶୁ ଯତ୍ନ ଅନୁଷ୍ଠାନରେ ରହିଆସୁଅଛି। ଯଦି ଏହି ଦୁଇ ଜଣ ଶିଶୁର ପିତା, ମାତା, ଅଭିଭାବକ ବା ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତିର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଫୋନ୍ – 06755 220801 ଅଥବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା, ମୋ– 9437359431ଙ୍କ ସହିତ ଯୋଗାଯୋଗ କରନ୍ତୁ। ଅନ୍ୟଥା ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ୍ – 2015, ସେକ୍ସନ 38(1) ଅନୁଯାୟୀ ଶିଶୁ ମଙ୍ଗଳ ସମିତି ଖୋର୍ଦ୍ଧାଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ପାଇଁ ବିବେଚିତ କରାଯିବ।

| | |
|---|---|
|  |  |
| ଅଭିଲାଷ (ପୁଅ), 07 ଦିନ<br>ବିଶୁନିଆପଡ଼ା ବାଲିପାଟଣାରୁ ଉଦ୍ଧାର କରାଯାଇ ତା03.08.2019ରିଖ ଦିନ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଯାଇଥିଲା | କମଳା (ଝିଅ), 02ବର୍ଷ 06 ମାସ<br>କୋଚିଲା ରୋଡରୁ ଉଦ୍ଧାର କରାଯାଇ ତା01.08.2019ରିଖ ଦିନ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଯାଇଥିଲା |

33016/11/0011/1920 ସ୍ୱା./– ଜିଲ୍ଲାପାଳ, ଖୋର୍ଦ୍ଧା

GOVERNMENT OF ODISHA **No.: 254-O**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, SUNDARGARH**
**E-Procurement Notice, Online – RWSESNG –10 of 2019-20 Letter No.1638/Dtd.06.08.2019**
**E-mail address-serw_sundargarh@yahoo.com**

1. Type of the Work : Bridge Work (OMBADC & DMF)
2. Total No. of works : 6 No. of Bridges (Percentage Rate Tender)
3. Estimated cost : Varies from Rs.183.85 Lakh to Rs.532.50 Lakh
4. Class of contractor : 'B' Class, 'A' Class & 'Special' Class
5. Period of completion : Nine to Twelve Calendar Months
6. Cost of tender paper : The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required : The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS : Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST : Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details :

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-10 of 2019-20 | 16.08.2019 11.00 A.M. | 31.08.2019 3.00 P.M. | 30.08.2019 3.00 P.M. | 07.09.2019 11.00 A.M. | 12.09.2019 11.00 A.M. |

Further details can be seen from the website **www.tendersorissa.gov.in**.
**N.B.:** Corrigendum if any may be seen in this website **www.tendersorissa.gov.in**.
Authority reserves the right to reject any or all the tenders without assigning any reason thereof.

**25133/11/0012/1920** **Sd./- Superintending Engineer, Rural Works Circle, Sundargarh**

*GOVERNMENT OF ODISHA* **No. 104-B**
**Office of the Executive Engineer**
**Bhanjanagar (R&B) Division, Bhanjanagar.**
**(Phone/Fax: (06821) 241133 / E -mail: eernbbngr@yahoo.in)**

Ltr. No.5419 // Dtd.07.08.2019 INVITATTIONS FOR BIDS ( IFB)

E-Procurement Bid Identification No.E.E –BNJ-R&B- 03 / 2019-20.

1. Name of work :- Building works.
2. No. of works :- Eight Nos. Building works
3. No. of Covers :- Single Cover
4. Estimated cost :- Rs.24.981 to 5.216 lakhs
5. Period of Completion :- Nine to Three Calendar Months.
6. Date of time of availability of bid document in the portal :- From 12.00 Noon of dated 20.08.2019 to 5.00 PM. of dated 29.08.2019.
7. Last date/time for receipt of bids in the portal :- Up to 5.00 PM. of dated 29.08.2019.
8. Date of opening of bid documents :- At 11.00 A.M. of 30.08.2019.
9. Class of Contractor :- "B" , "C" & "D" Class
10. Name and address of officer inviting Bid :- Executive Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

34015/11/0001/1920 Sd./- Executive Engineer Bhanjanagar (R&B) Division

**ZILLA SWASTHYA SAMITI, KEONJHAR**
**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**TENDER CALL NOTICE**

**Advt. No. 3906** **Date: 09.08.2019**

No.: 206-E: Sealed tenders are invited from Registered Firms/ Agencies/Reputed Organizations for supply of **Equipments/ Instruments calibration in District Head Quarter Hospital, Sub-divisional Hospital & FRU CHCs of Keonjhar district.** Interested Firms/Agencies/Reputed organizations should submit their proposals in prescribed format (Technical as well as Financial Bids) along with Detailed Tender Call Notice with all supporting documents in sealed envelopes separately through Speed Post/Regd. Post/Courier to the Office of Chief District Medical & Public Health Officer, District Headquarter Hospital, Keonjhar, Odisha, PIN - 758001 on or before **28.08.2019 upto 5 P.M.** The Detail Tender Call Notice, terms & conditions are available in the district website **www.kendujhar.nic.in.** Incomplete application in any form will be summarily rejected. The tenders shall be opened on **29.08.2019 at 11 A.M. in the O/o. ADPHO (FW), Keonjhar,** in the presence of purchase committee members & bidders. The authority will not be responsible for any postal delay. The undersigned has reserves the right to reject or cancel any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**

10033/11/0011/1920



ମୁଖ୍ୟ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସେଲ୍ଫି କର୍ନର



ରୋଶନ



ରୂପେଶ



ଅବିନାଶ



ରଞ୍ଜିତ



ବିନୟ



ବିବେକାନନ୍ଦ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ଓଡ଼ିଶାରେ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା

# ୨୬ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

### ଫୋକସ୍‌ରେ ହରିଦାସପୁର- ପାରାଦୀପ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୯।୮(ବ୍ୟୁରୋ)

ବୃହତ୍ ପୁଞ୍ଜି ନିବେଶ ଅର୍ଥାତ୍ ୫୪ ହଜାର କୋଟି ଟଙ୍କା ବିନିଯୋଗରେ ରାଜ୍ୟରେ ହେବାକୁ ଥିବା ୨୬ଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ସଚିବାଳୟରେ ଅନୁଷ୍ଠିତ ହୋଇଥିଲା। ହରିଦାସପୁର-ପାରାଦୀପ ରେଳଲାଇନ୍‌ରେ କିଭଳି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଯିବ ତାହା ବୈଠକର ଏକ ପ୍ରମୁଖ ବିଷୟବସ୍ତୁ ଥିଲା। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରକଳ୍ପଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଅଧିଗୃହୀତ ଜମି ହସ୍ତାନ୍ତର, ପୁନଃ ଥଇଥାନ ସ୍ଥାନର ବିକାଶ ଏବଂ କଲୋନୀ ନିର୍ମାଣ, ଜଙ୍ଗଲ ଅନୁମତି, ପରିବେଶ ଅନୁମତି, କ୍ଷତିପୂରଣ ଅର୍ଥ ଆବଣ୍ଟନ, ଜବରଦଖଲ ଉଚ୍ଛେଦ ଆଦି ବିଷୟରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ରାଜ୍ୟ ପ୍ରକଳ୍ପ ପରିଚାଳନା ସେଲ୍ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ତଥ୍ୟ ଉପସ୍ଥାପନ କରିଥିଲେ। ସଡ଼କ ଓ ରେଳପଥ ଆଦି ଭିତ୍ତିଭୂମି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଓ ଜବରଦଖଲ ଉଚ୍ଛେଦ ହେଉଛି ପ୍ରମୁଖ ଆବଶ୍ୟକତା। ହେଲେ ଏ ଦିଗରେ ଥିବା ସମସ୍ୟାଗୁଡ଼ିକର ସମାଧାନ ହୋଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ବୈଠକରୁ ଜଣାପଡ଼ିଛି।

ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ହରିଦାସପୁର-ପାରାଦୀପ ରେଳଲାଇନ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକୀୟ ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଉପସ୍ଥିତ କ୍ୟାବିନେଟ୍ କମିଟି ପ୍ରକଳ୍ପ ତଦାରଖ ଗ୍ରୁପ୍‌ର ଯୁଗ୍ମ ଶାସନ ସଚିବ ରାଜୀବ ଅଗ୍ରୱାଲଙ୍କୁ ଅନୁରୋଧ କରିଥିଲେ। ଏ ଦିଗରେ ରେଲୱେ ବୋର୍ଡ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ ଅଗ୍ରୱାଲ ପ୍ରତିଶ୍ରୁତି ଦେଇଛନ୍ତି। ହରିଦାସପୁର-ପାରାଦ୍ୱୀପ ରେଳପଥରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଚଳିତବର୍ଷ ଶେଷସୁଦ୍ଧା ଏଥିରେ ରେଳ ଚଳାଚଳ ଆରମ୍ଭ କରିବାକୁ ଲକ୍ଷ୍ୟ ରହିଛି। ସେହିପରି ୩୫୫୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ଖୋର୍ଦ୍ଧାରୁ ବଲାଙ୍ଗୀର ୧୧୨ କିମି ରେଳପଥ ପାଇଁ ଜମି ରେଲୱେକୁ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଅନ୍ୟପକ୍ଷରେ ୧୧୩୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବାଂଶପାଣି-ଜଖପୁରା ରେଳ ରାସ୍ତାର ଦୋହରୀକରଣ, ରାଉରକେଲା-ଝାରସୁଗୁଡା ରେଳପଥ, କୋରାପୁଟ-ସିନ୍‌ଗାପୁର ରାସ୍ତାର ଦେହରୀକରଣ, ଜରପଦା-ବୁଢ଼ାପଙ୍କ-ତାଳଚେର ରେଳପଥ ଓ ଫ୍ଲାଏ ଓଭର୍, ଭଦ୍ରକ-ନିର୍ଗୁଣ୍ଡି ରେଳପଥ, କୋଟାଭାଲସା-କୋରାପୁଟ ରେଳପଥ, ବୁଢ଼ାପଙ୍କ-ସାଲେଗାଁ ରେଳପଥ, ବିଜୟନଗରମ୍-ସମ୍ବଲପୁର ରେଳପଥ ଆଦି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରାଜପଥ ପ୍ରକଳ୍ପ ମଧ୍ୟରେ ୧୦୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ହେଉଥିବା ଜାତୀୟ ରାଜପଥ-୫ର ଚଣ୍ଡିଖୋଲ-ଜଗତପୁର-ଭୁବନେଶ୍ୱର ସେକ୍‌ସନ୍ ଷଷ୍ଠ ରାସ୍ତା ପ୍ରଶସ୍ତୀକରଣ, ବୀରମିତ୍ରପୁର-ବାରକୋଟ ଜାତୀୟ ରାଜପଥ, ଜାତୀୟ ରାଜପଥ-୬ର ବିଞ୍ଝବାହଲ-ତିଲେଇଣି ରାସ୍ତା, ସିନ୍‌ଗାରା- ବିଞ୍ଝବାହାଲ ଜାତୀୟ ରାଜପଥ ଆଦି ପ୍ରମୁଖ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଏହାଛଡା ମହାନଦୀ କୋଲ୍ଡ ଫିଲ୍‌ଡର ବେଲପାହାଡ୍ ଓ.ସି.ପି, କଣିହା ଓ.ସି.ପି, ଭୁବନେଶ୍ୱର ଓ.ସି.ପି. ଆଦି କୋଇଲା ଖଣି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା ହୋଇଥିଲା। ଏହି ସବୁ ଖଣିରେ ପ୍ରାୟ ୯୮୯୭.୮୭ କୋଟି ଟଙ୍କା ବିନିଯୋଗ ହେବ। ଡାଲମିଆ ସିମେଣ୍ଟ ଲିମିଟେଡ ଦ୍ୱାରା କରାଯାଉଥିବା ୩୦୦୦ କୋଟି ଟଙ୍କାର ଖଣି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା।

# ଭଲ ସିନେମାରେ ଅଭିନୟ ଚାହାନ୍ତି ମୃଣାଳ



**ନୂଆଦିଲ୍ଲୀ:** ଅଭିନେତ୍ରୀ ମୃଣାଳ ଠାକୁର ଭଲ ସିନେମାରେ ଅଭିନୟ କରିବାକୁ ଚାହାନ୍ତି ବୋଲି କହିଛନ୍ତି। ତାଙ୍କ କହିବା କଥା ହେଉଛି ଦର୍ଶକ ଯେତେବେଳେ ଭଲ ବିଷୟବସ୍ତୁ ଭିତ୍ତିକ ସିନେମା ଉପରେ ଗୁରୁତ୍ୱ ଦେଉଛନ୍ତି ସେହି ସମୟରେ ତାଙ୍କର ଫିଲ୍ମ ଶିଳ୍ପରେ ପ୍ରବେଶ। ଏଥିପାଇଁ ସେ ନିଜକୁ ଭାଗ୍ୟବାନ ଏବଂ ଆଶୀର୍ବାଦ ପାଇଥିବା ମନେକରନ୍ତି। ଗତବର୍ଷ ତାଙ୍କର ପ୍ରଥମ ଫିଲ୍ମ 'ଲଭ୍ ସୋନିଆ' ମହିଳା ଚୋରାଚାଲାଣ ପ୍ରସଙ୍ଗକୁ ଭିତ୍ତିକରି ନିର୍ମାଣ ହୋଇଥିବାବେଳେ ପରେ 'ସୁପର ୩୦' ଅନେକ ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ାଉଥିବା ଜଣେ ବ୍ୟକ୍ତିଙ୍କ ଜୀବନ କାହାଣୀକୁ ଆଧାର କରି ଗଢ଼ିଉଠିଛି। ତେଣୁ ଫିଲ୍ମରେ ଅଭିନୟ କରିବା ତାଙ୍କ ପାଇଁ ବଡ କଥା ନୁହେଁ; ବରଂ ଭଲ ସିନେମାରେ ଉତ୍ତମ ଚରିତ୍ରଟିଏ ମିଳିବା ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସେ କହିଛନ୍ତି। ୨୬ବର୍ଷ ବୟସ୍କା ମୃଣାଳ ପରବର୍ତ୍ତୀ ଫିଲ୍ମ 'ବାଟ୍‌ଲା ହାଉସ୍' ପାଇଁ ଖୁବ୍ ତତ୍ପର ହୋଇପଡିଛନ୍ତି। ସେ ଏଥିରେ ନନ୍ଦିତା ନାମରେ ଜଣେ ଖବରଦାତା ଭୂମିକା ନିର୍ବାହ କରୁଛନ୍ତି। ପୁନଶ୍ଚ ଅନ୍ୟତମ ମୁଖ୍ୟ ଚରିତ୍ର ଡିସିପି ସଞ୍ଜୟ କୁମାର ଯାଦବ(ଜନ୍ ଆବ୍ରାହାମ୍)ଙ୍କର ସେ ସ୍ତ୍ରୀ ଭୂମିକାରେ ଅଛନ୍ତି। ୨୦୦୮ରେ ଦିଲ୍ଲୀରେ ସିରିଜ ବୋମା ବିସ୍ଫୋରଣ ପରେ ଏନ୍‌କାଉଣ୍ଟର ଘଟଣାରେ ଯାଦବ ବିବାଦୀୟ ହୋଇପଡ଼ିଥିବା ଜଣେ ବ୍ୟକ୍ତିତ୍ୱ। ଏ ସମ୍ପର୍କରେ ନନ୍ଦିତା କହନ୍ତି, ଏନ୍‌କାଉଣ୍ଟର ବେଳେ ସ୍ୱାମୀ ଜୀବନର ବହୁ ବିଷମ ସମସ୍ୟା ଦେଇ ଗତି କରୁଥିବାରୁ ତାଙ୍କ ଭୂମିକା ଖୁବ୍ କଷ୍ଟକର ହୋଇଥିଲା। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସେ ସ୍ୱାମୀଙ୍କ ପାଖେପାଖେ ରହି ତାଙ୍କ ବିଷୟରେ କ୍ରମାଗତ ରିପୋର୍ଟ ପ୍ରକାଶ କରୁଥିଲେ। ତେଣୁ ବାସ୍ତବ ଭାବପ୍ରବଣତାକୁ ପରଦାରେ ଫୁଟେଇବା ଖୁବ୍ କଠିନ ବୋଲି ମୃଣାଳ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର୍, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରଟ୍, ଗୁଜୁରାଟ
M : 9157312448, 9157012447

**WALK-IN-INTERVIEW**
Wanted Lecturers on contractual basis in Philosophy-1, Commerce-1 and Botany-1. Interested candidates having 55% marks in P.G may attend the walk-in-Interview with their resumes, certificates in Original, recent photograph and Rs.100/- in cash payment at 11 A.M. on 13.08.19 Tuesday in the office of the Principal.
Sd./- PRINCIPAL, Shishu Ananta Mahavidyalaya, Balipatna, Khordha

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327065424 / 8895725158

REFCEM® Since 1983...
**Situation Vacant**
RRPL, Bhubaneswar invites application for the following posts;

| Post | Qualification | Experience |
|---|---|---|
| 1. Plant Supervisor & Security Guard | +2 & above | Min 5 yrs. |
| 2. Welder, Fitter & Electrician | ITI / Diploma | Min 5 yrs. |
| 3. Driver & Cook | HSC & above | Min 5 yrs. |

Salary is based on industry and experience.
Mail your CV / Contact on : rrpl2019@rediffmail.com
Contact : 7381095402 & 7381095422

**REQUIRED**
1. Branch Manager - 4 Nos.
2. Sales Manager - 12 Nos.
3. Activity Manager - 4 Nos.
Experience in Realestate Sector / Fresher can apply.
Satyabhama Realcon Pvt. Ltd.
Mob. No. 8917492419, 9090950009

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**WANTED**
A State Level Leading Agency needs the following Staffs for Subarnapur District.
1. SUPERINTENDENT/ PD (F): Sociology/Psychology/ MSW.
2. COUNSELOR/S.W. (M/F): MSW/ Graduate.
3. TEACHER: B.Ed./D.Ed.(Spl. Edu.-H.I.)
4. ACCOUNTANT: B.Com. (Exp) with Computer.
5. DOCTOR: (F) B.H.M.S./ B.A.M.S.
6. COOK-CUM-PEON: Under Matric.
Apply to President, NRDC: A-7/3(G.F), Indira Housing Colony, Sisupalgarh, Bhubaneswar-751002.
Mob: 9776992297, Email: nrdc_hkmbbsr@rediffmail.com

**ଭୁବନେଶ୍ୱର ଅଫିସ୍ ପାଇଁ ଷ୍ଟାଫ୍ ଦରକାର**
ଡ଼ି.ଟି.ପି. ଅପରେଟର, ମାର୍କେଟିଙ୍ଗ୍, ସ୍କ୍ରିନ୍ ପ୍ରିଣ୍ଟର ଓ ପିଅନ
Send your BIO-Data to maa.communication.bbsr@gmail.com
ମୋ: 8249416516

**URGENTLY REQUIRED**
An ACCOUNTANT (Male) for Sai Krupa Logistic (C&F of SHREE CEMENT), BBSR.
Candidate must have 3+ years' experience in Tally & GST.
Contact: 9348948134, 9040096740

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WALK IN INTERVIEW**
Response SINCE 1992 THE CREATIVE PEOPLE
A leading 27 years old Event Management & Brand Management Agency needs following Persons
1. Manager Marketing — 2 NOS.
Minimum 5 Years Experince in Concept/Advertising field will be given priority
2. Executive Client Relation — 3 NOS.
Minimum 2 Years Experince in Concept/Advertising field will be given priority
3. Data Entry Operator/Back Office Executive — 2 NOS.
Candidate should have relevant experience
4. Office Assistant/Peon — 1 NOS.
Candidate should have relevant experience
5. Accountant — 1 NOS.
Having knowledge in tally with 2 years Experience
INTERESTED CANDIDATES MAY WALK IN BETWEEN 11 A.M TO 1.30 PM FROM 08.08.2019 TO 12.08.2019 ( EXCEPT 11.08.2019 SUNDAY ).
Contact :
Response Marketing Services (P)Ltd.
Plot No-94, Sahid Nagar, Ground floor(opp-IMFA PARK Gate) Bhubaneswar,E-mail - responsemkt@gmail.com

**REQUIRED**
A Reputed ISO 22000:2005 Certified C&F Organisation Conduct a Recruitment Programme for the following posts:
1. Godown incharge having knowledge in Computer and Stock Handling
2. Godown Supervisor Specialised in Stock Management.
3. Drivers and Helpers having experience in all types of transporting vehicles.
VENUE :- Date - 11.08.19, Hotel Pushpak, Near Kalpana Square, Puri-Cuttack Road, Bhubaneswar.
Contact : 9337593376, 6370356604

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

**PART / FULL TIME**
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟ ପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
7381222430

**WANTED**
Science Graduate Chemistry as a subject
Address.- Krishna Palace Plot No.- 15/A, Unit-III, Kharvel Nagar, Bhubaneswar-751001 Beside of Hotel Swosti Second Lane
Contact No.- 9040588171

ANANDAPUR COLLEGE, ANANDAPUR, KEONJHAR
**WALK-IN-INTERVIEW**
Eligible candidates are required to attend the Walk-in-Interview at 11.00 AM on 20.08.2019 for the Posts of Lecturer in Odia, Commerce and Zoology. They have to submit their bio-data along with the original certificates and marksheet for verification and deposit Rs. 300/- towards incidental charges.
Sd./- Principal

**WANTED**
QUANTUM KNITS-3
(A UNIT OF KPR MILL LIMITED) TAMILNADU
A Leading Garments Manufacturing company looking for experienced candidates.
**TEACHER (FEMALE)**
Vacancy - 10
Must know English, Hindi & Odiya
Any PG Degree
Age : 25 to 35 years
Experience : 2 to 5 years
**WARDEN (FEMALE)**
Vacancy - 5
Must speak in Hindi & Odiya
Age : 30 to 40 years
Experience : 2 to 5 years
**NURSE (FEMALE)**
Vacancy - 10
Must speak in Hindi & Odiya
Age : 30 to 40 years
Experience : Minimum 5 years
**Salary : Negotiable**
WALK-IN INTERVIEW
Date : 11-08-2019 (Sunday), Time : 11am-2pm
Venue : Hotel Siddharth, Nayapalli, Bhubaneswar
Contact : 82703-30333, 99144-29046, 73587-16274
Email : quantumknits3@gmail.com
Web : www.kprmilllimited.com

IBPS ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍
ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରୀ ଅଫିସର/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୦-୨୧ର ଖାଲିସ୍ଥାନ ପାଇଁ ସିଆରପି ପିଓ/ଏମ୍‌ଟି-IX)**
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଅକ୍ଟୋବର/ନଭେମ୍ବର ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୦୭।୦୮।୨୦୧୯ରିଖରୁ ତା୨୮।୦୮।୨୦୧୯ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୦୭।୦୮।୨୦୧୯ରିଖରୁ ତା୨୮।୦୮।୨୦୧୯ରିଖ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର, ୨୦୧୯ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ତା୨୩।୦୯।୨୦୧୯ରିଖରୁ ତା୨୮।୦୯।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅକ୍ଟୋବର, ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ** | **ତା୧୨।୧୦।୨୦୧୯ରିଖ, ତା୧୩।୧୦।୨୦୧୯ରିଖ, ତା୧୯।୧୦।୨୦୧୯ରିଖ ଏବଂ ତା୨୦।୧୦।୨୦୧୯ରିଖ** |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଅକ୍ଟୋବର/ନଭେମ୍ବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **ତା୩୦।୧୧।୨୦୧୯ରିଖ** |
| ପରୀକ୍ଷାଫଳ ଘୋଷଣା – ମେନ୍ | ଡିସେମ୍ବର, ୨୦୧୯ |
| ସାକ୍ଷାତ୍କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୨୦ |
| ସାକ୍ଷାତ୍କାର ସଞ୍ଚାଳନ | ଜାନୁୟାରୀ/ଫେବୃୟାରୀ, ୨୦୨୦ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୨୦ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ — ନିର୍ଦ୍ଦେଶକ
ତାରିଖ: ୦୨।୦୮।୨୦୧୯ — (ଆଇବିପିଏସ୍)

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

"ବିଞ୍ଜ ଡିଜିଟାଲକୁ ଅକ୍ତିଆର କରିବା ଦ୍ୱାରା ଡାଇନ ଆଉଟର ପ୍ରଡକ୍ଟ ପୋର୍ଟଫୋଲିଓ ବୃଦ୍ଧି ପାଇବ। ବିଞ୍ଜର ତିନି ଜଣ ପ୍ରତିଷ୍ଠାତା ଡାଇନ ଆଉଟରେ ଯୋଗ ଦେଲେ।
– ଅଙ୍କିତ ମେହରୋତ୍ରା, ଡାଇନ ଆଉଟ ସହ ପ୍ରତିଷ୍ଠାତା"



"ହାଇଦ୍ରାବାଦ୍ ଉପାନ୍ତରେ ୧୦୦ ଏକର ପରିମିତ ଜାଗାରେ ତେଲେଙ୍ଗାନା ସରକାରଙ୍କ ପକ୍ଷରୁ ଫର୍ନିଚର ପାର୍କ ପ୍ରତିଷ୍ଠା କରାଯିବ। ଏଥିପାଇଁ ସ୍ୱିଡେନ ଫର୍ନିଚର ନିର୍ମାତାଙ୍କ ସହାୟତା ଲୋଡ଼ାଯାଇଛି।
– ଜୟେଶ ରଞ୍ଜନ, ପ୍ରମୁଖ ସଚିବ, ତେଲେଙ୍ଗାନା ଶିଳ୍ପ ବିଭାଗ"



## ସଂକ୍ଷେପରେ

### ଜୁନ୍‌ରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୨%କୁ ହ୍ରାସ

ନୂଆଦିଲ୍ଲୀ,୯-୮: ଦେଶର ଅର୍ଥନୀତି ଦିନକୁ ଦିନ ଦୁରବସ୍ଥା ଆଡକୁ ଗତି କରୁଛି। ମାନ୍ଦାବସ୍ଥା କାରଣରୁ ଅର୍ଥନୀତି ଏବେ ଆଇସିୟୁରେ। ଆର୍ଥିକ ବିକାଶ ଦର୍ଶାଉଥିବା ସମସ୍ତ ତଥ୍ୟ ଏବେ ପ୍ରତିକୂଳ ହେବାରେ ଲାଗିଛି। ଖଣି ଓ ମାନୁଫାକ୍ଚରିଂ କ୍ଷେତ୍ରରେ ଖରାପ ପ୍ରଦର୍ଶନ କାରଣରୁ ଜୁନ୍‌ରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୨ ପ୍ରତିଶତକୁ ହ୍ରାସ ପାଇଛି, ଯାହା କି ଅତ୍ୟନ୍ତ ଚିନ୍ତାଜନକ। ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ, ଗତବର୍ଷ ଜୁନ୍‌ରେ ଔଦ୍ୟୋଗିକ ଉତ୍ପାଦନ ବିକାଶ ହାର ୭ ପ୍ରତିଶତ ହାରରେ ବୃଦ୍ଧି ପାଉଥିଲା। ଜୁନ୍‌ରେ ବିନିର୍ମାଣ କ୍ଷେତ୍ରରେ ବୃଦ୍ଧି ହାର ୬.୯୦ ପ୍ରତିଶତ ତୁଳନାରେ ହ୍ରାସ ପାଇ ୧.୨୦ ପ୍ରତିଶତ ହୋଇଛି। ସେହିପରି ବିଜୁଳି ଉତ୍ପାଦନ ବୃଦ୍ଧି ହାର ମଧ୍ୟ ୮.୫୦ ପ୍ରତିଶତ ସ୍ଥାନରେ ୮.୨୦ ପ୍ରତିଶତକୁ ଖସିଆସିଛି। ଖଣି କ୍ଷେତ୍ରରେ ବୃଦ୍ଧି ହାର ୬.୫୦ ପ୍ରତିଶତ ସ୍ଥାନରେ ହ୍ରାସ ପାଇ ୧.୬୦ ପ୍ରତିଶତ ହୋଇଛି। ଜୁନ୍‌ରେ କ୍ୟାପିଟାଲ ଗୁଡ୍‌ସ ଅଭିବୃଦ୍ଧି ହାର ହ୍ରାସ ପାଇ ମାଇନସ୍ ୬.୫% ରହିଛି,ଯାହା କି ମେ'ରେ ୦.୮ ପ୍ରତିଶତ ରହିଥିଲା। କଞ୍ଜ୍ୟୁମର ଡ୍ୟୁରେବଲ୍ସ ବୃଦ୍ଧି ହ୍ରାସ ପାଇ ମାଇନସ ୫.୫% ରହିଛି, ଯାହା କି ମେ'ରେ ୦.୧% ଥିଲା। ଅନୁରୂପ ଭାବେ କଞ୍ଜ୍ୟୁମର ନନ୍ ଡ୍ୟୁରେବଲ୍ସ ବିକାଶ ହାର ମେ'ରେ ୭.୭ ପ୍ରତିଶତ ରହିଥିବା ବେଳେ ଜୁନ୍‌ରେ ସାମାନ୍ୟ ବଢ଼ି ୭.୮ ପ୍ରତିଶତ ହୋଇଛି।

### ପିଏମ୍ କିଷାନରେ ଯୋଡ଼ି ହେବେ ୧୦କୋଟି ଚାଷୀ

ନୂଆଦିଲ୍ଲୀ,୯-୮: ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି(ପିଏମ୍ କିଷାନ) ଯୋଜନା ଅଧୀନରେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୧୦ କୋଟି ଚାଷୀଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଶୁକ୍ରବାର କହିଛନ୍ତି। ଏହି ଯୋଜନାରେ କୃଷକଙ୍କୁ ବର୍ଷରେ ୩ଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଚଳିତବର୍ଷ ଫେବୃୟାରୀ ୨୪ରେ ଉତ୍ତରପ୍ରଦେଶର ଗୋରଖପୁରରୁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ସେ କହିଛନ୍ତି ଯେ, ଅଦ୍ୟାବଧି ଏହି ଯୋଜନାରେ ୫,୮୮,୭୭,୧୯୪ ଜଣ ଚାଷୀଙ୍କୁ ସାମିଲ କରାଯାଇଛି। କ୍ଷୁଦ୍ରଚାଷୀଙ୍କୁ ଇତିମଧ୍ୟରେ ୨ ହଜାର ଟଙ୍କାର ସହାୟତା ମିଳିସାରିଛି। ସେହିପରି ୩,୪୦,୯୩,୮୩୭ ଜଣଙ୍କୁ ଦ୍ୱିତୀୟ କିସ୍ତି ମିଳିଛି। ଆର୍ଥିକ ବର୍ଷ ୨୦୧୯-୨୦ରେ ସରକାର ଏହି ଯୋଜନା ବାବଦରେ ୮୭,୨୧୭.୫୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଅନୁମାନ କରିଛନ୍ତି।

# ଭାରତରେ ୫୭% ଡାକ୍ତର କ୍ୱାକ୍

## ଡବ୍ଲ୍ୟୁଏଚ୍‌ଓର ରିପୋର୍ଟକୁ ସରକାରଙ୍କ ପ୍ରଥମେ ଅସ୍ୱୀକାର, ଏବେ ହଁ

ନୂଆଦିଲ୍ଲୀ, ୯-୮

- ୨୦୧୬ରେ ପ୍ରକାଶ ପାଇଥିଲା ରିପୋର୍ଟ
- ୨୦୧୮ ଜାନୁୟାରୀରେ ଲୋକ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ
- ଜାରି ଏଫ୍‌ଏକ୍ୟୁରେ ରିପୋର୍ଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି
- ୩୧% କ୍ୱାକ୍ ଦ୍ୱାଦଶ ଶ୍ରେଣୀଯାଏ ପାଠ ପଢ଼ିଛନ୍ତି
- ଗ୍ରାମାଞ୍ଚଳର ୨୦% ଡାକ୍ତରଙ୍କ ନିକଟରେ ମେଡିକାଲ ଡିଗ୍ରୀ ରହିଛି



ଆମ ଦେଶରେ ଏଲୋପାଥି ମେଡିସିନ୍ ପ୍ରାକ୍ଟିସ୍ କରୁଥିବା ଅଧିକାଂଶ ଡାକ୍ତର କ୍ୱାକ୍(ନକଲି) କି ବୋଲି ପ୍ରଶ୍ନ ଉଠିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟରେ ଏହା ଦର୍ଶାଯାଇଛି। ଚକିତ କଲା ଭଳି ଏହି ନିରାଟ ସତ୍ୟକୁ କେନ୍ଦ୍ର ସରକାର ପ୍ରଥମେ ଅସ୍ୱୀକାର କରିବା ପରେ ଏବେ ମାନି ନେଇଛନ୍ତି।

ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ୨୦୧୬ରେ ଭାରତରେ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ଦେଶରେ ଯେତିକି ଏଲୋପାଥିକ ଡାକ୍ତର ପ୍ରାକ୍ଟିସ କରୁଛନ୍ତି, ସେମାନଙ୍କ ମଧ୍ୟରେ ୫୭.୩ ପ୍ରତିଶତଙ୍କ ନିକଟରେ କୌଣସି ମେଡିକାଲ ଡିଗ୍ରୀ ନାହିଁ। ସେତେବେଳେ କେନ୍ଦ୍ର ସରକାର ଏହି ରିପୋର୍ଟକୁ ଖଣ୍ଡନ କରିଥିଲେ। ଜାନୁୟାରୀ ୨୦୧୮ରେ ଲୋକ ସଭାରେ ଏକ ବିବୃତି ପ୍ରଦାନ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଏହି ରିପୋର୍ଟକୁ ଫାଲ୍‌ତୁ ବୋଲି ଦର୍ଶାଇଥିଲେ। କିନ୍ତୁ ଏବେ ସେହି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଡବ୍ଲ୍ୟୁଏଚ୍‌ଓର ଉକ୍ତ ରିପୋର୍ଟକୁ ଔପଚାରିକ ଭାବେ ଠିକ୍ ବୋଲି ଦର୍ଶାଇଛି। ନିକଟରେ ଅନୁମୋଦନ ଲାଭ କରିଥିବା ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି) ଆଇନ ଅଧୀନରେ ଗୋଷ୍ଠୀ ସ୍ୱାସ୍ଥ୍ୟ ପେସାଦାର(ସିଏଚ୍‌ପି)ଙ୍କୁ ଡାକ୍ତର ଭାବେ ପ୍ରାକ୍ଟିସ କରିବାକୁ ଅନୁମତି ଦେବା ଲାଗି ସରକାର ଡବ୍ଲ୍ୟୁଏଚ୍‌ଓର ସେହି ପୁରୁଣା ରିପୋର୍ଟର ସହାୟତା ନେଇଛନ୍ତି। ଏହି ଆଇନ ସମ୍ପର୍କରେ ଅଗଷ୍ଟ ୬ରେ ଜାରି କରାଯାଇଥିବା ଏକ ଏଫ୍‌ଏକ୍ୟୁରେ କୁହାଯାଇଛି ଯେ, ବର୍ତ୍ତମାନ ଏଲୋପାଥିକ ମେଡିସିନରେ ପ୍ରାକ୍ଟିସ କରୁଥିବା ୫୭.୩% ଲୋକଙ୍କ ନିକଟରେ ମେଡିକାଲ ଡିଗ୍ରୀ ନାହିଁ। ୨୦୦୧ ଜନଗଣନା ଆଧାରରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ, ଭାରତର ଗ୍ରାମାଞ୍ଚଳରେ ପ୍ରାକ୍ଟିସ କରୁଥିବା ମାତ୍ର ୨୦ ପ୍ରତିଶତ ଡାକ୍ତରଙ୍କ ନିକଟରେ ମେଡିକାଲ ଡିଗ୍ରୀ ରହିଛି। ଏଥିରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ପ୍ରାକ୍ଟିସ କରୁଥିବା କ୍ୱାକ୍‌ଙ୍କ ମଧ୍ୟରୁ ୩୧ ପ୍ରତିଶତ ଏଭଳି ଅଛନ୍ତି ଯେଉଁମାନେ କେବଳ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି ଏଫ୍‌ଏକ୍ୟୁରେ କୁହାଯାଇଛି ଯେ, ଭାରତରେ ଅଧିକାଂଶ ଗ୍ରାମୀଣ ଜନତାଙ୍କୁ ଭଲ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଏହି କାରଣରୁ ସେମାନେ ନକଲି ଡାକ୍ତର ବା କ୍ୱାକ୍‌ଙ୍କ ଜାଲରେ ପଡିଯାଉଛନ୍ତି। ଏହି ଏଫ୍‌ଏକ୍ୟୁରେ ୨୦୧୬ରେ ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ଜାରି ରିପୋର୍ଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯାହାକୁ ଦେଢ଼ ବର୍ଷ ପୂର୍ବେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାନିବାକୁ ରାଜି ନ ଥିଲେ। ୨୦୧୮ ଜାନୁୟାରୀ ୫ରେ ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଜବାବରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା କହିଥିଲେ ଯେ, ଡବ୍ଲ୍ୟୁଏଚ୍‌ଓର ରିପୋର୍ଟ ଭ୍ରମ ସୃଷ୍ଟି କରୁଛି। ମେଡିକାଲ ପ୍ରାକ୍ଟିସ କରିବା ଲାଗି ପଞ୍ଜୀକରଣ ଆବଶ୍ୟକ ହୋଇଥାଏ, ଯାହା ଏମ୍‌ବିବିଏସ୍ ଡିଗ୍ରୀ ବିନା ସମ୍ଭବ ନୁହେଁ। ସେ ଏହା ମଧ୍ୟ କହିଥିଲେ ଯେ, ଏଭଳି ନକଲି ଡାକ୍ତର ବା କ୍ୱାକ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରଥମ ଦାୟିତ୍ୱ ରାଜ୍ୟ ସରକାରଗୁଡ଼ିକଙ୍କ ହାତରେ ରହିଛି। ଏହା କହି ସେ କେନ୍ଦ୍ର ସରକାରଙ୍କ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିଲେ। ଏଫ୍‌ଏକ୍ୟୁରେ ଦର୍ଶାଯାଇଛି ଯେ, ସହର ଓ ଗ୍ରାମାଞ୍ଚଳରେ ଡାକ୍ତରଙ୍କ ଉପସ୍ଥିତି ସଂଖ୍ୟାରେ ଅନେକ ତାରତମ୍ୟ ରହିଛି। ବର୍ତ୍ତମାନ ଏହି ଅନୁପାତ ୩.୮:୧ ରେ ପହଞ୍ଚିଛି।

# ରୟାଲ ଏନ୍‌ଫିଲ୍ଡର ୨ ନୂଆ ଶୋ'ରୁମ




ଭୁବନେଶ୍ୱର,୯-୮

ରୟାଲ ଏନ୍‌ଫିଲ୍ଡର ୨ ନୂଆ ଶୋ'ରୁମ ଜଗତସିଂହପୁର ଏବଂ ସାଲେପୁରରେ ଖୋଲିଛି। ଖିମଜୀ ଅଟୋମୋବାଇଲ୍ସ ଆନୁକୂଲ୍ୟରେ ଏହି ଦୁଇ ନୂଆ ଶୋ'ରୁମକୁ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଖିମଜୀ ଅଟୋମୋବାଇଲ୍ସର ନିର୍ଦ୍ଦେଶକ ରାଜେଶ ସାମନ୍ତ ଏବଂ କମ୍ପାନୀ ଏଏସ୍‌ଏମ୍ ସଂଗ୍ରାମ ସାହୁ ଉପସ୍ଥିତ ଥିଲେ। ଏହା କମ୍ପାନୀର ୨୫୦ ତମ ରିଟେଲ ଷ୍ଟୁଡିଓ। ଆଗାମୀ ୩ ମାସରେ ଆଉ ୨୫୦ ଶୋ'ରୁମ ନେଟୱର୍କରେ ଯୋଡିବା ଲାଗି କମ୍ପାନୀ ଯୋଜନା ରଖିଛି। କମ୍ପାନୀ ବୁଲେଟ ୩୫୦ ଏବଂ ବୁଲେଟ ୩୫୦ ଇଏସ୍‌ର ୬ଟି ନୂଆ ମଡେଲ ପ୍ରସ୍ତୁତ କରିଛି। ବୁଲେଟର ନୂତନ ମଡେଲ ଏକ୍ସଶୋ'ରୁମ ମୂଲ୍ୟ ୧.୧୨ ଲକ୍ଷ ଟଙ୍କା ରହିଛି। ଏହାର ବୁକିଂ ଅଗଷ୍ଟ୯ରୁ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୯୩୦ ଶୋ'ରୁମ ଏବଂ ୮,୮୦୦ରୁ ଉର୍ଦ୍ଧ୍ୱ ସର୍ଭିସ ପଏଣ୍ଟ ଏବଂ ୯୦୦ରୁ ଉର୍ଦ୍ଧ୍ୱ ଅଧିକୃତ ୱାର୍କଶପ ସହ ସେବା ଯୋଗାଇ ଦେଉଛି। କମ୍ପାନୀର ଷ୍ଟୁଡିଓ ଗୁଡିକରେ ସର୍ଭିସ, ସ୍ପେୟାର ପାର୍ଟସ ସହ ଅନ୍ୟାନ୍ୟ ସୁବିଧା ଗ୍ରାହକ ଲାଭ କରିପାରିବେ। ଛୋଟଛୋଟ ସହରରେ ଯାନ କ୍ରୟ ନେଇ ଚାହିଦା ବଢ଼ିବାକୁ ଗ୍ରାହକଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ ବୋଲି ରୟାଲ ଏନ୍‌ଫିଲ୍ଡ ସିଇଓ ବିନୋଦ କେ ଦସାରୀ କହିଛନ୍ତି।

# ବିଗ୍ ବଜାର ପକ୍ଷରୁ ମହାବଚତ୍ ଅଫର ଘୋଷଣା

ଭୁବନେଶ୍ୱର,୯-୮




ବିଗ୍ ବଜାର ପକ୍ଷରୁ ୬ ଦିନିଆ ମହାବଚତ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଫୁଡ୍ ଓ ଗ୍ରୋସରି ସାମଗ୍ରୀଠାରୁ ଆରମ୍ଭ କରି ଫ୍ୟାଶନ ପୋଷାକ, ଗୃହ ଉପକରଣ, ରୋଷେଇ ଉପକରଣ, ଗୃହ ସାଜସଜ୍ଜା ସାମଗ୍ରୀ ଏବଂ ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି ପାଇ ପାରିବେ। ଏହି ସମୟରେ ପୁରୁଷ ମହିଳା ପରିଧାନ ଉପରେ ୨୦% କ୍ୟାଶବ୍ୟାକ୍ ସହ ଗୋଟିଏ କ୍ରୟରେ ଦୁଇଟି ମାଗଣା ପାଇବେ। ସେହିଭଳି ଗୃହ ସାଜସଜ୍ଜା ଉପକରଣ ଉପରେ ୬୦% ରିହାତି ସହ ୨୦% କ୍ୟାଶବ୍ୟାକ, ଫୁଡ୍ ସେକ୍ସନରେ ରିହାତି ରହିଛି। ୩ ହଜାର ଟଙ୍କା କ୍ରୟରେ ୧୨୦୦ ଏବଂ ୬ ହଜାର ଟଙ୍କା କ୍ରୟରେ ୨୪୦୦ ଟଙ୍କା କ୍ୟାଶବ୍ୟାକ ମିଳିବ। ଏସ୍‌ବିଆଇ କାର୍ଡ ଉପରେ ୭% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେବ। ଗ୍ରାହକଙ୍କୁ କ୍ରୟର ଏକ ଭିନ୍ନ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନେଇଥିବା ବିଗ୍ ବଜାରର ସିଇଓ ସଦାଶିବ ନାୟକ କହିଛନ୍ତି।

# ଭାରତ ମସଲାର ନୂଆ ପ୍ଲାଣ୍ଟ ଲୋକାର୍ପିତ

ଭୁବନେଶ୍ୱର,୯-୮

ଭାରତ ମସଲାର ରାମଦାସପୁର ପ୍ଲାଣ୍ଟ ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିଡିଓକନ୍‌ଫରେନ୍ସି ଯୋଗେ ଲୋକାର୍ପିତ କରିଛନ୍ତି। ଅତ୍ୟାଧୁନିକ କ୍ରାୟୋଜେନିକ ଗ୍ରାଇଣ୍ଡିଂ ଟେକ୍ନୋଲୋଜିରେ ଏହି ପ୍ଲାଣ୍ଟକୁ ନିର୍ମାଣ କରାଯାଇଛି। ଶୁଦ୍ଧ ଏବଂ ମହକଭରା ଶିଳବଟା ମସଲାର ସ୍ୱାଦ ଏହି ପ୍ଲାଣ୍ଟ ପ୍ରଦାନ କରିବ ବୋଲି ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା କହିଛନ୍ତି। ୭୦ କୋଟି ଟଙ୍କା ବ୍ୟୟରେ ନୂଆ ୟୁନିଟକୁ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡାଙ୍କ ସମେତ ସରକାରୀ ଅଧିକାରୀ, ଭାରତ ମସଲା ପକ୍ଷରୁ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ଆମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

ବିଜ୍ଞାପନ
ଓଡ଼ିଶା ସରକାର
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଅନ୍ୟାନ୍ୟ ପଛୁଆବର୍ଗ ତଥା ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ
୨୦୧୯-୨୦ ବର୍ଷ ପାଇଁ ପ୍ରାକ୍‌ମାଟ୍ରିକ ବୃତ୍ତି ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ ।
No.: 25-V: ରାଜ୍ୟ ମଧ୍ୟରେ ଥିବା ସମସ୍ତ ସରକାରୀ ତଥା ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅନ୍ୟାନ୍ୟ ପଛୁଆବର୍ଗ ଓ ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନେ ଯେଉଁମାନଙ୍କର ପିତାମାତା/ଅଭିଭାବକଙ୍କର ବାର୍ଷିକ ଆୟ ଟ.୨,୫୦,୦୦୦/-ରୁ ଅଧିକ ହୋଇ ନଥିବ, ସେମାନେ ଏହି ବିଭାଗ ୱେବ୍‌ସାଇଟ୍ **http://www.stscodisha.gov.in**ରେ ଦିଆଯାଇଥିବା ଦରଖାସ୍ତ ଫର୍ମରେ ବିଧିବଦ୍ଧଭାବେ ପୂରଣକରି ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ତା୩୦।୦୯।୨୦୧୯ରିଖ ସୁଦ୍ଧା ଦାଖଲ କରିବେ। ଯେଉଁ ଛାତ୍ରଛାତ୍ରୀମାନଙ୍କର ପିତାମାତା BPL ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଥିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ଚଳିତ ବର୍ଷ ଉକ୍ତ ବୃତ୍ତି ଟଙ୍କା ଛାତ୍ରଛାତ୍ରୀମାନଙ୍କର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ।
ମାଟ୍ରିକ ପୂର୍ବ (ନବମ ଓ ଦଶମ ଶ୍ରେଣୀ) ଛାତ୍ରବୃତ୍ତି ନିମନ୍ତେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ନୂତନ ଦରଖାସ୍ତ କିମ୍ବା ନବୀକରଣ ସମୟରେ ''**ଆଧାର**'' ନମ୍ବର ପ୍ରଦାନ କରିବେ ଏବଂ ସେମାନଙ୍କର ଆଧାର ନମ୍ବର ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୁକ୍ତ କରାଇବେ। ଯେଉଁ ଛାତ୍ରଛାତ୍ରୀମାନଙ୍କର ଅଦ୍ୟାବଧି ''**ଆଧାର**'' ନମ୍ବର ନାହିଁ କିମ୍ବା ପଞ୍ଜୀକୃତ ହୋଇନାହାନ୍ତି, ସେମାନେ ଯେ କୌଣସି ଆଧାର ପଞ୍ଜୀକରଣ କେନ୍ଦ୍ରରେ ନିଜକୁ ପଞ୍ଜୀକୃତ କରିବେ। ଯଦି ଦରଖାସ୍ତ ଦାଖଲ ସମୟରେ ଆଧାର ମିଳିନଥିବ, ତେବେ ଦରଖାସ୍ତକାରୀ ଆଧାର ପଞ୍ଜୀକରଣ ଚିଠାର ଏକ ନକଲ ଆବେଦନ ପତ୍ର ସହିତ ପ୍ରଦାନ କରିବେ।
ଜିଲ୍ଲା ମଙ୍ଗଳ ଅଧିକାରୀମାନେ ଦରଖାସ୍ତଗୁଡ଼ିକର ତନଖି କରି ଶ୍ରେଣୀୱାରି ବାଳକ-ବାଳିକା ତାଲିକା ସହ ଏହି ବିଭାଗକୁ ଆବଶ୍ୟକ ଅର୍ଥର ବିବରଣୀ ପ୍ରେରଣ କରିବେ।
45001/11/0002/1920
ସ୍ୱା./- ନିର୍ଦ୍ଦେଶକ (ଓ.ବି.ସି.)

# ରେଡ୍ ଚିଫ୍ ପକ୍ଷରୁ ରିଟେଲର ମିଟ୍



ଭୁବନେଶ୍ୱର,୯-୮

ପ୍ରମୁଖ ସୁ ନିର୍ମାତା ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ଲୋକପ୍ରିୟ ବ୍ରାଣ୍ଡ ରେଡଚିଫ୍ ଏବଂ ଫ୍ୟୁରୋର ରିଟେଲର ମିଟ୍ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ରାଜମୀ ଏଣ୍ଟରପ୍ରାଇଜେସର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା। ସାରା ରାଜ୍ୟରୁ କମ୍ପାନୀର ରିଟେଲରମାନେ ଏଠାରେ ଯୋଗ ଦେଇଥିଲେ। ଏଠାରେ କମ୍ପାନୀର ନୂଆ ପ୍ରଡକ୍ଟ ଲଞ୍ଚ କରାଯାଇଥିଲା। ଘରୋଇ ବଜାରରେ କମ୍ପାନୀର ୫୦୦୦ରୁ ଉର୍ଦ୍ଧ୍ୱ ରିଟେଲ ନେଟୱର୍କ କାର୍ଯ୍ୟ କରୁଛି। ଫର୍ମାଲ, ସେମି ଫର୍ମାଲ ଏବଂ କାଜୁଆଲ ବର୍ଗରେ ଏହାର ପ୍ରଡକ୍ଟଗୁଡିକ ଉପଲବ୍ଧ ହେଉଛି। ଏହା ବାଦ କମ୍ପାନୀ ନୂଆ କରି ସ୍ପୋର୍ଟସ ବର୍ଗରେ ନୂଆ ଫ୍ୟୁରୋ ବ୍ରାଣ୍ଡ ଆଣିଛି। ଏହା ଉଭୟ ପୁରୁଷ ଏବଂ ମହିଳାଙ୍କ ଲାଗି ଉପଲବ୍ଧ ହେବ। କାର୍ଯ୍ୟକ୍ରମ ଅବସରରେ ଏବିଏମ୍ ବିଶାଳ ମିଶ୍ର ଏବଂ ଏଏସ୍‌ଏମ୍ କ୍ରୀଷ୍ଣ ଗୋପାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଣ୍ଡ ଫ୍ୟାକ୍ଟ୍ରିରେ ନୋ କଣ୍ଡିସନ ସେଲ୍

ଭୁବନେଶ୍ୱର,୯-୮




ଫ୍ୟାଶନ ପ୍ରେମୀଙ୍କ ଲାଗି ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ନୂଆ ଅଫର ଘୋଷଣା କରାଯାଇଛି। ନୋ କଣ୍ଡିସନ୍ସ ଆପ୍ଲାଏ ଅଫର ଦ୍ୱାରା ଗ୍ରାହକମାନେ ମେଗା ଡିସକାଉଣ୍ଟ ଲାଭ କରିପାରିବେ। ଏହି ଅଫର ଚଳିତ ମାସ ୮ରୁ ୧୧ ତାରିଖ ଯାଏ ଚାଲିବ। ବ୍ରାଣ୍ଡ ଫ୍ୟାକ୍ଟ୍ରି ଷ୍ଟୋରରେ ଥିବା କୌଣସି ଆପାରେଲ ଏବଂ ଲଗେଜ କ୍ରୟରେ ଗୋଟିଏ ଆପାରେଲ କିମ୍ବା ଲଗେଜ ଗ୍ରାହକମାନେ ମାଗଣାରେ ଲାଭ କରି ପାରିବେ। ସେହିଭଳି ୪ ହଜାର ଟଙ୍କାରୁ ଅଧିକ ଦାମର କ୍ରୟ ଉପରେ ଅତିରିକ୍ତ ୨୦% ଡିସ୍‌କାଉଣ୍ଟ ଲାଭ କରିବାର ସୁଯୋଗ ମିଳିବ। ଷ୍ଟୋରରେ ୨୦୦ରୁ ଅଧିକ ବ୍ରାଣ୍ଡ ଉପଲବ୍ଧ ରହିଛି। ସାରା ବର୍ଷ ଗ୍ରାହକଙ୍କୁ ୨୦ରୁ ୭୦% ଡିସକାଉଣ୍ଟ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଗ୍ରାହକମାନେ ଆପାରେଲ, ଫୁଟୱେର, ଲଗେଜ ଏବଂ ଅନ୍ୟାନ୍ୟ ଆସେସୋରିଜ ଲାଭ କରିପାରିବେ। ଗ୍ରାହକଙ୍କୁ ଭାଲ୍ୟୁ ଡିଲ୍ ପ୍ରଦାନ ଲକ୍ଷ୍ୟରେ ଏଭଳି ଅଫର ପ୍ରଦାନ କରାଯାଉଥିବା ବ୍ରାଣ୍ଡ ଫ୍ୟାକ୍ଟ୍ରି ସିଇଓ ସୁରେଶ ସାଧୱାନି କହିଛନ୍ତି।

# ମାନ୍ଦାବସ୍ଥା ପ୍ରଭାବ: ୧୪ ଦିନ ଉତ୍ପାଦନ ବନ୍ଦ କଲା ମହିନ୍ଦ୍ରା

ନୂଆଦିଲ୍ଲୀ,୯-୮

ଘରୋଇ ଗାଡ଼ି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଚଳିତ ତ୍ରୈମାସରେ ନିଜର ବିଭିନ୍ନ କାରଖାନାରେ ୮ରୁ ୧୪ ଦିନ ପର୍ଯ୍ୟନ୍ତ ଉତ୍ପାଦନ ବନ୍ଦ କରିଦେଇଛି। ଉତ୍ପାଦନ ଓ ଚାହିଦା ମଧ୍ୟରେ ସନ୍ତୁଳନ ସ୍ଥାପନ ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଅଟୋ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବ ଯେ କେତେ ଗଭୀର ମହିନ୍ଦ୍ରାର ଏହି ନିଷ୍ପତ୍ତିରୁ ଏହା ସ୍ପଷ୍ଟ ହେଉଛି। କମ୍ପାନୀ ପକ୍ଷରୁ ଷ୍ଟକ୍ ମାର୍କେଟକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ସୂଚନାଥାଉ କି, ଏପ୍ରିଲ-ଜୁଲାଇରେ ମହିନ୍ଦ୍ରାର ଘରୋଇ ଗାଡି ବିକ୍ରି ୮ ପ୍ରତିଶତ ହ୍ରାସ ପାଇ ୧,୬୧,୬୦୪ରେ ପହଞ୍ଚିଛି। ବର୍ଷକ ପୂର୍ବେ ସମାନ ଅବଧିରେ ୧,୭୧,୮୩୧ ଗାଡ଼ି ବିକ୍ରି ହୋଇଥିଲା।

SPOT ADMISSION NOTICE
NCCT
MADHUSUDAN
INSTITUTE OF COOPERATIVE MANAGEMENT
Unit-VIII, Bhubaneswar-751 012
(An Institution of National Council for Co-operative Training, New Delhi, an Autonomous Society promoted by Ministry of Agriculture & Farmers' Welfare)
Tel: 0674-2562826/ 2561744, Mob: 9178515289
MBA 2019-20
Date of Admission : 14.08.2019
Time of Reporting & Registration : 10.00 AM to 12.30 PM
Time of Merit List Display : 01.30 PM
Time of Spot Admission : 03.00 PM
The following modalities will be followed during Spot Admission:
1. Candidates having valid Rank Card issued by OJEE 2019 shall participate in the Spot Admission.
2. The Candidates who have got final allotment in OJEE 2019 counseling process and have already taken admission in any of the Technical College of the State are not eligible to participate in Govt. College Spot Admission process.
3. OJEE 2019 rules and regulations will be followed during spot admission.
4. The total admission fees is Rs.69,000/-. However, the selected candidates shall have to deposit the Part Course Fees of Rs.10,000/- , Part Admission fee of Rs.10,000/- (Rs.5000/- incase of SC/ST Candidates) along with the counseling fee of Rs.450/- on the same day in shape of Demand Draft in favour of *DIRECTOR, MADHUSUDAN INSTITUTE OF COOPERATIVE MANAGEMENT* payable at *BHUBANESWAR* to confirm his/her allotment. Balance fees (General category Rs.54,000/- and SC/ST Category Rs.59,000/- have to be deposited vide D/D on 21.08.2019.
5. The guidelines and eligibility criteria prescribed by the AICTE / Govt. of Odisha / OJEE will be strictly followed for final admission.
6. The Candidates are required to bring One Set of Photocopies of all relevant documents along with all Original documents as per OJEE 2019 Counseling.
NB: *without Demand Draft, OJEE Rank Card, Original CLC/TC, Candidates will not be allowed to participate in Spot Admission.*
Sd/-
***DIRECTOR***
39011/11/0001/1920
No. 12-LL

DIRECTORATE OF TECHNICAL EDUCATION & TRAINING, ODISHA, CUTTACK-753001
No.: 52-KK
ITI Admission-2019
SPOT REGISTRATION AND ADMISSION
Consequent upon instructions of DGT, New Delhi communicated vide their letter No. DGT-MoM/11/2019-O/o Dir (TC) dtd.05.08.2019 the following revised schedule for admission shall be adhered for the Session 2019-20 under Craftsman Training Scheme.

| Activity | Dateline |
|---|---|
| Daily Spot Registration at Institution level & fees payment through applicant login ID- upto **2PM** Publication of Merit list and admission for Govt. ITIs – **3 PM** onwards | 13.08.2019 to 30.08.2019 excluding holidays |
| Daily Spot Registration at Institution level , fees payment through applicant login ID- upto **2PM** Publication of Merit list and admission for Pvt. ITIs - **3 PM** onwards | 13.08.2019 to 13.09.2019 excluding holidays |
| Assigning of shift and unit against admitted trainees data in SAMS portal conforming to the vacancy reflected in DGT MIS portal for the current session (Govt. and Pvt. ITIs ) | 16.09.2019 to 21.09.2019 |
| Document verification of admitted trainees of Pvt. ITIs, validation and cancellation of SLC/CLC of admitted trainees centrally at SCTE&VT, Odisha, Bhubaneswar. | 23.09.2019 to 15.10.2019 |
| Submission of wanting documents of admitted Trainee of Pvt. ITIs if any, validation and cancellation of SLC/CLC of admitted trainees centrally at SCTE&VT, Odisha, Bhubaneswar. | 16.10.2019 to 30.10.2019 |
| Submission of admitted Trainee data in DGT template by SAMS to DTE&T, Odisha (Govt. and Pvt. ITIs ) | By 04.11.2019 |
| Final data correction and migration of data from SPIU to NCVT MIS portal. | 05.11.2019 to 30.11.2019 |

Sd/-
Director of Technical Education & Training, Odisha
14004/11/0011/1920

ଆଇପିଏଲରେ ଅଂଶଗ୍ରହଣ ଦ୍ୱାରା ଆମ ଦେଶର ଖେଳାଳିମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କ ସହିତ ଖେଳି ଯଥେଷ୍ଟ ଉପକୃତ ହୋଇପାରିଛନ୍ତି ।
-ରସ୍ ଟେଲର, ନ୍ୟୁଜିଲାଣ୍ଡ ସିନିୟର ଖେଳାଳି



କ୍ରିକେଟରେ ବର୍ଷା କାରଣରୁ ଏକ ମ୍ୟାଚକୁ ବାରମ୍ବାର ବନ୍ଦ-ଆରମ୍ଭ କରିବା ଏକ ଖରାପ କଥା। ଏହାଦ୍ୱାରା ଇଞ୍ଜୁରିର ଆଶଙ୍କା ଥାଏ ।
-ବିରାଟ କୋହଲି, ଭାରତୀୟ ଅଧିନାୟକ



## ସଂକ୍ଷେପରେ

### ପ୍ରତ୍ୟାବର୍ତ୍ତନରେ ସୁଶୀଲ ବିଫଳ

ନୂଆଦିଲ୍ଲୀ,୯।୮(ପି.ଟି.): ଅଭିଜ୍ଞ ରେସଲର ଦୀର୍ଘ ଏକ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରି ବିଫଳତାର ସମ୍ମୁଖୀନ ହୋଇଛନ୍ତି। ବେଲରୁଷର ମିନସ୍କଠାରେ ଅନୁଷ୍ଠିତ ମେଡଭେଡ ରେସଲିଂ ଟୁର୍ନାମେଣ୍ଟରେ ସେ ୭୪ କେ.ଜି. ବର୍ଗ ପ୍ରତିଯୋଗିତାରେ ବିଶ୍ୱର ୫ ନମ୍ବର ରେସଲର ଉଜ୍‌ବେକିସ୍ଥାନର ବେକଜୋଡ ଅବଡୁରାଖମୋନୋଭଙ୍କଠାରୁ ପରାସ୍ତ ହୋଇଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ବେକ୍‌ଜୋଡ ସୁଶୀଲଙ୍କ ଡାହାଣ ଗୋଡ ଧରି ୪ ପଏଣ୍ଟ ହାସଲ କରିଥିଲେ। ଏହା ପରେ ସେ ସୁଶୀଲଙ୍କ ମ୍ୟାଟ୍ ବାହାରକୁ ଠେଲି ଦେଇ ଅଧିକ ଦୁଇ ପଏଣ୍ଟ ହାସଲ କରିଥିଲେ। ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ବେକ୍‌ଜୋଡ ଆଉ ଧରେ ଲେଗ୍ ଆଟାକ୍ କରିଥିଲେ। ଏହାପରେ ୯୦ ସେକେଣ୍ଡ ମଧ୍ୟରେ ସେ ସୁଶୀଲଙ୍କୁ ପରସ୍ତ କରିଥିଲେ।୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ପ୍ରଥମ ରାଉଣ୍ଡରୁ ବିଦାୟ ନେବା ପରେ ସୁଶୀଲ ତାଙ୍କ ପ୍ରଥମ ଟୁର୍ନାମେଣ୍ଟ ଖେଳିଥିଲେ। ଦୁଇଥର ଅଲିମ୍ପିକ ପଦକ ହାସଲ କରିଥିବା ସୁଶୀଲ ଦେଶକୁ ଫେରିବା ପରେ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଆହତ ହୋଇଥିବା ପ୍ରବୀଣ କୁମାର ଓ ଜିତେନ୍ଦ୍ର ୭୪ କେ.ଜି. ଟ୍ରାଏଲରେ ସୁଶୀଲଙ୍କ ସହ ଲଢ଼ିବାକୁ ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆଠାରୁ ଅନୁମତି ମାଗିଥିଲେ। ସୁଶୀଲ ଏବେ ତଙ୍କ ବର୍ଗରେ ବିଶ୍ୱର ଶ୍ରେଷ୍ଠ-୨୦ରେ ସ୍ଥାନ ପାଇ ନାହାନ୍ତି। ତେବେ ସୁଶୀଲଙ୍କ ଅଖଡାରୁ ଆସିଥିବା ଅମିତ୍ କୁମାର ଧନକର ୭୪ କେ.ଜି. ବର୍ଗ ର୍‍ୟାଙ୍କିଙ୍ଗ୍‌ରେ ନବମ ସ୍ଥାନରେ ରହିଛନ୍ତି।

### ମ୍ୟାକ୍‌କୁଲମ କେକେଆର ସହାୟକ କୋଚ୍

ନୂଆଦିଲ୍ଲୀ,୯।୮(ପିଟି): ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲମ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳକୁ ଫେରିବାକୁ ଯାଉଛନ୍ତି। କିନ୍ତୁ ଜଣେ ଖେଳାଳି ଭାବେ ନୁହେଁ। ସହାୟକ କୋଚ୍ ପଦ ପାଇଁ ସେ ଦଳ ସହ ଚୁକ୍ତି କରିଥିବା ରିପୋର୍ଟ ମିଳିଛି। ନିକଟରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିବା ମ୍ୟାକ୍‌କୁଲମ କାରିବିଅନ ପ୍ରିମିୟର ଲିଗ୍ (ସିପିଏଲ)ରେ ଟ୍ରିନିଦାଦ ନାଇଟ୍ସ ରାଇଡର୍ସର ମୁଖ୍ୟ କୋଚ୍ ହେବେ ବୋଲି ଇଏସ୍‌ପିଏନ୍‌କ୍ରିକଇନ୍‌ଫୋ ରିପୋର୍ଟରେ ପ୍ରକାଶ ପାଇଛି। କୌତୁହଳର କଥା ହେଲେ, ସେ ଉଭୟ ସ୍ଥାନରେ ସାଇମନ କ୍ୟାଟିଚଙ୍କ ଯାଗା ନେବେ।



ପେରୁର ଲିମାଠାରେ ଚାଲିଥିବା ପାନ୍ ଆମେରିକାନ୍ ଗେମ୍ସର ମହିଳା ଡାଇଭିଂ ସିଙ୍କ୍ରୋନାଇଜ୍‌ଡ୍ ୧୦ ମିଟର ପ୍ଲାଟ୍‌ଫର୍ମ ଫାଇନାଲରେ ନିଜ କୌଶଳ ପ୍ରଦର୍ଶନ କରୁଛନ୍ତି ମେକ୍ସିକୋର ଆଲେଜାଣ୍ଡ୍ରା ଓରୋଜ୍‌କୋ ଓ ଗାବ୍ରିଏଲା ଆଗୁଣ୍ଡେଜ୍। ଏଥିରେ ଓରୋଜ୍‌କୋ ଓ ଆଗୁଣ୍ଡେଜ ରୌପ୍ୟ ପଦକ ହାସଲ କରିଥିଲେ।

# ଡୁରାଣ୍ଡ କପ୍: ଇଣ୍ଡିଆନ ଏୟାର ଫୋର୍ସ ବିଜୟୀ

କୋଲକାତା, ୯।୮(ପି.ଟି.)

ହାଓ୍ୱଡାସ୍ଥିତ ଶୈଲେନ ମାନ୍ନା ଷ୍ଟାଡିୟମରେ ଚାଲିଥିବା ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଇଣ୍ଡିଆନ ଏୟାର ଫୋର୍ସ ୧-୦ ଗୋଲରେ ଟ୍ରାଉ ଏଫସିକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ପ୍ରଥମ ପଦାର୍ପଣ କରିଥିବା ଇମ୍ଫାଲ ଭିତ୍ତିକ କ୍ଲବ ଟ୍ରାଉ ଏଫସି ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଶେଷରେ ଏକମାତ୍ର ଗୋଲରେ ପରାଜିତ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ମ୍ୟାଚର ୬୫ତମ ମିନିଟରେ ମହମ୍ମଦ ଆକ୍ବିବ ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଏହି ବିଜୟ ଫଳରେ ଇଣ୍ଡିଆନ ଏୟାର ଫୋର୍ସ ଗ୍ରୁପ 'ଡି'ରେ ଗୋକୁଲମ କେରଳ ସମକକ୍ଷ ୩ ପଏଣ୍ଟ ପାଇଛି। ଚଳିତମାସ ୧୪ ତାରିଖରେ ଉଭୟ ଦଳ ପରସ୍ପରର ସମ୍ମୁଖୀନ ହେବେ। କଲ୍ୟାଣୀରେ ଅନୁଷ୍ଠିତ ଏକ ଗ୍ରୁପ 'ଏ' ମ୍ୟାଚରେ ଆର୍ମି ରେଡ୍ ସଫଳ ପ୍ରତ୍ୟାବର୍ତ୍ତନ କରି ଜାମସେଦପୁର ଏଫସି ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି। ଏହି ଗ୍ରୁପରେ ଇଷ୍ଟବେଙ୍ଗଲ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅଗଷ୍ଟ ୧୪ରେ ବେଙ୍ଗାଲୁରୁ ଏଫସି ବିପକ୍ଷ ମ୍ୟାଚକୁ ଡ୍ର ରଖିପାରିଲେ ଏହି ଦଳ ସେମିଫାଇନାଲରେ ପ୍ରବେଶ କରିବ। ଗତ ସିଜନରେ ଦ୍ୱିତୀୟ ଡିଭିଜନ ବିଜେତା ଭାବେ ଟ୍ରାଉ ଏଫସି ଏଥର ପ୍ରଥମ ଡିଭିଜନରେ ଖେଳିବାକୁ ଯୋଗ୍ୟତା ପାଇଛି।

# ସବୁ ପେସାରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ରହିଛି: କୁମ୍ବଲେ

ପଣଜୀ,୯।୮(ପି.ଟି.)



ଆଜିକାଲି ସବୁ ପେସାରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ରହିଛି ବୋଲି ପୂର୍ବତନ ଭାରତୀୟ ଅଧିନାୟକ ତଥା କୋଚ୍ ଅନିଲ କୁମ୍ବଲେ କହିଛନ୍ତି। ଏବେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗର ଶିକାର ହୋଇଛନ୍ତି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଭିଭିଏସ୍ ଲକ୍ଷ୍ମଣ, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍। ଏ ନେଇ ଏହି ପୂର୍ବତନ କ୍ରିକେଟରଙ୍କ ନିକଟକୁ ନୋଟିସ୍ ପଠାଯାଇଛି। ଜୀବନର ପ୍ରତ୍ୟେକ ପାହାଚରେ ଏ ଭଳି ସ୍ଥିତି ଆସିଥାଏ। ଜଣେ ବ୍ୟକ୍ତି ଏହାକୁ କିପରି ଡିଲ୍ କରିଥାଏ ତାହା ବଡ଼ କଥା। ଏଭଳି ଅଭିଯୋଗ କିଛି ପରିମାଣରେ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ଭାରତରେ ମାତ୍ର ୩୦୦ ଟେଷ୍ଟ କ୍ରିକେଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ଜୀବିତ ଅଛନ୍ତି ବୋଲି କୁମ୍ବଲେ କହିଛନ୍ତି। ତେଣୁ ଏହି କ୍ରିକେଟର ମାନେ କ୍ରିକେଟ ପାଇଁ କିଛି କରିପାରିବେ। ଯଦି ଏମାନଙ୍କୁ ଏଥିରୁ ରୋକା ଯାଏ ତାହେଲେ କ୍ରିକେଟ ପରିଚାଳନା ପାଇଁ ଆଉ ଅନ୍ୟମାନଙ୍କୁ କାର୍ଯ୍ୟରେ ଲଗାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରତ୍ୟେକ କ୍ରିକେଟର ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି। କାରଣ ଅଳ୍ପ କେତେଜଣ କ୍ରିକେଟର କ୍ରିକେଟ ପାଇଁ କିଛି କରିବାର କ୍ଷମତା ରଖିଥାନ୍ତି। ଫଳରେ ଜଣେ କ୍ରିକେଟର ଏକାଧିକ ଦାୟିତ୍ୱ ତୁଲାଇଥାନ୍ତି। କାରଣ ଅଳ୍ପ କେତେଜଣ କ୍ରିକେଟର ଦେଶ ପାଇଁ ଖେଳିଥାନ୍ତି ବୋଲି ଏଠାରେ ଏକ ପ୍ରମୋସନାଲ ଇଭେଣ୍ଟରେ ଯୋଗ ଦେଇ କୁମ୍ବଲେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ନିଜର ମତ ରଖିଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ବାରବାଟୀ

# ଖସୁଛି ପ୍ଲାଷ୍ଟର, ମହୁମାଛି ଆତଙ୍କ

କଟକ ଅଫିସ,୯।୮



ଫନୀ ଝଡ଼ ପରେ ରକ୍ଷଣାବେକ୍ଷଣ ଅଭାବରୁ ବାରବାଟୀ ଷ୍ଟାଡିୟମ ବିପଦ ସଙ୍କୁଳ ଅବସ୍ଥାକୁ ଆସିଲାଣି। କିଛି ଦିନ ହେବ ବାରବାଟୀ ଷ୍ଟାଡିୟମ ପରିସରରେ ଛିଡ଼ା ହେବା ବି ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି। ବୁଧବାର ଦିନ ଷ୍ଟାଡିୟମର ୭ନଂ ଗ୍ୟାଲେରୀରୁ ଏକ ବିରାଟ ବଡ଼ ପ୍ଲାଷ୍ଟର ଖଣ୍ଡ ଖସିଥିଲା। ତେବେ ଲୋକ ନଥିବା ସ୍ଥାନରେ ପଡ଼ିଥିବା ଯୋଗୁ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ମହୁମାଛି ଆତଙ୍କ ଦୁଇଦିନ ହେବ ଷ୍ଟାଡିୟମରେ ଦେଖାଦେଇଛି ବୋଲି ଜଣେ କର୍ମଚାରୀ କହିଛନ୍ତି। ଏହା ଷ୍ଟାଡିୟମ ପରିସରରେ ଥିବା ଏକ ଘରୋଇ ସ୍କୁଲ ଉପରେ ପ୍ରଭାବ ପକାଇଛି। ଏବେ ଜାଲି ଦିଆଯାଇ ଅସ୍ଥାୟୀ ଭାବେ ସମସ୍ୟାକୁ ଏଡାଇବାକୁ ଚେଷ୍ଟା କରାଯାଉଥିବା ଦେଖିବାକୁ ମିଳିଛି। ଏ ନେଇ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସହ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ମିଳି ନଥିଲା। ସାମୁଦ୍ରିକ ଝଡ଼ ଫନୀରେ ବାରବାଟୀ ଷ୍ଟାଡିୟମ ବହୁ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସମସ୍ତ ଗ୍ୟାଲେରୀ ଅଳ୍ପବହୁତ କ୍ଷତି ହୋଇଥିବା ବେଳେ ସ୍ପେସାଲ ଏନକ୍ଲୋଜର, ମିଡ଼ିଆ ବକ୍ସ, କର୍ପୋରେଟ ବକ୍ସ ଅଧିକ କ୍ଷତି ସହିଥିଲା। ଷ୍ଟାଡିୟମର ସମସ୍ତ ଫ୍ଲଡ ଲାଇଟର ବଲ ଗୁଡ଼ିକ ଭାଙ୍ଗିରୁଜି ହୋଇଥିଲା। ଏବେ ଭଙ୍ଗାରୁଜା ପାର୍ଶ୍ୱଗୁଡ଼ିକ ଷ୍ଟାଡିୟମ ପାଇଁ ଭାରୀ ପଡ଼ିଛି। ଫାଓ ଲିଗ୍‌ର ପ୍ରଥମ ଡିଭିଜନ ମ୍ୟାଚ୍ ଏବେ ଚାଲିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ରଣଜୀ ସିଜନର ୫ଟି ମ୍ୟାଚ୍ ମଧ୍ୟ ଓଡ଼ିଶାରେ ହେବ। ଏଥିରୁ କିଛି ମ୍ୟାଚ୍ ବାରବାଟୀରେ ଆୟୋଜନ ହେବାର ଆଶା ମଧ୍ୟ ରହିଛି। ଏପରି ପରିସ୍ଥିତିରେ ବାରବାଟୀରେ ଏତାଦୃଶ ଅବସ୍ଥା କ୍ରୀଡ଼ା ପରିବେଶକୁ ନଷ୍ଟ କରୁଛି ବୋଲି କ୍ରୀଡ଼ାପ୍ରେମୀ କହିଛନ୍ତି। ଓସିଏର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଷ୍ଟାଡିୟମର ରକ୍ଷଣାବେକ୍ଷଣ ଓସିଏ କରୁଥିଲା। ଏବେ ଓସିଏ ଅର୍ଥାଭାବରେ ଅଛି। ଏଣୁ ଅତିକମରେ ଅଲିମ୍ପିକ ଆସୋସିଏଶନ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ସେ କହିଛନ୍ତି।

# ଶୁବମନଙ୍କ ରେକର୍ଡ ଦ୍ୱିଶତକ

ତରୌବ(ତ୍ରିନିଦାଦ ଆଣ୍ଡ ଟବାଗୋ),୯।୮

ଶୁବମନ ଗିଲ୍ ଦେଶର ସର୍ବକନିଷ୍ଠ କ୍ରିକେଟର ଭାବେ ପ୍ରଥମ ଶ୍ରେଣୀ କ୍ରିକେଟରେ ଦ୍ୱିଶତକ ଲଗାଇଛନ୍ତି। ଅଧିନାୟକ ହନୁମା ବିହାରୀଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ଏ' ବିପକ୍ଷରେ ଏଠାରେ ଚାଲିଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ ଏ' ଦୃଢ଼ ସ୍ଥିତିରେ ପହଞ୍ଚିଛି। ୧୯ ବର୍ଷୀୟ ଗିଲ୍ ଭାରତୀୟ କ୍ରିକେଟର ଉଦୀୟମାନ ଷ୍ଟାର। ସେ ୨୫୦ ବଲର ସମ୍ମୁଖୀନ ହୋଇ ୨୦୪ ରନ୍ କରିଛନ୍ତି। ଏଥିସହିତ ଗିଲ୍ ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀରଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ୨୦୦୨ରେ ୨୦ ବର୍ଷୀୟ ଗମ୍ଭୀର ଭାରତ ବୋର୍ଡ ଏକାଦଶ ଓ ଜିମ୍ବାୱେ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ୨୧୮ ରନ୍‌ର ଇନିଂସ ଖେଳିଥିଲେ। ଭାରତ ଏ' ଦଳ ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୩/୨ରୁ ବ୍ୟାଟିଂ ଆରମ୍ଭକରି ୫୦ ରନ୍ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ଗିଲ୍ ଓ ଅଧିନାୟକ ବିହାରୀ ୫ମ ଉଇକେଟ ପାଇଁ ୩୧୫ ରନ୍‌ର ଭାଗୀଦାରି କରିଥିଲେ। ଫଳରେ ଭାରତ ଏ' ୪ ଉଇକେଟରେ ୩୬୫ ରନ୍ କରିଥିବାବେଳେ ଇନିଂସ ଘୋଷଣା କରିଛି। ଗିଲ୍ ୨୦୪ ଓ ବିହାରୀ ୧୧୮ ରନ୍ କରି ଅପରାଜିତ ଥିଲେ। ଏହାପରେ ୩୭୩ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଘରୋଇ ଦଳ ବିନା କ୍ଷତିରେ ୩୭ ରନ୍ କରିଛି। ଅନ୍ତିମ ଦିନରେ ୱେଷ୍ଟଇଣ୍ଡିଜ ଏ' ଦଳକୁ ବିଜୟୀ ଲାଗି ୧୦ ଉଇକେଟରେ ୩୩୬ ରନ୍ ଦରକାର। ପୂର୍ବରୁ ପ୍ରଥମ ଇନିଂସରେ ଭାରତ ଏ' ୨୦୧ କରିଥିବାବେଳେ ୱେଷ୍ଟଇଣ୍ଡିଜ ୧୯୪ ରନ୍ କରିଥିଲା। ପ୍ରଥମ ଇନିଂସରେ କ୍ରିଷ୍ଣପା ଗୌତମ ହ୍ୟାଟ୍ରିକ ଉଇକେଟ ନେଇଥିଲେ।



ଶୁବମନ ଗିଲ୍

## ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ

# ବର୍ଷା ଯୋଗୁ ମ୍ୟାଚ ଅଧାରୁ ବାତିଲ

ଗୁୟାନା, ୯।୮

ସ୍ଥାନୀୟ ପ୍ରୋଭିନ୍ସ ଷ୍ଟାଡିୟମରେ ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ବର୍ଷା ଯୋଗୁ ଅଧାରୁ ବାତିଲ ହୋଇଛି। ବର୍ଷା ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଭାରତ ପ୍ରଥମେ ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୱେଷ୍ଟଇଣ୍ଡିଜ ୫.୪ ଓଭରରେ କୌଣସି ଉଇକେଟ ନହରାଇ ୯ ରନ କରିଥିବାବେଳେ ବର୍ଷା ହୋଇଥିଲା। ପାଗ ପରିଷ୍କାର ହେବାପରେ ଓଭର ସଂଖ୍ୟା କମାଯାଇ ମ୍ୟାଚକୁ ୩୪ ଓଭର ବିଶିଷ୍ଟ କରାଯାଇଥିଲା। ୱେଷ୍ଟଇଣ୍ଡିଜ ୧୩ ଓଭରରେ ୧ ଉଇକେଟ ହରାଇ ୫୪ ରନ କରିଥିବାବେଳେ ପୁଣି ବର୍ଷା ହୋଇଥିଲା। ସେତେବେଳକୁ ଇଭିନ ଲିୱିସ ୪୦(୩୬ ବଲ, ୨ ଚୌକା, ୩ ଛକା) ଓ ଶାଇ ହୋପ୍ ୬ ରନରେ ଅପରାଜିତ ରହିଥିଲେ। ଓପନର କ୍ରିସ୍ ଗେଲ୍ ୩୧ ବଲ୍‌ରୁ ମାତ୍ର ୪ ରନ କରି କୁଲଦୀପ ଯାଦବଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ବର୍ଷା କିଛିସମୟ ଛାଡ଼ିଥିଲେ ହେଁ ପୁଣି ବର୍ଷା ହେବାରୁ ଫିଲ୍ଡ କଣ୍ଡିଶନକୁ ଦୃଷ୍ଟିରେ ରଖି ଅମ୍ପାୟର ମ୍ୟାଚକୁ ବାତିଲ କରିଥିଲେ। ଦ୍ୱିତୀୟ ଦିନିକିଆ ୧୧ ତାରିଖରେ ପୋର୍ଟ ଅଫ୍ ସ୍ପେନର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।

# ରାଜ୍ୟ ମହିଳା ହକି ଚାମ୍ପିୟନଶିପ ଆରମ୍ଭ

କଟକ ଅଫିସ,୯।୮

ରାଉରକେଲା ସ୍ପୋର୍ଟସ ହଷ୍ଟେଲରେ ଶୁକ୍ରବାରଠାରୁ ରାଜ୍ୟ ମହିଳା ହକି ଚାମ୍ପିୟନଶିପ ଆରମ୍ଭ ହୋଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ରାଉଣ୍ଡ ରବିନ ଲିଗରେ ହେଉଥିବା ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି ।ରାଉରକେଲାର ଅତିରିକ୍ତ ଜିଲା ଜଜ ଯେଦୁଲା ବିଜୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ହକି ଓଡ଼ିଶା ଯୁଗ୍ମ ସମ୍ପାଦକ ପ୍ରଣବ କିଶୋର ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ୧୬-୦ ଗୋଲରେ ଢେଙ୍କାନାଳକୁ, ଓଡ଼ିଶା ପୋଲିସ ୧୧-୦ ଗୋଲରେ କିସ୍‌କୁ, ଖୋର୍ଦ୍ଧା ୩-୧ ଗୋଲରେ ସାଇକୁ, ପାନପୋଷ ୧୮-୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଛି ।

# ଗ୍ରାଉଣ୍ଡରେ ନାଚିଲେ କୋହଲି

ଗୁୟାନା,୯।୮



ନାଚିବା ଅବସରରେ କ୍ରିସ ଗେଲ ଓ ବିରାଟ କୋହଲି।

ସ୍ଥାନୀୟ ବ୍ରାଏନ ଲାରା ଗ୍ରାଉଣ୍ଡଠାରେ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ମ୍ୟାଚ୍‌ରେ କେବଳ ୧୩ ଓଭର ଖେଳ ସମ୍ଭବ ହୋଇପାରିଥିଲା। କିନ୍ତୁ ଏହା ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ମନର ସ୍ଥିତି ଉପରେ କୌଣସି ପ୍ରଭାବ ପକାଇପାରି ନ ଥିଲା। ହଠାତ୍ ସେ ଗ୍ରାଉଣ୍ଡରେ ନାଚିବା ଆରମ୍ଭ କରିଥିଲେ। ତାଙ୍କ ସହ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର (ଆର୍‌ସିବି) ଦଳର ପୂର୍ବତନ ସଦସ୍ୟ ତଥା ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ୍ ମଧ୍ୟ ଯୋଗ ଦେଇଥିଲେ। ଦୁଇ ଜଣ ଏକାସଙ୍ଗେ ନାଚିଥିଲେ। ତେବେ ଏଭଳି ଘଟଣା ପ୍ରଥମ ଥର ଘଟିନାହିଁ। ପୂର୍ବରୁ ମଧ୍ୟ କୋହଲି ମ୍ୟାଚ୍‌ବେଳେ ଗ୍ରାଉଣ୍ଡରେ ନାଚୁଥିବାର ଦେଖିବାକୁ ମିଳିଛି। ଉଲ୍ଲେଖଥାଉ କି ବର୍ଷା ଯୋଗୁ ଦୁଇଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚ୍ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା। ମ୍ୟାଚ୍ ବାତିଲ ହେଲା ବେଳକୁ ଘରୋଇ ଦଳ ୧୩ ଓଭରରେ ୧ ଉଇକେଟ ହରାଇ ୫୪ ରନ୍ କରିଥିଲା। ଭେଟେରାନ ଗେଲ୍ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ।

# ଜିମ୍ବାୱେ କ୍ରିକେଟ ବୋର୍ଡ ପୁନଃ ଅବସ୍ଥାପିତ

ହରାରେ, ୯।୮ (ଏପି)

ଏକ ସରକାରୀ ପରିଷଦ ଦ୍ୱାରା ଜିମ୍ବାୱେ କ୍ରିକେଟ ବୋର୍ଡ ପୁନଃ ଅବସ୍ଥାପିତ ହୋଇଛି। କିନ୍ତୁ ବାହ୍ୟ ହସ୍ତକ୍ଷେପ ଯୋଗୁ ଦେଶ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ସସ୍‌ପେଣ୍ଡ ହୋଇଛି। ଗୁରୁବାର କୋର୍ଟରେ ବିବାଦର ମୀମାଂସା ହେବାପରେ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ପୋର୍ଟ୍ସ ଆଣ୍ଡ୍ ରିକ୍ରିଏଶନ କମିଶନ (ଏସ୍‌ଆର୍‌ସି) ଚେୟାରମ୍ୟାନ ଟାଭେଙ୍ଗ୍ୱାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସେମାନଙ୍କ ପଦବୀକୁ ଫେରିଛନ୍ତି। ନିର୍ବାଚନରେ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗରେ ଏସଆରସି ଗତ ଜୁନ୍‌ରେ ବୋର୍ଡର ସମସ୍ତ କର୍ମକର୍ତ୍ତାଙ୍କୁ ବହିଷ୍କୃତ କରିଥିଲା। ଯାହାଫଳରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଜିମ୍ବାୱେକୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାସନ୍ଦ କରିଥିଲା। ଆଇସିସି ପୁନଶ୍ଚ କହିଥିଲା ଯେ, ପରିସ୍ଥିତିରେ ଯଦି ସୁଧାର ଆସେ ତେବେ ଅକ୍ଟୋବରରେ ହେବାକୁ ଥିବା ଏହାର ବୈଠକରେ ଜିମ୍ବାୱେ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର ଲାଗି ପୁନର୍ବିଚାର କରାଯାଇପାରେ।



ରାଉରକେଲାରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟ ମହିଳା ହକି ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ୮ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

# ନାଡା ଅଧୀନକୁ ଆସିଲା ବିସିସିଆଇ

## ଜାତୀୟ କ୍ରୀଡ଼ା ଫେଡେରେଶନ ହେବା ବାଟ ଫିଟିଲା

ନୂଆଦିଲ୍ଲୀ, ୯।୮(ପି.ଟି.)

ଦୀର୍ଘବର୍ଷ ଧରି ମନାକରି ଆସୁଥିଲେ ମଧ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶେଷରେ ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା) ଅଧୀନକୁ ଆସିବାକୁ ରାଜି ହୋଇଛି। ବୋର୍ଡର ଏହି ନିଷ୍ପତ୍ତି ଐତିହାସିକ ସାବ୍ୟସ୍ତ ହୋଇଛି। ଫଳରେ ଅର୍ଥନୈତିକ ସ୍ୱାଧୀନତା ସତ୍ତ୍ୱେ ସରକାରଙ୍କ ନିୟମ ଅନୁସାରେ ବିସିସିଆଇ ଏବେ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ(ଏନ୍‌ଏସ୍‌ଏଫ୍)ରେ ପରିଣତ ହେବାର ପଥ ପରିଷ୍କାର ହୋଇଛି।

ଶୁକ୍ରବାର କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲନିୟା ଏବଂ ନାଡା ଡିଜି ନବିନ ଅଗ୍ରୱାଲ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଓ କ୍ରିକେଟ ଅପରେଶନ ମୁଖ୍ୟ ସବା କରିମଙ୍କୁ ଭେଟିଥିଲେ। ବିସିସିଆଇ ଏବେ ନାଡ଼ା ଅଧୀନକୁ ଆସିଲା ଓ ଏ ନେଇ ବୋର୍ଡ ଲିଖିତ ଭାବେ ଅବଗତ କରାଇଛି। ଏଥିସହିତ ସବୁ କ୍ରିକେଟର ନାଡ଼ା ଦ୍ୱାରା ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଝୁଲନିୟା କହିଛନ୍ତି। ନାଡା ଅଧୀନକୁ ଆସି ବିସିସିଆଇ ଏବେ ସ୍ପୋର୍ଟ୍ସ ଫେଡେରେଶନରେ ପରିଣତ ହେବାର ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିଛି। ଫଳରେ ଏହାର ପ୍ରଭାବ ଜବରଦସ୍ତ ରହିବ ବୋଲି ଆଶା କରାଯାଉଛି। ଏବେ ସରକାରଙ୍କ ସୂଚନା ଅଧିକାର ଆଇନ (ଆରଟିଆଇ)ର ଅଧୀନକୁ ଆସିବା ପାଇଁ ବିସିସିଆଇ ଆହୁରି ଅଧିକ ଚାପର ସମ୍ମୁଖୀନ ହେବ ବୋଲି ଆଶା କରାଯାଉଛି।

ବିସିସିଆଇ ୩ଟି ପ୍ରସଙ୍ଗ ଉପସ୍ଥାପନା କରିଥିଲା। ଡୋପ୍ ଟେଷ୍ଟିଂ କ୍ୱାଲିଟିର କିଟ୍, ପାଥୋଲୋଜିଷ୍ଟଙ୍କ ଦକ୍ଷତା ଓ ନମୁନା ବା ସାମ୍ପଲ ସଂଗ୍ରହ ନେଇ ବୋର୍ଡ ନିଜର ଚନ୍ତା ପ୍ରକଟ କରିଥିଲା। ଯେକୌଣସି ପ୍ରକାର ସୁବିଧାସୁଯୋଗ ଦେବାକୁ ଆମେ ବିସିସିଆଇକୁ ପ୍ରତିଶ୍ରୁତି ଦେଇଛୁ। ତେବେ ଏଥିପାଇଁ କିଛି ଅର୍ଥ ପୈଠ କରିବାକୁ ପଡିବ ବୋଲି ବୋର୍ଡକୁ ଅବଗତ କରାଇଛୁ


ବିସିସିଆଇ ସିଇଓ ରାହୁଲ ଜୋହରି।

ବୋଲି ଝୁଲନିୟା କହିଛନ୍ତି। ତେବେ ସବୁ ଏନଏସ୍‌ଏଫ୍‌ଗୁଡିକ ପାଇଁ ସମାନ ପ୍ରକାର ସୁବିଧାସୁଯୋଗ ରହିବ। ବିସିସିଆଇ ଏହାର ଊର୍ଦ୍ଧ୍ୱରେ ନୁହଁ। ସମସ୍ତଙ୍କୁ ଦେଶର ନିୟମ ମାନିବାକୁ ହେବ ବୋଲି ଝୁଲନିୟା ସ୍ପଷ୍ଟ କରିଛନ୍ତି।

ବିସିସିଆଇ ସବୁ ନିୟମକୁ ମାନିବ ବୋଲି ଜୋହରି କହିଛନ୍ତି। ଆମେ କେତୋଟି ବିଷୟ ଉପସ୍ଥାପନା କରିଥିଲୁ ଓ କ୍ରୀଡ଼ା ସଚିବ ତାହାକୁ ବିଚାରକୁ ନେବେ ବୋଲି କହିଛନ୍ତି। ଉଚ୍ଚମାନର ପରୀକ୍ଷା ପାଇଁ ଆମେ ଅଧିକ ଅର୍ଥ ଦେବାକୁ ରାଜି ବୋଲି ଜୋହରି କହିଛନ୍ତି। ବିସିସିଆଇ ପୂର୍ବରୁ ନାଡା ଅଧୀନକୁ ଆସିବାକୁ ଅମଙ୍ଗ ହେଉଥିଲା। ବୋର୍ଡ ନିଜକୁ ଏକ ସ୍ୱୟଂଚାଳିତ ସଂସ୍ଥା ବୋଲି କହୁଥିଲା। କେବଳ ସେତିକି ନୁହଁ, ସରକାରଙ୍କ ପାଣ୍ଠି ଉପରେ ନିର୍ଭର କରୁ ନ ଥିବାର ବିସିସିଆଇ ଅନ୍ୟ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନଠାରୁ ନଜକୁ ଭିନ୍ନ ମନେକରୁଥିଲା। ବୋର୍ଡ ସେତେବେଳେ 'ହୋୟାର ଏବାଉଟ୍ କ୍ଲଜ୍' ନେଇ ଆପତ୍ତି ଉଠାଇଥିଲା। ଆଉଟ ଅଫ୍ କମ୍ପିଟିଶନ ଟେଷ୍ଟ ବା ପ୍ରତିଯୋଗିତା ବାହାରେ ଯେକୌଣସି ସ୍ଥାନରେ ପରୀକ୍ଷା କରିବାର ନିୟମକୁ ବିସିସିଆଇ ସେତେବେଳେ ପସନ୍ଦ କରି ନ ଥିଲା। ଏହାଦ୍ୱାରା ପ୍ରାଇଭେସି ବା ବ୍ୟକ୍ତିଗତ ବ୍ୟାପାରରେ ହସ୍ତକ୍ଷେପ ହେବ ବୋଲି ଭାରତୀୟ କ୍ରିକେଟରମାନେ ନିଜର ଚିନ୍ତାବ୍ୟକ୍ତ କରିଥିଲେ।

ହୋୟାର ଏବାଉଟ୍ କ୍ଲଜ୍‌ରେ ଆଥଲେଟମାନେ ଏକ ଡିକ୍ଲାରେଶନ ଫର୍ମରେ ସ୍ୱାକ୍ଷର କରିବେ। ଏହି ନିୟମ ଅନୁସାରେ ଖେଳାଳିମାନେ ବର୍ଷରେ ୩ଟି ସ୍ୱତନ୍ତ୍ର ତାରିଖ ଜଣାଇବେ ଓ ଏହି ତାରିଖ ଅବସରରେ ଆଥଲେଟ୍‌ମାନେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁ ନ ଥିବେ ଓ ନାଡା ଦ୍ୱାର ଡୋପ୍ ଟେଷ୍ଟ ପାଇଁ ପ୍ରସ୍ତୁତ ରହିଥିବେ। ଯାହା ଫଳରେ ନାଡାର ଡୋପ୍ କଣ୍ଟ୍ରୋଲ ଅଫିସର (ଡିସିଓ) ତାଙ୍କର ନମୁନା ନେଇପାରିବେ। ଯଦି କୌଣସି ଆଥଲେଟ୍ ଏହି ତାରିଖଗୁଡିକରେ ଉପସ୍ଥିତ ହେବାରେ ବିଫଳ ହେବେ ତାହାଲେ ସେମାନେ ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା) ନିୟମ ବା କୋଡ ଉଲ୍ଲଂଘନ କରିବା ଅଭିଯୋଗରେ ବାସନ୍ଦାଦେଶକୁ ନିମନ୍ତ୍ରଣ କରିବେ। ଏହାର ସଦ୍ୟତମ ଓ ଶ୍ରେଷ୍ଠ ଉଦାହରଣ ହେଉଛି ୱେଷ୍ଟଇଣ୍ଡିଜ୍ ଅଲରାଉଣ୍ଡର ଆନ୍ଦ୍ରେ ରସେଲ। ଏହି ନିୟମ ଉଲ୍ଲଂଘନ କରି ସେ ଜାମାଇକା ଆଣ୍ଟି-ଡୋପିଂ ଏଜେନ୍ସି ଦ୍ୱାରା ଗୋଟିଏ ବର୍ଷ ବାସନ୍ଦ ହୋଇଥିଲେ।

ଏ ପର୍ଯ୍ୟନ୍ତ ସ୍ୱିଡେନ ସ୍ଥିତ ଅନ୍ତର୍ଜାତୀୟ ଡୋପ୍ ଟେଷ୍ଟିଂ ମ୍ୟାନେଜମେଣ୍ଟ (ଆଇଡିଟିଏମ୍) ଖେଳାଳିମାନଙ୍କ ନମୁନା ସଂଗ୍ରହ କରି ଜାତୀୟ ଡୋପ୍ ଟେଷ୍ଟିଂ ଲାବରେଟୋରି (ଏନ୍‌ଡିଟିଏ)ରେ ଦାଖଲ କରିଆସୁଛି। ଅବଶ୍ୟ ଆଇଡିଟିଏମ୍ ଏବେ ସ୍ୱୀକୃତିପ୍ରାପ୍ତ ଏଜେନ୍ସି ହୋଇ ରହିନାହିଁ ବୋଲି ଝୁଲନିୟା କହିଛନ୍ତି।

ପୂର୍ବରୁ କ୍ରୀଡ଼ା ମନ୍ତ୍ରଣାଳୟ ବିସିସିଆଇ ନାଡା ଅଧୀନକୁ ଆସିବା ଉଚିତ୍ ବୋଲି କହିଆସୁଥିଲା ଓ ତା'ର ଏହି ଆଭିମୁଖ୍ୟକୁ ବାଜୟ ରଖିଥିଲା। ଦକ୍ଷିଣ ଆଫ୍ରିକା ଏ' ଓ ମହିଳା ଦଳର ଭାରତ ଗସ୍ତକୁ ମନ୍ତ୍ରଣାଳୟ ଅନୁମୋଦନ ନ କରିବା ଫଳରେ ନାଡା ଅଧୀନକୁ ଆସିବାକୁ ଓ ଆଣ୍ଟି ଡୋପିଂ ନିୟମକୁ ମାନିବାକୁ ବିସିସିଆଇ ଉପରେ ଚାପ ବଢିଥିଲା। ଏହା ଶେଷରେ କାମ ଦେଇଛି ବୋଲି ଧରିନେବାକୁ ହେବ। ବିସିସିଆଇ ନାଡା ଅଧୀନକୁ ଆସିବା ପରେ ଏ' ସିରିଜ ଓ ମହିଳା ସିରିଜ ଆୟୋଜନ ପାଇଁ ପଥ ପରିଷ୍କାର ହୋଇଛି। ଫଳରେ ଦୀର୍ଘ ୬ ମାସର ପ୍ରତୀକ୍ଷା ଶେଷ ହୋଇଛି।

ଗତ ମାର୍ଚ୍ଚରେ ବିସିସିଆଇ ନାଡା ଓ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ସହିତ ଏକ ସର୍ତ୍ତ ରଖି ତ୍ରିପାକ୍ଷିକ ଚୁକ୍ତିରେ ସ୍ୱାକ୍ଷର କରିବାକୁ ରାଜି ହୋଇଥିଲା। ଏବେ ମନ୍ତ୍ରଣାଳୟର ଅନୁମତି ବିନା ବିସିସିଆଇ ସରକାରଙ୍କ କୌଣସି ସଂସ୍ଥା ସହ କିଛି ବି ଚୁକ୍ତି କରିପାରିବ ନାହିଁ ବୋଲି ଝୁଲନିୟା କହିଛନ୍ତି। ବିସିସିଆଇ ଏବେ ଆରଟିଆଇ ପରିସର ଭୁକ୍ତ ହେବା ନେଇ କୌଣସି ଆଲୋଚନା ହୋଇ ନାହିଁ ବୋଲି ଜୋହରି କହିଛନ୍ତି। ଏ ସଂକ୍ରାନ୍ତରେ ଆଗକୁ ଏକ ବୈପ୍ଳବିକ ପରିବର୍ତ୍ତନ ହେବ ଓ କ୍ରିକେଟ ଥଥା ଏହାର ପ୍ରଶାସନରେ ସ୍ୱଚ୍ଛତା ବଢିବ ବୋଲି ଆଶା କରାଯାଉଛି।।

### ନାଡା ଯେତେବେଳେ, ଯେଉଁଠି ଚାହିଁବ କ୍ରିକେଟରଙ୍କ ପରୀକ୍ଷା ନେଇପାରିବ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନାଡା ଅଧୀନକୁ ଆସିବା ପରେ ଏବେ କ୍ରିକେଟରମାନଙ୍କ ଡୋପ୍ ଟେଷ୍ଟ ନେଇ ପଥ ପରଷ୍କାର ହୋଇଛି। ନାଡା ଏବେ ଯେତେବେଳେ ଓ ଯେଉଁଠାରେ କ୍ରିକେଟରମାନଙ୍କ ପରୀକ୍ଷା ନେଇପାରିବ ବୋଲି କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲନିୟା କହିଛନ୍ତି। ସମସ୍ତଙ୍କ ପାଇଁ ନିୟମ ସମାନ ଓ ବିସିସିଆଇ ସମେତ ଦେଶର ସବୁ କ୍ରୀଡ଼ା ଫେଡେରେଶନ ଗୋଟିଏ ନିୟମର ପରିସରରେ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଶ୍ୱ ନିବାରଣ ସଂସ୍ଥା (ୱାଡା)ର ଅନୁଚ୍ଛେଦ ୫.୨ ଅନୁସାରେ ନାଡା କ୍ରିକେଟର ତଥା ଅନ୍ୟ ଆଥଲେଟ୍‌ଙ୍କ ପରୀକ୍ଷା ନେଇପାରିବ। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ବୋର୍ଡ ବିସିସିଆଇ ନାଡା ଅଧୀନକୁ ଆସିବା ଏକ ବଡ଼ କଥା ବୋଲି ଝୁଲନିୟା କହିଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ। ଏମାନଙ୍କୁ ବିରୋଧ କରିବା ଆମର ଲକ୍ଷ୍ୟ ନୁହେଁ ବୋଲି ଝୁଲନିୟା କହିଛନ୍ତି।


୭୩ତମ ଜନ୍ମଦିନ ଶୁଭେଚ୍ଛା
ରାମଚନ୍ଦ୍ର ଦାସ
ଶ୍ରୀରାମନଗର, ଓଲ୍ଡଟାଉନ
ଆଜି ୭୩ ତମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଦୀର୍ଘ ନିରାମୟ ଜୀବନର କାମନା କରୁଛୁ।
ଶୁଭେଚ୍ଛା ସହ
ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୬୭୦୩୬


୬ଷ୍ଠ ଜନ୍ମଦିନ ଶୁଭେଚ୍ଛା
Prayashi Das
ଜନ୍ମ ତା. ୧୦।୦୮।୨୦୧୯
ରାଜକନିକା, କେନ୍ଦ୍ରାପଡା
ଆଜି ଷଷ୍ଠ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଚଲାପଥକୁ କୁସୁମିତ କରନ୍ତୁ, ଏତିକି କାମନା।।
ଶୁଭେଚ୍ଛାସହ:
ଜେଜେ, ଜେଜେମା, ବାପା, ବୋଉ, ମାମୁ, ମାଇଁ, ପରିବାରବର୍ଗ।
ଧ-୧୩୮୪୬

# ସିଓଏଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଲେ ବିସିସିଆଇ ସଦସ୍ୟ

ନୂଆଦିଲ୍ଲୀ, ୯।୮ (ପି.ଟି.)

ପୃଥ୍ୱୀ ଶ' ଡୋପ୍ ଟେଷ୍ଟରେ ବିଫଳ ହେବା ପ୍ରସଙ୍ଗକୁ ଠିକଣା ରୂପେ ହାତେଇ ନ ପାରିବା ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟିର କାର୍ଯ୍ୟଶୈଳୀର ପରିଣାମ ଏବେ ଭୋଗିବାକୁ ପଡୁଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସଦସ୍ୟମାନେ କହିଛନ୍ତି। ଏହି କାରଣରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡ଼ା) କର୍ତ୍ତୃତ୍ୱକୁ ଆସିବା ପାଇଁ ବାଧ ହୋଇଛି। ଏହାଛଡ଼ା ଦେଶର ବିତ୍ତଶାଳୀ କ୍ରୀଡ଼ା ସଂସ୍ଥା ଏକ ଜାତୀୟ କ୍ରୀଡ଼ା ମହାସଂଘରେ ପରିଣତ ହେବାକୁ ବାଟ ଫିଟିଛି, ଯାହାକୁ ବହୁଦିନ ହେଲା ଏଡାଇ ଆସୁଥିଲା। ବିସିସିଆଇ ସିଇଓ ରାହୁଲ ଜୋହରି ଚୁକ୍ତିରେ ସ୍ୱାକ୍ଷର କରିବା ଲାଗି ରାଜି ହେବା ଦ୍ୱାରା ବୋର୍ଡ ଏକ ସ୍ୱୟଂଚାଳିତ ସଂସ୍ଥା ହୋଇଥିବା ସତ୍ତ୍ୱେ ଏହା ସ୍ୱାୟତ୍ତ ଶାସନ ଅଧିକାର ହରାଇପାରେ। ଏହିଭଳି କୌଣସି ନୀତିଗତ ନିଷ୍ପତ୍ତି ନେବାର କର୍ତ୍ତୃତ୍ୱ ସିଇଓ କିମ୍ବା ସିଓଏର ନାହିଁ। ଏହି ବିଶେଷ ଅଧିକାର କେବଳ ବିସିସିଆଇ ପରିଚାଳନା ପରିଷଦର ରହିଛି। ନୂଆ କର୍ମକର୍ତ୍ତା ନିର୍ବାଚିତ ହେବା ପରେ ହୁଏତ ଏହି ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯାଇ ପାରିଥାନ୍ତା। ସିଓଏ ଯେହେତୁ ପ୍ରଶାସନ ଦାୟିତ୍ୱରେ ଅଛି, କୌଣସି ଚିଠି ଲେଖିପାରେ କିମ୍ବା ଏକ ଅନିୟମିତ ନିଷ୍ପତ୍ତିକୁ ପ୍ରଚଳନ କରିପାରେ, ମାତ୍ର ନିୟମିତ ନିଷ୍ପତ୍ତି ଏହାର କର୍ତ୍ତୃତ୍ୱ ବାହାରେ। ବିସିସିଆଇର ଜଣେ ସିନିୟର ପଦାଧିକାରୀ ନିଜ ନାମ ଗୋପନ ରଖିବା ଲାଗି ସର୍ତ୍ତରଖି ଏ କଥା କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ସିଇଓ ନିଜ ଦୋଷ ଦୁର୍ବଳତାକୁ ଘଷ୍ଟ ଘୋଡାଇବାକୁ ଯାଇ ଏପରି କରିଛନ୍ତି ଏବଂ ସରକାରଙ୍କୁ ରାସ୍ତା ଦେଖାଇଛନ୍ତି। ସିଓଏ ମୁଖ୍ୟ ବିନୋଦ ରାୟ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ପୂର୍ବରୁ କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର କିମ୍ବା ଏକ ଲିଗାଲ ଟିମ୍‌ଠାରୁ ପରାମର୍ଶ ନେଇ ପାରିଥାନ୍ତେ। ଯଦି କୌଣସି ଚୁକ୍ତି ସ୍ୱାକ୍ଷରିତ ହୁଏ, ତାହା ପ୍ରତ୍ୟାହାର କରି ହୁଏନା ବୋଲି ଅନ୍ୟ ଜଣେ ସଦସ୍ୟ କହିଛନ୍ତି। ବୋର୍ଡ ଏହାର ସ୍ୱାୟତ୍ତ ଶାସନ ଅଧିକାର ହରାଇବା ନେଇ ଯେଉଁ ଆଶଙ୍କା ସୃଷ୍ଟି ହୋଇଛି ସେ ନେଇ ଅଧିକାଂଶ ସଦସ୍ୟ ଚିନ୍ତା ପ୍ରକଟ କରିଛନ୍ତି। ସୂଚନା ଅଧିକାର ଆଇନ (ଆରଟିଆଇ) ଲାଗୁ ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଜଣେ ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି।

## ଟୋକିଓ ଅଲିମ୍ପିକ୍ସ: ନିର୍ମାଣ କାର୍ଯ୍ୟବେଳେ ଶ୍ରମିକଙ୍କ ମୃତ୍ୟୁ

ଟୋକିଓ,୯।୮(ଏଏଫ୍‌ପି)

ଟୋକିଓ ୨୦୨୦ ଅଲିମ୍ପିକ୍ସ ନିର୍ମାଣାଧୀନ ଅଞ୍ଚଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେବେ ଜାପାନର ରାଜଧାନୀରେ ଅତ୍ୟଧିକ ଗରମ ଯୋଗୁ ହୃଦ୍‌ଘାତରେ ଉକ୍ତ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ପ୍ରକାଶ ପାଇଛି। ୫୦ ବର୍ଷୀୟ ଶ୍ରମିକଙ୍କ ମୃତଦେହ ନିର୍ମାଣ ଅଞ୍ଚଳର ଗ୍ରାଉଣ୍ଡରେ ପଡ଼ିଥିବା ଦେଖିବାକୁ ମିଳିଥିଲା, ଯେଉଁଠାରେ ବିଦ୍ୟୁତ ତାର ପଡ଼ିଥିଲା। ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ମୃତ ଘୋଷଣା କରାଯାଇଥିଲା ବୋଲି ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। କିନ୍ତୁ କିଛି ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ହୃଦ୍‌ଘାତ ଯୋଗୁ ମୃତ୍ୟୁ ଘଟିଥିବା କୁହାଯାଇଛି। ଏହା ଟୋକିଓ ଅଲିମ୍ପିକ୍ସ ନିର୍ମାଣ ଅଞ୍ଚଳରେ ୩ୟ ମୃତ୍ୟୁ ଘଟଣା। ପୂର୍ବରୁ ଜଣେ ଅତ୍ୟଧିକ କାର୍ଯ୍ୟଭାର ସହି ନ ପାରି ଆତ୍ମହତ୍ୟା କରିଥିବାବେଳେ ଆଉ ଜଣେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଟୋକିଓରେ ଚାଲିଥିବା ଗରମ ପରିବେଶ ଅଲିମ୍ପିକ୍ସ ଆୟୋଜକଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ଲମ୍ବା ବର୍ଷାଋତୁ ଶେଷ ହେବା ପରେ ଗରମ ପୁଣି ଫେରିଛି। ଗତ ସପ୍ତାହରେ ୧୮ ହଜାର ଲୋକ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ୫୭ଙ୍କ ମୃତ୍ୟୁ ଘଟିଛି।

## କ୍ୱାର୍ଟର ଫାଇନାଲରେ ସେରେନା-ଓସାକା

ଟରଣ୍ଟୋ,୯।୮(ଏଏଫ୍‌ପି)

ଗତ ବର୍ଷ ୟୁଏସ୍ ଓପନ ଫାଇନାଲିଷ୍ଟ ସେରେନା ୱିଲିୟମସ ଓ ଜାପାନର ନାଓମି ଓସାକା ପୁଣି ଥରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଡବ୍ଲ୍ୟୁଟିଏ ଟରଣ୍ଟୋ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଦୁଇ ଖେଳାଳି ମୁହାଁମୁହିଁ ହେବେ। ୟୁଏସ୍ ଓ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଓସାକା ୭-୬ (୭/୪), ୬-୪ ସେଟ୍‌ରେ ପୋଲାଣ୍ଡର ଇଗା ସ୍ୱିଟେକଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଲାଗିଥିଲା। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ସେରେନା ୭-୫, ୬-୪ ସେଟ୍‌ରେ କାଟେରିନା ଆଲେକ୍ସାଣ୍ଡ୍ରୋଭାଙ୍କୁ ପରାସ୍ତ କରିଛନ୍ତି।

# ଦ୍ୱିତୀୟ ଆଶେସ ଟେଷ୍ଟ: ମୋଇନ୍‌ଙ୍କ ସ୍ଥାନରେ ଲିଚ୍

ଲର୍ଡ୍ସ,୯।୮


ଜ୍ୟାକ୍ ଲିଚ୍

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଆଶେସ୍ ଟେଷ୍ଟ ମ୍ୟାଚ୍ ପାଇଁ ଇଂଲଣ୍ଡ ଏକ ୧୨ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରୁ ଅଲରାଉଣ୍ଡର ମୋଇନ ଅଲିଙ୍କୁ ବାଦ୍ ଦିଆଯାଇଛି। ମୋଇନଙ୍କ ସମେତ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଏବଂ ଓଲି ଷ୍ଟୋନ୍‌ଙ୍କୁ ମଧ ଦଳରୁ ବାଦ୍ ଦିଆଯାଇଛି। ଦୁର୍ବଳ ଫର୍ମ ପାଇଁ ମୋଇନଙ୍କୁ ବାଦ୍ ଦିଆଯାଇଛି। ସେ ଗତ ୮ଟି ଟେଷ୍ଟ ଇନିଂସରେ ୪ଥର ଖାତା ଖୋଲିପାରି ନ ଥିଲେ। ସେହିପରି ଇଞ୍ଜୁରି କାରଣରୁ ଆଣ୍ଡରସନ ଓ ଷ୍ଟୋନ ବାଦ୍ ପଡିଛନ୍ତି। ମୋଇନଙ୍କ ସ୍ଥାନରେ ଜ୍ୟାକ୍ ଲିଚ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ଗତ ମାସରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଲିଚ୍ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ସୁଯୋଗ ଦିଆଯାଇଛି। ଫଳରେ ଆର୍ଚର ପ୍ରଥମ ଆଶେସ୍ ଟେଷ୍ଟ ଖେଳିବା ସ୍ପଷ୍ଟ ହୋଇଛି।

**ଘୋଷିତ ଇଂଲଣ୍ଡ ଦଳ:** ଜୋ ରୁଟ (ଅଧିନାୟକ), ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଷ୍ଟୁଆର୍ଟ ବ୍ରଡ, ରୋରି ବର୍ନ୍ସ, ଜୋସ୍ ବଟଲର, ସାମ କୁରାନ, ଜୋ ଡେନଲି, ଜ୍ୟାକ୍ ଲିଚ୍, ଜାସନ ରୟ, ବେନ୍ ଷ୍ଟୋକ୍ସ ଓ କ୍ରିସ୍ ୱୋକ୍ସ।

## ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟବଲ

# ଡିଏମ୍, କ୍ୟାପିଟାଲ ହାଇସ୍କୁଲ ବିଜୟୀ

ଭୁବନେଶ୍ୱର, ୯।୮(କ୍ରୀଡ଼ା ପ୍ରତିନିଧି)



ଅମନ ବିନାୟକ ଓ ସୁନୀଲ ସୋରେନ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ବାଳକ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଏମ୍ ସ୍କୁଲ ଓ କ୍ୟାପିଟାଲ ହାଇସ୍କୁଲ ବିଜୟ ହାସଲ କରିଛନ୍ତି। ବିଜେଇଏମ-୧ ଓ ଡିଏମ ସ୍କୁଲ ମଧରେ ପ୍ରଥମ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଆକ୍ରମଣାତ୍ମକ ଖେଳିଥିଲେ ହେଁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ମ୍ୟାଚ ଶେଷ ହେବାର ୨ ମିନିଟ ପୂର୍ବରୁ ଅମନ ବିନାୟକ ଏକ ଫିଲ୍ଡ ଗୋଲ ଦେଇ ଡିଏମ ସ୍କୁଲକୁ ବିଜୟୀ କରାଇଥିଲେ। ଦ୍ୱିତୀୟ ମ୍ୟାଚଟି ଏକତରଫାଭାବେ ଶେଷ ହୋଇଥିଲା। ଏଥିରେ କ୍ୟାପିଟାଲ ହାଇସ୍କୁଲ ୯-୦ ଗୋଲରେ ବିଜେଇଏମ-୨କୁ ପରାସ୍ତ କରିଥିଲା। କ୍ୟାପିଟାଲ ହାଇସ୍କୁଲ ପକ୍ଷରୁ ପ୍ରଥମାର୍ଦ୍ଧରେ ୭ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ସ୍କୋର ହୋଇଥିଲା। ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହେବ। ମ୍ୟାଚ ୨ଟିକୁ ଚନ୍ଦ୍ରକାନ୍ତ ବାରିକ, ଦୁର୍ଗା ଆଚାର୍ଯ୍ୟ, ଅମିତ ନାୟକ, ସରୋଜ ମହାରଣା, କୀର୍ତ୍ତି ସ୍ୱାଇଁ, ଶ୍ରୀକାନ୍ତ ପଣ୍ଡା ଓ ଦେବଜ୍ୟୋତି ସିଂ ପରିଚାଳନା କରିଥିଲେ। ଡିଏମ ସ୍କୁଲର ଅମନ ବିନାୟକ ଓ କ୍ୟାପିଟାଲ ହାଇସ୍କୁଲର ସୁନୀଲ ସୋରେନ ଅତିଥି ଆୟୋଜକ ଆସୋସିଏଶନର ଉପସଭାପତି ଅକ୍ଷୟ ଦାସ ଓ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି କଲ୍ୟାଣ ଦତ୍ତଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

# ଶ୍ରୀଲଙ୍କା ପ୍ରଶଂସକଙ୍କ ସହ ଜନ୍ମଦିନ ପାଳିଲେ ୱିଲିୟମସନ


ପ୍ରଶଂସକଙ୍କ ଗହଣରେ ଜନ୍ମଦିନ କେକ୍ କାଟୁଛନ୍ତି କେନ ୱିଲିୟମସନ।

କଲମ୍ବୋ,୯।୮

ନିକଟରେ ଶେଷ ହୋଇଥିବା ଆଇସିସି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦଳକୁ ଫାଇନାଲରେ ପହଞ୍ଚାଇଥିବା ଅଧିନାୟକ କେନ୍ ୱିଲିୟମସନଙ୍କ ପ୍ରଶଂସକଙ୍କ ସଂଖ୍ୟା ବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି। ୱିଲିୟମସନ ଗୁରୁବାର ୨୯ବର୍ଷରେ ପାଦ ଦେଇଛନ୍ତି। ଏହି ଅବସରରେ ସେ ଶ୍ରୀଲଙ୍କା ପ୍ରଶଂସକଙ୍କ ସହ ଜନ୍ମଦିନ ପାଳନ କରିଛନ୍ତି। କାଟୁନାୟାକେଠାରେ ଚାଲିଥିବା ଶ୍ରୀଲଙ୍କା ସଭାପତି ଏକାଦଶ ବିପକ୍ଷରେ ନ୍ୟୁଜିଲାଣ୍ଡ ଏକ ଅଭ୍ୟାସ ମ୍ୟାଚ୍ ବେଳେ ଶ୍ରୀଲଙ୍କା ପ୍ରଶଂସକମାନେ ୱିଲିୟମସନଙ୍କ ପାଇଁ କେକ୍ ଆଣିଥିଲେ। ନ୍ୟୁଜିଲାଣ୍ଡ ଅଧିନାୟକ କେକ୍ କାଟିବା ସହ ଖାଇଥିଲେ। ଏହାର କିଛି ଫଟୋ ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଟୁଇଟରରେ ଶେୟାର କରାଯାଇଛି। ଏଥିରେ ୱିଲିୟମସନ ଗ୍ରାଉଣ୍ଡର ବାଉଣ୍ଡ୍ରି ଅଞ୍ଚଳରେ ଉପସ୍ଥିତ ଥିବା ପ୍ରଶଂସକଙ୍କ ସହ କେକ୍ କାଟୁଛନ୍ତି। ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କା ବୋର୍ଡ ସଭାପତି ଏକାଦଶ ଦଳ ପ୍ରଥମ ଦିନ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୨୩ ରନ୍ କରିଥିଲା। ଏହି ସିରିଜରେ ନ୍ୟୁଜିଲାଣ୍ଡ ଦୁଇ ଟେଷ୍ଟ ଓ ୩ ଟି୨୦ ମ୍ୟାଚ୍ ଖେଳିବ।

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)
ମା' ଚାହୁଁ ଚାହୁଁ ଆଜିକୁ ଚାରିବର୍ଷ ହୋଇଗଲା ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋ ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ, ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
ଶୋକସନ୍ତପ୍ତ:
ତୋର ପିଲାମାନେ।
ଧ-୧୩୭୮୦

ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ବାସନ୍ତୀ ମିଶ୍ର
ବଡ଼ପଣ୍ଡୁସର, ନୟାଗଡ଼
ଆବିର୍ଭାବ: ୦୯।୧୦।୧୯୩୬
ତିରୋଧାନ: ୧୧।୦୮।୨୦୧୦
ଚାହୁଁ ଚାହୁଁ ୯ବର୍ଷ ପୁରିଗଲା। ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତରେ ତୁମର ଅନୁପସ୍ଥିତିକୁ ଅନୁଭବ କରୁଅଛୁ। ତୁମେ ଛାଡ଼ିଯାଇଥିବା ଶୂନ୍ୟସ୍ଥାନକୁ କେହି ପୂରଣ କରିପାରିବେ ନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ମନ ଘୁରି ବୁଲୁଛି ତୁମର ଟିକିଏ ସତ୍ତାପାଇଁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ନିଶ୍ୱାର୍ଥପରତା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଅନୁଶାସନ ଆମପାଇଁ ପ୍ରେରଣା ହେଉ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପରମେଶ୍ୱର ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ତୁମର ଶୋକସନ୍ତପ୍ତ:
ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ
ଧ-୬୬୯୪୦

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅଗଷ୍ଟ ୧୦/୨୦୧୯ Sambalpur, Saturday, August 10 / 2019


## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ରଙ୍କଧର ଦଳପତିଙ୍କ ପରଲୋକ

**କୋମନା,୯।୮(ଡି.ଏନ.ଏ.):**



ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଟିକ୍ରାପଡା ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରଙ୍କଧର ଦଳପତି (୯୦)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶବାଧାରରେ ସାମିଲ ହୋଇଥିଲେ। ୧୯୩୮ରେ ସେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ। ୧୯୪୧ରେ ଜାତୀୟ କଂଗ୍ରେସରେ ଯୋଗଦେଇ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇଥିଲେ। ହେଲେ ସରକାର ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ଦେଇ ନ ଥିବାରୁ କୌଣସି ପ୍ରୋତ୍ସାହନ ପାଉ ନ ଥିଲେ। ତାଙ୍କ ପରଲୋକ ଖବର ଜଣାପଡିବା ପରେ ନୂଆପଡା ଜିଲାରେ ଶୋକର ଛାୟା ଖେଳିଯାଇଛି।

# କୁଇଶିରାର ଅଦିନିଆ ରଥଯାତ୍ରା

**ଭଟଲି,୯।୮(ଡି.ଏନ.ଏ.)**

- ୮୦ବର୍ଷ ଧରି ପାଳନ କରୁଛନ୍ତି ଗ୍ରାମବାସୀ
- ଶ୍ରୀଜଗନ୍ନାଥଙ୍କ ଜନ୍ମଦିନ ପାଇଁ ଗାଁ ହୁଏ ଉତ୍ସବମୁଖର



ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ସାଧାରଣତଃ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପାଳିତ ହୋଇଥାଏ। ମହାପ୍ରଭୁ ଅଣସରରୁ ଫେରି ନବଯୌବନ ବେଶ ହେବା ପରେ ମାଉସୀ ମା’ ମନ୍ଦିରକୁ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଥିରେ ନେଇ ଯାତ୍ରା କରନ୍ତି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କୁଇଶିରା ଗ୍ରାମରେ। ଏହି ଗ୍ରାମରେ ଶ୍ରାବଣ ମାସ ଦ୍ୱିତୀୟା ତିଥିରେ ରଥଯାତ୍ରା ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ। ପାରମ୍ପରିକ ନୀତିକାନ୍ତିରେ ପାଳିତ ହେଉଥିବା ଏହି ଅଦିନିଆ ରଥଯାତ୍ରା ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତ ରୁଣ୍ଡ ହୋଇଥାନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ବିଗତ ପ୍ରାୟ ୮୦ ବର୍ଷ ଧରି ଏହି ରଥଯାତ୍ରା ପାଳିତ ହୋଇଆସୁଛି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ରଥାରୂଢ଼ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୁଏ। ଲୋକବାଣୀ କହେ ଗ୍ରାମର ଉଭୟ ପଟେ ଦୁଇଟି ନଦୀ ବହିଯାଇଛି। ତେବେ ଗିରିସୁଲ ନଦୀ କୂଳରେ ଥିବା ଗୁଆଲ ଡୁଙ୍ଗୁରୀକୁ ଗ୍ରାମର ପୂର୍ବଜମାନେ ଗୋଚାରଣ ପାଇଁ ଯାଉଥିଲେ।ଗ୍ରାମବାସୀଙ୍କ ଗୋଚାରଣ ପ୍ରୀତି ଦେଖି ମହାପ୍ରଭୁ ଶ୍ରୀକୃଷ୍ଣ ଗାଈଆଳ ଟୋକା ରୂପରେ ସେଠାରେ ଆସି ପହଞ୍ଚୁ ଥିଲେ। ତାଙ୍କ କଥାରେ ଗ୍ରାମର ଅନ୍ୟ ଗାଈଆଳ ଟୋକାମାନେ ପ୍ରୀତ ହେବା ସହିତ ପ୍ରତିଦିନ ଏହି ଡୁଙ୍ଗୁରୀକୁ ଗୋଚାରଣ ପାଇଁ ଆସିବାକୁ କହିଥିଲେ। ଗାଈଆଳ ଟୋପୀ ରୂପି ମହାପ୍ରଭୁ ମନା କରିବା ସହିତ କିଛି ଦୂରକୁ ଯାଇ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ପରେ ସେଠାକୁ ଯାଇଥିବା ଗାଈଆଳ ଟୋକାମାନେ ଡୁଙ୍ଗୁରୀ ଉପରେ ଥିବା ଏକ ଗଛରେ ମହାପ୍ରଭୁଙ୍କ ଛାୟାଚିତ୍ର ଦେଖିବାକୁ ପାଇଥିଲେ। ପରେ ଏହି ଘଟଣା ଗ୍ରାମରେ ପ୍ରଘଟ ହେବା ପରେ ଗ୍ରାମବାସୀ ଉକ୍ତ ସ୍ଥାନକୁ ଯାଇ ଭଗବାନଙ୍କୁ ଆଣି ଗ୍ରାମରେ ମନ୍ଦିର ତୋଳି ପୂଜା କରିଥିଲେ। ସେହିଦିନ ଶ୍ରାବଣ ଦ୍ୱିତୀୟା ତିଥି ହୋଇଥିବାରୁ ମହାପ୍ରଭୁଙ୍କ ଜନ୍ମଦିନ ପାଳନ ସ୍ୱରୂପ ରଥଯାତ୍ରା ପାଳନ କରିଆସୁଛନ୍ତି।



ବଲାଙ୍ଗୀର ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀମାନେ।

## ଛତୁ ଖାଇ ଗୋଟିଏ ପରିବାରର ୫ ଅସୁସ୍ଥ

**ବଲାଙ୍ଗୀର ଅଫିସ, ୯।୮**

ଛତୁ ଖାଇ ଗୋଟିଏ ପରିବାରର ୫ ସଦସ୍ୟ ଅସୁସ୍ଥ ହୋଇ ବଲାଙ୍ଗୀର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବରଗଡ ଜିଲା ଗାଇସିଲେଟ୍ ବ୍ଲକ୍ ଅନ୍ତର୍ଗତ ଗୌରେନ୍‌ମୁଣ୍ଡା ଗ୍ରାମର ବିନୋଦ ବାରିକ (୪୮)ଙ୍କ ପରିବାରର ୫ ଜଣ ସଦସ୍ୟ ଶୁକ୍ରବାର ଛତୁ ଖାଇଥିଲେ। ବିନୋଦ ସକାଳେ କ୍ଷେତହିଡରେ ଫୁଟିଥିବା ଛତୁକୁ ଘରକୁ ଆଣିଥିଲେ। ଏହାକୁ ରାନ୍ଧି ଖାଇବା ପରେ ବିନୋଦଙ୍କ ପୁଅ ଗୋବିନ୍ଦ (୨୮), ବୋହୂ ସୁନୀତା (୨୨), ମା ଭଗବତୀ (୭୦), ବଡଭଉଣୀ ରାଧା (୩୫)ଙ୍କ ପ୍ରବଳ ବାନ୍ତି ହୋଇଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ ଅଣାଯାଇଥିଲା। ପ୍ରବଳ ବାନ୍ତି ଯୋଗୁ ଗୋବିନ୍ଦଙ୍କ ଖାଦ୍ୟନଳୀରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡିଛି। କ୍ଷେତରୁ ଆଣିଥିବା ଛତୁ ଖାଇବାରୁ ଏଭଳି ବାନ୍ତି ହୋଇଥିବା ବିନୋଦ କହିଛନ୍ତି।

### ମଧ୍ୟାହ୍ନ ଭୋଜନରେ ମଲାମୂଷା

**ଭଦ୍ରକ ଅଫିସ/ତିହିଡ଼ି, ୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ରାଜନଗର ପଞ୍ଚାୟତ ଅଧୀନ ଚାରିତରଫ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନରେ ମଲାମୂଷା ବାହାରିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଖାଦ୍ୟ ଖାଇ ୧୯ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ମୁଣ୍ଡ ବୁଲାଇବା ସହ ବାନ୍ତି ହେବାରୁ ସେମାନଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପୀତାମ୍ବର ସାମଲ, ସହକାରୀ ଜିଲାପାଳ କାର୍ତ୍ତିକନାଥ ମଣ୍ଡଳ ମେଡିକାଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ଏହି ସ୍କୁଲରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇବାର କିଛି ସମୟ ପରେ ଭାତ ଥିବା ହାଣ୍ଡିରୁ ମଲାମୂଷା ବାହାରିଥିଲା। ଏହାକୁ ଦେଖିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଅଧା ଖାଇଥିବା ମଧ୍ୟାହ୍ନଭୋଜନକୁ ସେମାନେ ଫିଙ୍ଗି ଦେଇଥିଲେ। ପରେ ପୁଣି ରୋଷେଇ କରାଯାଇ ପିଲାଙ୍କୁ ଖାଇବାକୁ ଦିଆଯାଇଥିଲା। ମଧ୍ୟାହ୍ନଭୋଜନ ଖାଇଥିବା କେତେଜଣ ଛାତ୍ରୀଛାତ୍ରଙ୍କ ମୁଣ୍ଡ ଘୂରାଇବା ସହ ବାନ୍ତି ହେବାରୁ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ ଏକ ବୋଲେରୋ ଯୋଗେ ଛାତ୍ରୀଛାତ୍ରଙ୍କୁ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ସେମାନଙ୍କୁ ସାଲାଇନ ଓ ଇଞ୍ଜେକ୍ସନ ଦିଆଯିବା ପରେ ବିପଦମୁକ୍ତ ହୋଇଥିବା ଜଣାପଡ଼ିଛି।

## ମୁସରଙ୍ଗି ଜଙ୍ଗଲରୁ ବାଘ ଉଭାନ

**ନୂଆପଡ଼ା ଅଫିସ,୯।୮**

**ବନବିଭାଗ ଛାନଭିନ ଜାରି**

ସ୍ଥାନୀୟ ମୁସରଙ୍ଗି ଜଙ୍ଗଲରେ ୨ ଛୁଆ ସମେତ ୪ କଲରାପତରିଆ ବାଘ ଥିବା ଜଣାପଡ଼ିବା ପରେ ସଂପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବନ ବିଭାଗ ପକ୍ଷରୁ ଏ ନେଇ ବିଭିନ୍ନ ସ୍ଥାନରେ କର୍ମଚାରୀ ମୁତୟନ କରାଯାଇଥିଲ। ହେଲେ ଶୁକ୍ରବାର ଜଙ୍ଗଲରେ ସେହି ବାଘ ନ ଥିବା ଜଣାପଡିଛି। ଶାବକମାନଙ୍କ ସହ ବାଘଦ୍ୱୟ କୁଆଡେ ଉଭାନ ହୋଇଯାଇଥିବା ବନ ବିଭାଗ କହିଛି। ଏଥିପାଇଁ ବନ ବିଭାଗ ତରଫରୁ ସମଗ୍ର ଜଙ୍ଗଲ ଅଞ୍ଚଳକୁ ଛାନଭିନ କରାଯାଉଛି।

ସୂଚନାଯୋଗ୍ୟ, ଜଙ୍ଗଲ ଭିତରେ ଥିବା ପଥର ଚଟାଣରେ ଗୁରୁବାର ଦିନ ତମାମ ଦୁଇଟି ବଡ ବାଘ ଶୋଇ ରହିଥିବା ଲୋକେ ଦେଖିଥିଲେ। ଏ ବିଷୟରେ ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେହି ବାଘ ଦୁଇଟିକୁ ଦେଖିଥିଲେ। ହେଲେ ଶୁକ୍ରବାର ମଧ୍ୟ ଆଖପାଖ ଗାଁରେ ଭୟର ବାତାବରଣ ଲାଗି ରହିଛି। ବାଘଦ୍ୱୟ ନିଜ ଶାବକଙ୍କ ସହ ଗାଁକୁ ପଶି ଆସିଥାଇ କେଉଁଠି ଆତ୍ମଗୋପନ କରିଥିବା ସନ୍ଦେହ କରାଯାଉଛି। ଏହାକୁ ମଧ୍ୟ ବନ ବିଭାଗ ଗୁରୁତର ସହ ନେଇଛି। ସକାଳ ୮ଟାରେ ଫରେଷ୍ଟର ଗୋପାଳ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ ଜଙ୍ଗଲ ଶିଖରକୁ ଯାଇଥିଲା। ସେଠାରେ ବାଘର କୌଣସି ସନ୍ଧାନ ମିଳି ନ ଥିବାରୁ ସାରା ଜଙ୍ଗଲ ଅଞ୍ଚଳରେ ଖୋଜାଯାଇଥିଲା। ହେଲେ କୌଣସି ସ୍ଥାନରେ ବାଘ ନ ଥିବା ଫରେଷ୍ଟର ମହାନନ୍ଦ କହିଛନ୍ତ। ତଥାପି ବାଘର ହିଂସ୍ରତାକୁ ବିଚାରକୁ ନେଇ ଗ୍ରାମବାସୀ ଏହାକୁ ହାଲୁକା ଭାବେ ନ ନେଇ ସତର୍କତା ଅବଲମ୍ବନ କରିବାକୁ ବନବିଭାଗ କହିଛି। ବନବିଭାଗ ଅସ୍ଥାୟୀ କ୍ୟାମ୍ପ କରି ଗାଁରେ ରହିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବାଘ ଡେରା ପକାଇଥିବା ପଥର ଚଟାଣ ଉପରେ ଫରେଷ୍ଟ ଟିମ ବୁଲୁଛନ୍ତି।

- କୃଷି ବୀମା ଅର୍ଥ ପ୍ରଦାନ, ଜଳସେଚନ ଦାବି

# ଚାଷୀଙ୍କ ୬ ଘଣ୍ଟା ରାସ୍ତା ଅବରୋଧ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୯।୮(ଡି.ଏନ.ଏ.)**



ଖଡିଆଳ– ଭବାନୀପାଟଣା ରାସ୍ତାକୁ ଚାଷୀମାନେ ଅବରୋଧ କରିଛନ୍ତି।

ଗତବର୍ଷ ମରୁଡ଼ିର ଉଚିତ କୃଷିବୀମା ଟଙ୍କା ପ୍ରଦାନ ସହ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ପାଣି ଯୋଗାଣ ଦାବିରେ ଚାଷୀମାନେ ଖଡିଆଳ–ଭବାନୀପାଟଣା ରାସ୍ତାକୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ଉପରୋକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲେ। ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତି ପଡିଥିଲା। ଏଥିରେ ଉପରୋକ୍ତ ବ୍ଲକ ଅନ୍ତର୍ଗତ ଖାସବାହାଲ ଏବଂ ଦୋହେଲପଡା ପଞ୍ଚାୟତର ଚାଷୀମାନେ ସାମିଲ ହୋଇଥିଲେ।

ଶୁକ୍ରବାର ସକାଳ ୬ଟାରେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ତିୱାରୀ, ଯୁବ କଂଗ୍ରେସର ହୀରାଧର ମେହେରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଦୋହେଲପଡା ନିକଟରେ ରାଜରାସ୍ତାକୁ ଆସିଥିଲେ। ରାସ୍ତା ଅବରୋଧ କରିବା ସହ ଟାୟାର ଜାଳି ପ୍ରତିବାଦ ଜଣାଇଥିଲେ। ଫଳରେ ସମସ୍ତ ପ୍ରକାର ଗାଡି ଚଳାଚଳ ବନ୍ଦ ହୋଇଥିଲା। ଏଥିରେ ସାଧାରଣ ଜୀବନଯାତ୍ରା ମଧ୍ୟ ପ୍ରଭାବିତ ହୋଇଥିଲା। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ପରେ ପ୍ରଶାସନ ତରଫରୁ ତହସିଲଦାର ସିନ୍ଧୁସୁତା ପାତ୍ର, ବିଡ଼ିଓ ଉତ୍ତମ ବାଗ, ସ୍ଥାନୀୟ ବିଧାୟକ ଅଧିରାଜ ପାଣିଗ୍ରାହୀ, ଜିଲା କୃଷି ଅଧିକାରୀ ନରୋତ୍ତମ ବେହେରା ପ୍ରମୁଖ ଅବରୋଧ ସ୍ଥଳରେ ପହଞ୍ଚି ଥିଲେ। ଚାଷୀମାନେ ଗତବର୍ଷ ମରୁଡ଼ିର ଶିକାର ହୋଇଥିଲେ। ଏଥିପାଇଁ କୃଷି ବୀମା କରିଥିଲେ। ହେଲେ ଆଜିଯାଏ ସେମାନଙ୍କୁ ଉଚିତ ମୂଲ୍ୟ ମିଳିପାରି ନାହିଁ। ଫଳରେ ଦୁଇ ପଞ୍ଚାୟତ ଚାଷୀମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନ୍ୟପକ୍ଷେ ଏହି ଅଞ୍ଚଳବାସୀ ବାରମ୍ବାର ମରୁଡ଼ିର ଶିକାର ହେଉଥିଲେ ମଧ୍ୟ ନିକଟରେ ଯାଇଥିବା ଲୋୟର ଇନ୍ଦ୍ର କେନାଲର ପାଣି ଦିଆଯାଉନାହିଁ। ଏହି ଦାବି ଉପରେ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ସକାଶେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିବା ପରେ ଦିନ ୧୨ଟାରେ ଅବରୋଧ ହଟିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରେମଲାଲ ବାଗ, ଫକୀର ମୋହନ ବେହେରା, ବେଣୁପାଣି ବେହେରା, କବି ଛତ୍ରିଆ, ଯଶୋବନ୍ତ ହଂସ, ଚନ୍ଦ୍ର ବେହେରା, ଜିମୁତ ବେହେରା, ଧରଣୀଧର ବେହେରା, ମନୋଜ ବେହେରା, ବଳରାମ ପଟେଲ, ବିରଞ୍ଚି ବେହେରା, କୁନାଲ ବେହେରା, କପିଳ ମାଝି ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

**ପ୍ରଶାସନର ପ୍ରତିଶ୍ରୁତି ପରେ ଶାନ୍ତ ପଡ଼ିଲେ**

## ଘରକୁ ଫେରୁଥିବା ଯୁବକଙ୍କୁ ହାଣି ହତ୍ୟା

**ମନମୁଣ୍ଡା, ୯।୮ (ଡି.ଏନ.ଏ.)**

**ମୃତଦେହ ଜବତ କଲା ପୋଲିସ**

ମନମୁଣ୍ଡା ଥାନା ଅନ୍ତର୍ଗତ ପଲସାଗୋରା–ଦପଲା ରାସ୍ତାର ଘୁଲଘୁଲାପଦର ନିକଟରେ ଜଣେ ଯୁବକଙ୍କୁ ହାଣି ହତ୍ୟା କରାଯାଇଛି। ପୋଲିସ ଶୁକ୍ରବାର ସଂପୃକ୍ତ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତକ ହେଲେ କୁଣ୍ଡାମାଳର ଅଚ୍ୟୁତ ସୁନା (୨୩)। ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଚ୍ୟୁତଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ରହିଛି। ସେଠାରୁ ପ୍ରବଳ ରକ୍ତସ୍ରାବ ହେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୦୨, ୩୪ରେ ଏକ ମାମଲା (ନଂ.୧୪୦/୧୯) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, ଅଚ୍ୟୁତ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ ଝିଙ୍କରପାଲିର ଭଗବାନ ଖଟୁଆଙ୍କ ପାଖରେ କାମ କରୁଥିଲେ। ଗୁରୁବାର ରାତ୍ରି ୯ଟାରେ ସେ କାମ ସାରି ମାଲିକଙ୍କ ବାଇକ (ନଂ. ଓଡି୩୧ଏ/୬୩୩୪)ରେ ଘରକୁ ଫେରୁଥିବା ବେଳେ ଉକ୍ତ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ପୋଲିସ କେତେଜଣ ଲୋକଙ୍କୁ ଅଟକ ରଖି ଜେରା କରୁଛି। ହତ୍ୟାକାରୀ ଚିହ୍ନଟ ହୋଇ ନ ଥିବାରୁ କାହାକୁ ଗିରଫ କରାଯାଇନାହିଁ। ଖୁବ୍ ଶୀଘ୍ର ଅଭିଯୁକ୍ତ ଗିରଫ ହେବେ ବୋଲି ଆଇଆଇସି ଗୋପୀନାଥ ପ୍ରଧାନ କହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



**ସଂକ୍ଷେପରେ**

## ପଞ୍ଚଦିବସୀୟ ଯୋଗ ଶିବିର ଉଦ୍‌ଘାଟିତ

ଡୁଙ୍ଗୁରିପାଲି, ୯।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ହରିହର ନଗରରେ ପଞ୍ଚ ଦିବସୀୟ ନିଶୁଳକ ଯୋଗ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ହରିଦ୍ୱାର ପତଞ୍ଜଳି ଯୋଗ ପୀଠ ତତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ସୁବର୍ଣ୍ଣପୁର ପତଞ୍ଜଳି ଯୋଗ ପ୍ରଚାରକ ଉମାକାନ୍ତ ସାହୁ ସକାଳ ସାଢେ ୫ଟାରୁ ୭ଟା ଓ ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆସନ, ପ୍ରାଣାୟମ, ଧ୍ୟାନ, ମାଧ୍ୟମରେ ଶାରୀରିକ, ମାନସିକ ରୋଗର ବିଭିନ୍ନ ଘରୋଇ ଉପଚାର ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିର ପରିଚାଳନାରେ ବଂଶୀଧର ବରିହା, ରମେଶ ମେହେର, ପ୍ରଶାନ୍ତ ମାଝି, ରାମପ୍ରସାଦ ମେହେର ପ୍ରମୁଖ ସହଯୋଗ କରିଥିଲେ।

ପୋଲିସ-ମାଜିଷ୍ଟ୍ରେଟ୍‌ଙ୍କ ମଧରେ ସମନ୍ୱୟ ବୈଠକ

# ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସମନ୍ୱୟ ଜରୁରୀ

ସୋନପୁର,୯।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲାରେ ପୋଲିସ-ମାଜିଷ୍ଟ୍ରେଟ୍‌ଙ୍କ ମଧରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ କହିଥିଲେ ଯେ, ଜିଲାରେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ମଧରେ ଉତ୍ତମ ସମନ୍ୱୟ ରହିଛି। ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଏଭଳି ସମନ୍ୱୟ ରହିବା ଜରୁରି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇଥିଲେ। ଏହି ଅବସରରେ ପଡି ରହିଥିବା ବିଭିନ୍ନ ମାମଲା ସମ୍ପର୍କରେ ସମୀକ୍ଷା ହୋଇଥିଲା। ଜିଲାରେ ଜାତିଆଣ ସମ୍ପର୍କିତ ୯ଟି ମାମଲା ପଡି ରହିଛି । ଡିଏସପି ଓ ସ୍ଥାନୀୟ ତହସିଲଦାର ମିଳିତ ଭାବେ ତଦନ୍ତ କରି ଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ୍‌ପି ଦେବୀପ୍ରସାଦ ଦାଶ ଉତ୍ତମ ଲୋକ ସମ୍ପର୍କ, ନିର୍ଦ୍ଧାରିତ ସମୟରେ ତଦନ୍ତ ଶେଷ କରିବା ଓ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ସୋନପୁର ଉପଜିଲାପାଳ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବଳରାମ ମଲ୍ଲିକ, ଅତିରିକ୍ତ ଏସ୍‌ପି ଆନ୍ଥୋନି ତିର୍କୀ, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରା, ଡିଏସପି ହେମସାଗର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ଏମଭିଆଇ ରବିନ କୁମାର ପଟ୍ଟନାୟକ, ବୀରମହାରାଜପୁର ଏସଡିପିଓ ଧୀରଜ କୁମାର ଚୋପଦାର, ଜିଲାର ସମସ୍ତ ତହସିଲଦାର ଓ ଆଇଆଇସିମାନେ ଉପସ୍ଥିତ ଥିଲେ।



ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକରେ ମଞ୍ଚାସୀନ ଜିଲାପାଳ, ଏସ୍‌ପି ଓ ଅତିରିକ୍ତ ଜିଲାପାଳ ପ୍ରମୁଖ ।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

ସୋନପୁର,୯।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଆରଏମସି ଶିବାନନ୍ଦ ପଡାରେ ହେବାକୁ ଥିବା ୨୮ତମ ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚାରିଦିନ ଧରି ହେବାକୁ ଥିବା ଗଣେଶ ପୂଜାରେ ମୀନା ବଜାର, ଭଜନ କୀର୍ତ୍ତନ, ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରିବାକୁ ସ୍ଥିରୀକୃତ ହୋଇଛି । ଭସାଣୀ ଶୋଭାଯାତ୍ରାରେ ମନୋରଞ୍ଜନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିବା କମିଟିର ଲବ ପଧାନ ପ୍ରକାଶ କରିଛନ୍ତି । ପ୍ରସ୍ତୁତି ବୈଠକରେ ଶିବାନନ୍ଦ ପଡା କ୍ଲବର ସୁଦୋଶ ମହାଲିଙ୍ଗ, ଜୀବର୍ଦ୍ଧନ ମହାଲିଙ୍ଗ, ବୀରେନ୍ଦ୍ର ଭୋଇ, ମୁକେଶ ଭୋଇ, ଅମୂଲ୍ୟ ବେହେରା, ଇନ୍ଦ୍ରମଣି ମେହେର, ମୃତ୍ୟୁଞ୍ଜୟ ମିଶ୍ର, ଲାଲ ଶର୍ମା, ପ୍ରଭୁଦତ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ପକ୍ଷାଘାତରେ ଆକ୍ରାଁତ

# ଭତା, ଆବାସ ଯୋଜନାରୁ ବଁଚିତ ବିପିନ

ସୋନପୁର,୯।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲା ସଦର ବ୍ଲକ ରେଙ୍ଗାଲି ପଁଚେତ୍ ଅଧୀନ ବିଶାଳପାଲି ଗାଁର ବିପିନ ମହାକୁର(୪୬)। ୨ ବଛର ହେଲା ସେ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ହେଇ ସେ ଭିନ୍ନକ୍ଷମ ପାଲଟି ଯାଇଛନ୍। ତାକର ୨ ହାତ୍‌ଗୋଡ଼ କାମ୍ ନାଇଁ କରବାର। ଇଆଡ଼େ ଅଭାବ ଅନାଟନ ଲାଗି ସେ ଉଚ ଚିକିଛା ବି କରେଇ ନାଇଁପାରବାର। ତାକର ମାଏକିନା ସୁରେଖାକଁର ଅଭିଯୋଗ ଅନ୍‌ସାରେ ବିପିନକୁଁ ଆଏଜ୍‌ତକ ଭିନ୍ନକ୍ଷମ ଭତା ଆର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଖଁଡ଼େ ନାଇଁ ମିଲିପାରି। ବିଭାଗୀୟ ଅଧିକାରୀକଁରନେ ଆବେଦନ କରି ସେ ନିରାଶ ହେଇଛନ୍। ଇ ଦମ୍ପତିକଁର ୨ ଝି’ ଆର ଗୁଟେ ପୁଓ ଅଛନ୍। ହେଲେ ଟଁକା ପଏସା ଅଭାବୁ ବଡ଼ଖା ଝି’ ସୁଜାତା ମାଟ୍ରିକ୍ ପାସ୍ କଲା ଉତାରୁ ପାଠ୍‌ପଢ଼ାରେ ଗଏଁଠ୍ ପକେଇଛନ୍। ପରିବାରର ଜମିବାଡ଼ି ବଲି କିଛି ମୂଲରୁ ସୁଖ୍‌ବାସୀ ଆନ୍। ସହାୟ୍ ଆଶ୍‌ରେ ବିପିନକୁଁ ଧରି ପରିବାର ଲୋକ୍ ଜିଲାପାଳ ମୋନିଷା ବାନାର୍ଜୀକୁଁ ଗୁହାରି କରବାକେ ଆସିଥିଲେ। ଜିଲାପାଳ ସୋନପୁର ବିଡିଓକୁଁ ଇ ଦିଗେ ପଦକ୍ଷେପ ନେବାକେ ନିରଦେଶ ଦେଇଛନ୍। ଏନ୍‌ତାଥି ପରିବାର ଲୋକ୍ ବି ସରକାରୀ ସାହାଯ୍ ମିଲବା ବଲି ଆଶ୍ କରି ରହିଛନ୍।



ସାହାଯ୍ ଆଶ୍‌ରେ ଦମ୍ପତି ଜିଲାପାଳକୁଁ ଭେଟବାକେ ଆସିଛନ୍।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ

ବିନିକା,୯।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ସିନ୍ଧୁରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଓଡିଶା ଜୀବିକା ମିଶନ ପକ୍ଷରୁ ଏକ ସମନ୍ୱୟ ମେଳାର ଆୟୋଜନ ହୋଇଯାଇଛି। ଏହି ମେଳାରେ ମୋଟ ୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ୯୦ ଲକ୍ଷ ଟଙ୍କାର ଋଣ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବିନିକା ଶାଖା ତରଫରୁ ପ୍ରଦାନ କରାଯାଇଥିଲା। ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ବରଗଡର ଆଞ୍ଚଳିକ ପରିଚାଳକ ଚନ୍ଦ୍ରମଣି ବାରିକ, ଏଡିଏମ ସରୋଜ ଦାଶ, ଓଡିଶା ଜୀବିକା ମିଶନର ଡିପିଏମ ଯୁବରାଜ ସାହୁ ଓ ଏଫଆଇସି ସୋମନାଥ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଋଣ ପ୍ରଦାନ କରିଥିଲେ।

# ଆର୍ଥିକ ଜନଗଣନା ସର୍ଭେ ତାଲିମ ଶିବିର

ଉଲୁଣ୍ଡା, ୯।୮(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକ ସଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ୭ମ ଆର୍ଥିକ ଜନଗଣନା ସର୍ଭେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଏସି ଇ-ଗଭର୍ଣ୍ଣନ୍ସ ଇଣ୍ଡିଆ ଲିମିଟେଡ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା ଓ ସମନ୍ୱୟ ଅଧିକାରୀ ଗୌରହରି ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲା ସଂଯୋଜକ ଦେବାୟୁଧ ମିଶ୍ର ଓ ଜିଲା ସହ ସଂଯୋଜକ ରଜନୀ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଚୟନ ହୋଇଥିବା ବ୍ଲକର ୧୦୬ ଜଣ ଏନୁମେଟର ଓ ସୁପରଭାଇଜରଙ୍କୁ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଲିଡର ଆଦିତ୍ୟ ରଞ୍ଜନ ବ୍ରହ୍ମଚାରି, ବୀରକିଶୋର କର୍ମୀ, ସୁନ୍ଦର ମେହେର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ତାଲିମ ଗ୍ରହଣ କରୁଥିବା ଏନୁମେଟରମାନେ।



ସର୍କିଟ୍ ହାଉସରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ସୁବର୍ଣ୍ଣପୁର ଏସ୍‌ପି ।

# ଏସ୍‌ପି, ଆଇଆଇସିଙ୍କୁ ଅଭିନନ୍ଦନ ଜଣାଇଲେ ଗୃହ ରାଷ୍ଟ୍ରମନ୍ତ୍ରୀ

ସୋନପୁର,୯।୮(ନି.ପ୍ର)

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଚୟନ କରାଯାଇଥିବା ଦେଶର ୧୦ଟି ଶ୍ରେଷ୍ଠ ଥାନା ମଧ୍ୟରେ ସ୍ଥାନ ସ୍ଥାନ ପାଇଛି ସୁବର୍ଣ୍ଣପୁର ଜିଲାର ତରଭା ଥାନା। ବିଭିନ୍ନ ମାନଦଣ୍ଡକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏକ ପୋଲିସ ରିସର୍ଚ୍ଚ ସଂସ୍ଥାର ସର୍ବେକ୍ଷଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ତାଲିକାରେ ତରଭା ଥାନା ଦେଶର ବିଭିନ୍ନ ସ୍ଥାନକୁ ପଛରେ ପକାଇ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିଛି। ସର୍ବଭାରତୀୟସ୍ତରରେ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିଥିବାରୁ ତରଭା ଥାନାରେ ଅବସ୍ଥାପିତ ସମସ୍ତ ପୋଲିସ କର୍ମଚାରୀଙ୍କୁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଅଭିନନ୍ଦନ ଜଣାଇଛନ୍ତି। ମିଶ୍ର ସୁବର୍ଣ୍ଣପୁର ଗସ୍ତ କରି ସ୍ଥାନୀୟ ସର୍କିଟ୍ ହାଉସରେ ଏସ୍‌ପି ଦେବୀପ୍ରସାଦ ଦାଶ ଓ ତରଭା ଥାନା ଆଇଆଇସି ଡୋଳାମଣି ଭୋଇଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା କରିଥିଲେ ।

## ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି

ବିନିକା,୯।୮(ଡି.ଏନ୍.ଏ.): ବିନିକା ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଆଗାମୀ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକଙ୍କ ଅଧକ୍ଷତା ଓ ସାନିଟାରୀ ସୁପରଭାଜର ସନ୍ତୋଷ କୁମାର ବନଛୋରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ବୈଠକରେ ତହସିଲଦାର ଅଲେଖ ଘୁଟା, ବିଇଓ ଶଶୀଭୂଷଣ ସେଠୀ ଯୋଗଦାନ ଦେଇଥିଲେ। ପ୍ରଭାତ ଫେରୀ ସକାଳ ୮ଟା, ୯ଟାରେ ସିଦ୍ଧାର୍ଥ କଲେଜ ଖେଳ ପଡିଆରେ ଏନ୍‌ଏସି ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଅନୁଷ୍ଠିତ ହେବ। ଜାତୀୟ ପତାକା ଉତ୍ତୋଳନ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଆଜିର ବୈଠକରେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଅଶୋକ କୁମାର ପଣ୍ଡା, ଅଗ୍ନିଶମ ବିଭାଗ କର୍ମଚାରୀ ଗିରାଧାରି ଭୋସାଗର, ଶିକ୍ଷକ ନୀଳାଞ୍ଚଳ ମେହେର, ହିମାଂଶୁ ଭୂଷଣ ପଣ୍ଡା, ସତ୍ୟଜିତ୍ ତରିଆ, ଗୋପାଳ ହୋତା, ପିଇଟି ସୁଶୀଳ ବିଶ୍ୱାଳ, ବିନିକା ପୋଲିସ ଏସ୍‌ଆଇ ଟଙ୍କଧର ଛତ୍ର, ପୂର୍ବତନ କାଉନସିଲର ଧବଳେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼ଖଣ୍ଡ କଂଗ୍ରେସ ସଭାପତିଙ୍କ ଇସ୍ତଫା

ରାଞ୍ଚି,୯।୮(ଆଇଏଏନ୍‌ଏସ୍): ଝାଡ଼ଖଣ୍ଡ ପ୍ରଦେଶ କଂଗ୍ରେସ ସଭାପତି ଅଜୟ୍ କୁମାର ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପୂର୍ବତନ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ପଠାଇଦେଇଛନ୍ତି। ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ୍ ପରେ ଅଜୟ୍ ଦ୍ୱିତୀୟ ଥର ପାଇଁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

# ପୋଲ ଉପରେ ଜମି ରହୁଛି ପାଣି

ଅମରପାଲି, ୯।୮ (ଡି.ଏନ.ଏ.)

ପୋଲ ଉପରେ ଜମି ରହୁଛି ପାଣି । ଫଳରେ ଯାତାୟାତ ସମୟରେ ଅସୁବିଧା ହେଉଛି । ଏପରିକି ଉକ୍ତ ସ୍ଥାନମାନଙ୍କରେ ଖାଲ ଓ ଗାତ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଏଭଳିଆ ସ୍ଥିତି ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ଅମରପାଲି ରାସ୍ତା ମୁଷ୍ଟୁଣୀ ନିକଟସ୍ଥ ହରିହର ଯୋର ପୋଲ ଉପରେ । ଦୀର୍ଘ ବର୍ଷରୁ ତିଆରି ହୋଇଥିବା ଉକ୍ତ ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ଅଛି । ଅସରାଏ ବର୍ଷା ହେଲେ ପୋଲ ଉପରେ ପାଣି ଜମି ରହୁଛି । ସେହି ବାଟ ଦେଇ ଗାଡି ମୋଟର ଗଲା ବେଳେ ପଥଚାରୀଙ୍କ ଉପରେ ପାଣି ଛିଟିକି ପଡୁଛି। ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ମରାମତି ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି । ଉକ୍ତ ରାସ୍ତା ଏବେ ପୂର୍ତ୍ତ ବିଭାଗ ଅଧିନରେ ଅଛି । ପୋଲର ଉଭୟ ପାର୍ଶ୍ୱରେ ଖାଲ ହୋଇଥିଲେ ମଧ ତାହାର ମରାମତି କରାଯାଉ ନାହିଁ । ଉଭୟପାର୍ଶ୍ୱରେ ଖାଲଥିବାରୁ ବର୍ଷା ଛାଡିଗଲେ ମଧ ସେଠାରେ ଦୀର୍ଘ ଦିନ ପର୍ଯ୍ୟନ୍ତ ପାଣି ଜମି ରହୁଛି । ଉକ୍ତ ରାସ୍ତା ଦେଇ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ବୀରମହାରାଜପୁରସ୍ଥିତ କୋର୍ଟ କଚେରୀ, ତହସିଲ, ଥାନା ଆଦି କାର୍ଯ୍ୟାଳୟକୁ ଯିବା ଆସିବା କରନ୍ତି। ଏପରିକି ପ୍ରତିଦିନ ସ୍କୁଲ, କଲେଜ ଯିବା ପାଇଁ ଛାତ୍ରୀଛାତ୍ର ଏହି ପୋଲ ଉପରେ ଯିବା ଆସିବା କରନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ମହେଶ୍ୱର ପାଖାଙ୍କୁ ପଚାରିବାରୁ କହିଛନ୍ତି ଯେ, ପୋଲ ଉପରେ ପାଣି ନିଷ୍କାସନ କରାଯିବ ଓ ଏଠାରେ ନୂତନ ପୋଲ ମଧ କରାଯିବାର ନିଷ୍ପତ୍ତି ହୋଇଛି ।



ହରିହର ପୋଲ ଉପରେ ପାଣି ଜମି ରହିଛି ।


**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ପ୍ରକଳ୍ପ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଭାରତ ସରକାରଙ୍କର ପ୍ରାଥମିକ ଉଦ୍ୟମରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (ଶା.ଓ.ଉ.ଅ.କେ.) ନିମନ୍ତେ ନିମ୍ନସୂଚିତ ପଦବୀ ଆବଶ୍ୟକ।

| କ୍ର. ସଂ. | ପଦବୀର ନାମ | ପଦବୀ ସଂଖ୍ୟା | ମାସିକ ସମ୍ମିଳିତ ବେତନ |
|---|---|---|---|
| | ପ୍ରଶାସନିକ ପଦବୀ | | |
| ୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ୭୦,୦୦୦ |
| ୨ | କାର୍ଯ୍ୟାଳୟ ଅଧକ୍ଷ | ୦୧ | ୩୦,୦୦୦ |
| ୩ | କନିଷ୍ଠ ହିସାବ ଅଧିକାରୀ | ୦୧ | ୩୦,୦୦୦ |
| ୪ | କ୍ଲର୍କ (ଉଚ୍ଚ ବର୍ଗ) | ୦୧ | ୨୪,୦୦୦ |
| ୫ | ବହୁମୁଖୀ କାର୍ଯ୍ୟ ସହାୟକ (ଏମ୍.ଟି.ଏସ୍.) | ୦୧ | ୧୨,୦୦୦ |
| | ବିଦ୍ୟା-ଆଧାରିତ (ଏକାଡେମିକ୍) ପଦବୀ | | |
| ୬ | ବରିଷ୍ଠ ଗବେଷକ | ୦୫ | ୪୧,୦୦୦ |
| ୭ | ସହାୟକ ଗବେଷକ | ୦୫ | ୩୭,୦୦୦ |

ଆବେଦନପତ୍ର ପହଞ୍ଚିବାର ଶେଷ ତାରିଖ :- ଦୈନିକ ସମ୍ବାଦପତ୍ରଗୁଡିକରେ (ଓଡ଼ିଶାର ପ୍ରମୁଖ ଓଡ଼ିଆ ଓ ଇଂରାଜି ଦୈନିକ) ଏହି ବିଜ୍ଞାପନ ପ୍ରକାଶ ପାଇବାର ୨୧ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଆବେଦନପତ୍ର ପହଞ୍ଚିବା/ଦାଖଲ କରିବା ଆବଶ୍ୟକ। ସମ୍ପୂର୍ଣ୍ଣ ହୋଇଥିବା ଆବେଦନପତ୍ରକୁ ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମାନସଗଙ୍ଗୋତ୍ରୀ, ହୁଣସୁରୁ ରୋଡ୍, ମୈସୁର-୫୭୦୦୦୬, କର୍ଣ୍ଣାଟକ (Director, Central Institute of Indian Languages, Manasagangothri, Hunsur Road, Mysore-570006, Karnataka) ଠିକଣାରେ ଡାକରେ ପଠାଇପାରିବେ ବା ନିଜେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ତାରିଖ ପରେ ଆବେଦନପତ୍ର ପହଞ୍ଚିଲେ ବା ଦାଖଲ କଲେ ତାହା ଗ୍ରହଣଯୋଗ୍ୟ ନୁହେଁ। ଅନୁଷ୍ଠାନର ୱେବ୍‌ସାଇଟ୍ www.ciil.orgର ଘୋଷଣା (Announcement) ପୃଷ୍ଠାରେ ଆବେଦନପତ୍ର ତଥା ଏ ସମ୍ପର୍କିତ ଅଧିକ ସୂଚନା ଉପଲବ୍ଧ।

ସହାୟକ ନିର୍ଦ୍ଦେଶକ (ପ୍ରଶାସନ)
davp 21248/11/0002/1920 — କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମୈସୁର



ଦେନା ବୈଙ୍କ अब-बैंक ऑफ बड़ौदा
DENA BANK NOW-BANK OF BARODA

ବାଲେଶ୍ୱର ଶାଖା
ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧
ଫୋନ୍: ୦୬୭୮୨-୨୬୦୨୧୮, ୨୬୩୩୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) (ପରିଶିଷ୍ଟ ୪ [ରୁଲ୍ ୮(୧)])

ନିମ୍ନ ସ୍ୱାକ୍ଷରକାରୀ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) '[ଆକ୍ଟ] ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା(ମାନେ) ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା(ମାନ)ଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ଲକ୍ଷ୍ମୀ ବ୍ରିକ୍ସ ଇଣ୍ଡଷ୍ଟ୍ରିଜ୍, କାରଖାନା ଠିକଣା-** ସା: ବଣପାରିଆ, କୁରୁଡା, ଏନ୍‌ଏଚ୍-୫ ପାର୍ଶ୍ୱ, ସର୍ଭିସ୍ ରୋଡ୍, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୬, **୨) ମନ୍ମଥ କୁମାର ଦତ୍ତ, ୩) ଶ୍ରୀମତୀ ବିଜୟ ଲକ୍ଷ୍ମୀ ଦତ୍ତ, ବାସସ୍ଥାନ ଠିକଣା-** ସା: ଚାନ୍ଦମାରୀ ପଡିଆ, ପ୍ଲଟ୍ ନଂ.: ୧୬, ଶିବ ମନ୍ଦିର ନିକଟ, ସହଦେବ ଖୁଣ୍ଟା, ବାଲେଶ୍ୱର-୭୫୬୦୦୧, ଓଡ଼ିଶା | **୧) ମନ୍ମଥ କୁମାର ଦତ୍ତଙ୍କ** ନାମରେ ଥିବା ଜମି ଏବଂ କାରଖାନା ସେଡ ଯାହାର ଖାତା ନଂ.: ୩୧୫/୨୬୬, ପ୍ଲଟ୍ ନଂ.: ୧୧୧/ ୧୨୮୩ ଏବଂ ୧୧୨/୧୨୮୪, ଅନୁରୂପ ହାଲ୍ ଖାତା ନଂ.: ୩୧୫/୬୪୩, ହାଲ୍ ପ୍ଲଟ୍ ନଂ.: ୧୧୨/୧୨୮୪/୧୬୧୧ ଏବଂ ୧୧୧/୧୨୮୩/୧୬୧୦, କ୍ଷେତ୍ର: ୦.୨୦ ଏକର, ମୌଜା: ବଣପାରିଆ, କୁରୁଡା, ଜିଲ୍ଲା: ବାଲେଶ୍ୱର-୭୫୬୦୫୬, ଏହାର | ୦୪.୦୫.୨୦୧୯ / ୦୫.୦୮.୨୦୧୯ | ତା୦୪.୦୫.୨୦୧୯ ରିଖ ସୁଦ୍ଧା **ଟ.୫୩,୭୬,୩୧୦/-** + ତା୦୧.୦୩.୨୦୧୯ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୨, ଦକ୍ଷିଣ: ପ୍ଲଟ୍ ନଂ.: ୧୧୪୨, ପୂର୍ବ: ଗିରିଜା ଶଙ୍କର ଦାସଙ୍କ ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୦, **୨) ମନ୍ମଥ କୁମାର ଦତ୍ତଙ୍କ** ନାମରେ ଥିବା ବାସୋପଯୋଗୀ ଡୁପ୍ଲେକ୍ସ ୟୁନିଟ୍ ଯାହାକି "ସୁପ୍ରତିକ ଲାଇଫ୍ ଷ୍ଟାଇଲ୍"ରେ ଅବସ୍ଥିତ ଯାହାର ମୌଜା: କୁରୁଡା, ଥାନା: ସଦର, ଥାନା ନଂ.: ୧୯୬, ଜିଲ୍ଲା: ବାଲେଶ୍ୱର, ସବ୍ ପ୍ଲଟ୍ ନଂ.: ଏ/୧୫, କ୍ଷେତ୍ର: ୧୪୧୦ ବର୍ଗଫୁଟ, ମ୍ୟୁଟେସନ୍ ଖାତା ନଂ.: ୧୯୬/୮୦୬, ପ୍ଲଟ୍ ନଂ.: ୫୯/୧୫୪୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୪), ଦକ୍ଷିଣ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୬), ପୂର୍ବ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୬), ପଶ୍ଚିମ: ପ୍ରସ୍ତାବିତ ରାସ୍ତା

ସ୍ଥାନ : ବାଲେଶ୍ୱର, ତାରିଖ : ୦୯.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା



**ODISHA SUB-ORDINATE STAFF SELECTION COMMISSION**
Block No.3 & 5, Unit -1, Bhubaneswar-751009
Telephone - 0674-2597149, 2597152 (office)
Fax- 0674-2597155, Website : www.osssc.gov.in

**No.IIE-69/2018 -268 (C)/OSSSC, Date- 07.08.2019**

**NOTICE**

**Written Test for recruitment to the post of Excise Constable**

No.40-T :- In pursuance of the Advertisements No.IIE-68/2017- 910(C)/OSSSC dt. 09.10.2018, No.39(C)/OSSSC dt.11.01.2019 and IIE-69/2018-29 (C)/OSSSC dt. 10.01.2019, the Provisional List of the candidates qualified in the Physical Standard Measurement and Physical Efficiency Test held from 18.01.2019 to 31.01.2019 for the post of Excise Constable is hereby published as at Annexure-1. The candidates who appeared in the PSM & PET may visit the Commission's website: www.osssc.gov.in to see the results. The Written Test for the qualified candidates will be held at all the approved examination centres in the district headquarters on **08.09.2019 (Sunday)** from 10.00 AM onwards. The admission letters available online may be downloaded from the OSSSC Website from 24.08.2019 onwards by the qualified candidates using their User ID and Password to appear in the examination. **No hard-copy of Admission Letter will be sent to any candidate by post.**

*By order of the Commission*
Sd./- Secretary

09007/11/0001/1920



ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍ସପିଅର

## ସଂକ୍ଷେପରେ

### ପତଞ୍ଜଳି ଯୋଗ ସମିତି ପକ୍ଷରୁ ନୂତନ ତହସିଲ ଗଠନ

ବିନିକା,୯।୮(ଡି.ଏନ୍.ଏ.)
ବିନିକା ଏନ୍‌ଏସି ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଚାପଧାରୀ ହୋତାଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ହରିଦ୍ୱାରରୁ ଆସିଥିବା ଓଁ ଦେବଜୀ ମହାରାଜ ଏବଂ ରାଜ୍ୟ ସ୍ୱାଭିମାନ ପ୍ରଭାରୀ ସୁଧାଂଶୁ ଶେଖର ଅଧିକାରୀ ଉପସ୍ଥିତ ରହି ଘରେ ଘରେ ଯୋଗର ବାର୍ତ୍ତା ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ପରେ ସର୍ବସମ୍ମତି କ୍ରମେ ପତଞ୍ଜଳି ଯୋଗ ସମିତି ଦ୍ୱାରା ବିନିକାରେ ଏକ ନୂତନ ତହସିଲ ଗଠନ କରାଯାଇଥିଲା। ନୂତନ ତହସିଲରେ ନିତ୍ୟାନନ୍ଦ ପଧାନଙ୍କୁ ଯୋଗ ବିସ୍ତାର ପ୍ରଭାରୀ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ସହରାଜ୍ୟ ପ୍ରଭାରୀ ପୃଥ୍ୱିରାଜ ପଧାନ, ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର , ରାଜ୍ୟ ଯୁବ ପ୍ରଭାରୀ ମନୋଜ ପଣ୍ଡା, ଯୁବ ପ୍ରଭାରୀ ସତ୍ୟବାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଡ. ସଦାନନ୍ଦ ଅଗ୍ରୱାଲଙ୍କ ଦ୍ୱିତୀୟ ଶ୍ରାଦ୍ଧୋତ୍ସବ

# ଇତିହାସ ଭିତରେ ଓଡ଼ିଆ ଜାତିର ଅସ୍ମିତା ବଞ୍ଚିଛି

ବଲାଙ୍ଗୀର ଅଫିସ, ୯।୮

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଐତିହାସିକ ଡ. ସଦାନନ୍ଦ ଅଗ୍ରୱାଲଙ୍କ ଦ୍ୱିତୀୟ ଶ୍ରାଦ୍ଧୋତ୍ସବ ଶୁକ୍ରବାର ପାଳନ କରାଯାଇଛି । ସଦାନନ୍ଦ ଅଗ୍ରୱାଲ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଜିଲାପାଳ ଅରିନ୍ଦମ ଡାକୁଆ, ଘନଶ୍ୟାମ ଅଗ୍ରୱାଲ, ମୁଖ୍ୟବକ୍ତାଭାବେ ଡ ଶିବପ୍ରସାଦ ନନ୍ଦ ଓ ସମ୍ମାନିତ ବକ୍ତାଭାବେ ଡ ସୁଜିତ୍ କୁମାର ପୃଷେଠ୍ ଯୋଗଦାନ କରିଥିଲେ। ଐତିହାସିକ ଡ ଅଗ୍ରୱାଲଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଓଡିଶା ଇତିହାସ ଗବେଷଣା ଓ ଶିଳାଲିପି ପାଠୋଦ୍ଧାରରେ ଡ. ଅଗ୍ରୱାଲଙ୍କ ଦକ୍ଷତା ଓ ଭୂମିକାକୁ ନେଇ ଅତିଥି ବକ୍ତାମାନେ ପ୍ରଶଂସା କରିଥିଲେ। ଡ ପୃଷେଠ୍ ତାଙ୍କ ବକ୍ତବ୍ୟରେ ଡ. ଅଗ୍ରୱାଲଙ୍କ ଖାରବେଳ ବହିରେ ଓଡିଆ ଜାତିର ଅସ୍ମିତା କଥା ଲିପିବଦ୍ଧ ରହିଛି କହି ଏହା ପ୍ରତ୍ୟେକ ଓଡିଆଙ୍କୁ ଗର୍ବିତ କରିବ ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସିନେ ଅଭିନେତା ସତ୍ୟ ନାରାୟଣ ବେହେରା ଓ ନାଗରିକ କମିଟି ସାଧାରଣ ସମ୍ପାଦକ ବସ୍ତୁପ୍ରସାଦ କେଡିଆ ମଧ୍ୟ ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ଆଶିଷ ଅଗ୍ରୱାଲ ସ୍ୱାଗତ ବକ୍ତବ୍ୟ ଦେଇ ଓ ସଭାକୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ । ଶେଷରେ ବିଶ୍ୱଜିତ୍ ଦାଶ ଧନ୍ୟବାଦ ଦେଇଥିଲେ । ଏହି ସଭାରେ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।



ଡ. ସଦାନନ୍ଦ ଅଗ୍ରୱାଲ ଦ୍ୱିତୀୟ ଶ୍ରାଦ୍ଧୋତ୍ସବରେ ମଞ୍ଚାସୀନ ଅତିଥି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ତେଜି ଉଠୁଛି,**
**ହାତ ଚିକ୍କଣ ହେଉଛି ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡ଼ି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଇଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ତେଜିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ ସେହିପରି ଯିଏ ଅର୍ଥ କାରବାର କରେ, ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଇନାନୀ ବୋଲି ଗୋଟିଏ ଥିଲା**
**ଦଇବ ଦଣ୍ଡିଲା ତାକୁ,**
**ଆଣ୍ଠୁଏ ପାଣିରେ ଜପ କରୁଥିଲା**
**ପରଧନ ଖାଇବାକୁ ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୂରୀଣ। କେତକ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କେବେହେଲେ ଭୋଗ୍ୟ ହୋଇ ପାରି ନ ଥାଏ, ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଉ ନ ଥିବା ମହିଳା ନିଜ କୃତକର୍ମର ଫଳଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଝୁଲଣଯାତ୍ରା ପାଇଁ କଳସ ଯାତ୍ରା

ଗୁଡ଼ଭେଲା, ୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷରା ସହରସ୍ଥିତ ରାଧାରାଣୀ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ଝୁଲଣ ଯାତ୍ରା ପାଇଁ ଶୁକ୍ରବାର କଳସ ଯାତ୍ର କରାଯାଇଛି। ସ୍ଥାନୀୟ ସୋନଗଡ ନଦୀରୁ ପୂର୍ଣ୍ଣଜଳ କଳସ ଧରି ତୁଷରା ସହରର ମୁଖ୍ୟ ରାସ୍ତାଦେଇ ରାଧାରାଣୀ ମନ୍ଦିର ସମ୍ମୁଖ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ୧୫ ତାରିଖ ରାଧାକୃଷ୍ଣଙ୍କ ରଥଯାତ୍ରା, ୧୬ ତାରିଖ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଆୟୋଜକ କମିଟି ପକ୍ଷରୁ ପ୍ରକାଶ । କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ରୂପେଶ ଜୈନ। ବାଳକ ବାଗ, ଅଜୟ ଜୟସ୍ୱାଲ, ଗୋପାଳ ବାଗ, ଆଲୋକ ଦର୍ଜୀ, ସୁଦାମ ମାଝୀ, ଆଲୋକ ବେହେରା, ଗୋପାଳ ବାଗ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।



ଝୁଲଣ ଯାତ୍ରା ପାଇଁ ଶୁକ୍ରବାର କଳସ ଯାତ୍ର କରାଯାଉଛି।

# ବିଜୁଳି ଦର ହ୍ରାସ ପାଇଁ ଆନ୍ଦୋଳନ

ଭୁବନେଶ୍ୱର,୯।୮(ବ୍ୟୁରୋ)

ଦେଶର ରାଜଧାନୀ ତଥା ବ୍ୟୟବହୁଳ ସହରଭାବେ ପରିଚିତ ଦିଲ୍ଲୀବାସୀଙ୍କ ପାଇଁ ମାସିକ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଇଛି। ଚଳିତ ମାସ ପହିଲାରେ ସେଠାକାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଥିଲା। ହେଲେ ବିଭିନ୍ନ ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ କରୁଥିବା ରାଜ୍ୟ ଓଡ଼ିଶାର ବିଜୁଳି ଦେୟ ଅଧିକ ରହୁଛି। ତେଣୁ ଦିଲ୍ଲୀ ଯଦି ଜାତୀୟ ଗ୍ରୀଡ୍‌ରୁ ବିଦ୍ୟୁତ କ୍ରୟ କରି ସ୍ଥାନୀୟ ଅଧିବାସୀଙ୍କୁ ରିହାତି ଦେଇ ପାରୁଛି, ଓଡ଼ିଶାରେ କାହିଁକି ସମ୍ଭବ ନୁହେଁ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ତେଣୁ ଦିଲ୍ଲୀ ଦରରେ ରାଜ୍ୟବାସୀଙ୍କୁ ବିଜୁଳି ଯୋଗାଇଦେବା ପାଇଁ ଏକ ଅଭିନବ ପୋଷ୍ଟ କାର୍ଡ ଆନ୍ଦୋଳନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି।

ଶ୍ରୀକାନ୍ତଙ୍କ ସମେତ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଓ କୃଷ୍ଣଚନ୍ଦ୍ର ଶଗରିଆ, ସଙ୍ଗଠକ ଦେବୀପ୍ରସାଦ ପୃଷ୍ଟି, ଅକ୍ଷୟ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ପୋଷ୍ଟ କାର୍ଡ ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟରେ ବିଦ୍ୟୁତ ସମସ୍ୟା, ବିଭାଗୀୟ ଦୁର୍ନୀତି ସର୍ବୋପରି ବିଜୁଳି ଦର ହ୍ରାସ ନେଇ ଏକ ବୈଠକ ସ୍ଥାନୀୟ ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ଆସି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଗଲା ଚିଠି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଲୋୟର ପିଏମ୍‌ଜିସ୍ଥିତ ଡାକଘରେ ପୋଷ୍ଟକାର୍ଡ ପ୍ରେରଣ କରିଥିଲେ। ଏହା ପରେ ଗଣମାଧ୍ୟମକୁ ଶ୍ରୀକାନ୍ତ କହିଛନ୍ତି ଯେ, ଦିଲ୍ଲୀର ବିଦ୍ୟୁତ୍ ଉପଭୋକ୍ତା ୪୦୦ ୟୁନିଟ୍ ପାଇଁ ମାସକୁ ମାତ୍ର ୨୫୦ ଟଙ୍କା ଦେବେ। ହେଲେ ଓଡ଼ିଶାରେ ସମାନ ସଂଖ୍ୟକ ୟୁନିଟ୍ ଲାଗି ଉପଭୋକ୍ତା ୧୯୬୦ ଟଙ୍କା ଦେବାକୁ ବାଧ ହେଉଛନ୍ତି, ଏହା ଦିଲ୍ଲୀ ତୁଳନାରେ ୧୭୧୦ ଟଙ୍କା ଅଧିକ। ଦିଲ୍ଲୀର ମୁଣ୍ଡପିଛା ଆୟ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟଠାରୁ ପ୍ରାୟ ୧୦ ଗୁଣା ଅଧିକ। ହେଲେ ଦିଲ୍ଲୀରେ ୨୦୦ ୟୁନିଟ୍ ମାଗଣା, ଓଡ଼ିଶାରେ ନାହିଁ ନ ଥିବା ଦାମ୍ କାହିଁକି ବୋଲି କହି ଶ୍ରୀକାନ୍ତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ,ରାଜ୍ୟରେ ଶୂନ୍‌ରୁ ୫୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ୍ ପିଛା ୨.୫୦ ଟଙ୍କା, ୫୦-୧୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୪.୩୦, ୧୫୦-୨୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୫.୩୦ ଏବଂ ୨୦୦ରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ପାଇଁ ୟୁନିଟ୍ ପିଛା ୫ ଟଙ୍କା ୭୦ ପଇସା ଦେବାକୁ ପଡୁଛି।

# ସବୁଜ ପତ୍ରିକାଧାରୀଙ୍କ ସଂଖ୍ୟା ଗଣତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୯।୮(ବ୍ୟୁରୋ)

ରାଜ୍ୟରେ କେତେ ସବୁଜ ପତ୍ରିକାଧାରୀ ରହିଛନ୍ତି ସେମାନଙ୍କ ସଂଖ୍ୟା ଗଣତି ଆରମ୍ଭ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ସରକାରଙ୍କ ନିକଟରେ ସବୁଜ ପତ୍ରିକାଧାରୀଙ୍କ ସମ୍ପର୍କରେ ସେଭଳି କୌଣସି ତଥ୍ୟ ନ ଥିବା ଜଣାପଡିଛି। ଏବେ ତଥ୍ୟ ସଂଗ୍ରହ କରିବା ପରେ ସେମାନଙ୍କ ପାଇଁ ରାଜ୍ୟ ସରକାର କିଛି ଘୋଷଣା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଗତ ନିର୍ବାଚନ ପୂର୍ବରୁ ସବୁଜ ପତ୍ରିକାଧାରୀଙ୍କ ପକ୍ଷରୁ ବିଭିନ୍ନ ଦାବି ତଥା ଶିକ୍ଷା ଏବଂ ସରକାରୀ ଚାକିରି କ୍ଷେତ୍ରରେ ସୁବିଧା ଦେବା ପାଇଁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ସଂଘଗୁଡିକର ଦାବି ସମ୍ପର୍କରେ ଆଲୋଚନା କରିବାକୁ ମନ୍ତ୍ରୀ ସ୍ତରୀୟ କମିଟି ଗଠନ ମଧ୍ୟ କରାଯାଇଥିଲା। ସେତେବେଳେ ଉକ୍ତ କମିଟି ସହ ସଂଘ ସଦସ୍ୟମାନେ ଆଲୋଚନା କରିଥିଲେ। ବର୍ତ୍ତମାନ ଦାବି ପୂରଣ ପୂର୍ବରୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ସଂଖ୍ୟା ଗଣନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଣାପଡିଛି।

### ବିଶ୍ୱନାଥପୁର ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ : ନିୟମଗିରି ବେଦାନ୍ତ ନଗର, ଚନ୍ଦନପୁର ବିଜୟୀ

ଲାଞ୍ଜିଗଡ଼,୯।୮(ଡି.ଏନ.ଏ.)

ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ହାଇସ୍କୁଲ ପଡିଆଠାରେ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ନିୟମଗିରି ବେଦାନ୍ତ ନଗର ଓ ନଙ୍ଗଲବେଡା ଦଳ ପରସ୍ପରକୁ ଭେଟିଥିଲେ। ଟାଇବ୍ରେକର ଜରିଆରେ ନିୟମଗିରି ବେଦାନ୍ତ ନଗର ଦଳ ବିଜୟୀ ହୋଇଥିଲା। ସେହିପରି ଚନ୍ଦନପୁର ଓ ଚମ୍ପାଦେଇପୁର ଦଳ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ପ୍ରଥମରୁ ଏକତରଫା ଭାବେ ଚନ୍ଦନପୁର ଦଳ ୫-୦ ଗୋଲରେ ବିଜୟ ଲାଭ କରିଥିଲା। ମ୍ୟାଚରେ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ ଘଡେଇ, ବରିଷ୍ଠ ନାଗରିକ ରଘୁବୀର ନାଗ, ଗଗନବିହାରୀ ସାମଲ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ବିଶ୍ୱନାଥ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। କିଶୋର ଘଡେଇ, ସୁନୀଲ ଓ ଫାଲଗୁନୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଧବଳେଶ୍ୱର ଠେଲା ଓ ଦୈତାରୀ ଘଡେଇ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ ଫକୀର ମୋହନ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିବାବେଳେ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ସାମାଜିକ କର୍ମୀ ପ୍ରଦୀପ ଘଡେଇ, ବିଶ୍ୱନାଥ ଘଡେଇ, ହରିହର କୁମାର ପ୍ରମୁଖ ଯୋଗଦେଇଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

REAL ESTATE SALE

URGENT SALE
3 BHK Flats at "Mani Tribhuvan" located on Nandan Kanan Road, Raghunathpur, Bhubaneswar.
Please contact us at
9748761763
gcoopersestate@gmail.com

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍ୱର୍ଥ



## ସଂକ୍ଷେପରେ



### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବରଗଡ଼ ଅଫିସ୍,୯।୮

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କତାବଗା ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଶକ୍ତି ନଗରରେ ରହୁଥିବା ଧର୍ମପ୍ରାଣା ମହିଳା ଅସର୍ପି ମିଶ୍ର(୯୦)ଙ୍କ ଗୁରୁବାର ରାତ୍ରିରେ ପରଲୋକ ହୋଇଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ସ୍ୱର୍ଗତା ମିଶ୍ର ଅତାବିରା ବ୍ଲକ ଜହ୍ନାପଡ଼ା ପଞ୍ଚାୟତ ବରାହମୁଣ୍ଡା ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମିଶ୍ରଙ୍କ ମା' ଅଟନ୍ତି । ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି । ବରଗଡ଼ ଜିରାନଦୀ କୂଳ ସ୍ୱର୍ଗଦ୍ୱାରରେ ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ଶବଦାହ କରାଯାଇଛି । ଏହି ସମୟରେ ବରଗଡ଼, ଲୁପୁରସିଂହା, କତାବଗା, ସିନ୍ଦୁରବାହାଲ ଗ୍ରାମର ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ ।







ବିଶ୍ୱ ଆଦିବାସୀ ଦିବସରେ ବିଶି କଲୋନୀରେ ଶୋଭାଯାତ୍ରା (ବାମ)। ବରଗଡ଼ ବିଧାୟକ ବକ୍ତବ୍ୟ ରଖୁଛନ୍ତି ।

# ଆଦିବାସୀଙ୍କ ସୁରକ୍ଷାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୯।୮

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି । ସଂଘ ସଭାପତି କୁଞ୍ଜବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କଲାପାଣି କଲେଜର ଅଧ୍ୟକ୍ଷ ମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦିବାସୀମାନଙ୍କ କର୍ମସଂସ୍ଥାନ, ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ଏବଂ ବିଜେପୁର ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ଆଚାର୍ଯ୍ୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଭାରତୀ ବରିହା ଓ ସନ୍ତୋଷିନୀ ବରିହା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରବିଚନ୍ଦ୍ର ବୁଢ଼େକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚତୁର୍ଭୁଜ ଭୋଇ, ସହଦେବ ଜାଲ, ହେମସାଗର ବିଶ୍ୱାଳ, ସଦାନନ୍ଦ ଭୋଇ, ବିଶ୍ୱମ୍ଭର ଭୋଇ, ମନୋରଞ୍ଜନ ଭୋଇ, ଅରକ୍ଷିତ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଲକ୍ଷ୍ମୀନାରାୟଣ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ଜିଲା ଆଦିବାସୀ କଲ୍ୟାଣ ସଂଘ, ବରଗଡ଼ ନାମରେ ନାମିତ ଅନ୍ୟ ଏକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ବିଶି କଲୋନୀରେ ପୃଥକ ଭାବେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା କରାଯାଇଥିଲା। ଜିଲା ସଭାପତି ପାଣ୍ଡବ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର କର୍ମକର୍ତ୍ତା ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ବରଗଡ଼ ବ୍ଲକ ସଭାପତି ଦୁର୍ଯ୍ୟୋନ ସିଂ ବରିହା, ଭୂଷଣ ବିଶ୍ୱାଳ, ମୀନକେତନ ଧରୁଆ, ଗୋବିନ୍ଦ ବରିହା, ଶଶୀଭୂଷଣ ବରିହା, ମାଖନୁ ବରିହା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିବାବେଳେ ସଂଘର କର୍ମକର୍ତ୍ତାମାନେ ଆଦିବାସୀଙ୍କ ସାମାଜିକ ଚଳଣୀ, ସୁରକ୍ଷା, ପରମ୍ପରା ଉପରେ ଆଲୋକପାତ କରିଥିଲେ । ସଞ୍ଜୟ ଜରଜରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ବନ୍ଧପାଲି ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ

ବରପାଲି, ୯।୮ (ଡି.ଏନ.ଏ)

ବରପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ପଞ୍ଚାୟତର ମୁଖ୍ୟ ରାସ୍ତା ଅବସ୍ଥା ବେହାଲ ହୋଇପଡିଛି । ଏହି ରାସ୍ତା କଡରେ ପ୍ରାଥମିକ ସ୍କୁଲ ଥିବା ବେଳେ ସାପ୍ତାହିକ ହାଟ ମଧ ବସିଥାଏ । ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଜମି ରହିଥିବାରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମରଣଯନ୍ତା ପାଲଟିଛି । ଲୋକମାନେ ଯିବା ଆସିବାରେ ଦୁର୍ଦ୍ଦଶା ଭୋଗୁଛନ୍ତି । ଫଳରେ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଉଚ୍ଛାଶକ୍ତିର ଅଭାବ ଯୋଗୁ ଏହି ରାସ୍ତା ଅବସ୍ଥା ସୁଧୁରି ପାରୁନାହିଁ ଅଭିଯୋଗ ହେଉଛି । ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ଗ୍ରାମର ଭାଗିରଥି ବିଭାର, କିଶୋର ମେହେର ପ୍ରମୁଖ ଦାବି କରିଛନ୍ତି ।



ସ୍କୁଲ ସମ୍ମୁଖ ରାସ୍ତା ପାଣିକାଦୁଅରେ ବେହାଲ ହୋଇପଡ଼ିଛି ।

■ ବିଜାଡିହି ସେବାଶ୍ରମ ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

ପାଇକମାଳ/ପଦ୍ମପୁର, ୯।୮ (ଡି.ଏନ.ଏ)



ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଗେଟ୍‌ରେ ତାଲା ପକାଇ ଦେଇଛନ୍ତି ।

■ ୧୮୦ ପିଲାଙ୍କ ପାଇଁ ୩ ଶିକ୍ଷକ

■ ପାଠପଢ଼ା ବ୍ୟାହତ

ବରଗଡ ଜିଲା ପାଇକମାଳ ବ୍ଲକ ଅଧୀନ କେରମେଲାବାହାଲ ପଞ୍ଚାୟତର ବିଜାଡିହି ସେବାଶ୍ରମ ସ୍କୁଲରେ ଶିକ୍ଷକ ଅଭାବ ସହିତ ଶ୍ରେଣୀ କୋଠରି ମରାମତି ଦାବିରେ ଶୁକ୍ରବାର ଗ୍ରାମବାସୀ ଓ ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ର ସ୍କୁଲ ଭିତରକୁ ଯାଇ ନ ପାରି ବାହାରେ ବସିରହିଥିଲେ । ଖବର ପାଇ ପଦ୍ମପୁର ସହକାରୀ ମଙ୍ଗଳ ଅଧିକାରୀ ଚୈତନ୍ୟ ମାଝୀ ବିଜାଡିହି ସେବାଶ୍ରମ ସ୍କୁଲରେ ପହଞ୍ଚି ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଶନିବାର ଉକ୍ତ ସ୍କୁଲରେ ଜଣେ ଶିକ୍ଷକ ଯୋଗ ଦେବେ । ଆସନ୍ତା ୧୫ ଦିନ ଭିତରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲାଯାଇଥିଲା ।

୧୯୫୫ ମସିହାରେ ସ୍ଥାପିତ ଏହି ସ୍କୁଲରେ ମୋଟ ୧୮୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି । ଆହୁରି ୨ଜଣ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ତଥା ସ୍କୁଲ କମିଟିର ସଦସ୍ୟମାନେ ଗତ ୬ମାସ ହେବ ବିଭିନ୍ନ ସମୟରେ ଉପଜିଲାପାଳ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ତଥାପି ସମସ୍ୟାର ସମାଧାନ ନ ହେବାରୁ ବାଧ ହୋଇ ଗ୍ରାମବାସୀ ସ୍କୁଲ ଗେଟରେ ତାଲା ପକାଇଥିଲେ। ଏ ସମ୍ପର୍କରେ ସ୍କୁଲ କମିଟି ଅଧ୍ୟକ୍ଷ ସୌକିଲାଲ ନେଗୀ କୁହନ୍ତି, ଶିକ୍ଷକ ଅଭାବରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି । ସାମାନ୍ୟ ବର୍ଷାରେ ଛାତରୁ ପାଣି ଗଳୁଛି । ଏ ସମ୍ପର୍କରେ ପ୍ରଶାସନ କିଛି ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ନେଗୀ କହିଥିଲେ । ସେହିପରି ଶିକ୍ଷକ ଅଭାବ ଓ କୋଠରୀ ସମସ୍ୟା ଲାଗି ରହୁଥିବା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ସା କହିଥିଲେ ।

### ଦାଦନ ଦୂରୀକରଣକୁ ଶ୍ରମ ସଚିବଙ୍କ ଗୁରୁତ୍ୱ

ବରଗଡ଼ ଅଫିସ୍,୯।୮

ବରଗଡ଼ ଜିଲାରେ ଦାଦନ ସମସ୍ୟା ବଢ଼ିବାରେ ଲାଗିଛି । ଜିଲା ତଥା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ଯାତିତ ହେବା ସାଧାରଣରେ ପରିଣତ ହୋଇଗଲାଣି। ଶୁକ୍ରବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରମ ସଚିବ ନିରଞ୍ଜନ ସାହୁ ଜିଲାର ଦାଦନ ସମସ୍ୟାର ପ୍ରତିକାର ତଥା ଏହାର ଦୂରୀକରଣ ଦିଗରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଦାଦନ ଶ୍ରମିକଙ୍କୁ ଉଦ୍ଧାର, ସେମାନଙ୍କ ଥଇଥାନ ସାଙ୍ଗକୁ କର୍ମନିଯୁକ୍ତି ଯୋଗାଣ, ଦାଦନ ଖଟିବାକୁ ଯିବା ସମୟରେ ପଞ୍ଜୀକରଣ ଦିଗରେ ପଦକ୍ଷେପ ନେବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହା ସହିତ ପଶୁପାଳନ, ଏମଜିଏନଆରଇଜିଏସ୍‌ରେ କାମ ଯୋଗାଇବା, ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ସହିତ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବା ସହିତ ସେ ନେଇ ବିହିତ ପଦକ୍ଷେପ ନେବାକୁ ଶ୍ରମ ସଚିବ ସାହୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଶ୍ରମ ବିଭାଗର ଯୁଗ୍ମ ସଚିବ ଏଚ୍. ଲୁଗୁନ ଦାଦନ ଦୂରୀକରଣ ଉପରେ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ଜିଲା ଶ୍ରମ ନିରୀକ୍ଷକ ଶତ୍ରୁଜିତ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଓରମାସ୍‌ର ମୁଖ୍ୟ ନିର୍ବାହୀ ରାଜଗୋପାଳ ଦାଶ ଏବଂ ଜିଲାର ବିଡିଓମାନେ ଉପସ୍ଥିତ ଥିଲେ ।

ମୁଗ୍‌ଫଳି ଫସଲରେ ରୋଗ୍‌ପୋକ ଘଟନା

# ଚାଷୀଙ୍କୁ ସବ୍‌ସିଡିରେ ଦିଆଯିବା ଉଷୋକଷା

ବିଜେପୁର, ୯।୮ (ଡି.ଏନ୍.ଏ.)

■ କନ୍‌ଡ଼ିହି ଗାଁ ପରିଦର୍‌ଶନ କଲେ କୃଷି ଅଧିକାରୀ

■ ଜୈବିକ ଚାଷ୍‌କେ ଦିଆଯିବା ପୋର୍‌ଛାହନ୍

■ ହପ୍‌ତାକ ଦିନେ ଭିଏଡବ୍ଲୁ ପରିଦରଶନରେ ଆଏବେ



କୃଷି ଅଧିକାରୀମାନେ କନ୍‌ଡିହିରେ ମୁଗ୍‌ଫଳି ଫସଲ ବୁଲି ଦେଖୁଛନ୍।

ବରଗଡ ଜିଲା ବିଜେପୁର ଅଂଚଲ୍‌ରେ ମୁଗ୍‌ଫଳି ଫସଲରେ ରୋଗ୍‌ପୋକ୍ ଲାଗି ଚାଷୀ ଅଥାଥାଲି ହେଇଯାଉଥିଲେ। ଯେତେ ଉଷୋକଷା ଝିଁଚ୍‌ଲେ ବି କାମ୍ ନାଇଁ କରୁଥିବାର ଅଭିଯୋଗ୍ ହେଇଥିଲା। ଇ ବାବ୍‌ଦେ ଗଲା ବୁଧବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ମୁଗ୍‌ଫଳି ଫସଲରେ ରୋଗ୍‌ପୋକ: କାମ୍ ନାଇଁଦେବାର ଉଷୋ, ଚିନ୍‌ତାରେ ଚାଷୀ' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଘଟନାକେ ଗୁରୁତ୍ ଦେଇଥିଲା କୃଷି ବିଭାଗ। ଶୁକୁର୍‌ବାର ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀକଁର ମଂଗୁଆଲଥି ଥାନୀୟ କୃଷି ବିଭାଗର ଅଧିକାରୀମାନେ ଟି. ଗଣ୍ଡପାଲିର କନ୍‌ଡ଼ିହି ଗାଁକେ ପରିଦରଶନରେ ଯାଇଥିଲେ। ମୁଗ୍‌ଫଳି ଫସଲରେ ଲାଖିପୋକ ଲାଗିଥିବା କୃଷି ଅଧିକାରୀମାନେ ଦେଖିବାକେ ପାଇଥିଲେ। ସବ୍‌ସିଡିରେ ଅଧା ଦାମ୍‌ଥି ଉଷୋକଷା ଯୁଗେଇ ଦିଆଯିବା। ହପ୍‌ତାକ ଦିନେ ଲେଖାଁ ଗାଁକେ ଭିଏଡବ୍ଲୁ ବୁଲି ଆସି ଚାଷୀମାନକୁ ଚାଷବାସ୍ ଉପରେ ପରାମଶ୍ ଦେବେ। ଇ ଗାଁରେ ବନିହା ଚାଷୀ ପନିପରିବା ଫସଲ କରି ପେଟ ପାଲୁଛନ୍। ସେଥିରଲାଗି ବିନା ପଏସାରେ ଜୈବିକ୍ ଚାଷ୍ କରବାକେ ଚାଷୀ ଭାଇମାନକୁଁ ସବୁ ପରକାର ସୁବିଧା ଯୁଗେଇ ଦିଆଯିବା। କମିହା ଚାଷୀକୁଁ କୃଷି ତାଲିମ ଶିବିରମାନକୁ ନିଉତା ଦିଆଯିବା। ସରକାରକଁର ଭିନେ ଭିନେ ଯୋଜନାରେ ଚାଷୀ ଭାଇମାନକୁ ସାମିଲ କରାଯିବାର ଦିଗେ ବେବସ୍‌ତା କରାଯିବା ବଲି ବିଭାଗୀୟ କୃଷି ଅଧିକାରୀମାନେ କଥା ଦେଇଥିବାର ଜନାଯାଇଛେ। ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ପଟେଲ, କଳ୍ପନା ପ୍ରଧାନ, ଭିଏଡବ୍ଲୁ ଏସ. ସେଠ୍, ବୀରେନ୍ଦ୍ର ପାଣି ପରମୁଖ୍ କୃଷି କରମ୍‌ଚାରୀ ପରିଦରଶନ୍ କରିଥିଲେ। ଗାଁରେ ଧାନ୍‌ନୁଁ ପନିପରିବା ଫସଲ ଅଏତ୍‌କା ହେଉଛେ। ହେଲେ ଉଦ୍ୟାନ ବିଭାଗର ଅଧିକାରୀ କି କରମ୍‌ଚାରୀ ଗାଁକେ କେଭେ ନାଇଁ ଆଏବାର। ଯେନ୍‌ଥିରଲାଗି ଉନ୍‌ନତ କୃଷି ପ୍ରଣାଳୀର ଗିଆନ୍ କଉଶଲ ପାଏବାରୁ ଚାଷୀମାନେ ବଁଚିତ୍ ହେଉଥିବାର ଅଭିଯୋଗ କରିଥିଲେ। ବିଜୟ ସାହୁ, ସୁଶାନ୍ତ ପଟେଲ, ମନବୋଧ ମଲ୍ଲିକ୍, ଶେଷଦେବ ସାହୁ, ପିଛାଲୁ ସାହୁ, ଅମର ପଟେଲ, ଉଦ୍ଧବ ଭୋଇ, ଛବିଳ ସାହୁ ପରମୁଖ ଚାଷୀ ବିଭାଗୀୟ କୃଷି ଅଧିକାରୀକଁର ସଂଗେ ଆଲୋଚନା କରିଥିଲେ।

ଧରିତ୍ରୀ ପ୍ରଭାବ

# ନାଟକରେ ବନ୍ୟା ଆଶ୍ରୟସ୍ଥଳୀ ସୁରକ୍ଷା

ଗଣ୍ଡତୁରୁମ, ୯।୮ (ଡି.ଏନ.ଏ)

ଭେଡେନ ବ୍ଲକ ଗଣ୍ଡତୁରୁମ ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀର ସୁରକ୍ଷା ପାଇଁ ଶୁକ୍ରବାର ନାଟକ ମାଧ୍ୟମରେ ସଚେତନତା କରାଯାଇଛି । ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ପୋପେଟ ସଙ୍ଗଠନର କଳାକାରମାନେ ନାଟକ ମଞ୍ଚସ୍ଥ କରି ଏହାର ସୁରକ୍ଷା ଦିଗରେ ଲୋକଙ୍କୁ ବୁଝାଇଥିଲେ । ଏଥିରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ଜରୁରୀକାଳୀନ ଅତିରିକ୍ତ ଜିଲାପାଳ ମମତା ପଧାନ, ଜରୁରୀକାଳୀନ ଅଧିକାରୀ ରାକେଶ ନାଏକ, ଭେଡେନ ତହସିଲଦାର ସୀମା ସୁନୀତା କୁଲୁ, ସୁପରଭାଇଜର ରାମନାରାୟଣ ସେଟ, ଅଶୋକ ନାଏକ, ପରିଚାଳନା କମିଟି ସମ୍ପାଦକ ସୁରଥ ସାହୁ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।

# ଦଳିତ ଅତ୍ୟାଚାର ବିରୋଧରେ ବିକ୍ଷୋଭ

ବରଗଡ଼ ଅଫିସ୍,୯।୮




ଦଳିତ ସମାଜ ସଙ୍ଗଠନ ସମନ୍ୱିତ କ୍ରିୟାନୁଷ୍ଠାନ କମିଟିର ବିକ୍ଷୋଭ ଶୋଭାଯାତ୍ରା ।

ବରଗଡ଼ ଜିଲାରେ ଦଳିତ ବର୍ଗର ଲୋକଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଥିବା ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା ଦଳିତ ସମାଜ ସଂଗଠନ ସମନ୍ୱିତ କ୍ରିୟାନୁଷ୍ଠାନ କମିଟି ଏକ ଶୋଭାଯାତ୍ରାରେ ଆସି ବରଗଡ଼ ଜିଲାପାଳ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହା ସହିତ ବିଭିନ୍ନ ଦାବି ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ କମିଟି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସ୍ମାରକପତ୍ରରେ ଭଟଲି ଥାନା ଅନ୍ତର୍ଗତ ରାଉତପଡ଼ା ଗ୍ରାମରେ ମହିଳା ସରପଞ୍ଚଙ୍କ ସମେତ ଅନ୍ୟମାନଙ୍କ ଉପରେ ହୋଇଥିବା ଆକ୍ରମଣ, ମେଲଛାମୁଣ୍ଡା ଥାନା ଅମ୍ବାମୁଣ୍ଡା ଗ୍ରାମର ଉଦୟ ତାଣ୍ଡି ହତ୍ୟା ମାମଲା, ଅତାବିରା କଲେଜର ଅଧ୍ୟାପକ ମଦନ ମେହେର ଏବଂ ମେଲଛାମୁଣ୍ଡା ଥାନା ଅଞ୍ଚଳରେ ଜଣେ ଶିକ୍ଷୟିତ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି । ସେହିପରି ବରଗଡ଼ ସଦର ଥାନାର ପୂର୍ବତନ ଆଇଆଇସି କଲ୍ୟାଣୀ ବେହେରା ଓ ଓକିଲ ସଂଘର ବିବାଦକୁ ନେଇ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସ୍ମାରକପତ୍ରରେ ଦାବି ହୋଇଛି । ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନବେଳେ କମିଟିର ଆବାହକ ନାରାୟଣ ଭେସ୍ରା, ରାଜୁ ନନ୍ଦ, ସୋନୁ ବାଘ, ଦୁର୍ଯ୍ୟୋଧନ ସୁନା, ଅଶୋକ ଲୁହା, ଶତ୍ରୁଘ୍ନ ମହାନନ୍ଦ, ଡିଲେଶ୍ୱର ବାଗ, ସନାତନ ସୁନା, ଜ୍ୟୋସ୍ନା ମହାନନ୍ଦ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ବହୁ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ମୂର୍ତ୍ତି ଲାଗି ମାଏଟ୍ ଅଭାବ, ଚିନ୍‌ତାରେ କାରିଗର

ଜାମଟିକ୍ରା, ୯।୮ (ଡି.ଏନ୍.ଏ.):



ଝନେ ଥାନୀୟ କାରିଗର ମୂର୍ତ୍ତି ତିଆରିରେ ବାଇ ଅଛନ୍।

ଏହେଦ୍‌କା ଶରାବନ୍ ମାସର ତୁରତୀଅ ହପ୍‌ତା ଚାଲିଛେ। ଇତାର ପରେ ଭୁଦୋ ମାସ ଆରମ୍‌ରୁ ପରବ୍ ପରବାନୀ ଆରମ୍ ହେଇଯିବା। ଭୁଦୋରେ ଗଣେଶ ପୂଜାନୁ ଆରମ୍ କରି ବିଶ୍ୱକର୍ମା, ଖୁଦୁରୁକୁନୀ, ଦଶହରା, କାଳୀପୂଜା ଆର ଗୋବର୍ଦ୍ଧନ ପୂଜା ହେବା। କାରିଗରମାନେ ଅତାବିରା, ଚକୁଲିଫାର୍ମ, ଗୋଡ଼ଭଗା, କାଦୋବାହାଲ, ରେଙ୍ଗାଲି କ୍ୟାମ୍ପ, ପାହାଡ଼ଶ୍ରୀଗିଡ଼ା, ଲରମ୍ବା ଆଦି ଜାଗାରେ ଜୋରସୋରରେ ମୂର୍ତ୍ତି ତିଆରି କାମ୍ ଚଲେଇଛେନ୍। ଇତାକେ ବୁରତି ହିସାବେ ଧରିଥିବାର କାରିଗରମାନେ ମୂର୍ତ୍ତି ତିଆର କରୁଥିଲେ ବି ଇଥିରଲାଗି ଦରକାର ପଡୁଥିବାର ସାଜୋସାମାନର ଦରଦାମ୍ ବଢ଼ିଗଲାନ। ଯେନ୍‌ଥିରଲାଗି ପରିଶ୍ରମ ହିସାବେ ଦାମ୍ ନାଇଁ ମିଳବାର ବଲି କାରିଗରମାନେ କହିଛନ୍। ସବୁଥିରୁ ବଡ଼ ଅସବିଧା ହେଲା ମୂର୍ତ୍ତି ତିଆରି ଲାଗି ଦରକାର ପଡୁଥିବାର ମାଏଟ୍ ନାଇଁ ମିଳବାର। ଅଂଚଲରେ ଲୋକ୍ ସଂଖ୍ୟା ବଢ଼ବାର ସଂଗେ ଖେତ୍, ନଏଦ୍ ଖଁଡ଼ିମାନ୍‌କେ ଘରଦୁଆର ହେଇଗଲାନ। ଯେନ୍‌ଥିରଲାଗି ଆଘର ଲେଖେଁ ସୁବିଧାରେ ମାଏଟ୍ ନାଇଁ ମିଳବାର। ଆଏଜ୍‌କାଲି ଗୁଟେ ଟ୍ରିପ୍ ମାଏଟ୍ ଆନ୍‌ଲେ ୧୫ଶହରୁ ୨ ହଜାର ଟଁକା ତକ୍ ପଡୁଛେ ବଲି ମୂର୍ତ୍ତି କାରିଗର ନିତ୍ୟାନନ୍ଦ ରଣା କହିଛନ୍। ସେନ୍‌ତା ନଡ଼ା ୧୫୦ ଟଁକା ହେଇଥିଲାବେଲେ ବାଉଁଶ ଗୁଟାକ ୧ଶହରୁ ୧୫୦ ଟଁକା ତକ୍ ପଡୁଛେ। ରଂଗ, ତୂଳୀର ଦାମ୍ ବି ବଢ଼ିଗଲାନ। ସେଥିରଲାଗି ମୂର୍ତ୍ତିର ଦାମ୍ ବି ବଢୁଛେ। ୪ରୁ ୫ ଫୁଟ ଉଚା ମୂର୍ତ୍ତି ୪ରୁ ୫ ହଜାର ଟଁକାରେ ନାଇଁ ବିକ୍‌ଲେ କ୍ଷତି ହେଉଛେ। ହେଲେ ଇ ଦାମ୍‌ରେ ମୂର୍ତ୍ତି ବିକ୍‌ଲେ ଗରାଖ ବି ଅସନ୍‌ତୋଷ ହେଉଛନ୍। ଗଲା ୨୦ ବଛର ହେଲା ଥୁଆପାଲି ଅଂଚଲରେ ମୂର୍ତ୍ତି ତିଆର କରି ଆସୁଥିବାର ରାମ ଛତ୍ରିଆ ଚଲତି ବଛର ୧୦ ଦିନ୍ ହେଲା ମୂର୍ତ୍ତି ତିଆରି କାମ୍ ମୂଳ କରିଛନ୍। ଏହେଦେ ଗଣେଶ, ବିଶ୍ୱକର୍ମା ଆର ଖୁଦୁରୁକୁଣୀ ମୂର୍ତ୍ତି ତିଆର କରୁଥିଲାବେଲେ ଝନେ ଦୁଇଝନ୍ କାରିଗର ତାହାକୁ ସହଯୋଗ କରୁଥିବାର ସେ କହିଛନ୍। ପରବ୍ ପରବାନୀ ସମିଆରେ ମୂର୍ତ୍ତି ତିଆରି ଲାଗି ସରକାର କାରିଗରମାନକୁ ମାହାଲିଆ ଜାଗା ଯୁଗେଇ ଦେଲେ ହୁଏତ କାରିଗରମାନେ ଉପ୍‌କାର ପାଏତେ। ଇ କଳା ଉପରେ କାରିଗରମାନକର ଆରଟିକେ ରୁଚି ବଢ଼ତା ବଲି ଅନେକ କାରିଗର କହିଛନ୍।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୦ ଅଗଷ୍ଟ, ୨୦୧୯



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଯୋଗୀନ୍ଦ୍ରପୁରରେ ବିଶ୍ୱ ଆଦିବାସୀ ଦିବସ

ମନମୁଣ୍ଡା, ୯।୮ (ଡି.ଏନ.ଏ)

ଯୋଗୀନ୍ଦ୍ରପୁର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଭାଗ୍ୟଧର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶ୍ରୀକାନ୍ତ ଭୋଇ ମୁଖ୍ୟଅତିଥି, ପ୍ରହଲ୍ଲାଦ ଭୋଇ ମୁଖ୍ୟବକ୍ତା, ବିଦ୍ୟାଧର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଧୁନିକ ଯୁଗରେ ଆଦିବାସୀମାନେ ସେମାନଙ୍କ ନୀତି, ନିୟମରୁ ବିଚ୍ୟୁତ ହୋଇ ନ ଥିବା ଓ ପରମ୍ପରାକୁ ବଜାୟ ରଖିଥିବା ନେଇ ସଭାରେ ଖୁସି ପ୍ରକଟ ପାଇଥିଲା । ଆଦିବାସୀମାନଙ୍କ ପୂର୍ବ ପରମ୍ପରା, ନୀତି ନିୟମ, ଚାଲିଚଳଣୀ, ବେଶଭୂଷା, ଆଚାର ବ୍ୟବହାର, ଶିଷ୍ଟାଚାର ଆଦି ଉପରେ ଅତିଥିମାନେ ଆଲୋଚନା କରିଥିଲେ। ମୃତ୍ୟୁଞ୍ଜୟ ଭୋଇ, ଗୋପାଳ ଭୋଇ, ରାମଚନ୍ଦ୍ର ଭୋଇ, ରାଜେନ୍ଦ୍ର ଭୋଇ, ରୋହିତ ଭୋଇ, ଅମିତ ଭୋଇ, ମିଥୁନ ଭୋଇ, ଯୋଗେଶ୍ୱର ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଧର୍ମେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ, ବାଇପାସ ରାସ୍ତା ନିର୍ମାଣ ଦାବି

# ଆନ୍ଦୋଳନକୁ ଓହ୍ଲାଇବ ନାଗରିକ କମିଟି

ବୌଦ୍ଧ,୯।୮(ସ୍ୱ.ପ୍ର)

ଦୀର୍ଘ ଛଅ ବର୍ଷର ନିରବତା ପରେ ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ବୌଦ୍ଧ ନାଗରିକ କମିଟି ପୁଣି ଥରେ ସକ୍ରିୟ ହୋଇଛି । ଆବାହକ ବିଶେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ଜଗନ୍ନାଥ ମନ୍ଦିରଠାରେ ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ଜିଲାବାସୀଙ୍କ ପାଇଁ ବହୁ ପ୍ରତିକ୍ଷିତ ଖୋର୍ଦ୍ଧା ବଲାଙ୍ଗୀର ରେଳପ୍ରକଳ୍ପ ଓ ବୌଦ୍ଧ ବାଇପାସ ନିର୍ମାଣ କାର୍ଯ୍ୟରେ ମନ୍ଥରତା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବଲାଙ୍ଗୀର ପଟୁ ସୁବର୍ଣ୍ଣପୁର ଓ ଖୋର୍ଦ୍ଧା ପଟୁ ଦଶପଲା ପର୍ଯ୍ୟନ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ତେବେ ଏହି ପ୍ରକଳ୍ପର ସର୍ବାଧିକ ରେଳପଥ ନିର୍ମାଣ ହେବାକୁ ଥିବା ବୌଦ୍ଧ ଜିଲାରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ନାଗରିକ କମିଟିର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ରେଳ ପ୍ରକଳ୍ପ ପାଇଁ କର୍ମଚାରୀ ନିଯୁକ୍ତି, ଜମି ଅଧିଗ୍ରହଣ ଓ ବିଭିନ୍ନ ସର୍ଭେ ଆଳରେ ସମୟ ଗଡାଇ ଚାଲିଥିବାବେଳେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନ ଖର୍ଚ୍ଚ ହୋଇ ନ ପାରି ଫେରି ଯାଉଥିବା ଅଭିଯୋଗ କରାଯାଇଛି ।



ବୌଦ୍ଧ ନାଗରିକ କମିଟି ବୈଠକ।

ସୂଚନା ମୁତାବକ, ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ବୌଦ୍ଧ ଜିଲାରେ ୧୦୭ କିଲୋମିଟର ରେଳପଥ ନିର୍ମାଣ ହେବାକୁ ଥିବାବେଳେ ସେଥିମଧ୍ୟରେ ୧୩ ହେକ୍ଟର ଜଙ୍ଗଲ ଜମି ରହିଛି । ପୂର୍ବରୁ ପ୍ରାୟ ୭ ଶହ ଏକର ସରକାରୀ ଜମି ରେଳ ବିଭାଗକୁ ଜିଲା ପ୍ରଶାସନ ପକ୍ଷରୁ ହସ୍ତାନ୍ତର ହୋଇସାରିଥିବା ବେଳେ ଜଙ୍ଗଲ ଜମି ପାଇଁ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ। ଏ ନେଇ ପ୍ରକ୍ରିୟା ଜାରି ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବୌଦ୍ଧ ଜିଲାରେ ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇ ଥିବାବେଳେ ଭୂଅର୍ଜନ ଅଧିକାରୀଙ୍କ ବଦଳି ଯୋଗୁ ତାଙ୍କ ସ୍ଥାନରେ ଆସିଥିବା ନୂତନ ଅଧିକାରୀଙ୍କୁ ଏଯାଏ ଆର୍ଥିକ କ୍ଷମତା ମିଳିପାରିନାହିଁ । ଫଳରେ ଏହି କାର୍ଯ୍ୟ ମଧ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ଏହି ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଇଥିବାବେଳେ ରାଜ୍ୟ ସରକାର ତୁରନ୍ତ ନିଜର ଅଂଶ ପ୍ରଦାନ କରିବା ସହିତ ଆବଶ୍ୟକୀୟ ଜମି ଯୋଗାଇଦେବା ଓ ବିଭାଗୀୟ କାର୍ଯ୍ୟ ପାଇଁ କର୍ମଚାରୀ ପଦବୀ ପୂରଣ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି । ଏ ସମ୍ପର୍କରେ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ନାଗରିକ କମିଟିର ପ୍ରତିନିଧି ମଣ୍ଡଳୀଙ୍କ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି । ଏହି ବୈଠକରେ ବରିଷ୍ଠ ନାଗରିକ ହରପ୍ରସାଦ ମିଶ୍ର, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ବିପ୍ରଚରଣ ମହାନ୍ତି, ସୂର୍ଯ୍ୟ ନାରାୟଣ ମହାପାତ୍ର, ଗଜେନ୍ଦ୍ର ସାହୁ, ଚନ୍ଦ୍ରଶେଖର ପାଢୀ, ଚିତ୍ତ ରଞ୍ଜନ ଦାଶ, ଦେବବ୍ରତ ପାଣିଗ୍ରାହୀ, ପ୍ରମିଳ କୁମାର ଦଲାଲ, କୃଷ୍ଣାର୍ଜୁନ ମିଶ୍ର ଓ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

### ମୋବାଇଲ ମେସେଜ୍‌କୁ ନେଇ ଆକ୍ରମଣ

ବରଗଡ଼ ଅଫିସ୍,୯।୮



ଆହତ ଯୁବକ ।

ବରଗଡ଼ ଟାଉନ ଥାନା ଅନ୍ତର୍ଗତ କଟାପାଲି ଗ୍ରାମରେ ଶୁକ୍ରବାର ମୋବାଇଲ ମେସେଜ୍‌କୁ ନେଇ ଆକ୍ରମଣ ଘଟଣା ଘଟିଛି । ଏଥିରେ ଗ୍ରାମର ବିକାଶ ମେହେର ନାମକ ଜଣେ ଯୁବକ ଆହତ ହୋଇଛନ୍ତି । ଛୁରାମାଡ଼ ଯୋଗୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି । ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବିକାଶ ଏବଂ ବାସୁଦେବ ମେହେରଙ୍କ ମଧ୍ୟରେ ମୋବାଇଲ ମ୍ୟାସେଜରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ବାସୁଦେବ ବିକାଶଙ୍କୁ ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ବିକାଶଙ୍କ ବିରୋଧରେ ବାସୁଦେବ ମଧ୍ୟ ପାଲଟା ଅଭିଯୋଗ ଆଣିଛନ୍ତି । ଏ ନେଇ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି ।

### ଦହ୍ୟା ଜୀବନ ବିକାଶ କଲେଜରେ କ୍ରାନ୍ତି ଦିବସ

# ମା ତୁଝେ ସଲାମ, ଗାନ୍ଧୀ ଜୟନ୍ତୀ ପାଳିତ

ମନମୁଣ୍ଡା, ୯।୮ (ଡି.ଏନ.ଏ)

ବୌଦ୍ଧ ଜିଲା ଦହ୍ୟା ଜୀବନ ବିକାଶ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଉପଲକ୍ଷେ ମା ତୁଝେ ସଲାମ ଓ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ମହାବିଦ୍ୟାଳୟ ଅଧକ୍ଷ କୁନମୁନ ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା, ଅଧାପକ, ଛାତ୍ରୀଛାତ୍ର ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ବୀର ଯବାନ ତଥା ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ବୀର ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ସମସ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଅଧାପକ ନରେନ୍ଦ୍ର ଲୁହା କାର୍ଯ୍ୟକ୍ରମର ଉଦ୍ଦେଶ୍ୟଜ୍ଞାପନ ସହ ସଭା ସଂଯୋଜନା କରିଥିଲେ । ଛାତ୍ରୀଛାତ୍ରମାନେ ଅଭିନୟ ପରିବେଷଣ ସହ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ । ଶେଷରେ ମହାପୁରୁଷମାନଙ୍କ ବେଶରେ ଛାତ୍ରମାନେ ଅଭିନୟ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷିତ ହୋଇଥିଲା ।





ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ଉପସ୍ଥିତ କଲେଜ ଛାତ୍ରୀଛାତ୍ର ।

### ସରପଞ୍ଚଙ୍କୁ ଆକ୍ରମଣ :ଅଭିଯୁକ୍ତ ଗିରଫ

ଘଣ୍ଟାପଡା, ୯।୮ (ଡି.ଏନ.ଏ)

କଣ୍ଟାମାଳ ଥାନା ଖୁଣ୍ଟିଗୋରା ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ପୋଲିସ ମସିଣାଗୋରା ଗ୍ରାମର ଏକାଦଶୀ ମହାକୁଡଙ୍କୁ ଶୁକ୍ରବାର ଗିରଫ କରି ବୌଦ୍ଧ କୋର୍ଟକୁ ଚାଲାଣ କରିଛି । ସୂଚନାଯୋଗ୍ୟ, ଗତ ଜୁଲାଇ ୨୫ରେ ସରପଞ୍ଚ ପ୍ରହଲ୍ଲାଦ ସେଠୀ ଏବଂ ତାଙ୍କ ସନ୍ତୁ ଘଣ୍ଟାପଡାରୁ ନିଜ ଘରକୁ ଫେରୁଥିବା ସମୟରେ କିଛି ଦୁର୍ବୃତ୍ତ ସେମାନଙ୍କୁ ଆକ୍ରମଣ କରିଥିଲେ । ଏ ନେଇ ଘଣ୍ଟାପଡା ଫାଣ୍ଡିରେ ଏକାଦଶୀ ମହାକୁଡ, ଶରତ ଭୋଇ ଓ ମନ୍ମଥ ଭୋଇ ତିନି ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଶୁକ୍ରବାର କୌଣସି ସୂତ୍ରରୁ ଖବର ପାଇ ପୋଲିସ ଏକାଦଶୀ ମହାକୁଡଙ୍କ ଘରେ ଚଢାଉ କରି ତାଙ୍କ ଗିରଫ କରିଛି । ଅନ୍ୟ ଦୁଇଜଣ ଅଭିଯୁକ୍ତ ଫେରାର ଅଛନ୍ତି ।

### ବିସ୍ଥାପିତଙ୍କୁ ମିଳିଲାନି ଉପଯୁକ୍ତ କ୍ଷତିପୂରଣ

# ମାନବାଧିକାର କମିଶନରେ ମାମଲା ରୁଜୁ

ବୌଦ୍ଧ,୯।୮(ସ୍ୱ.ପ୍ର)

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ବର୍ତ୍ତମାନ ବୌଦ୍ଧ ଜିଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁରହିଛି । କିନ୍ତୁ ଉକ୍ତ ରେଳପ୍ରକଳ୍ପ ପାଇଁ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବାରୁ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତି ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି । ଏହାସହ ବର୍ତ୍ତମାନ ବଜାର ଦର ଆଧାରରେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରାଯାଉଛି । କ୍ଷତିଗ୍ରସ୍ତ ପ୍ରଜା ସମିତିର ଅଭିଯୋଗ ଅନୁସାରେ, ୨୦୦୬ ମସିହାରେ ବୌଦ୍ଧ ଜିଲାରେ ବିଭିନ୍ନ ରାଜସ୍ୱ ମୌଜାରେ ଜମି ଦର ଯାହା ଥିଲା ସେହି ଆଧାରରେ ଜମିର କ୍ଷୟକ୍ଷତି ମୂଲ୍ୟାଙ୍କନ କରାଯାଉଛି । ସେସବୁର ମୂଲ୍ୟ ଅତି ନିମ୍ନସ୍ତରରେ ରହିଥିଲା । ଫଳରେ କ୍ଷତିଗ୍ରସ୍ତ ପରିବାର ଗୁଡିକ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେବା ନେଇ ହରଭଙ୍ଗାର ମାନବାଧିକାର କର୍ମୀ ସଚିନ୍ଦ୍ର କୁମାର ସାହୁ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ଜାତୀୟ ମାନବାଧିକାର କମିଶନ ମାମଲା (ନଂ.୯୧୧୬/ଆଇଏନ/୨୦୧୯)କୁ ଗ୍ରହଣ କରି ରେଲୱେ କର୍ତ୍ତୃପକ୍ଷ ଓ ବୌଦ୍ଧ ଜିଲାପାଳଙ୍କୁ ସଠିକ୍ ତଦନ୍ତ କରି ପଦକ୍ଷେପ ନେବା ସହ ତଦନ୍ତ ରିପୋର୍ଟ ୪ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ବିଷକ୍ରିୟାରେ ଯୁବକ, ନବବଧୂଙ୍କ ମୃତ୍ୟୁ

ବରପାଲି,୯।୮(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ କନବାର ଗ୍ରାମରେ ବିଷକ୍ରିୟାରେ ଶୁକ୍ରବାର ଜଣେ ନବବଧୂଙ୍କ ମୃତ୍ୟୁ ହୋଇଛି । ମୃତା ମହିଳା ଜଣକ ସୋନପୁର ଜିଲା ବିନିକା ଥାନା କର୍ଲେ ଗ୍ରାମର ପ୍ରସନ୍ନ ଷଡ଼ଙ୍ଗୀଙ୍କ ଝିଅ ସୁପ୍ରଭା ପୂଜାରୀ ଏବଂ ସେ କନବାର ଗ୍ରାମରେ ଗତ ପ୍ରାୟ ଦେଢ଼ମାସ ତଳେ ବିବାହ କରିଥିଲେ । ବିଷକ୍ରିୟା ଯୋଗୁ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ଫଳରେ ତାଙ୍କୁ ପ୍ରଥମେ ବରପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଏହାପରେ ସେଠାରୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । ଏ ସମ୍ପର୍କରେ ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା ୫୦ମିନିଟ୍) ତାଙ୍କ ପାଖରେ କୌଣସି ରିପୋର୍ଟ ହୋଇ ନ ଥିବା ବରପାଲି ଥାନା ଅଧିକାରୀ ରୋଜାଲିନ ପଟେଲ କହିଛନ୍ତି । ସେହିପରି ବରପାଲି ଥାନା ବନ୍ଧପାଲି ଗ୍ରାମରେ ଶୁକ୍ରବାର ବିଷକ୍ରିୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁଦାମ ସାହୁ (୩୦) । ସେ ଫସଲରେ କୀଟନାଶକ ସିଞ୍ଚନ କରିବାକୁ ଯାଇଥିଲେ ଏବଂ ସେଠାରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ଫଳରେ ତାଙ୍କୁ ବରପାଲି ଡାକ୍ତରଖାନା ଅଣାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ଯୋଗୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଥିଲା। ମାତ୍ର ବରଗଡ଼ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## କାଜୁଆଲ ନଷ୍ଟ କରୁଛି ପିଚୁ ରାସ୍ତା

ଘଣ୍ଟାପଡା, ୯।୮ (ଡି.ଏନ.ଏ)

ଲୋକଙ୍କ ଗମନାଗମନର ସୁବିଧା ସକାଶେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗ୍ରାମାଞ୍ଚଳରେ ପିଚୁ ରାସ୍ତା ନିର୍ମାଣ କରୁଛନ୍ତି । କିନ୍ତୁ କେତେକ ଅସାଧୁ ଡ୍ରାଇଭର ଓ ଟ୍ରାକ୍ଟର ମାଲିକମାନଙ୍କ ପାଇଁ କମ୍ ଦିନ ଭିତରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡୁଛି । କଣ୍ଟାମାଳ ବ୍ଲକ ମନମୁଣ୍ଡା-ସିନ୍ଧୁଗୋର ରାସ୍ତାର ଖୁଣ୍ଟିଗୋରା ଛକଠାରୁ ଉମା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକରେ କାଜୁଆଲ ଲଗାଇ ଟ୍ରାକ୍ଟର ନେବାଆଣିବା କରିବା ଫଳରେ ରାସ୍ତାର ଅବସ୍ଥା ଖରାପ ହୋଇପଡିଛି । ଗ୍ରୀଷ୍ମ ଋତୁରେ ଉକ୍ତ ରାସ୍ତାର ମରାମତି ହୋଇଥିବା ବେଳେ ବର୍ଷା ଋତୁରେ ଲୁହାଚକ ଲଗା ଟ୍ରାକ୍ଟର ଯୋଗୁ ରାସ୍ତାରେ ଗାତ ହେବା ସହ ପିଚୁ ଉଠି ଗଲାଣି । ଏଥିପ୍ରତି ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି ।

## ବିଡିଓଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଘଣ୍ଟାପଡା, ୯।୮ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ତେଲ ନଦୀ, ନାଳମାନଙ୍କରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଡିଓ ରବୀନ୍ଦ୍ର ନାଥ କଅଁର ଶୁକ୍ରବାର ପ୍ରଭାବିତ ଅଞ୍ଚଳକୁ ଆସି କ୍ଷୟକ୍ଷତି ଆକଳନ କରିଥିଲେ। ସେ ବ୍ଲକର ତେଲ ନଦୀ ଖଣ୍ଡିରେ ଥିବା ଗୁଆବାହାଲ, କମଘାଟ, ମଲିକୁଦ ଘଣ୍ଟାପଡା ଆଦି ଗ୍ରାମକୁ ପରିଦର୍ଶନ କରିଥିଲେ। ପାଣି ବଢୁଥିବା ଖବର ପାଇ ବିଡିଓ କଅଁର ଏ ଅଞ୍ଚଳମାନଙ୍କୁ ଆସି ମନମୁଣ୍ଡା-ସିନ୍ଧୁଗୋରା ରାସ୍ତାରେ ସଂଯୋଗ କରୁଥିବା ଚିଚେଡ ନାଳ ସେତୁ, କାଳୀମୁହାଣ ନାଳ ସେତୁ, ମାଙ୍କଡଡିଆଁ ନାଳ ସେତୁ, ଅଡାଗୁଡି ନାଳ ସେତୁ ଉପରେ ସମୀକ୍ଷା କରିଥିଲେ। ଶେଷରେ ଘଣ୍ଟାପଡା-କୁଲୁଡାଯୋର ପିଡବ୍ଲ୍ୟୁଡି ରାସ୍ତାର ଘଣ୍ଟାପଡା ନିକଟବର୍ତ୍ତୀ ସମଲେଶ୍ୱରୀ ନାଳ ଉପରେ ନିର୍ମିତ କଲଭର୍ଟକୁ ଦେଖିଥିଲେ । କଲଭର୍ଟଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । କୌଣସି ସାଇନ୍‌ୱାଲ ନ ଥିବାରୁ ବିଡିଓ କଅଁର ଜେସିବି ମେଶିନ ମଗାଇ ସେତୁର ଦୁଇ ପାର୍ଶ୍ୱରେ ହମ୍ପସ ନିର୍ମାଣ କରାଇଥିଲେ ।



ବିଡିଓ ଓ ଅନ୍ୟ ଅଧିକାରୀମାନେ କଲଭର୍ଟ ଦେଖୁଛନ୍ତି।

## କୁକୁଡ଼ା ପାଳନ ଉପରେ ପ୍ରଶିକ୍ଷଣ ଶିବିର

ବରଗଡ଼ ଅଫିସ୍,୯।୮

ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଅଣ୍ଡାଦିଆ କୁକୁଡ଼ା ପାଳନ ସହାୟତା ପ୍ରଦାନ ପାଇଁ ବ୍ଲକସ୍ତରୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବରଗଡ଼, ଭେଡ଼େନ, ଅମ୍ବାଭୋନା, ବରପାଲି, ଗାଇସିଲେଟ୍ ଓ ଝାରବନ୍ଧ ବ୍ଲକର ୬୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୪ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ ପାଇଁ ସ୍ଥିର ହୋଇଛି । ଏହାଦ୍ୱାରା ଜିଲାରେ ଦୈନିକ ୮୦୦ରୁ ଅଧିକ ଅଣ୍ଡା ଉତ୍ପାଦନ ହେବା ସହିତ ମହିଳାଙ୍କ ପାଇଁ ଆତ୍ମନିଯୁକ୍ତି ସୃଷ୍ଟି କରିବ ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା । ସେହିପରି ଏହି ଯୋଜନା ଦ୍ୱାରା ପରିବାରର ଆର୍ଥିକ ବୃଦ୍ଧି, ପୁଷ୍ଟିସାରର ଆବଶ୍ୟକତା ପୂରଣ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ । ଏହି ତାଲିମ ଶିବିରରେ ଡା. ଦିଲୀପ କୁମାର ପଣ୍ଡା, ଡା. ସୁଶ୍ରୀ ମିଲି ପାଣ୍ଡେ, ଡା. ବିରୂପାକ୍ଷ ନାଏକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜିଲା ସମାଜ ମଙ୍ଗଳ ଅଧିକାରୀ ନଳିନୀ ବଳବନ୍ତ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡା. ସୁରେଶ ଚନ୍ଦ୍ର ମିଶ୍ର, ଡା. ଶୁଭେନ୍ଦୁ ସୁଧା ଷଡ଼ଙ୍ଗୀ ଶିବିର ପରିଚାଳନାରେ ଯୋଗ ଦେଇଥିଲେ ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିବିରାର୍ଥି ।

## ସମସ୍ୟା ଘେରରେ ତଳଗାଁ ଛାତ୍ରୀନିବାସ

ତଳଗାଁ,୯।୮(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁଠାରେ ଥିବା ଛାତ୍ରୀ ନିବାସରେ ୫୦ ଜଣ ଛାତ୍ରୀ ରହୁଥିବା ବେଳେ ଏହା ବହୁ ସମସ୍ୟା ଘେରରେ ରହିଛି । ଏହି ଛାତ୍ରୀ ନିବାସରେ ୫୦ ଛାତ୍ରୀଙ୍କ ପାଇଁ ୨୦ଟି ଖଟିଆ ଥିବାବେଳେ ମଶାରି ଦିଆଯାଇନାହିଁ। ଆହୁରି ମଧ୍ୟ ଛାତ୍ରୀନିବାସରେ ମେଟ୍ରନ କି ମହିଳା ଗେଟ୍ କିପର ନାହାନ୍ତି । ଏହି ବିଦ୍ୟାଳୟ ପରିସରରେ ଡିପିଇପି ପକ୍ଷରୁ ପିଲାଙ୍କ ପାଇଁ ଖାଇବା ପରେ ହାତ ଓ ବାସନ ଧୋଇବା ପାଇଁ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଛି । କିନ୍ତୁ ତାହା କାମରେ ଆସୁନି। ତୁରନ୍ତ ଉକ୍ତ ଛାତ୍ରୀ ନିବାସକୁ ପାଣି ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି ।



ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ପାଣିଟାଙ୍କି ।

## ସାମୂହିକ ବିକାଶ ହିଁ ଲକ୍ଷ୍ୟ: ଦେବେଶ

ବରଗଡ଼ ଅଫିସ୍,୯।୮



ଦେବେଶ ଆଚାର୍ଯ୍ୟ।

ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କ୍ରମାଗତ ଦ୍ୱିତୀୟଥର ମନୋନୀତ ହୋଇଛନ୍ତି । ନିର୍ବାଚନକୁ ଓହ୍ଲାଇବା ପରଠାରୁ ପରାଜୟର ମୁହଁ ଦେଖି ନ ଥିବା ବିଧାୟକ ଆଚାର୍ଯ୍ୟ ଗତ ୨୦୧୪ ସାଧାରଣ ନିର୍ବାଚନଠାରୁ ନିଜର ବିଜୟ ଯାତ୍ରା ଆରମ୍ଭ କରିଥିଲେ । ସେହିପରି ଅଞ୍ଚଳର ବିକାଶ ସହିତ ବିଜେପୁର ଉପନିର୍ବାଚନରେ ନିଜ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିବା ଯୋଗୁ ତାଙ୍କୁ ଏହି ଉପନିର୍ବାଚନ ପରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା । ଏହାପରେ ୨୦୧୯ ସାଧାରଣ ନିର୍ବାଚନରେ ସେ କ୍ରମାଗତ ଦ୍ୱିତୀୟ ଥର ବିଜୟ ହାସଲ କରିଥିଲେ । ଏବେ ପୁଣି ସେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ତାଙ୍କ ସମର୍ଥକଙ୍କ ମହଲରେ ଖୁସିର ଲହରି ଖେଳି ଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ପ୍ରତିଟି କ୍ଷେତ୍ରରେ ସାମୂହିକ ବିକାଶ ହିଁ ତାଙ୍କ ଲକ୍ଷ୍ୟ ବୋଲି ନବନିଯୁକ୍ତ ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଆଚାର୍ଯ୍ୟ କହିଛନ୍ତି । ତାଙ୍କ ପ୍ରତି ଭରସା ରଖି କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ପଦବୀରେ ତାଙ୍କୁ ନିଯୁକ୍ତ କରିଥିବା ଯୋଗୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

## ୧୩୧୦ ହିତାଧିକାରୀ ଉପକୃତ

ସୋହେଲା,୮।୯(ଡି.ଏନ.ଏ)

ସୋହେଲାଠାରେ ଶନିବାର ୧୩୧୦ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ବଣ୍ଟନ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୮୪ଜଣ, ନୂତନ ଭତ୍ତା ୪୮୫ଜଣ ଓ ବର୍ଦ୍ଧିତ ଭତ୍ତା ୨୪୧ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଆକାଉଣ୍ଟ ଅଫିସର ଅଂଶୁମାନ ମହାପାତ୍ର, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଉପାଧ୍ୟକ୍ଷା ହିମାଳୟା ସାହୁ, ସରପଞ୍ଚ ଜୀତେନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ । ଡବ୍ଲ୍ୟୁଇଓ ଅତିଶ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା

## ସଂକ୍ଷେପରେ

### ଉଦନ୍ତୀ ନଦୀ ପଠାରୁ ମୃତ ଶିଶୁ କନ୍ୟା ଉଦ୍ଧାର

**ସିନାପାଲି,୯।୮(ଡି.ଏନ.ଏ.)-** ସିନାପାଲି ସହରର ଉପକଣ୍ଠ ଉଦନ୍ତୀ ନଦୀପଠା ପମ୍ପ ହାଉସ ନିକଟରୁ ଶୁକ୍ରବାର ସିନାପାଲି ପୋଲିସ ଏକ ମୃତ ଶିଶୁକନ୍ୟା ଉଦ୍ଧାର କରିଛି। ମୃତ ଶିଶୁର ପରିଚୟ ଏ ଯାଏ ମିଳି ନ ଥିଲେ ମଧ କୁମାରୀ ମାତୃତ୍ୱକୁ ଲୋକଲଜ୍ଜା ଭୟରେ ଲୁଚାଇବା ପାଇଁ ଏପରି କରାଯାଇ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ମୃତଶିଶୁଟି ଦିନେ ଦୁଇଦିନ ମଧ୍ୟରେ ଜନ୍ମ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଗୁରୁବାର ସନ୍ଧ୍ୟାରେ କେତେକ ଲୋକ ମୃତ ଶିଶୁର ଦେଖିଥିଲେ ମଧ ଭୟରେ କିଛି କହି ନ ଥିବା ଏଠାରେ ଚର୍ଚ୍ଚା ହେଉଛି। ମୃତ ଶିଶୁର ପରିଚୟ ମିଳି ନ ଥିବା ଯୋଗୁ ଶବ ବ୍ୟବଚ୍ଛେଦ ପରେ ଏହାକୁ ନୂଆପଡା ଜିଲା ମେଡିକାଲକୁ ପଠାଇ ଦିଆଯାଇଛି। ସେଠାରେ ୭୨ ଘଣ୍ଟା ପର୍ଯ୍ୟନ୍ତ ରଖାଗଲା ପରେ କୌଣସି ପରିଚୟ ନ ମିଳିଲେ ପୋଲିସ ଶବ ସଂସ୍କାର କରିବ ବୋଲି ସିନାପାଲି ପୋଲିସ ଅଧିକାରୀ ସାଲଖାନ ମୁର୍ମୁ ପ୍ରକାଶ କରିଛନ୍ତି। ଏ ନେଇ ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଶିଶୁ ଅଧିକାର ଆୟୋଗଙ୍କ ଜଣଶୁଣାଣି

# ଶିଶୁ ଅଧିକାର ଉଲ୍ଲଂଘନ, ଶିକ୍ଷାଧିକାର ଆଇନ ନେଇ ଆଲୋଚନା

ନୂଆପଡା ଅଫିସ,୯।୮




ଜନ ଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ୩ ଦିନିଆ ନୂଆପଡା ଜିଲା ଗସ୍ତ କରିଛନ୍ତି। ଗୁରୁବାର ଶିଶୁ ଅଧିକାର ଉଲ୍ଲଂଘନ ଏବଂ ଶିକ୍ଷାଧିକାର ଆଇନ ୨୦୦୯ ଉପରେ ହୋଇଥିବା ଜନଶୁଣାଣି ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ଜିଲାରେ ବିଭିନ୍ନ ବିଭାଗରେ ଶିଶୁମାନେ କିପରି ଗତ ଦିନରେ ନିର୍ଯାତନାର ଶିକାର ହୋଇଥିବାବେଳେ ପୀଡିତ ଏବଂ ଅସୁରକ୍ଷିତ ଜୀବନଚର୍ଯ୍ୟା କରିଛନ୍ତି, ସେ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା। ଏଥିରେ ଅଧିକାରୀମାନେ ହାଜିର ହୋଇ ନିଜର ପକ୍ଷ ରଖିଥିଲେ। ଓଡିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ (ଓଏସସିପିସିଆର) ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ଶିଶୁ ଅଧିକାର ଉଲ୍ଲଂଘନ ଉପରେ ଜନଶୁଣାଣି ହୋଇଥିଲା। ଏଥିରେ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସଦସ୍ୟ ହରିହର ନାଏକ, ଦିବ୍ୟ ଶାଶ୍ୱତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ, ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା, ଜିଲା ମଙ୍ଗଳ ବିଭାଗ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ବିଭାଗ ଅଧୀନରେ ଶିଶୁମାନଙ୍କ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଆୟୋଗର ଦୃଷ୍ଟିକୁ ଆସିଥିଲା। ଏହି ଶୁଣାଣିରେ ଆୟୋଗ ଅଧିକାରୀମାନଙ୍କୁ ଗୋଟି ଗୋଟି କରି କାଠଗଡାକୁ ଡାକି ତର୍ଜମା କରିଥିଲା। ବିଶେଷ କରି ଏଠାରେ ଦାଦନ ପରିବାରର ଶିଶୁମାନେ ଅସୁରକ୍ଷିତ ଥିବାରୁ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା। ଏହାର ଉପରେ ପୋଲିସ ଏବଂ ଶ୍ରମ ବିଭାଗକୁ ରିପୋର୍ଟ ତଲବ କରିଥିଲେ। ଏହିଭଳି ଗତବର୍ଷ ଏହି ଜିଲା ସଦର ମହକୁମାଠାରୁ ୧୫ କି.ମି. ଦୂର ମାରାଗୁଡା ଗାଁରେ ଶିଶୁମାନଙ୍କୁ ଅଙ୍ଗନୱାଡି ଖାଦ୍ୟ ମିଳୁ ନ ଥିବାରୁ ବାଧ୍ୟ ହୋଇ ମାଟି କନ୍ଦା ଖାଉଥିବା ନେଇ ଧରିତ୍ରୀରେ ସ୍ୱତନ୍ତ୍ର ଭାବେ ଖବର ପ୍ରକାଶିତ ହୋଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଆୟୋଗ ଅଧିକାରୀମାନଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ। ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ଟାଳି ନେଉଥିବାରୁ କମିଶନ ତୁରନ୍ତ ଜିଲାପାଳଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସମୟରେ ଶିଶୁମାନେ ଉଦ୍ଧାର ହେଉଥିବାବେଳେ ସେମାନଙ୍କୁ ସୁରକ୍ଷିତ ଭାବେ ଥଇଥାନ କରିବାରେ ଅବହେଳା ଯେମିତି ନ ହୁଏ ସେଥିପାଇଁ ତାଗିଦା କରିଥିଲେ। ଶୁକ୍ରବାର ଶିକ୍ଷାଧିକାର ଆଇନ ୨୦୦୯ ଉପରେ କର୍ମଶାଳା ହୋଇଥିଲା। ଏଥିରେ ମଧ୍ୟ ଆୟୋଗ ଅଧ୍ୟକ୍ଷା ସଭାପତିତ୍ୱ କରିଥିବାବେଳେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ରିସୋର୍ସ ପର୍ସନ ଘାସିରାମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟଗୁଡିକରେ କିପରି ଶିଶୁମାନଙ୍କ ଶିକ୍ଷାଧିକାର ଆଇନର ଉଲ୍ଲଂଘନ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଗ ଅଧ୍ୟକ୍ଷା ପ୍ରଧାନ ଶିଶୁ ଅଧିକାର ଉପରେ ମୋଟ ୨୨ଟି ମାମଲା ଆସିଥିଲା। ସେଥିରୁ ୧୫ଟି ମାମଲାର ତୁରନ୍ତ ଫଇସଲା କରାଯାଇଥିବାବେଳେ ବାକି ଉପରେ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ କରାଯାଇଥିବା ଧରିତ୍ରୀକୁ କହିଥିଲେ।

ଧରିତ୍ରୀ ଖବର ଚର୍ଚ୍ଚାରେ

# ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହିତ ପାଇଁ ଯୋଜନା ଚାଲିଛି

ନୂଆପଡା ଅଫିସ,୯।୮




ଖବରଦାତା ସମ୍ମିଳନୀରେ ଜିଲା ସଂଯୋଜକ।

ନୂଆପଡା ଏକ ଉପାନ୍ତ ଜିଲା। ଏଠାରେ ଯୁବ ସମାଜ ଦିନକୁ ଦିନ ପଥଭ୍ରଷ୍ଟ ଯେମିତି ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। ଏଥିପାଇଁ ନେହେରୁ ଯୁବ କେନ୍ଦ୍ର ପର୍ଯ୍ୟାୟ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ କରି ପଦକ୍ଷେପ ନେଉଛି। ଏଥିପାଇଁ ସରକାରଙ୍କ ଦ୍ୱାରା ଯୋଜନାବଦ୍ଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସୂଚନା ଦିଆଯାଇଛି। ସ୍ଥାନୀୟ ନେହେରୁ ଯୁବକେନ୍ଦ୍ରରେ ଜିଲା ସଂଯୋଜକ ଆଶୀଷ କୁମାର ଠାକୁର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ ବିଷଦ ଭାବେ କହିଛନ୍ତି ଯେ, ଜୁଲାଇ ମାସରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ନେହେରୁ ଯୁବ କେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମମାନ ହାତକୁ ନେଇଥିଲେ। ଏଥିରେ ବିଭିନ୍ନ ଗାଁର ପୋଖରୀ, ଗାଁ ମୁଣ୍ଡ ସଫେଇ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏଥିରେ କୃତୀତ୍ୱ ପ୍ରଦର୍ଶନ କରିଥିବା କ୍ଲବମାନଙ୍କୁ ପୁରସ୍କୃତ କରିବାକୁ ଯୋଜନା ରଖାଯାଇଛି। ଏଥିରେ ଜିଲାସ୍ତରରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅକ୍ତିଆର କରିଥିବା କ୍ଲବମାନଙ୍କୁ ଯଥାକ୍ରମେ ୩୦ ହଜାର, ୨୦ ହଜାର ଏବଂ ୧୦ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏଥିପାଇଁ ଆବେଦନ କରିବାକୁ ଆହ୍ୱାନ କରାଯାଇଥିବା ପ୍ରକାଶ କରିଛନ୍ତି। ଏହିଭଳି ଅଗଷ୍ଟରେ ସ୍ୱଚ୍ଛତା ପଖୱାଡା ପାଳନ କରାଯିବ। ଯୁବକମାନଙ୍କୁ ଶାରିରୀକ ଭାବେ ସୁସ୍ଥତା ଆଣିବାକୁ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ, ବିତର୍କ ପ୍ରତିଯୋଗୀତା, ଜଳ ଶକ୍ତି ଅଭିଯାନ ଆଦି କାର୍ଯ୍ୟକ୍ରମ କରାଯିବାକୁ ଯୋଜନା ରଖାଯାଇଥିବା କହିଛନ୍ତି। ଏଥିପାଇଁ ଯୁବକ ସଂଘ କର୍ମକର୍ତ୍ତା ଆଗକୁ ଆସିବାକୁ କୁହାଯାଇଛି। ଏହି ସମ୍ମିଳନୀରେ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

# ଘରଖଁଡ଼େ ଲାଗି ଗୁହାରି କରି ଦମ୍ପତି ନିରାଶ

ସିନାପାଲି, ୯।୮ (ଡି.ଏନ୍.ଏ.)



ନିଜର ଭଂଗା ଦଦ୍‌ରା ଘର ଆଗେ ସୁବର୍ଣ୍ଣୀ ବାଗ।

**ଭଂଗା କୁଡିଆରେ ବିତୁଛେ ଜୀବନ୍**
- ପରହର ଘରେ ଆଶ୍‌ରେ ନେଇଛନ୍ ଦମ୍ପତି
- ଘର ଯୁଗେଇ ଦେବାକେ ବିଡିଓ କଥା ଦେଲେ
- ନିହାତି ଗରିବ୍, ହେଲେ ତାଲିକାରେ ନାଁ ନାଇଁ

ନୂଆପଡ଼ା ଜିଲା ସିନାପାଲି ବ୍ଲକ ନୂଆମାଲପଡ଼ା ଗାଁର ଅସାହା ଦମ୍ପତି ରାମ ସିଂ ବାଗ(୬୦) ଆର ମାଏକିନା ସୁବର୍ଣ୍ଣୀ ବାଗ(୫୭)। ଇମାନକର ପିଲାଛୁଆ କିଛି ନାଇଁ। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ନାଁକେ ଜମିବାଡ଼ି ଦୁଇଟୁକ୍‌ରି ରହିଛେ। ଇଆଡ଼େ ରାମ ସିଂ ଝନେ ଦିବ୍ୟାଙ୍ଗ ହେଇଥିଲାବେଲେ ସେ ଠିକ୍‌ରେ ଚାଲବୁଲ କି ଶୁନି ନାଇଁ ପାରବାର। ଏନ୍‌ତାଥି ଆହା କରବାକେ ପାସେ କେହି ନାଇଁ। ଫିମାସ ପଁଚେତ୍‌ରୁ ମିଲୁଥିବାର ଚାଉଲ ଦୁରାକ ଇ ଅସାହା ଦମ୍ପତିକଁର ସାହାଭରସା। ଇଆଡ଼େ ଭଲ ଘରଖଁଡ଼େ ନାଇଁଥିଲାବେଲେ ଗୁଟେ ଭଂଗା ଦଦ୍‌ରା ମାଏଟ୍ କୁଡ଼ିଆରେ ମୁଡ ଗୁଁଜିଛନ୍। ଗଲା ଦୁଇ ଦିନ୍ ଧରି ହେଇଥିବାର ଲଘୁଚାପ ବରଷାରେ ତାକର ଘର ପାସେ ଥିବାର ବଁଧର ଆଡ଼ି ଭାଂଗି ଯାଇଥିଲା। ଏନ୍‌ତାଥି ବଁଧର ପାଏନ୍ ତାକର ଘରକେ ପଶି ଘରର କାଁଥିକୋଡ଼କେ ଆହୁରି ଦୁରବଲ କରିଦେଇଛେ। ଘରେ ରଁଧାବଡ଼ା କରବାର ଲାଗି ଜାଗା ନାଇଁ। ଏନ୍‌ତା ଅବସ୍‌ତାରେ ଦୁଇ ଦମ୍ପତି ପରହର ଘରେ ଆଶ୍‌ରେ ନେଇଛନ୍। ଇଆଡ଼େ ଯେ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ନିଅଁସିମାନକୁ ପ୍ରଧାନମନ୍ତ୍ରୀ ଅବାସ, ଇନ୍ଦିରା ଆବାସ, ମୋ କୁଡ଼ିଆ, ବିଜୁ ପକ୍କାଘର ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ଦୁଖର କଥା ଇ ନୀରିହ ଗରିବ୍ ଦମ୍ପତି ଆଏଜ୍‌ତକ ଆବାସ ଯୋଜନାରୁ ବଁଚିତ୍ ହେଇଥିଲାବେଲେ ଏସ୍‌ଇସିସି ତାଲିକାରେ ବି ତାକର ନାଁ ନାଇଁଥିବାର ଜନାଯାଇଛେ। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଇ ଦମ୍ପତି ପଁଚେତ୍‌ନୁ ମୂଲ କରି ବ୍ଲକ ଆର ଜିଲାପାଳକଁର ଅଭିଯୋଗ ଶୁନାନୀ ଶିବିରେ ଅଭିଯୋଗ କରି ନିରାଶ ହେଇଛନ୍। ଗଲା ଗୁରୁବାର ବରଷାରେ ହେଇଥିବାର କ୍ଷୟକ୍ଷତି ଦେଖିବାକେ ନୂଆମାଲପଡ଼ା ଅଂଚଲକେ ସିନାପାଲି ବିଡିଓ ଆସିଥିଲେ। ଇ ସମିଆରେ ଅସାହା ଦମ୍ପତି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ଭେଟି ତାକର ଦୁଖ୍ ବଖାନିଥିଲେ। ବିଡିଓ ସେମାନକୁ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାର ଲାଗି କଥା ଦେଇଥିଲେ। ହେଲେ ଦେଖିବାକେ ବାକି ରହିଲା ଯେ, ଇ ଅସାହା ଦମ୍ପତିକେ ସରକାରୀ ଯୋଜନାରେ କେଭେ ସାମିଲ କରି ଘର ଯୁଗେଇ ଦିଆଯାଉଛେ।

# ଜୀବନ ସମ୍ପର୍କ କାର୍ଯ୍ୟକ୍ରମର ଶୁଭାରମ୍ଭ

ନୂଆପଡା ଅଫିସ,୯।୮




ଜୀବନ ସମ୍ପର୍କ କାର୍ଯ୍ୟକ୍ରମ ଉଦ୍‌ଘାଟନୀରେ ଯୋଗଦେଇଥିବା ଅଧିକାରୀମାନେ।

ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ସଭାଗୃହରେ ଜିଲାପାଳ ମଧୁସ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିବାସୀ ଜନଜାତି ଚକୋଟିଆ ଭୁଞ୍ଜିଆଙ୍କ ଉନ୍ନତି ସକାଶେ ଜୀବନ ସମ୍ପର୍କ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଉଦ୍‌ଘାଟନ କରି ଏହା ଦ୍ୱାରା ଜିଲାରେ ବାସ କରୁଥିବା ଆଦିମ ଜନଜାତିମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ଓ ସ୍ୱଚ୍ଛତା ମାନରେ ଉନ୍ନତି ହେବ। ସରକାରଙ୍କ ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଯଥା ମା' ଓ ଶିଶୁମାନଙ୍କ ସକାଶେ ଥିବା କାର୍ଯ୍ୟକ୍ରମ ସୁଫଳ ମିଳିପାରିବ ବୋଲି କହିଥିଲେ। ଆଦିବାସୀମାନଙ୍କ ଜୀବନଶୈଳୀ ଏବଂ ଭାଷା ଭିନ୍ନ ହୋଇଥାଏ। ତେଣୁ କରି ଯୋଜନାଗୁଡିକୁ ଲୋକାଭିମୁଖୀ କରିବାକୁ ତାଙ୍କ ସ୍ଥାନୀୟ ଭାଷାରେ ପୁସ୍ତିକା କରିବା ଦରକାର ବୋଲି ପରାମର୍ଶ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ତଥା ସ୍ୱେଚ୍ଛାସେବୀ ସଙ୍ଗଠନ ସୃଷ୍ଟିର ସମ୍ପାଦକ ବିଶ୍ୱଜିତ ପାଢୀ ଯୋଗଦେଇ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଉନ୍ନତମାନର ତାଲିମ ପ୍ରଦାନ କରି ନିୟୋଜିତ କରାଯିବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଭୟାରଣ୍ୟ ଅଞ୍ଚଳର ୨୩ଟି ଗାଁରେ କାର୍ଯ୍ୟାନ୍ୱୟନ ହେବ। ଏହି ସଭାରେ ପ୍ରଶାସନ ତରଫରୁ ସିବିଡିଏ ସ୍ୱତନ୍ତ୍ର ଅଧିକାରୀ ଭକ୍ତବନ୍ଧୁ ଅଗସ୍ତୀ ଏଥିପାଇଁ ଯେକୌଣସି ପ୍ରକାର ସହଯୋଗ ଦରକାର ତାହା କରିବ ବୋଲି କହିଥିଲେ। ଏହିଭଳି ଶିଶୁ ବିକାଶ ବିଭାଗର ଶାରଦା ଦିକ୍ଷୀତ ସମ୍ପୃକ୍ତ ଅଞ୍ଚଳର ଅଙ୍ଗନୱାଡି କେନ୍ଦ୍ରରେ ସବୁ କାର୍ଯ୍ୟକ୍ରମକୁ ଟିକିନିଖି ତଦାରଖ କରିବା ଉପରେ ଜୋର ଦେଇଥିଲେ। ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ ସୁନାବେଡା ଅଭୟାରଣ୍ୟର ବିଭିନ୍ନ ପ୍ରାନ୍ତରୁ ଆଦିବାସୀ ମହିଳାପୁରୁଷମାନେ ଯୋଗଦେଇଥିଲେ।

# ଇନ୍ଦ୍ରାବତୀରୁ ୨୭ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ବନ୍ଦ

ଭବାନୀପାଟଣା,୯।୮(ଡି.ଏନ.ଏ.)

ଗତ ୩ ଦିନର ବର୍ଷାରେ କଳାହାଣ୍ଡି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ହେଲେ ସ୍ଥିତିନିୟନ୍ତ୍ରଣାଧୀନ ଥିବା ପ୍ରଶାସନ କହିଛି। ଶୁକ୍ରବାର ଦିନ ତମାମ ପାଗ ଶୁଖିଲା ରହିବାରୁ ପରିସ୍ଥିତିରେ ସୁଧାର ଘଟିଛି। ଲଘୁଚାପ ଜନିତ ବନ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଇନ୍ଦ୍ରବାତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯାଇଥିଲା। ୨୭ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରିବା ପରେ ଗତ ଗୁରୁବାର ରାତି ୮ଟାରେ ଇନ୍ଦ୍ରାବତୀର ଗୋଟିଏ ୟୁନିଟ୍‌ରୁ ୧୫୦ ମେଗାୱେଟ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରାଯାଇଛି। ଗତ ଗୁରୁବାର ବିରିପୁର, ମାଟିଖାଲ ଆଦି ଅଞ୍ଚଳରୁ ହାତୀ ନଦୀର ବନ୍ୟାଜଳ ନିଷ୍କାସିତ ହୋଇସାରିଛି। ମୋଟାମୋଟି ଭାବେ କଳାହାଣ୍ଡିରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଥିବା ବେଳେ ବହୁ ରାସ୍ତାରେ ଘାଇ ହୋଇଥିବା ବେଳେ ଅନେକ ଘର ଭାଙ୍ଗିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା କ୍ଷୟକ୍ଷତି ଆକଳନ କରାଯାଉଛି। ବୁଧବାର ୮ଟା ସୁଦ୍ଧା ଜିଲାରେ ୨୪ ଘଣ୍ଟାରେ ୧୪୨୨ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଗତ ଗୁରୁବାର ସକାଳ ୮ଟା ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୧୯୫୯.୨ ମି.ମି .ବର୍ଷା ହୋଇଛି।

**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ପ୍ରକଳ୍ପ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଭାରତ ସରକାରଙ୍କର ପ୍ରାଥମିକ ଉଦ୍ୟମରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (ଶା.ଓ.ଉ.ଅ.କେ.) ନିମନ୍ତେ ନିମ୍ନସୂଚିତ ପଦବୀ ଆବଶ୍ୟକ।

| କ୍ର. ସଂ. | ପଦବୀର ନାମ | ପଦବୀ ସଂଖ୍ୟା | ମାସିକ ସମ୍ମିଳିତ ବେତନ |
|---|---|---|---|
| | ପ୍ରଶାସନିକ ପଦବୀ | | |
| ୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ୭୦,୦୦୦ |
| ୨ | କାର୍ଯ୍ୟାଳୟ ଅଧକ୍ଷ | ୦୧ | ୩୦,୦୦୦ |
| ୩ | କନିଷ୍ଠ ହିସାବ ଅଧିକାରୀ | ୦୧ | ୩୦,୦୦୦ |
| ୪ | କ୍ଲର୍କ (ଉଚ୍ଚ ବର୍ଗ) | ୦୧ | ୨୪,୦୦୦ |
| ୫ | ବହୁମୁଖୀ କାର୍ଯ୍ୟ ସହାୟକ (ଏମ୍.ଟି.ଏସ୍.) | ୦୧ | ୧୨,୦୦୦ |
| | ବିଦ୍ୟା–ଆଧାରିତ (ଏକାଡେମିକ୍) ପଦବୀ | | |
| ୬ | ବରିଷ୍ଠ ଗବେଷକ | ୦୫ | ୪୧,୦୦୦ |
| ୭ | ସହାୟକ ଗବେଷକ | ୦୫ | ୩୭,୦୦୦ |

ଆବେଦନପତ୍ର ପହଞ୍ଚିବାର ଶେଷ ତାରିଖ :- ଦୈନିକ ସମ୍ବାଦପତ୍ରଗୁଡିକରେ (ଓଡ଼ିଶାର ପ୍ରମୁଖ ଓଡ଼ିଆ ଓ ଇଂରାଜି ଦୈନିକ) ଏହି ବିଜ୍ଞାପନ ପ୍ରକାଶ ପାଇବାର ୨୧ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଆବେଦନପତ୍ର ପହଞ୍ଚିବା/ଦାଖଲ କରିବା ଆବଶ୍ୟକ। ସମ୍ପୂର୍ଣ୍ଣ ହୋଇଥିବା ଆବେଦନପତ୍ରକୁ ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମାନସଗଙ୍ଗୋତ୍ରୀ, ହୁଣସୁରୁ ରୋଡ୍, ମୈସୁର-୫୭୦୦୦୬, କର୍ଣ୍ଣାଟକ (Director, Central Institute of Indian Languages, Manasagangothri, Hunsur Road, Mysore-570006, Karnataka) ଠିକଣାରେ ଡାକରେ ପଠାଇପାରିବେ ବା ନିଜେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ତାରିଖ ପରେ ଆବେଦନପତ୍ର ପହଞ୍ଚିଲେ ବା ଦାଖଲ କଲେ ତାହା ଗ୍ରହଣଯୋଗ୍ୟ ନୁହେଁ। ଅନୁଷ୍ଠାନର ୱେବ୍‌ସାଇଟ୍ www.ciil.orgର ଘୋଷଣା (Announcement) ପୃଷ୍ଠାରେ ଆବେଦନପତ୍ର ତଥା ଏ ସମ୍ପର୍କିତ ଅଧିକ ସୂଚନା ଉପଲବ୍ଧ।

**ସହାୟକ ନିର୍ଦ୍ଦେଶକ (ପ୍ରଶାସନ)**
davp 21248/11/0002/1920 **କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମୈସୁର**

### ଦୋକାନରୁ ମୋବାଇଲ, ଟଙ୍କା ଚୋରି

**ଭବାନୀପାଟଣା,୯।୮ (ଡି.ଏନ.ଏ.)-** ଭବାନୀପାଟଣା ସହରସ୍ଥିତ କଲେଜ ଛକ ନିକଟ ଏକ ମୋବାଇଲ ଦୋକାନରୁ ମଙ୍ଗଳବାର ରାତିରେ ତାଲା ଭାଙ୍ଗି ଚୋରି ହୋଇଛି। ଚୋରମାନେ ଦୋକାନରେ ଥିବା ସମସ୍ତ ମୋବାଇଲ ଓ ନଗଦ ୨୨ ହଜାର ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ଦୋକାନ ମାଲିକ ଖବର ପାଇବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗତ କିଛି ଦିନ ଧରି ଭବାନୀପାଟଣା ସହରରେ ଚୋରି ବଢ଼ିବାରେ ଲାଗିଥିବା ବେଳେ ଲୁଟରାମାନେ ଧରାପଡୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

**ଦେନା ବୈଂକ ଅବ-ବୈଂକ ऑफ़ बड़ौदा DENA BANK NOW-BANK OF BARODA**

**ବାଲେଶ୍ୱର ଶାଖା**
ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧
ଫୋନ୍: ୦୬୭୮୨-୨୬୦୨୧୮, ୨୬୩୩୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) (ପରିଶିଷ୍ଟ ୪ [ରୁଲ୍ ୮(୧)])

ନିମ୍ନ ସ୍ୱାକ୍ଷରକାରୀ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) [ଆକ୍ଟ] ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା(ମାନେ) ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା(ମାନ)ଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ଲକ୍ଷ୍ମୀ ବ୍ରିକ୍ସ ଇଣ୍ଡଷ୍ଟ୍ରିଜ୍, କାରଖାନା ଠିକଣା-** ସା: ବଣପାରିଆ, କୁରୁଡା, ଏନ୍.ଏଚ୍-୫ ପାର୍ଶ୍ୱ, ସର୍ଭିସ୍ ରୋଡ୍, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୬, **୨) ମନ୍ମଥ କୁମାର ଦତ୍ତ, ୩) ଶ୍ରୀମତୀ ବିଜୟ ଲକ୍ଷ୍ମୀ ଦତ୍ତ, ବାସସ୍ଥାନ ଠିକଣା-** ସା: ଚାନ୍ଦମାରୀ ପଡିଆ, ପ୍ଲଟ୍ ନଂ.: ୧୬, ଶିବ ମନ୍ଦିର ନିକଟ, ସହଦେବ ଖୁଣ୍ଟା, ବାଲେଶ୍ୱର-୭୫୬୦୦୧, ଓଡ଼ିଶା | **୧) ମନ୍ମଥ କୁମାର ଦତ୍ତଙ୍କ** ନାମରେ ଥିବା ଜମି ଏବଂ କାରଖାନା ସେଡ ଯାହାର ଖାତା ନଂ.: ୩୧୫/୨୬୬, ପ୍ଲଟ୍ ନଂ.: ୧୧୧/୧୨୮୩ ଏବଂ ୧୧୨/୧୨୮୪, ଅନୁରୂପ ହାଲ୍ ଖାତା ନଂ.: ୩୧୫/୬୪୩, ହାଲ୍ ପ୍ଲଟ୍ ନଂ.: ୧୧୨/୧୨୮୪/୧୬୧୧ ଏବଂ ୧୧୧/୧୨୮୩/୧୬୧୦, କ୍ଷେତ୍ର: ୦.୨୦ ଏକର, ମୌଜା: ବଣପାରିଆ, କୁରୁଡା, ଜିଲ୍ଲା: ବାଲେଶ୍ୱର-୭୫୬୦୫୬, ଏହାର | ୦୪.୦୫.୨୦୧୯ / ୦୫.୦୮.୨୦୧୯ | ତା୦୪.୦୫.୨୦୧୯ ରିଖ ସୁଦ୍ଧା **ଟ.୫୩,୭୬,୩୧୦/-** + ତା୦୧.୦୩.୨୦୧୯ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୨, ଦକ୍ଷିଣ: ପ୍ଲଟ୍ ନଂ.: ୧୧୪୨, ପୂର୍ବ: ଗିରିଜା ଶଙ୍କର ଦାସଙ୍କ ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୦, **୨) ମନ୍ମଥ କୁମାର ଦତ୍ତଙ୍କ** ନାମରେ ଥିବା ବାସୋପଯୋଗୀ ଡ୍ୟୁପ୍ଲେକ୍ସ ୟୁନିଟ୍ ଯାହାକି "ସୁପ୍ରତିକ ଲାଇଫ୍ ଷ୍ଟାଇଲ୍"ରେ ଅବସ୍ଥିତ ଯାହାର ମୌଜା: କୁରୁଡା, ଥାନା: ସଦର, ଥାନା ନଂ.: ୧୯୬, ଜିଲ୍ଲା: ବାଲେଶ୍ୱର, ସବ୍ ପ୍ଲଟ୍ ନଂ.: ଏ/୧୫, କ୍ଷେତ୍ର: ୧୪୧୦ ବର୍ଗଫୁଟ, ମ୍ୟୁଟେସନ୍ ଖାତା ନଂ.: ୧୯୬/୮୦୬, ପ୍ଲଟ୍ ନଂ.: ୫୯/୧୫୪୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୪), ଦକ୍ଷିଣ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୬), ପୂର୍ବ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୬), ପଶ୍ଚିମ: ପ୍ରସ୍ତାବିତ ରାସ୍ତା

ସ୍ଥାନ : ବାଲେଶ୍ୱର, ତାରିଖ : ୦୯.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା

**ODISHA SUB-ORDINATE STAFF SELECTION COMMISSION**
Block No.3 & 5, Unit -1, Bhubaneswar-751009
Telephone - 0674-2597149, 2597152 (office)
Fax- 0674-2597155, Website : www.osssc.gov.in

No.IIE-69/2018 -268 (C)/OSSSC, Date- 07.08.2019

**NOTICE**

**Written Test for recruitment to the post of Excise Constable**

No.40-T :- In pursuance of the Advertisements No.IIE-68/2017- 910(C)/OSSSC dt. 09.10.2018, No.39(C)/OSSSC dt.11.01.2019 and IIE-69/2018-29 (C)/OSSSC dt. 10.01.2019, the Provisional List of the candidates qualified in the Physical Standard Measurement and Physical Efficiency Test held from 18.01.2019 to 31.01.2019 for the post of Excise Constable is hereby published as at Annexure-1. The candidates who appeared in the PSM & PET may visit the Commission's website: www.osssc.gov.in to see the results. The Written Test for the qualified candidates will be held at all the approved examination centres in the district headquarters on **08.09.2019 (Sunday)** from 10.00 AM onwards. The admission letters available online may be downloaded from the OSSSC Website from 24.08.2019 onwards by the qualified candidates using their User ID and Password to appear in the examination. **No hard-copy of Admission Letter will be sent to any candidate by post.**

*By order of the Commission*
09007/11/0001/1920 Sd./- Secretary

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୦ ଅଗଷ୍ଟ, ୨୦୧୯



ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍‌ସପିଅର



## ସଂକ୍ଷେପରେ

### ହୃଦ୍‌ଘାତରେ ଖବରକାଗଜ ବିତରକଙ୍କ ମୃତ୍ୟୁ



ବେଲପଡା, ୯।୮(ଡି.ଏନ.ଏ.): ବେଲପଡାର ଖବରକାଗଜ ବିତରକ ଧୋବେଇ ଚରଣ ପାତ୍ର (୪୬)ଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗତ ୮ ଦିନ ହେଲା ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ୩ ଦିନ ତଳେ ବିଶାଖାପାଟଣାସ୍ଥିତ ଏକ ଡାକ୍ତରଖାନାକୁ ତାଙ୍କୁ ଅଣାଯାଇଥିଲା। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ଭାଇ ସନ୍ଦିପ ପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବେଲପଡା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ଡ. ସଦାନନ୍ଦ ଅଗ୍ରୱାଲଙ୍କ ଦ୍ୱିତୀୟ ଶ୍ରାଦ୍ଧୋତ୍ସବ

# ଇତିହାସ ଭିତରେ ଓଡ଼ିଆ ଜାତିର ଅସ୍ମିତା ବଞ୍ଚିଛି

ବଲାଙ୍ଗୀର ଅଫିସ, ୯।୮

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଐତିହାସିକ ଡ. ସଦାନନ୍ଦ ଅଗ୍ରୱାଲଙ୍କ ଦ୍ୱିତୀୟ ଶ୍ରାଦ୍ଧୋତ୍ସବ ଶୁକ୍ରବାର ପାଳନ କରାଯାଇଛି । ସଦାନନ୍ଦ ଅଗ୍ରୱାଲ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥିଭାବେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଜିଲାପାଳ ଅରିନ୍ଦମ ଡାକୁଆ, ଘନଶ୍ୟାମ ଅଗ୍ରୱାଲ, ମୁଖ୍ୟବକ୍ତାଭାବେ ଡ ଶିବପ୍ରସାଦ ନନ୍ଦ ଓ ସମ୍ମାନିତ ବକ୍ତାଭାବେ ଡ ସୁଜିତ୍ କୁମାର ପୃଷେଠ୍ ଯୋଗଦାନ କରିଥିଲେ । ଐତିହାସିକ ଡ ଅଗ୍ରୱାଲଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ଓଡିଶା ଇତିହାସ ଗବେଷଣା ଓ ଶିଳାଲିପି ପାଠୋଦ୍ଧାରରେ ଡ. ଅଗ୍ରୱାଲଙ୍କ ଦକ୍ଷତା ଓ ଭୂମିକାକୁ ନେଇ ଅତିଥି ବକ୍ତାମାନେ ପ୍ରଶଂସା କରିଥିଲେ । ଡ ପୃଷେଠ୍ ତାଙ୍କ ବକ୍ତବ୍ୟରେ ଡ. ଅଗ୍ରୱାଲଙ୍କ ଖାରବେଳ ବହିରେ ଓଡିଆ ଜାତିର ଅସ୍ମିତା କଥା ଲିପିବଦ୍ଧ ରହିଛି କହି ଏହା ପ୍ରତ୍ୟେକ ଓଡିଆଙ୍କୁ ଗର୍ବିତ କରିବ ବୋଲି କହିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସିନେ ଅଭିନେତା ସତ୍ୟ ନାରାୟଣ ବେହେରା ଓ ନାଗରିକ କମିଟି ସାଧାରଣ ସମ୍ପାଦକ ବସ୍ତୁପ୍ରସାଦ କେଡିଆ ମଧ୍ୟ ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ଆଶିଷ ଅଗ୍ରୱାଲ ସ୍ୱାଗତ ବକ୍ତବ୍ୟ ଦେଇ ଓ ସଭାକୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ । ଶେଷରେ ବିଶ୍ୱଜିତ୍ ଦାଶ ଧନ୍ୟବାଦ ଦେଇଥିଲେ । ଏହି ସଭାରେ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।



ଡ. ସଦାନନ୍ଦ ଅଗ୍ରୱାଲ ଦ୍ୱିତୀୟ ଶ୍ରାଦ୍ଧୋତ୍ସବରେ ମଞ୍ଚାସୀନ ଅତିଥି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ତେଜି ଉଠୁଛି,**
**ହାତ ଚିକ୍କଣ ହେଉଛି ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡ଼ି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଇଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ତେଜିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ ସେହିପରି ଯିଏ ଅର୍ଥ କାରବାର କରେ, ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଇନାନୀ ବୋଲି ଗୋଟିଏ ଥିଲା**
**ଦଇବ ଦଣ୍ଡିଲା ତାକୁ,**
**ଆଣ୍ଠୁଏ ପାଣିରେ ଜପ କରୁଥିଲା**
**ପରଧନ ଖାଇବାକୁ ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୂରୀଣ। କେତକ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କେବେହେଲେ ଭୋଗ୍ୟ ହୋଇ ପାରି ନ ଥାଏ, ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଉ ନ ଥିବା ମହିଳା ନିଜ କୃତକର୍ମର ଫଳଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଝୁଲଣଯାତ୍ରା ପାଇଁ କଳସ ଯାତ୍ରା

ଗୁଡ଼ଭେଲା, ୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷରା ସହରସ୍ଥିତ ରାଧାରାଣୀ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ଝୁଲଣ ଯାତ୍ରା ପାଇଁ ଶୁକ୍ରବାର କଳସ ଯାତ୍ର କରାଯାଇଛି। ସ୍ଥାନୀୟ ସୋନଗଡ ନଦୀରୁ ପୂର୍ଣ୍ଣଜଳ କଳସ ଧରି ତୁଷରା ସହରର ମୁଖ୍ୟ ରାସ୍ତାଦେଇ ରାଧାରାଣୀ ମନ୍ଦିର ସମ୍ମୁଖ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ୧୫ ତାରିଖ ରାଧାକୃଷ୍ଣଙ୍କ ରଥଯାତ୍ରା, ୧୬ ତାରିଖ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଆୟୋଜକ କମିଟି ପକ୍ଷରୁ ପ୍ରକାଶ । କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ରୂପେଶ ଜୈନ। ବାଳକ ବାଗ, ଅଜୟ ଜୟସ୍ୱାଲ, ଗୋପାଳ ବାଗ, ଆଲୋକ ଦର୍ଜୀ, ସୁଦାମ ମାଝୀ, ଆଲୋକ ବେହେରା, ଗୋପାଳ ବାଗ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।



ଝୁଲଣ ଯାତ୍ରା ପାଇଁ ଶୁକ୍ରବାର କଳସ ଯାତ୍ର କରାଯାଉଛି।

## ଅସ୍ୱାସ୍ଥ୍ୟକର ପରିବେଶରେ ୨ ଅଙ୍ଗନୱାଡି କେନ୍ଦ୍ର

ଲୋଇସିଂହା,୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ସାପ୍ତାହିକ ବଜାରରେ ୨ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । କେନ୍ଦ୍ର ନିକଟରେ କୁଢକୁଢ ଆବର୍ଜନା ପଡି ରହିଛି । ଆବର୍ଜନା ସଫେଇ ହେଉ ନ ଥିବାରୁ ଶିଶୁମାନେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପାଠ ପଢୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

ଲୋଇସିଂହା ବସ୍ତି ତଥା ଶିଶୁମନ୍ଦିର ଆଗରେ ସାପ୍ତାହିକ ବଜାର ରହିଛି। ବଜାର ପରିସରରେ ୬ ଏବଂ ୮ ନମ୍ବର ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି । ଗୋଟିଏ କେନ୍ଦ୍ର ନିକଟରେ କଲ୍ୟାଣ ମଣ୍ଡପ ରହିଛି । ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଭୋଜିଭାତ ଆୟୋଜିତ ହେଉଛି । ଭୋଜିଭାତର ବଳକା ଖାଦ୍ୟ ଏବଂ ଆଇଣ୍ଠା ଖଳିପତ୍ର ପଡି ରହୁଛି। ଏପରିକି କେନ୍ଦ୍ର ସମ୍ମୁଖ ପାନୀୟ ଜଳ ମଧ୍ୟ ଠିକ ଭାବେ ନିଷ୍କାସନ ହୋଇପାରୁନାହିଁ । ବଜାର ପିଣ୍ଡାରେ ରହୁଥିବା ଯାଯାବରମାନେ ମଧ୍ୟ ଅନେକ ସମୟରେ ଆବର୍ଜନ ପକାଇ ଆସୁଛନ୍ତି। କେନ୍ଦ୍ର ପଟେ ଥିବା ନାଳା ସଫେଇ କରାଯାଉ ନ ଥିବାରୁ ଗତଦୁଇ ଦିନ ଲଗାଣ ବର୍ଷା ପରେ ଉଭୟ କେନ୍ଦ୍ର ଆଗରେ ବର୍ଷା ପାଣି ଜମି ରହିଥିଲା । କେନ୍ଦ୍ରକୁ ପାଠପଢି ଆସୁଥିବା ଶିଶୁମାନେ ଅସୁରକ୍ଷିତ ଭାବେ କେନ୍ଦ୍ରକୁ ଯାଉଥିବା ପରିଲକ୍ଷିତ କରାଯାଇଥିଲା। କଲ୍ୟାଣ ମଣ୍ଡପ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ଏହି ସମସ୍ୟା ଲାଗି ରହିଥିବା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅବ୍ୟବସ୍ଥା ଏବଂ ଅସ୍ୱାସ୍ଥ୍ୟକର ପରିବେଶ ଦେଖି ବିଙ୍ଗହ୍ୟୁମାନ ଫାଉଣ୍ଡେଶନର ସଦସ୍ୟ କେନ୍ଦ୍ର ଏବଂ ପାଣ ନିଷ୍କାସନ ହୋଇ ପାରୁ ନ ଥିବା ନାଳା ସଫେଇ କରିଥିଲେ ।



ଅଙ୍ଗନୱାଡି କେନ୍ଦ୍ର ଚାରିପାଖରେ ଜମି ରହିଥିବା ପାଣି ।

## ଜିଲା ସାମ୍ବାଦିକ ସଂଘ ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର ଅଫିସ, ୯।୮

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଛି । ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ପ୍ରଥମେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପସଭାପତି ବଳରାମ ମିଶ୍ର, ଦୀପକ ସମାଦାର, ଯତୀଶ ଚନ୍ଦ୍ର ଖମାରୀ, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ, ସମ୍ପାଦକ ସଦାଶିବ ସରାଫ୍, ମାନସ ମହାନ୍ତି, ରଞ୍ଜିତ ବେହେରା, ସାଙ୍ଗଠନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର ଏବଂ କୋଷାଧ୍ୟକ୍ଷ ସୁନୀଲ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସଂଘର ଦିବଙ୍ଗତ ସଦସ୍ୟ ବାଳକୃଷ୍ଣ ହୋତା, ସୁନୀଲ କୁମାର ବେହେରା, ସହୀଦ୍ ଅଚ୍ୟୁତାନନ୍ଦ ସାହୁ, ବିପ୍ରଚରଣ ସାହୁ ଏବଂ ରୁଦ୍ରନାରାୟଣ ପଣ୍ଡିଆଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ବିବରଣୀ ପାଠ କରିଥିଲେ । ସଭା ପରେ ଆଗାମୀ ଦୁଇବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନରେ ହରିନାରାୟଣ ପୂଜାରୀ ସଭାପତି, ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ମିଶ୍ର ଓ ମାନସ ମହାନ୍ତି ଉପସଭାପତି, ବଳରାମ ମିଶ୍ର ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥିଲେ । ରଞ୍ଜିତ ବେହେରା, ବଂଶୀଧର ସେଠ୍ ଓ ଦୀପକ ସମାଦ୍ଦାର ସମ୍ପାଦକ, ଶରତ କୁମାର ମିଶ୍ର ସାଙ୍ଗଠନିକ ସମ୍ପାଦକ ଏବଂ ସୁନୀଲ କୁମାର ମହାନ୍ତି କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ନିର୍ବାଚନ ଅଧିକାରୀ ଭାବେ ସତ୍ୟନାରାୟଣ ବେହେରା, ସୁଧୀର ଚନ୍ଦ୍ର ପଣ୍ଡା ଓ ସତ୍ୟ ସୁନ୍ଦର ଭଞ୍ଜ ନିର୍ବାଚନ ପରିଚାଳନା କରିଥିଲେ । ପରେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା ।

## ବିଶ୍ୱନାଥପୁର ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ : ନିୟମଗିରି ବେଦାନ୍ତ ନଗର, ଚନ୍ଦନପୁର ବିଜୟୀ

ଲାଞ୍ଜିଗଡ଼,୯।୮(ଡି.ଏନ.ଏ.)

ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ହାଇସ୍କୁଲ ପଡିଆଠାରେ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ନିୟମଗିରି ବେଦାନ୍ତ ନଗର ଓ ନଙ୍ଗଳବେଡା ଦଳ ପରସ୍ପରକୁ ଭେଟିଥିଲେ। ଟାଇବ୍ରେକର ଜରିଆରେ ନିୟମଗିରି ବେଦାନ୍ତ ନଗର ଦଳ ବିଜୟୀ ହୋଇଥିଲା। ସେହିପରି ଚନ୍ଦନପୁର ଓ ଚମ୍ପାଦେଇପୁର ଦଳ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ପ୍ରଥମରୁ ଏକତରଫା ଭାବେ ଚନ୍ଦନପୁର ଦଳ ୫-୦ ଗୋଲରେ ବିଜୟ ଲାଭ କରିଥିଲା। ମ୍ୟାଚରେ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ ଘଡେଇ, ବରିଷ୍ଠ ନାଗରିକ ରଘୁବୀର ନାଗ, ଗଗନବିହାରୀ ସାମଲ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ବିଶ୍ୱନାଥ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। କିଶୋର ଘଡେଇ, ସୁନୀଲ ଓ ଫାଲଗୁନୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଧବଳେଶ୍ୱର ଠେଲା ଓ ଦୈତାରୀ ଘଡେଇ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ ଫକୀର ମୋହନ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିବାବେଳେ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ସାମାଜିକ କର୍ମୀ ପ୍ରଦୀପ ଘଡେଇ, ବିଶ୍ୱନାଥ ଘଡେଇ, ହରିହର କୁମାର ପ୍ରମୁଖ ଯୋଗଦେଇଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

REAL ESTATE SALE

URGENT SALE
3 BHK Flats at "Mani Tribhuvan" located on Nandan Kanan Road, Raghunathpur, Bhubaneswar.
Please contact us at
9748761763
gcoopersestate@gmail.com

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ପରିବର୍ତ୍ତନ ସହିତ ଯିଏ ନିଜକୁ ଖାପ ଖୁଆଇ ନ ପାରେ ସେ ନିଜ ପ୍ରଗତିର ଦ୍ୱାର ରୁଦ୍ଧ କରିଦିଏ।
- ଚାର୍ଲସ ଲିଣ୍ଡବର୍ଗ

# ଫେଲ୍ ମାରିଛି ମେଗା ଉଠା ଜଳସେଚନ ପ୍ରକଳ୍ପ

**ଗୁଡ଼ଭେଲା ବ୍ଲକ**
- ଫସଲ ବୀମାରୁ ବଞ୍ଚିତ ହେଉଥିବା ଚାଷୀଙ୍କ ଅଭିଯୋଗ
- ଅଭିଯୋଗ ପରେ ଖେତ ବୁଲିଲେ ମନ୍ତ୍ରୀ, ଅଧିକାରୀ

**ଗୁଡ଼ଭେଲା, ୯।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ରହିଛି ଛଅଟି ମେଗା ଉଠା ଜଳ ପ୍ରକଳ୍ପ। ହେଲେ ଏହିସବୁ ପ୍ରକଳ୍ପରୁ ଚାଷୀ କିଛି ଲାଭ ପାଉ ନାହାନ୍ତି। ଏଲଏଣ୍ଟି ଓ ମେଗା ଉଠା ଜଳ ପ୍ରକଳ୍ପ ବିଭାଗ ଅଧିକାରୀଙ୍କ ଖାମଖିଆଲି ମନୋବୃତ୍ତି ଯୋଗୁଁ ଏହି ଅବସ୍ଥା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଜଳସେଚନ ଅଞ୍ଚଳ ହୋଇଥିବାରୁ ଚଳିତ ବର୍ଷ ଫସଲ ବୀମା ପାଇବାରୁ ମଧ୍ୟ ବଞ୍ଚିତ ହେବୁ ବୋଲି ବହୁ ଚାଷୀ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ମନ୍ତ୍ରୀ ସାହୁ ଏକ ବୈଠକ କରି ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପରୁ କିପରି ଲାଭ ପାଇବେ ତାହା ଉପରେ ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ରାଜ୍ୟ ଉଠା ଜଳସେଚନ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୌରୀଶଙ୍କର କର, ଏକଜିକ୍ୟୁଟିଭ ଇଞ୍ଜିନିୟର ସୁନୀଲ ରାଉତ, ସୋନପୁର ଡିଭିଜନର ବିଭାଗୀୟ ଏସ୍‌ଡିଓ ଦେବାଶିଷ ରାଉତ ଓ ଏଲଏଣ୍ଟିର ମୁଖ୍ୟ ପରିଚାଳକ ସିରବର ରାଜ, ଏନଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ, ତହସିଲଦାର ଚନ୍ଦମଣୀ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଗୁଡଭେଲା, ଜାମୁଟ, ରୁଷୁଡା, ଚିଞ୍ଚେଡ, ନୂଆପଡା, ଟାଣ୍ଡିଗାଁ ଆଦି ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନେ ଏହି ପ୍ରକଳ୍ପର ପାଣି ଜମିକୁ ମାଡୁ ନ ଥିବା କହିଥିଲେ। ସିରାବାହାଲ ଗ୍ରାମରୁ ଆସିଥିବା ଗାନ୍ଧୀ ଛତ୍ରିଆ ଓ ନରପାଳ ଛତ୍ରିଆ ଅଭିଯୋଗ କରିଥିଲେ ଯେ, ତାଙ୍କ ଜମିରେ ମେଗା ଜଳ ପାଇପ ଯାଇଛି। କିନ୍ତୁ ତାଙ୍କ ଜମିକୁ ପାଣି ଦିଆଯାଉ ନାହିଁ କିମ୍ୱା ଆଖ ପାଖରେ ପାଣି ପଏଣ୍ଟ ବସି ନାହିଁ। ପୂର୍ବତନ ଜିଲା ପରିଷଦ ସଭ୍ୟ ମୋହ ନାଗ କହିଥିଲେ ଯେ, ପଏଣ୍ଟଗୁଡିକ ଦିଆଯିବା ସମୟରେ ଚାଷୀଙ୍କ ସହ ଆଲୋଚନା ନକରି ବିଭାଗୀୟ ଅଧିକାରୀମାନେ ମନଇଚ୍ଛା ଦେଇଥିବାରୁ ଏପରି ସମସ୍ୟା ଦେଖାଦେଇଛି। ଶେଷରେ ମନ୍ତ୍ରୀ, ଜିଲାପାଳ ଓ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ରୁଷୁଡା ଗ୍ରାମପଞ୍ଚାୟତର ଶାସନପାଲି ଓ କୁକେଡମାଲ ଗ୍ରାମରେ ଥିବା ମେଗା ଉଠା ଜଳ ପ୍ରକଳ୍ପ ବୁଲି ଦେଖିଥିଲେ। ଗତ ଦୁଇ ଦିନ ଧରି ବର୍ଷା ଯୋଗୁଁ କିଛି ପରିମାଣରେ ଚାଷ କାର୍ଯ୍ୟ ହେବ। କିନ୍ତୁ ଜଳ ପ୍ରକଳ୍ପ ଆମ୍ଭକୁ ଧୋକା ଦେଇଛି ବୋଲି କୃଷକ ଦେବରାଜ ସାହୁ କହିଥିଲେ। ଏ ନେଇ ମନ୍ତ୍ରୀ ସାହୁ କହିଥିଲେ ଯେ, ଚାଷୀମାନଙ୍କର ଅଭିଯୋଗ ପାଇଛି। ଏହାର ସମାଧାନ ପାଇଁ ଭୁବନେଶ୍ୱରରୁ ବିଭାଗୀୟ ଯନ୍ତ୍ରୀ ଆସିଛନ୍ତି, ସେମାନେ ସବୁ ପ୍ରକଳ୍ପ ବୁଲି ଦେଖିବେ। ରାଜ୍ୟ ଉଠା ଜଳସେଚନ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୌରୀଶଙ୍କର କର କହନ୍ତି ଯେ, ସର୍ଭେ ଏବେ ପର୍ଯ୍ୟନ୍ତ ଚାଲିଛି। ଯେତିକି ଚାଷ ଜମିକୁ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ସବୁ ଜମିକୁ ପାଣି ଯୋଗାଇ ଦିଆଯିବ। ଏ ନେଇ ଏଲଏଣ୍ଟିର ମୁଖ୍ୟ ପରିଚାଳକ ସିରବର ରାଜ କହନ୍ତି ଯେ, ଆମର ୬ଟି ପ୍ରକଳ୍ପରେ ବିଭିନ୍ନ ସ୍ଥାନରେ ୪୫ଟି ପାଣି ପଏଣ୍ଟ ରହିଛି। ସେମଧ୍ୟରୁ ଏବେ ୪୨ଟି ପଏଣ୍ଟ ମାଧ୍ୟମରେ ପାଣି ଯୋଗାଇ ଦିଆଯାଉଛି। ତାହା ପରେ ମଧ୍ୟ ଚାଷୀ ପାଣି ନପାଇଲେ କଣ କରାଯିବ ବୋଲି ଓଲଟା ପ୍ରଶ୍ନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ,ଏହି ବ୍ଲକର ଜାମୁଟ ପଞ୍ଚାୟତର ମହାଜନପଡା ପ୍ରକଳ୍ପରୁ ପ୍ରାୟ ୮୦୦ହେକ୍ଟର, ରୁଷୁଡା ପଞ୍ଚାୟତର ଚାଣ୍ଟିପଦର ପ୍ରକଳ୍ପରୁ ୮୦୦ହେକ୍ଟର, ଗୁଡଭେଲା ପ୍ରକଳ୍ପରୁ ୭୫୦ ହେକ୍ଟର, ଟାଣ୍ଡିଗାଁ ପ୍ରକଳ୍ପରୁ ୯୦୦ ହେକ୍ଟର, କୁକେଡମାଳ ପ୍ରକଳ୍ପରୁ ୨ହଜାର ହେକ୍ଟର, ତେନ୍ତୁଳିଖୁଣ୍ଟି ପ୍ରକଳ୍ପରୁ ୧୫ଶହ ହେକ୍ଟର ଏହିପରି ପ୍ରାୟ ୬୭୫୦ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇବା ଲକ୍ଷ୍ୟ ନେଇ ଏହି ଯୋଜନା କରାଯାଇଥିଲା।



ଚାଷୀଙ୍କ ସହ ମନ୍ତ୍ରୀ ଓ ଜିଲାପାଳ ଆଲୋଚନା କରୁଛନ୍ତି।

## ତୁଷୁରା ଆହାର କେନ୍ଦ୍ର ୫୫କିମି ଦୂର ଟିଟିଲାଗଡ଼ରୁ ଆସୁଛି ଖାଦ୍ୟ

**ଗୁଡ଼ଭେଲା, ୯।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟ ପରିସରରେ ଏକ ଆହାର କେନ୍ଦ୍ର ରହିଛି। ଏହି କେନ୍ଦ୍ରକୁ ୨୬ଜାନୁୟାରୀ ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲୋକାର୍ପଣ କରିଥିଲେ। ଏଠାରେ ୩ଶହ ଜଣଙ୍କ ପାଇଁ ୫ଟଙ୍କିଆ ଆହାର ଗୋଟିଏ ସମୟ ମଧ୍ୟାହ୍ନ ୧୨ଟାରେ ଯୋଗାଇ ଦିଆଯାଉଛି। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏଠାରେ ଦିଆଯାଉଥିବା ଖାଦ୍ୟ ୫୫କିମି ଦୂର ଟିଟିଲାଗଡ ଆହାର କେନ୍ଦ୍ର କ୍ୟାଣ୍ଟିନରୁ ଅଣାଯାଉଛି। ବହୁ ସମୟରେ ଖାଦ୍ୟ ଏତେ ଦୂରରୁ ସମୟରେ ଆସି ପହଞ୍ଚିବା ସମ୍ଭବ ହେଉନାହିଁ। ପୁନଶ୍ଚ ଖାଦ୍ୟର ମାନ ଠିକ୍ ରହୁନାହିଁ। ପାଣିଆ ଡାଲି ଖାଦ୍ୟରେ ଦିଆଯାଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ରାତ୍ରବେଳା ଆହାର ଦିଆଯାଉ ନାହିଁ। ଏନେଇ ତୁଷୁରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କହନ୍ତି ଯେ, ଏଠି ରୋଷେଇ ଘର ନ ଥିବାରୁ ଟିଟିଲାଗଡରୁ ଖାଦ୍ୟ ଆସୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁଷୁରାରେ ଆହାର ରନ୍ଧା ଯିବା ସହ ରାତିବେଳା ୫ଟଙ୍କିଆ ଆହାର ଯୋଗାଇ ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ଆର୍ଥିକ ଜନଗଣନା ପ୍ରଶିକ୍ଷଣ ଶିବିର

**ବେଲପଡା, ୯।୮(ଡି.ଏନ.ଏ.):** ବେଲପଡା ମାରଓାଡି ଧର୍ମଶାଳାଠାରେ ବେଲପଡା ବ୍ଲକ ଜନସେବା କେନ୍ଦ୍ରର ପ୍ରତିନିଧିମାନଙ୍କୁ ନେଇ ଶୁକ୍ରବାର ଆର୍ଥିକ ଜନଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଜନା ପରିସଂଖ୍ୟାନ ଓ ଉନ୍ନୟନ ଅଧିକାରୀ ବଲାଙ୍ଗୀର ଦଳ କିଶୋର କରୁଆଁ ଓ ବିଡିଓ ବିଜୟ କୁମାର ହୋତା ଶିବିରରେ ଯୋଗ ଦେଇଥିଲେ। ଜନସେବା କେନ୍ଦ୍ରର ଜିଲା ମ୍ୟାନେଜର ରାଜେନ୍ଦ୍ର ମହାଲିଙ୍ଗ ମୋବାଇଲ ଆପ୍ ମାଧ୍ୟମରେ ଜନଗଣନା ବିଷୟରେ ବୁଝାଇଥିଲେ। ଶିବିରରେ ବ୍ଲକର ୬୦ଟି ଜନସେବା କେନ୍ଦ୍ରରୁ ପ୍ରାୟ ୧୦୦ଜଣ ପ୍ରତିନିଧି ପ୍ରଶିକ୍ଷଣ ନେଇଥିଲେ। ଏହି ଜନଗଣନା ଅଗଷ୍ଟ ୧୬ରୁ ଆରମ୍ଭ ହେବ ବୋଲି ଜିଲା ମ୍ୟାନେଜରଙ୍କ ସୂତ୍ରରୁ ପ୍ରକାଶ।

### ଭାଜପାର ଶ୍ରଦ୍ଧାଞ୍ଜଳି ସଭା

**ଲୋଇସିଂହା, ୯।୮(ଡି.ଏନ.ଏ.):** ଲୋଇସିଂହାସ୍ଥିତ କଲ୍ୟାଣ ମଣ୍ଡପରେ ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଏବଂ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫(ଏ)କୁ କେନ୍ଦ୍ର ସରକାରଙ୍କ ଉଚ୍ଛେଦ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ଏବଂ ଆଲୋଚନାଚକ୍ରରେ ଅଧ୍ୟାପକ ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱ କରିଥିଲେ। ସଭାରେ ବିଧାୟକ ମୁକେଶ ମହାଲିଙ୍ଗ, ଆରଏସଏସ ଜିଲା ପ୍ରଚାରକ ଦତ୍ତାନନ୍ଦ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ପୂର୍ବତନ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଧାୟକ ମହାଲିଙ୍ଗ ସୁଷମା ସ୍ୱରାଜଙ୍କ ସ୍ମୃତିଚାରଣ କରିଥିଲେ। ସଭାପତୀୟ ଅଭିଭାଷଣରେ ଅଧ୍ୟାପକ ମିଶ୍ର କେନ୍ଦ୍ର ସରକାରଙ୍କ ଅନୁଚ୍ଛେଦ ୩୭୦ ଏବଂ ୩୫(ଏ) ଉଚ୍ଛେଦ ଉପରେ ବିସ୍ତୃତ ବିବରଣୀ ରଖିଥିଲେ। ଶେଷରେ ମଣ୍ଡଳ ସଭାପତି ଜ୍ୟୋତିର୍ମୟ ରାଉତ ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ, ୯।୮(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସକୁ କିଭଳି ଆକର୍ଷଣୀୟ କରାଯାଇ ପାରିବ ତାହା ଉପରେ ବିଚାର ବିମର୍ଶ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ, ମିଳିତ ପରେଡ, ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଏବିଓ ମୀନିକେତନ ବରିହା, ସହକାରୀ ନିର୍ବାହି ଯନ୍ତ୍ରୀ ସୌମ୍ୟ କିଶୋର ଜଏପୁରିୟା, ଜିପିଇଓ ସୁଶାନ୍ତ କୁମାର ପାଣି, ଦିଲୀପ କୁମାର ସାହୁ, ପବିତ୍ର ନାଏକ, ଇସପାଲ ସୁନା, ରଘୁନାଥ ସିଂ ବରିହା, ଅକ୍ଷୟ ପଧାନ, କିଶୋର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦିବାସୀଙ୍କ ନାଯ୍ୟ ଦାବି ହାସଲ ଉପରେ ଗୁରୁତ୍ୱ

ସଇଁତଲା, ୯।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। କଲ୍ୟାଣ ମଣ୍ଡପରେ ହୋଇଥିବା ସଭାରେ ସ୍ଥାନୀୟ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଦିବାସୀଙ୍କ ଅଧିକାର ଓ ନାଯ୍ୟ ଦାବି ହାସଲ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସନ୍ତୋଷ ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଦିବାସୀ ସଂଘର ରୋହିତ ଜାନୀ, ଚକାଚରଣ ମାଝୀ, ଟଙ୍କଧର ଧରୁଆ, ବାଞ୍ଛା ଭୋଇ, ପ୍ରଦୀପ ମାଝୀ ଉପସ୍ଥିତ ଥିଲେ।

### ୪୬୦ ଛାତ୍ରୀଛାତ୍ରଙ୍କୁ ଖୁଆଗଲା କ୍ରିମିନାଶକ ଔଷଧ

**ବଙ୍ଗୋମୁଣ୍ଡା, ୮।୮(ଡି.ଏନ.ଏ.):** ବଙ୍ଗୋମୁଣ୍ଡା ବ୍ଲକ ଖଇରା ସତ୍ୟ ମହିମା ବିଦ୍ୟାପୀଠରେ ବିଶ୍ୱ କ୍ରିମିନାଶକ ଦିବସ ପାଳିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନପଣ୍ଡିତ ଅକ୍ଷୟ କୁମାର ତ୍ୟାଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଡ.ନାରାୟଣ ମିଶ୍ର କ୍ରିମୀ ରୋଗ ଉପରେ ଆଲୋଚନା କରିଥିଲେ। ଏଥିରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ବିଦ୍ୟାପୀଠର ୪୬୦ଜଣ ଛାତ୍ରୀଛାତ୍ରଙ୍କୁ କ୍ରିମିନାଶକ ଔଷଧ ଖୁଆ ଯାଇଥିଲା।

## ମହିଳା କଂଗ୍ରେସ ପାଳିଲା ଅଗଷ୍ଟ କ୍ରାନ୍ତି ଦିବସ

**ବଲାଙ୍ଗୀର ଅଫିସ, ୯।୮**

ବଲାଙ୍ଗୀର ମହିଳା କଂଗ୍ରେସ ପକ୍ଷରୁ ଶନିବାର ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳନ କରାଯାଇଥିଲା। ମହିଳା କଂଗ୍ରେସ ସଭାନେତ୍ରୀ ମିଲନୀ ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା କଂଗ୍ରେସ ନେତ୍ରୀ ଗାନ୍ଧୀଜୀଙ୍କୁ ଏହି ଅବସରରେ ମନେ ପକାଇ ଭାରତ ଛାଡ ଆନ୍ଦୋଳନ ଉପରେ ଆଲୋଚନା କରିଥିଲେ। ପୂର୍ବାହ୍ନ ୧୦ଟାରେ ସମସ୍ତ ସଦସ୍ୟା ଗାନ୍ଧୀନଗରପଡାର ଗାନ୍ଧୀ ପ୍ରତିମାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମହିଳା ନେତ୍ରୀ ମୀରା ମଣ୍ଡଳ, ସବିତା ସତପଥି, ସେମସୁନ ନିଶା, ଉର୍ବଶୀ ମୁଣ୍ଡା, ଯଶୋବନ୍ତୀ ମୁଣ୍ଡା, ଏଜିବିଲା କ୍ରିଷ୍ଟୋଦାସ, ରଶ୍ମିତା ନାଏକ, ଅନ୍ନପୂର୍ଣ୍ଣ ବରିହା, ଶିଳା ବଗର୍ତ୍ତୀ, ସାହାରା ବିବି, ଅମ୍ବିକା ଛତ୍ରୀ, ଇଶ୍ରମ ବିବି, ସେବତୀ ମେହେର ଓ ଅନ୍ୟ ନେତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।




ମହିଳା କଂଗ୍ରେସ ସଦସ୍ୟାମାନେ ଗାନ୍ଧୀ ପ୍ରତିମୂର୍ତ୍ତି ସଫା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ପାଇପ ବିଛାଇ ଖେତକୁ ପାଣି ଯୋଗାଇବାକୁ ନିର୍ଦ୍ଦେଶ

**ସଇଁତଲା, ୯।୮ (ଡି.ଏନ.ଏ.)**

ସଇଁତଲା ବ୍ଲକ କୁଶମାଲସ୍ଥିତ ବୃହତ ଉଠା ଜଳସେଚନ ପ୍ରକଳ୍ପ ବିବାଦ ଶେଷରେ ମନ୍ତ୍ରୀ ଓ ଯନ୍ତ୍ରୀଙ୍କ ଉପସ୍ଥିତିରେ ସମାଧାନ ହୋଇଛି। ଚଳିତ ବର୍ଷ ବ୍ଲକ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ଦେଖାଦେଇଥିଲା। ଏହି ପରିସ୍ଥିତିରେ ପ୍ରକଳ୍ପ ପାଣି ଚାଷ ଜମିକୁ ପହଞ୍ଚି ପାରୁ ନ ଥିବା ଯୋଗୁଁ ଚାଷୀଙ୍କ ମଧ୍ୟରେ ବିବାଦ ଦେଖାଦେଇ ବନ୍ଦ ପଡ଼ିଥିଲା। ଚାଷୀଙ୍କ ସୂତ୍ରରୁ ପ୍ରକାଶ ତଳିଆ ଅଞ୍ଚଳ ପଏଣ୍ଟଗୁଡ଼ିକ ଠିକ୍ ଥିବାରୁ ଉଚ୍ଚ ଜାଗାରେ ଥିବା ଜମିକୁ ପାଣି ପହଞ୍ଚି ପାରୁ ନ ଥିଲା। ସେହିଭଳି ଭୋଲଟେଜ କମ୍ ବେଶୀ ଦର୍ଶାଇ ଦିନକ ମଧ୍ୟରେ କେବଳ ୨ରୁ ୩ ଘଣ୍ଟା ମାତ୍ର ପାଣି ଚାଷ ଜମିକୁ ମିଳୁଥିଲା। ଏହି ଅସୁବିଧା ଦର୍ଶାଇ ସପ୍ତାହକ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ କୁଶମାଲ ପ୍ରକଳ୍ପ ପମ୍ପରେ ତାଲା ପକାଇଥିଲେ। ଶୁକ୍ରବାର ମନ୍ତ୍ରୀ ଟୁକୁନୀ ସାହୁ ବୃହତ ଉଠା ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଗୌରୀ ଶଙ୍କର କର, ସହକାରୀ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳ, ରାଜକିଶୋର ଡାଙ୍ଗ, ଚନ୍ଦ୍ରବଦନ ପୁରୋହିତ, ରାଜେଶ ବେହେରାଙ୍କ ସହ କୁଶମାଲ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଚାଷ ଜମିକୁ ପାଣି ପହଞ୍ଚି ପାରୁନାହିଁ ସେଠାକୁ ଏଲଏଣ୍ଡଟି କମ୍ପାନୀ ତରଫରୁ ପାଇପ ବିଛାଯାଇ ପାଣି ଯୋଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।




ବିଜ୍ଞାନ ସଚେତନତା ରାଲି।

## ବିଜ୍ଞାନ ଚେତନା ମଞ୍ଚର ସଚେତନତା ରାଲି

**ବଲାଙ୍ଗୀର ଅଫିସ, ୯।୮**

ବିଜ୍ଞାନ ଚେତନା ମଞ୍ଚ ବଲାଙ୍ଗୀର ପକ୍ଷରୁ ଶୁକ୍ରବାର ଏକ ନୀରବ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ. ସତ୍ୟନାରାୟଣ ଚାଉଲିଆ ବିଜ୍ଞାନ ପାଇଁ ଅନୁଷ୍ଠିତ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଜନଯାତ୍ରାରେ ପ୍ରାଧ୍ୟାପକ ଡ. ଗଜେନ୍ଦ୍ର ପ୍ରଧାନ, ଅଧ୍ୟାପକ ବିଶ୍ୱଜିତ ବେହେରା, ଅଧ୍ୟାପକ ପ୍ରକାଶ ସାହୁ, ଅଧ୍ୟାପିକା ସୌମେତ୍ରୀ ସାହୁ, ବିଜ୍ଞାନ ଚେତନା ମଞ୍ଚ ବଲାଙ୍ଗୀର ସଭାପତି ଜଗଦୀଶ ଚନ୍ଦ୍ର ମିଶ୍ର, ଛାତ୍ର ପ୍ରତିନିଧି ଲକ୍ଷ୍ମୀଧର ସାମିଲଙ୍କ ସହ ଅନ୍ୟ ଶିକ୍ଷକ, ଅଧ୍ୟାପକ, ଛାତ୍ରୀଛାତ୍ର ଓ ବିଜ୍ଞାନପ୍ରେମୀ ସାମିଲ ଥିଲେ। ଏହି ଶୋଭାଯାତ୍ରା ରାଜେନ୍ଦ୍ର କଲେଜରୁ ବାହାରି ସିଭିଲ କୋର୍ଟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ପରେ ରାଜେନ୍ଦ୍ର କଲେଜ ବିଜ୍ଞାନ ବିଭାଗରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉପସ୍ଥିତ ଅତିଥି ଡ. ବେହେରା ଓ ଅଧ୍ୟାପକ ସାହୁ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଚେତନା ମଞ୍ଚ ବଲାଙ୍ଗୀର ସଭାପତି ଜଗଦୀଶ ମିଶ୍ର ସଂକ୍ଷେପରେ ବିଜ୍ଞାନ ଓ ଆଧୁନିକ ବିଶ୍ୱ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନକୁ ଲୋକାଭିମୁଖୀ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପରେ ଛାତ୍ର ପ୍ରତିନିଧି ଲକ୍ଷ୍ମୀଧର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱ ଆଦିବାସୀ ଦିବସ ପାଳିତ

# ଭାଷା ସୁରକ୍ଷା ପାଇଁ ସଙ୍କଳ୍ପ

**ବଲାଙ୍ଗୀର ଅଫିସ, ୯।୮**

ସ୍ଥାନୀୟ ସୈନିକ ଭବନଠାରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଡ ମହାସଭା ବଲାଙ୍ଗୀର ପୌରାଞ୍ଚଳ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥିଲା। ମିଳିତ ଜାତିସଂଘ ୨୦୧୯କୁ ଅର୍ନ୍ତଜାତୀୟ ଆଦିବାସୀ ଭାଷାବର୍ଷଭାବେ ପାଳନ କରାଯାଉଥିବା ସୂଚନା ଦେଇଥିଲେ। ଅଗଷ୍ଟ ୯ ଆଦିବାସୀ ଦିବସ ଅବସରରେ ଅତିଥିମାନେ ଆସିବାସୀଙ୍କ ଭାଷା ଓ ସଂସ୍କୃତି ସୁରକ୍ଷା ଉପରେ ଆଲୋଚନା କରିଥିଲେ। ପ୍ରଦୀପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିରଟୀ ଭୋଇ ମୁଖ୍ୟଅତିଥି, ଦଇତ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବାସୁଦେବ ପୁଟା ଓ ଗଣେଶ ମାଝି ଅତିଥିଙ୍କୁ ସ୍ୱାଗତ କରିଥିଲେ। ମହିଳା ସଭାନେତ୍ରୀ ପଙ୍କଜିନୀ ଭୋଇ, ଝରଣାବାଗ ସିଂ, ଦାମୋଦର ମାଝି, ମମତା ଭୋଇ, ରମ୍ଭାବତୀ କୁଅଁର, ଗାୟତ୍ରୀ ଭୋଇ, ଲିସା ମାଝୀ, କୌଶଲ୍ୟା କୁମୁରା, ଭାନୁମତୀ ମାଝି, ଗଦମତୀ ମଲ୍ଲିକ ବକ୍ତବ୍ୟ ରଖିଥିଲେ। ପ୍ରମୋଦ ମଲ୍ଲିକ, ଅନନ୍ତରାମ ବଇ, କୃଷ୍ଣ ଧରୁଆ, ସହଦେବ ଧରୁଆ, ପ୍ରମେଦ ମଲ୍ଲିକ ସହଯୋଗ କରିଥିଲେ। ମୀନକେତନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

ଆଦିବାସୀ ବିକାଶ ସମନ୍ୱୟ ସମିତି ଓ ଆଇପିଏମ୍‌ଓ, ଭୁବନେଶ୍ୱର ବଲାଙ୍ଗୀର ଶାଖାଙ୍କ ମିଳିତ ଆନୁକୂଲ୍ୟରେ ଶବରୀ ନାରାୟଣ ମନ୍ଦିରସ୍ଥିତ ଧର୍ମଶାଳାରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥିଲା। ନାରୀନେତ୍ରୀ ଦମୟନ୍ତୀ କୁମରାଙ୍କ ଆବାହକତ୍ୱରେ ଓ ରାହାସ ବିହାରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯଥା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ହର୍ଷବର୍ଦ୍ଧନ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ଶିବାଜୀ କୁଅଁର, ଜଗଦୀଶ ଧରୁଆ, ବୀରବର ଧରୁଆ, ମାନସୀ ଭୋଇ, ଡାଳିମ୍ବ ଧରୁଆ, ପୂର୍ଣ୍ଣିମା ରାଏ, ପୁଷ୍ପା ମାଝି, ସୀତା ତୁମନିଆ, ବିଳାସିନୀ ମାଝି, ଚନ୍ଦ୍ରକାନ୍ତୀ ଭୁଏ, କୁମାରୀ ଭୋଇ ଓ ଚନ୍ଦ୍ରକାନ୍ତୀ ଭୋଇ ଯୋଗଦେଇଥିଲେ। ଆଦିବାସୀମାନେ ସଚେତନ ହେଲେ ହିଁ ସେମାନଙ୍କ ହକ୍ ପାଇପାରିବେ ବୋଲି ବକ୍ତାମାନେ କହିଥିଲେ। ଶତାଧିକ ମହିଳା ଇନ୍ଦିରାନଗରରୁ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟକୁ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଇସ୍ତାହାର ପତ୍ର ପ୍ରଦାନ କରିଥିଲେ।




ବିଶ୍ୱ ଆଦିବାସୀ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

## ଶୋଭାଯାତ୍ରାରେ ସହର ପରିକ୍ରମା କଲେ ଆଦିବାସୀ

**ଲୋଇସିଂହା, ୯।୮(ଡି.ଏନ.ଏ.)**

ଲୋଇସିଂହାସ୍ଥିତ ଆଦିବାସୀ ଭବନରେ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବ୍ଲକ ସଭାପତି କାହ୍ନୁଚରଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଡିଆଳ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଦିବାସୀ କଲ୍ୟାଣ ସଂଘ ମହାସଚିବ ନିରଞ୍ଜନ ବିଶି ମୁଖ୍ୟବକ୍ତା, ଜିଲା ସଭାପତି ବ୍ରଜକିଶୋର ସିଂ ଭୋଇ, ପଦ୍ମନ ପ୍ରଧାନୀ, କାର୍ତ୍ତିକ ଭୋଇ, ବଳଦେବ ଭୋଇ, ଶ୍ୟାମସୁନ୍ଦର ଭୋଇ, ସତ୍ୟନାରାୟଣ ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶବର କହିଥିଲେ ଯେ, ସାରା ବିଶ୍ୱର ୯୦ଟି ଦେଶର ୪୦କୋଟିରୁ ଉର୍ଦ୍ଧ୍ୱ ଆଦିବାସୀ ଅଛନ୍ତି। ଏହା ବିଶ୍ୱ ଜନସଂଖ୍ୟାର ୫ ପ୍ରତିଶତ। ୭ ହଜାର ଭାଷା, ୫ ହଜାର ସଂସ୍କୃତିର ସୁରକ୍ଷା ସଂରକ୍ଷଣ କରିବାକୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରଛି। ୨୦୧୯ ବର୍ଷକୁ ବିଶ୍ୱ ଆଦିବାସୀ ଭାଷା ସୁରକ୍ଷା ବର୍ଷ ରୂପେ ପାଳନ କରିବାକୁ ମିଳିତ ରାଷ୍ଟ୍ର ସମୂହ ସଂକଳ୍ପ କରିଛନ୍ତି। ତେଣୁ ଆନ୍ତର୍ଜାତିକ ଭାଷା ବର୍ଷରେ ଆଦିବାସୀଙ୍କ ମାତୃଭାଷାକୁ ସରକାର ପ୍ରୋତ୍ସାହାନ, ପାଣ୍ଡୁଲିପି ଲିଖନ, ଆଦିବାସୀ ଭାଷାର ପାଠ୍ୟପୁସ୍ତକ ପ୍ରଚଳନ କରିବାକୁ ମତବ୍ୟକ୍ତ କରିଥିଲେ। ସୁକୁମାରୀ ଧରୁଆ, ଦଶରଥ ଛତ୍ରିଆ, ଭୁନେଶ୍ୱର ଧରୁଆ, ଜୟକୁମାର ବରିହା, ବନଲତା ମାଝି ପ୍ରମୁଖ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସଭ ପୂର୍ବରୁ ସଭାସ୍ଥଳରୁ ଆଦିବାସୀମାନେ ଲୋଇସିଂହା ସହର ପରିକ୍ରମା କରି ସ୍ଥାନୀୟ ଜମିଦାରଙ୍କ ବାସଭବନରେ ଥିବା ଲୋଇସିଂହାର ଇଷ୍ଟଦେବାତା ବୁଢାଦେଓଙ୍କୁ ପୂଜାର୍ଚ୍ଚନା କରିଥିଲେ।




ଆଦିବାସୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ରକ୍ତ ହୀନତାରେ ୫ ମାସର ଶିଶୁପୁତ୍ର ମୃତ

**କୋକସରା,୯।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୁଡା ପଞ୍ଚାୟତ କୁଲେରଗୁଡା ଗ୍ରାମର ସଞ୍ଜୁ ମାଝିଙ୍କ ୫ ମାସର ଶିଶୁପୁତ୍ର ବୈକୁଣ୍ଠଙ୍କ ଶୁକ୍ରବାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ କୁଲେରଗୁଡା ଗ୍ରାମ ସମୁତ ମାଝି ଓ ସ୍ତ୍ରୀ ସଞ୍ଜୁଙ୍କ ପ୍ରଥମ ନବଜାତ ଶିଶୁପୁତ୍ରଙ୍କୁ ଶୁକ୍ରବାର କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ରକ୍ତହୀନତା ଯୋଗୁ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସ କହିଛନ୍ତି । ରାଜ୍ୟ ସରକାର ଗର୍ଭାବସ୍ଥାରେ ପ୍ରସୂତିମାନଙ୍କୁ ବିଭିନ୍ନ ପ୍ରକାର ଔଷଧ ଯୋଗାଉଥିବା ବେଳେ ରକ୍ତ ହୀନତା କାରଣରୁ ଜଣେ ନବଜାତ ଶିଶୁପୁତ୍ରର ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

### ଦୁର୍ବଳ ଡ୍ରେନ ଢାଙ୍କୁଣୀ, ଗଳିପଡ଼ିଲା ହାଲୁକା ଗାଡ଼ିର ଚକ

**ମ.ରାମପୁର,୯।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ସହର ମଧ ଦେଇ ଯାଇଥିବା ମୁଖ୍ୟରାସ୍ତା ଦୁଇ ପାର୍ଶ୍ୱରେ ଅର୍ଦ୍ଧାଧିକ ସ୍ଥାନରେ ଡ୍ରେନ ନିର୍ମାଣ ହୋଇଛି । ତନ୍ମଧ୍ୟରୁ ଅର୍ଦ୍ଧାଧିକ ସ୍ଥାନେ ଡ୍ରେନ ଉପର ଢ଼ାଙ୍କୁଣୀ ନାହିଁ । ଯେଉଁଠି ଢ଼ାଙ୍କୁଣୀ ରହିଛି ତାହା ଏକ ଦୁର୍ବଳ ଯେ ହାଲୁକା ମାଲବାହୀ ଗାଡ଼ି ଚକ ଗଳି ପଡୁଛି । ଶୁକ୍ରବାର ଅପରାହ୍ନ ୪ଟା ବେଳେ ପୁରୁଣା ବ୍ୟବସାୟୀକ ବସ୍ତି ନିକଟରେ ମୁଖ୍ୟ ସଡକ ପାର୍ଶ୍ୱ ଡ୍ରେନ ଛାତରୁ ହାଲୁକା ମାଲ ବୋଝେଇ ଗାଡ଼ି (ନଂ. ଓଡି୦୨ଏଏସ-୮୩୫୮)ର ବାମ ପାର୍ଶ୍ୱ ଚକ ଗଳି ପଡିଛି । ୨୦୧୩-୧୪ ବର୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ବୈଷୟିକ ତ୍ରୁଟିଗତ ଡ୍ରେନ ନିର୍ମାଣ ଯୋଗୁ ବନ୍ୟାଜଳ ନିଷ୍କାସନରେ ପ୍ରତିବନ୍ଧକତା, ଦୁର୍ବଳ ଢ଼ାଙ୍କୁଣି ନିର୍ମାଣରେ ବିପଦତା, ପୂର୍ତ୍ତ ବିଭାଗ ଓ ଗ୍ରାମ ପଞ୍ଚାୟତ ଅସମନ୍ୱୟତାରେ ନିୟମିତ ଡ୍ରେନ ସଫା କରିବା ନେଇ ଦ୍ୱନ୍ଦ ହେତୁ ଡ୍ରେନରେ ଆବର୍ଜନା ଜନିତ ପତି ଗନ୍ଧମୟ ପରିବେଶ ସାଙ୍ଗକୁ ମଶା ମାଛି ବୃଦ୍ଧି ଜନସାଧାରଣଙ୍କୁ ଦୁର୍ଦ୍ଦଶାକୁ ଠେଲି ଦେଇଛି । ପୁର୍ନ ନୂତନ ଡ୍ରେନ ନିର୍ମାଣ, ନିଷ୍କାସନ, ସଫେଇ ଆଦି କାର୍ଯ୍ୟ କରିବା ପାଇଁ ଦାବି କରାଯାଇଛି ।

### ଜାତୀୟ କୃମି ନାଶ ଦିବସ ପାଳିତ

**କୋକସରା,୯।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସମେତ ଅଙ୍ଗନୱାଡି କେନ୍ଦ୍ରର ବାଳକବାଳିକାମାନଙ୍କୁ କୃମି ନାଶକ ବଟିକା ଦିଆଯାଇଛି । ବ୍ଲକରେ ମୋଟ ୩୬ ହଜାର ୯ ଶହ ୭୩ ଶିଶୁ ଓ ବାଳକବାଳିକାମାନଙ୍କୁ କୃମି ନାଶକ ବଟିକା ସେବନ କରିବା ପାଇଁ ଧାର୍ଯ୍ୟ କରାଯାଇଥିବା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମର ପୂର୍ବ ପ୍ରସ୍ତୁତିରେ ମହିଳା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍କୁଲ ଶିକ୍ଷକମାନେ ସହଯୋଗ କରିଥିଲେ। ପରିଚାଳନା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସ ତଥା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ଓ ବି.ପି.ଏମ ଏମ.ରାଜ ଶେଖରଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

## ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ ପାଳନ

# ଆଦିବାସୀ ପ୍ରକୃତି ବନ୍ଧୁ, ପ୍ରକୃତିକୁ ବିଶ୍ୱାସ କରେ

**ଜୁନାଗଡ,୯।୮(ଡି.ଏନ.ଏ.)**

ଆଦିବାସୀ ପ୍ରକୃତିବନ୍ଧୁ ଓ ପ୍ରକୃତିକୁ ବିଶ୍ୱାସ କରେ। ଆଦିବାସୀମାନେ ଏହି ମାଟିକୁ ପ୍ରଥମେ ପଦାର୍ପଣ କରିଛି ବୋଲି ଆଜି ବିଶ୍ୱ ଆଦିବାସୀ ଦିବସ ପାଳିତ ହେଉଛି। ତେଣୁ ଏହି ଦିବସରେ ଆଦିବାସୀମାନଙ୍କ ମର୍ଯ୍ୟାଦା,ସମ୍ମାନ,ଐତିହ ଓ ଇତିହାସକୁ ବଜାୟ ରଖିବାରେ ନୈତିକତା ଅଟେ ବୋଲି କଳାହାଣ୍ଡି ଜିଲା ଜୁନାଗଡ ସହର ଆରଏମସି ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ବିଶ୍ୱ ଆଦିବାସୀ ଦିବସ ପାଳନରେ ଯୋଗଦେଇଥିବା ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଜୁନାଗଡ ବ୍ଲକ ଓ ଏନ୍ଏସି ଆଦିବାସୀ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉଭୟ ବ୍ଲକ ଓ ଏନଏସିର ଅନେକ ଆଦିବାସୀ ଯୁବକମାନେ ଯୋଗଦେଇଥିଲେ। ସଂଘର ବ୍ଲକ ସଭାପତି ସୁପ୍ରସନ୍ନ ଭୋଇଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ବିଶ୍ୱନାଥ କର, ମୁଖ୍ୟବକ୍ତା ଜବର ଭୋଇ, ସମ୍ମାନିତ ଅତିଥି ଭାବେ ଶ୍ରୀବସ୍ତ ଯାନୀ, ଶ୍ରୀରାମ ଯାନୀ, କୃଷ୍ଣଚନ୍ଦ୍ର ଭୋଇ, ମିନିକେତନ ଦଳପତି, ଲାଲବାହାଦୁର ଯାନୀ, ଶରତ ଶବର, ଫକୀର ଧରୁଆ, ଅଶୋକ ଶବର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ହରେକୃଷ୍ଣ ମାଝି ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକ ସଂପାଦକ ଦୁର୍ଯ୍ୟୋଧନ ମାଝି ଧନ୍ୟବାଦ ଦେଇଥିଲେ।






ବିଶ୍ୱ ପାରମ୍ପରିକ ଆଦିବାସୀ ଦିବସ ପାଳନ ଅବସରରେ ଜଣେ ଆଦିବାସୀ ଯୁବକ ବିଭିନ୍ନ ପାରମ୍ପରିକ ଦେଶୀ ବିହନ ଚିହ୍ନାଇବା ସହ ବିଭିନ୍ନ ମଞ୍ଜି ବିଷୟରେ କହୁଛନ୍ତି (ବାମ)। ଜୁନାଗଡ଼ ଆରଏମ୍‌ସି ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ଆଦିବାସୀ ଭାଷା, ସଂସ୍କୃତି ଓ ଜୀବିକାର ସୁରକ୍ଷା ହିଁ, ପ୍ରକୃତି ସୁରକ୍ଷା

**କର୍ଲାମୁଣ୍ଡା, (ଡି.ଏନ.ଏ.):** କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ତେରେକେଲାଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ବିଶ୍ୱ ପାରମ୍ପାରିକ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ କେତକି ରଣା, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ଅଧିକାରୀ ଅରୁଣ କୁମାର ଗଉଡ, ଗାଁ ଝାଙ୍କର ଇନ୍ଦ୍ରମଣି କହଁର, ଗ୍ରାମ ବିକାଶ କମିଟି ସଭାପତି କ୍ଷୀର ଧରୁଆ ପ୍ରମୁଖ ଯୋଗଦେଇ ଆଦିବାସୀ ଭାଷା, ସଂସ୍କୃତି ଓ ଜୀବିକାର ସୁରକ୍ଷା ହିଁ ପ୍ରକୃତି ସୁରକ୍ଷା ବୋଲି କହିଥିଲେ। ପୃଥିବୀ ହେଉଛି ଆମର ଏବଂ ଆମ୍ଭେ ମାନେ ଏହାର ସୁରକ୍ଷାକାରୀ ବୋଲି ଗ୍ରାମର ଝାଙ୍କର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ଅଧିକାରୀ ଅରୁଣ କୁମାର ଗଉଡ ବିଶ୍ୱର ଆଦିବାସୀ ଗୋଷ୍ଠି ସେମାନଙ୍କ ଭାଷା ଓ ଜୀବନ ଶୈଳୀ ତଥା ଓଡିଶାରେ ୬୨ ପ୍ରକାର ଆଦିବାସୀ ଗୋଷ୍ଠୀ ଓ ସେଥିମଧ୍ୟରୁ ୧୩ ପ୍ରକାର ଆଦିମ ଅଧିବାସୀ ୨୧ ପ୍ରକାର ଆଦିବାସୀ ଭାଷା ୭୪ ପ୍ରକାର କଥିତ ଭାଷା ଥିବା ଉପରେ ଚର୍ଚ୍ଚା କରିଥିଲେ। ବିଭିନ୍ନ ୧୧ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ନିଷ୍ପତ୍ତି କରାଯାଇଥିଲା। ଏଥିରେ ଆଦିବାସୀ ଭାଷାରେ ଶବ୍ଦକୋଷ, ଆଦିବାସୀମାନଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପ୍ରମୁଖ ଦାବି ରହିଛି। କାର୍ଯ୍ୟକ୍ରମରେ ସଂସ୍ଥା କର୍ମୀ ଜଗଦୀଶ ରଣା, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ୱାଡମେମ୍ବର ରେବତୀ ପାତ୍ର, ବାହାଦୂର ଧରୁଆ, ଉଗ୍ରେସନ ଧରୁଆ, ଅନିରୁଦ୍ଧ ପୁଟେଲ, ପଦ୍ମାବତୀ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୋରାଡବ୍ରା ପଞ୍ଚାୟତ ଆଦିସ୍କନ୍ଦ ସମାଜ ସଭାପତି ଭୀମ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲାଙ୍ଗୀର ଜିଲାର ଶିକ୍ଷାବିତ୍ ଗୌତମ ଖେତି, ମୁଖ୍ୟବକ୍ତା ଭାବେ ଓଡିଆ ଅଧ୍ୟାପକ କୈତୁକ ପନ୍ଦର, ସମ୍ମାନିତ ଅତିଥି ଭାବେ ମେଦିନୀଧର ଜାନୀ, ସଇଁତଲା ବ୍ଲକ ଆଦିବାସୀ ନେତା ଗୁଣସାଗର ମାଝି, ବୀରକମଳ ମଇଦାନ ଅସୁରଗଡର ଉପସଭାପତି ରାଜକିଶୋର ମାଝି, ସମ୍ପାଦକ ଲୋକନାଥ ଭୋଇ, ଜିଲା ଆଦିସ୍କନ୍ଦ ସମାଜର ଉପସଭାପତି କଂସ ପ୍ରସାଦ ଯାନୀ, ବ୍ଲକ ଆଦିସ୍କନ୍ଦ ସମାଜର ଉପସଭାପତି ନୈରୁତ ଯାନୀ, ଯୋରାଡବ୍ରା ପଞ୍ଚାୟତ ଆଦିସ୍କନ୍ଦ ସମାଜ ସମ୍ପାଦକ ନନ୍ଦି କିଶୋର ଭୋଇ, ନର୍ଲା ୧ ନଂ ଜୋନ ଜିଲା ପରିଷଦ ସଭ୍ୟ ସରୋଜ କୁମାର ମାଝି, ସମାଜ ସଂସ୍କାରକ ମାଧବ ଭୋଇ ପ୍ରମୁଖ ଯୋଗଦେଇ ଯୁବ ଗୋଷ୍ଠୀ ଓ ମହିଳାଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ପଞ୍ଚାୟତସ୍ତରରେ ଆଦିବାସୀ ଦିବସକୁ ପାଳନ କରିବା ସହ ଭୀମା ବାର୍ଷିକ ପୁସ୍ତକ ବିଶେଷାଙ୍କ ୨୦୨୦ ପ୍ରକାଶନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ସଭା କାର୍ଯ୍ୟରେ ଯୁବସଙ୍ଗଠକ ତରୁଣ ଯାନୀ ମଞ୍ଚ ପରିଚାଳନା କରିଥିବା ବେଳେ ଯୁବ ସଙ୍ଗଠକ ଡମ୍ବରୁଧର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଳନ

**ଭବାନୀପାଟଣା, ୯।୮ (ଡି.ଏନ.ଏ.)**

କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ହଲିଆପଡା ଭବାନୀପାଟଣାଠାରେ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳନ କରାଯାଇଛି। ଓଡିଶାରେ ପ୍ରାୟ ୨୫ ପ୍ରତିଶତ ଆଦିବାସୀ ବାସ କରୁଛନ୍ତି। ସମଗ୍ର ବିଶ୍ୱରେ ଆଦିବାସୀମାନଙ୍କ ସ୍ୱତନ୍ତ୍ର ସଂସ୍କୃତି, ପରମ୍ପରା, ପ୍ରଥା, ଭାଷା, ଧର୍ମ, ପାରମ୍ପାରିକ ଜୀବନ ଜୀବୀକା ସହିତ ସ୍ୱତନ୍ତ୍ର ନୀତି ନିୟମ ରହିଥିବା ବେଳେ ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ଅନେକଗୁଡିକ ଆଇନ ଯଥା ୧୯୮୯ ଏସି, ଏସ୍‌ଟି, ଆଟ୍ରୋସିଟି ଆକ୍ଟ, ୨୦୦୬ ଜଙ୍ଗଲ ଅଧିକାର ଆଇନ ଇତ୍ୟାଦି ଆଦିବାସୀଙ୍କ ବିକାଶ ପାଇଁ ସରକାର ଆଇନ ତିଆରି କରିଛନ୍ତି । ହେଲେ ଆଦିବାସୀ ଅଞ୍ଚଳରେ ଉପଯୁକ୍ତ ସାମ୍ବିଧାନିକ ମୌଳିକ ଅଧିକାର ପହଞ୍ଚି ପାରୁ ନ ଥିବାରୁ ଏ ପର୍ଯ୍ୟନ୍ତ ଆଦିବାସୀ ସମୁଦାୟ ବିକାଶର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରି ନ ଥିବା ନେଇ ସଭାରେ ବକ୍ତାମାନେ ଉଦ୍‌ବେଗ ପ୍ରକାଶ ପାଇଥିଲା । କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘର ସଭାପତି ଡମ୍ବରୁଧର ମାଝିଙ୍କ ଅଧକ୍ଷତା ସଭାରେ ସାଧାରଣ ସମ୍ପାଦକ ମହେଶ୍ୱର ମାଝି ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ବେଣୁଧର ମାଝି, ମୁଖ୍ୟବକ୍ତା ଭାବେ ଉଦ୍ଧବ ପାତ୍ର, ସମ୍ମାନିତ ଅତିଥିବୃନ୍ଦ ଯଥା ସମ୍ରାଟ ମାଝି, ନବିନ କୁମାର ମାଝି, ଜଗଦୀସ ଶବର, ଘେନୁ ମାଝି, ଚନ୍ଦ୍ରମଣୀ ମାଝି, ଅଗ୍ନୀଧର ଜାନୀ, ଅଗସ୍ତି ମାଝି, ବୈଦ୍ୟନାଥ ମାଝି, ଗୁପ୍ତେଶ୍ୱର ମାଝି, ନବୀନ କୁମାର ମାଝି, ଡମ୍ବରୁଧର ମାଝି, ପାଣ୍ଡୁ ମାଝି, ବଳଭଦ୍ର ମାଝି, ବିଷ୍ଣୁ ମାଝି, ନରତମ ମାଝି, ଶୁରେନ୍ଦ୍ର ମାଝି, ପବିତ୍ର ମାଝି, ମିନିକେତନ ମାଝି ଗଙ୍ଗା ମାଝି, କୁମୁଦିନୀ ମାଝି, ଯଶୋଦା ମାଝି, ଭାନୁମତୀ ମାଝି ଯୋଗଦେଇଥିଲେ । ଆଦିବାସୀ ସଂଘର ସହସମ୍ପାଦକ ନବୀନ କୁମାର ମାଝି ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଆଦିବାସୀ ନେତାମାନେ ଉଦ୍‌ବୋଧନ ଦେଉଛନ୍ତି ।

## ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା,୯।୮(ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ଲେଖକ କଳା ପରିଷଦଠାରେ ସଂସ୍କାର ଭାରତୀ ପକ୍ଷରୁ ପୂର୍ବତନ ବୈଦେଶିକ ମନ୍ତ୍ରୀ ସ୍ୱର୍ଗତ ସୁଷମା ସ୍ୱରାଜଙ୍କ ନିଧନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ସୁଷମାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସଂସ୍କାର ଭାରତୀର ସଭାପତି ଜ୍ୟୋତିରାଣୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ପ୍ରଭାସଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ପ୍ରସାଦ ନେଗୀ, ଭାଗିରଥୀ ବେହେରା, ବିଶ୍ୱମୋହନ ରଥ, ଦିଲୀପ କୁମାର ସା, ରଘୁନାଥ, ଠାକୁର, ସଂଯୁକ୍ତା ସା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ବିରାଟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**କେସିଙ୍ଗା,୯।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସି କଲ୍ୟାଣ ମଣ୍ଡପ ପରିସର ମଧ୍ୟରେ ବିଜୁ ଜନତା ପକ୍ଷରୁ ବିରାଟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ନେତୃତ୍ୱରେ ଏହି ସମ୍ମିଳନୀରେ ଶକ୍ତମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୂପିନ୍ଦର ସିଂହ, ପୂର୍ବତନ ବିଧାୟକ ଅନାମ ନାଏକ, ଦୁଷ୍ମନ୍ତ ନାଏକ, ଜିଲା ମହିଳା ସଭାନେତ୍ରୀ କଲ୍ୟାଣ ନାଏକ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ବିରାଟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଜିଲା ସଭାପତି ସିଂହଦେଓ ପ୍ରଥମେ ପତାକା ଉତ୍ତୋଳନ କରିଥିଲେ। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ପ୍ରଥମେ ବିଜେଡିର ଜିଲା ସାଧାରଣ ସମ୍ପାଦକ ଭବାନୀଶଙ୍କର ନିଆଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମିଳନୀରେ ସଚିନ ଜୈନ ଓ ରାନୁବାଲା ବେନିଆ ନୂତନ ଭାବେ ବିଜେଡିରେ ସାମିଲ ହୋଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୋହିତ କୁମାର ଭୋଇ କେସିଙ୍ଗାର ପେପର ମିଲ୍ ଦୀର୍ଘ ୪୦ ବର୍ଷ ହେଲା ଅକାମୀ ହୋଇ ପଡିରହିଛି । କେସିଙ୍ଗାରୁ ଭୁବନେଶ୍ୱରକୁ ଗମନାଗମନ ପାଇଁ ଟ୍ରେନ ଚଳାଇବାକୁ ଦାବି କରିଥିଲେ । କେସିଙ୍ଗାଠାରେ ନିର୍ମାଣାଧୀନ ୨୨୦ କେଭିର ଟ୍ରାନ୍ସଫର୍ମ ଦୀର୍ଘ ୨ ବର୍ଷ ହେଲା ପଡି ରହିଛି । କେସିଙ୍ଗା ଅଣ୍ଡରବ୍ରିଜ, ଶିଳ୍ପାଞ୍ଚଳ ବିକାଶ, ଭୂମିହୀନମାନଙ୍କୁ ପଟ୍ଟା ପ୍ରଦାନ, ଧାନ ମଣ୍ଡିରେ ଗୃହ ନିର୍ମାଣ, ଆଡିବନ୍ଧ ନିର୍ମାଣ ଆଦି ବିଷୟରେ ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥବଲେ । ସମଗ୍ର କଳାହାଣ୍ଡି ଜିଲାରେ ଶିକ୍ଷା ଓ କୃଷି ବିକାଶ ଏବଂ କ୍ଷୁଦ୍ରଶିଳ୍ପ କେନ୍ଦ୍ର ସ୍ଥାପନ କରିବା ପାଇଁ ମନ୍ତ୍ରୀ ମିଶ୍ର ପ୍ରକାଶ କରିଥିଲେ। ସମ୍ମିଳନୀକୁ ବିଜେଡିର କାର୍ଯ୍ୟକାରୀ ସଭାପତି ପ୍ରଭାତ ରଥ ପରିଚାଳନା କରିଥିଲେ। କେସିଙ୍ଗା ନଗର ଯୁବ ସଭାପତି ସିଲୁ ପରିଡା, ଟାଉନ ସଭାପତି ରମାକାନ୍ତ ଗଉଡ ପ୍ରମୁଖ ସହଯୋଗ କରିଥିଲେ ।




ବିରାଟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିବା ଅତିଥିଗଣ ।

## ଦୁର୍ଘଟଣାରେ ଗୁରୁତର ବୃଦ୍ଧାଙ୍କୁ ଡାକ୍ତରଖାନା ପଠାଇଲେ ବିଡିଓ

**ଜୁନାଗଡ,୯।୮(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମଥୁରା ଛକ ନିକଟ ୨୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଥିଲେ। ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି କୌଣସି କାମରେ ସେହି ରାସ୍ତା ଦେଇ ଯାଉଥିଲେ । ଗୁରୁତର ଆହତ ହୋଇ ରାସ୍ତାରେ ପଡିଥିବା ବୃଦ୍ଧାଙ୍କୁ ଉଦ୍ଧାର କରି ପୋଲିସ ପିସିଆର ଭ୍ୟାନ ଯୋଗେ ଜୁନାଗଡ ଡାକ୍ତରଖାନା ପଠାଇଥିଲେ। ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ଆସିବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗୁରୁତର ହୋଇଥିବା ବୃଦ୍ଧାଙ୍କ ନାମ ଜନେକ ମେହେର (୬୫) ଓ ସେ ସ୍ଥାନୀୟ ନେହେରୁ ନଗରପଡାର ବୋଲି ଜଣାପଡିଛି।



ଗୁରୁତର ବୃଦ୍ଧାଙ୍କୁ ଜୁନାଗଡ ବିଡିଓ ଡାକ୍ତରଖାନା ପଠାଉଛନ୍ତି ।

## ବନ୍ୟାସ୍ଥିତି ପରଖିଲେ କଲମପୁର ବ୍ଲକ ଅଧକ୍ଷା

**କଲମପୁର,୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳରେ ଗତ ୩ ଦିନର ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । କଲମପୁର ବ୍ଲକ ଅଧକ୍ଷା ମଞ୍ଜୁଲା ସାହୁ ଶୁକ୍ରବାର ବନ୍ୟା ପ୍ରଭାବିତ ବଙ୍କାପଲା, ବାଲିଛଡା, ବିରିପୁର, ମାଟିଖାଲ ଆଦି ଗାଁକୁ ଯାଇଁ ବନ୍ୟା ପରିସ୍ଥିତି ପରଖିଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ସମସ୍ୟାକୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଏବଂ ପଞ୍ଚାୟତ ସମିତି ପକ୍ଷରୁ ମଧ କ୍ଷତିଗ୍ରସ୍ତମାନଙ୍କୁ ସହାୟତା ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବେଲି ସାହୁ ପ୍ରକାଶ କରିଥିଲେ। ବ୍ଲକ ଅଧକ୍ଷାଙ୍କ ଗସ୍ତ ସମୟରେ କଲମପୁର ବ୍ଲକ ବିଜେଡି ସଭାପତି ପ୍ରଦୀବ କୁମାର ବେହେରା, ଦେପୁର ସରପଞ୍ଚ ଭୋକୁଲୁ ବାଗ, ମୀନଗୁର ସରପଞ୍ଚ ହରିପ୍ରିୟା ରଣା, ପଣ୍ଡିଗାଁ ସରପଞ୍ଚ ବନଜା ବାସିନି ମହାପାତ୍ର, ବନକୋନା ସରପଞ୍ଚ ମଧୁଛନ୍ଦା ଭ, ସାମାଜିକ କର୍ମୀ ଗଣେଶ ପଣ୍ଡା, ମଣ୍ଡଳ ସରପଞ୍ଚ ପ୍ରଦୀପ କୁମାର ଭୋଇ, ବଡକୁଟ୍ରୁ ସରପଞ୍ଚ ସମୀର ସାହୁ, ଦେପୁର ସମିତି ସଭ୍ୟ ଗଜିନ୍ଦ୍ର ବିହାରୀ, ମଣ୍ଡଳ ସମିତି ସଭ୍ୟ ଚିନ୍ତାମଣି ବେହେରା, ଶ୍ରୀକାନ୍ତ ଛତ୍ରୀଆ, ନିକା ନାଏକ, ପ୍ରଶାନ୍ତ ମାଝି ପ୍ରମୁଖ ମଧ ବନ୍ୟା ଅଞ୍ଚଳ ବୁଲିଥିଲେ।



କଲମପୁର ବ୍ଲକ ଅଧକ୍ଷା ବନ୍ୟା ପରିସ୍ଥିତି ଅନୁଧାନ କରୁଛନ୍ତି ।

## ଦାସିଗାଁ ୧୨ ପରିବାର ପଞ୍ଚାୟତରେ ଆଶ୍ରୟ ନେବା ଘଟଣା

# ଘଟଣା ଅନୁଧାନ କଲେ ତହସିଲଦାର

**ଜୁନାଗଡ/ଦାସିଗାଁ,୯।୮(ଡି.ଏନ.ଏ.)**

କଳାହାଣ୍ଡିଜିଲା ଜୁନାଗଡ ବ୍ଲକ ଦାସିଗାଁ ୩ ନଂ. ୱାର୍ଡ ଦର୍ଲିପଡାରେ ପାଣି ନିଷ୍କାସନ ପାଇଁ କୌଣସି ଡ୍ରେନଜ ବ୍ୟବସ୍ଥା ନାହିଁ। ଗତ ସୋମବାର ଓ ମଙ୍ଗଳବାର ଧରି ପ୍ରବଳ ବର୍ଷାରେ ସ୍ଥାନୀୟ ପଡାବାସୀଙ୍କ ଘରେ ପାଣି ପଶିଥିଲା। ପଡାରେ ରହୁଥିବା ୧୨ଟି ପରିବାର ଲୋକେ ବାଧହୋଇ ବୁଧବାର ସନ୍ଧ୍ୟାରେ ସେମାନେ ସ୍ଥାନୀୟ ଦାସିଗାଁ ପଞ୍ଚୟତ କାର୍ଯ୍ୟାଳୟରେ ଆଶ୍ରୟ ନେଇଛନ୍ତି। ବୁଧବାର ଏ ସଂକ୍ରାନ୍ତରେ ପଡାବାସୀ ଧର୍ମଗଡ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ବି କିଛି ସମାଧାନ ହୋଇପାରି ନ ଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଉକ୍ତ ଦିନ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ଏହି ସମୟରେ ତହସିଲଦାର ଲୁହା ପଡାବାସୀଙ୍କ ସହ ପାଣି ନିଷ୍କାସନ କିଭଳି ହେବ ସେ ନେଇ ଆଲୋଚନା କରିଥିଲେ। ଗତ ବୁଧବାରଠାରୁ ଏହି ପଡାର ୧୨ ପରିବାରର ୫୩ ଜଣ ସଦସ୍ୟାସଦସ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେଇଛନ୍ତି। ଏପରି ଅସହାୟ ପରିବାରକୁ ସହାୟତା କରିବା ବଦଳରେ ସ୍ଥାନୀୟ ସରପଞ୍ଚଙ୍କ ସମ୍ପର୍କୀୟ ଏଠାରେ କାହା ଅନୁମତିରେ ଓ କାହିଁକି ରହୁଛି ବୋଲି ଆଶ୍ରିତ ଥିବା ପରିବାରକୁ ନାଲି ଆଖି ଦେଖେଉଥିବା ଅଭିଯୋଗ ହୋଇଛି। ଏ ନେଇ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ପଞ୍ଚାୟତରେ ଆଶ୍ରୟ ନେବାରେ କୌଣସି ଅସୁବିଧା ନାହିଁ। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସେହି ପଡାରେ ଏହି ସମସ୍ୟା ଦେଖାଦେଇଛି। ସ୍ଥାନୀୟ ଯନ୍ତ୍ରୀଙ୍କୁ କୁହାଯାଇଛି। ସେଠାରେ ଡ୍ରେନେଜ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ଦର୍ଲିପଡାକୁ ଅନୁଧାନ କରିବାକୁ ଆସିଛନ୍ତି



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା

## ସଂକ୍ଷେପରେ

### ୨୨ ଲିଟର ମଦ ଜବତ, ୨ ଗିରଫ

**ରାଉରକେଲା ଅଫିସ,୯।୮-** ବ୍ଲାଷ୍ଟସାଇଟ ଥାନା ପୋଲିସ ଗୁରୁବାର ରାତିରେ ଗୋପବନ୍ଧୁପାଲିର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୨ ଲିଟର ଦେଶୀ ଓ ୬ ବୋତଲ ବିଦେଶୀ ମଦ ଜବତ କରିଛି। ଚୋରାମଦ କାରବାର ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟଦେବ ଘୋଷ ଓ ଅର୍ଜୁନ ସ୍ୱାଇଁ। ଏକ ମାମଲା (ନଂ. ୨୪୧/୧୯) ରୁଜୁ କରି ପୋଲିସ ଏମାନଙ୍କୁ କୋର୍ଟ ଚାଲାଣ କରିଛି।

### କ୍ୱାର୍ଟର୍ସ ତାଲା କାଟି ଚୋରି

**ରାଉରକେଲା ଅଫିସ,୯।୮-** ଆର୍‌ଏସ୍‌ପିର ଭିଜିଲାନ୍ସ ଅଧିକାରୀ ଏ.ସି. ରାଠୀଙ୍କ କ୍ୱାର୍ଟର୍ସ ତାଲା କାଟି ଦୁର୍ବୃତ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ଲୁଟପାଟ କରିଛନ୍ତି। କିଛି ସୁନା ଅଳଙ୍କାର ଓ ଗୃହ ସାମଗ୍ରୀ ଚୋରି ହୋଇଥିବା ରାଠୀ ସେକ୍ଟର-୧୯ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ସହାୟତାରେ ଶୁକ୍ରବାର ତଦନ୍ତ ଆରମ୍ଭ କରିଛି। ରାଠୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ସେକ୍ଟର-୧୯ସ୍ଥିତ କ୍ୱାର୍ଟର୍ସ (ନଂ. ସି/୧୪)ରେ ପଶିଥିଲେ। ଥାନାଧିକାରୀଙ୍କ କହିବାନୁସାରେ ବିଶେଷ କିଛି ଚୋରି ଯାଇନି। ତଥାପି ଆମେ ଅନୁସନ୍ଧାନ ଜାରି ରଖିଛୁ।

## ଫଟୋରେ ଖବର








ବିଶ୍ୱ ଆଦିବାସୀ ଦିବସ ଅବସରରେ ଶୁକ୍ରବାର ସୁନ୍ଦରଗଡରେ ବିଭିନ୍ନ ଆଦିବାସୀ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି (ବାମ)। ସୁନ୍ଦରଗଡ ସଦର ଥାନା ପୋଲିସ ପକ୍ଷରୁ ଶୁକ୍ରବାର ବନ୍ଧପାଲିସ୍ଥିତ ଟିପିଏସ ହାଇସ୍କୁଲରେ ଚାରା ରୋପଣ କରାଯାଉଛି (ମଝି)। ରାଉରକେଲାଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆୟୋଜିତ ଶୋଭାଯାତ୍ରା।

### ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ଆନ୍ଦୋଳନ

# ଓକିଲ ସଂଘ ପ୍ରତି ବୃଦ୍ଧି ପାଉଛି ସମର୍ଥନ

**ରାଉରକେଲା ଅଫିସ,୯।୮**

ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ରାଉରକେଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ୧୯ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନକୁ ସେଣ୍ଟ୍ରାଲ ଆକ୍ସନ କମିଟି ସହ ଅନ୍ୟ କେତେକ ବାର୍ ଆସୋସିଏଶନର ସମର୍ଥନ ମିଳିଛି। ଜନସ୍ୱାର୍ଥ ବିରୋଧୀ ଆଦେଶ ଦେଇଥିବା ଜଣେ ଏସ୍‌ଡିଜେଏମ୍‌ଙ୍କ ବଦଳି ନେଇ ଏହି ଆନ୍ଦୋଳନ ଜାରି ରହିଥିବା କୁହାଯାଇଛି। ଆନ୍ଦୋଳନ ସମର୍ଥନରେ ସେଣ୍ଟ୍ରାଲ ଆକ୍ସନ କମିଟି ଅଧୀନରେ ରହିଥିବା ଓକିଲ ସଂଘ ପକ୍ଷରୁ ଗୋଟିଏ ଦିନ କାର୍ଯ୍ୟବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ଏଣେ ସୁନ୍ଦରଗଡ଼ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛି ସଂଘ। ନ୍ୟାୟ ଦେବାରେ ପାତରଅନ୍ତର କରିଥିବା ଏସ୍‌ଡିଜେଏମ୍‌ଙ୍କ ବଦଳି କାହିଁକି ଅନିବାର୍ଯ୍ୟ ଏଥିରେ ତାହା ଦର୍ଶାଯାଇଛି। ଯେତେଦିନ ଯାଏ ଏସ୍‌ଡିଜେଏମ୍‌ଙ୍କ ବଦଳି ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବାକୁ ସଂଘ ନିଷ୍ପତ୍ତି ନେଇଛି। ଦରକାର ପଡ଼ିଲେ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ ବୋଲି ଓକିଲ ସଂଘ କହିଛି। ଏ ନେଇ ଆୟୋଜିତ ବୈଠକରେ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ସହସମ୍ପାଦକ ଦେବାନନ୍ଦ ତନ୍ତୀ, ମାଧବୀ ଝା, ଶ୍ରୀନିବାସ ପଣ୍ଡା. ଭୀମବାହାଦୁର ସିଂ ପତି, ବିଜୟ ମହାରଣା, ପଦ୍ମିନୀ ଦାସ, ଉପେନ୍ଦ୍ର ଶତପଥୀ ଡି.ଡି. ସାହୁ, ବିରଞ୍ଚି ତ୍ରିପାଠୀ, ରବୀନ୍ଦ୍ର ସେନାପତି, ଅଶେଷ ମଣ୍ଡଳ, କାର୍ତ୍ତିକ ଓରାମ, ରମେଶ ପାଲ, ବିନୋଦ ଡାଙ୍ଗ, ସତ୍ୟନାରାୟଣ ମହାପାତ୍ର ଓ ପବିତ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

**ରାଉରକେଲା ଅଫିସ,୯।୮**

ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଅତିଥିମାନେ ସ୍ୱଭାବ କବିଙ୍କ ସାରସ୍ୱତ ଜୀବନ ଉପରେ ଆଲୋକପାତ କରିଥିଲେ। ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସେକ୍ଟର-୧୪ ମଧୁସୂଦନ ଶିକ୍ଷା ନିବାସ ଛାତ୍ରୀଛାତ୍ର ଯୋଗଦେଇ ଗଙ୍ଗାଧରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଇକରାୟ ଅତିଥି ରୂପେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟକୃତୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆରତୀ ମହାନ୍ତି, ରେବତୀ ସ୍ୱାମୀ, କୁଞ୍ଜବିହାରୀ ରାଉତ, ଦୀପକ ମିଶ୍ର, ପ୍ରସାଦ ସାହୁ, ପ୍ରଦୀପ ବେହେରା, ଶୀତ ମଲ୍ଲିକ, ବିରାଜ କଂସାରୀ, ରାମକିଶୋର ମହାକୁଡ଼, ଜଗଦୀଶ ସାହୁ, ପ୍ରଦୀପ ବେହେରା ଓ ରଞ୍ଜିତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର।

# ଜିଲା କଂଗ୍ରେସ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ

**ରାଉରକେଲା ଅଫିସ,୯।୮**

ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟାରେ ସେକ୍ଟର-୨୧ କଂଗ୍ରେସ କାର୍ଯ୍ୟାଳୟରେ ଅଗଷ୍ଟକ୍ରାନ୍ତି ଦିବସ ପାଳନ କରାଯାଇଛି। ଜିଲା ସଭାପତି ରବି ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତଛାଡ଼ ଆନ୍ଦୋଳନର ସ୍ମୃତି ରୋମନ୍ଥନ କରାଯାଇଥିଲା। ବ୍ରିଟିଶ ସରକାର ବିରୋଧରେ ସଂଘଟିତ ଏହି ଆନ୍ଦୋଳନର ରୂପରେଖ ଓ ପ୍ରଭାବ ନେଇ ଆଲୋଚନା କରିଥିଲେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ମାଲ୍ୟାପର୍ଣ କରାଯାଇଥିଲା। ସଭାପତି ରାୟ ଉପସ୍ଥିତ କର୍ମୀଙ୍କୁ ଶପଥପାଠ କରାଇ ଦେଶ ଓ ଜାତି ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ପାନପୋଷଠାରେ ଥିବା ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲା କଂଗ୍ରେସ ଉପସଭାପତି ଅଜିତ ସାମଲ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, ସରସ୍ୱତୀ ଭାଙ୍ଗ୍ରା, ଇଜାଜ ଅଖତର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଗଷ୍ଟକ୍ରାନ୍ତି ଓ ଭାରତଛାଡ଼ ଆନ୍ଦୋଳନର ଅବିସ୍ମରଣୀୟ ଇତିହାସ ଉପରେ ଆଲୋକପାତ କରାଯାଇଥିଲା। ଜାତୀୟ କଂଗ୍ରେସ କର୍ମୀ ନିଜ ସ୍ୱାର୍ଥକୁ ପଛରେ ପକାଇ ଲୋକଙ୍କ ସେବାରେ ସମର୍ପିତ ହେବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା।



କଂଗ୍ରେସ ପକ୍ଷରୁ ପାନପୋଷ ଛକରେ ଆୟୋଜିତ ଅଗଷ୍ଟକ୍ରାନ୍ତି ଦିବସ ପାଳନ ଅବସରରେ ଉପସ୍ଥିତ ନେତୃମଣ୍ଡଳୀ।

# ଭାସିଗଲା ଅସ୍ଥାୟୀ ପୋଲ: ଯୋଗାଯୋଗ ବିଚ୍ଛିନ୍ନ

**ଲହୁଣୀପଡା, ୯।୮ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଲଲେଇ ଛକଠାରୁ ଖଣ୍ଡାଧାର ଜଳପ୍ରପାତକୁ ଯିବା ରାସ୍ତାରେ ଥିବା ଏକ ଅସ୍ଥାୟୀ ପୋଲ ଦୁଇ ଦିନ ବର୍ଷାରେ ଭାସି ଯାଇଥିବା ଜଣାଯାଇଛି। ଫଳରେ ଅନେକ ଗ୍ରାମବାସୀ ଏକ ପ୍ରକାର ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଛନ୍ତି । ଲଲେଇ ଛକଠାରୁ ଖଣ୍ଡାଧାର ଜଳପ୍ରପାତକୁ ଯାଇଥିବା ରାସ୍ତାର କୁର୍ଡା ସାପ୍ତାହିକ ହାଟ ପାଖରେ ରହିଛି ଏକ ନାଳ। ଏହି ନାଳ ଉପର ଦେଇ ଖଣ୍ଡାଧାରକୁ ଯାତାୟତ କରିଥାନ୍ତି । ନାଳ ସେପଟେ ଥିବା ବିଭିନ୍ନ ଗ୍ରାମର ଗ୍ରାମବାସୀ ଯାତାୟତ କରିଥାନ୍ତି। ଏହାକୁ ନଜରରେ ରଖି କୁର୍ଡା ସାପ୍ତାହିକ ହାଟ ନାଳ ଉପରେ ଆର୍‌ଡି ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ କରାଯାଉଛି। ନୂତନ ପୋଲ ପାଖକୁ ଲାଗି ଲୋକଙ୍କ ଯାତାୟତ ପାଇଁ ଏକ ଅସ୍ଥାୟୀ ପୋଲ କରାଯାଇଥିଲା। କିନ୍ତୁ ବୁଧବାର ଓ ଗୁରୁବାର ଦୁଇ ଦିନ ଲଗାଣ ବର୍ଷାରେ ଅସ୍ଥାୟୀ ପୋଲ ଭାସିଗଲା। ଫଳରେ ନାଳ ସେପଟେ ଥିବା ଗ୍ରାମବାସୀ ଏକ ପ୍ରକାର ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ଫଳରେ ଉକ୍ତ ଅସ୍ଥାୟୀ ପୋଲକୁ ତୁରନ୍ତ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଅସ୍ଥାୟୀ ପୋଲ ଭାସିଯାଇ ଯୋଗାଯୋଗ ବିଚ୍ଛିନ୍ନ।

# ଇନ୍ଦ୍ରାବତୀରୁ ୨୭ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ବନ୍ଦ

**ଭବାନୀପାଟଣା,୯।୮ (ଡି.ଏନ.ଏ.)**

ଗତ ୩ ଦିନର ବର୍ଷାରେ କଳାହାଣ୍ଡି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ହେଲେ ସ୍ଥିତିନିୟନ୍ତ୍ରଣାଧୀନ ଥିବା ପ୍ରଶାସନ କହିଛି । ଶୁକ୍ରବାର ଦିନ ତମାମ ପାଗ ଶୁଖିଲା ରହିବାରୁ ପରିସ୍ଥିତିରେ ସୁଧାର ଘଟିଛି। ଲଘୁଚାପ ଜନିତ ବନ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଇନ୍ଦ୍ରବାତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯାଇଥିଲା । ୨୭ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରିବା ପରେ ଗତ ଗୁରୁବାର ରାତି ୮ଟାରେ ଇନ୍ଦ୍ରାବତୀର ଗୋଟିଏ ୟୁନିଟ୍‌ରୁ ୧୫୦ ମେଗାୱେଟ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରାଯାଇଛି । ଗତ ଗୁରୁବାର ବିରିପୁର, ମାଟିଖାଲ ଆଦି ଅଞ୍ଚଳରୁ ହାତୀ ନଦୀର ବନ୍ୟାଜଳ ନିଷ୍କାସିତ ହୋଇସାରିଛି । ମୋଟାମୋଟି ଭାବେ କଳାହାଣ୍ଡିରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଥିବା ବେଳେ ବହୁ ରାସ୍ତାରେ ଘାଇ ହୋଇଥିବା ବେଳେ ଅନେକ ଘର ଭାଙ୍ଗିଯାଇଛି । ଜିଲା ପ୍ରଶାସନ ପକ୍ଷରୁ ବନ୍ୟା କ୍ଷୟକ୍ଷତି ଆକଳନ କରାଯାଉଛି। ବୁଧବାର ୮ଟା ସୁଦ୍ଧା ଜିଲାରେ ୨୪ ଘଣ୍ଟାରେ ୧୪୨୨ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଗତ ଗୁରୁବାର ସକାଳ ୮ଟା ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୧୯୫୯.୨ ମି.ମି .ବର୍ଷା ହୋଇଛି ।



## ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ପ୍ରକଳ୍ପ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ

ଭାରତ ସରକାରଙ୍କର ପ୍ରାଥମିକ ଉଦ୍ୟମରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (ଶା.ଓ.ଉ.ଅ.କେ.) ନିମନ୍ତେ ନିମ୍ନସୂଚିତ ପଦବୀ ଆବଶ୍ୟକ।

| କ୍ର. ସଂ. | ପଦବୀର ନାମ | ପଦବୀ ସଂଖ୍ୟା | ମାସିକ ସମ୍ମିଳିତ ବେତନ |
|---|---|---|---|
| | ପ୍ରଶାସନିକ ପଦବୀ | | |
| ୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ୭୦,୦୦୦ |
| ୨ | କାର୍ଯ୍ୟାଳୟ ଅଧ୍ୟକ୍ଷ | ୦୧ | ୩୦,୦୦୦ |
| ୩ | କନିଷ୍ଠ ହିସାବ ଅଧିକାରୀ | ୦୧ | ୩୦,୦୦୦ |
| ୪ | କ୍ଲର୍କ (ଉଚ୍ଚ ବର୍ଗ) | ୦୧ | ୨୪,୦୦୦ |
| ୫ | ବହୁମୁଖୀ କାର୍ଯ୍ୟ ସହାୟକ (ଏମ୍.ଟି.ଏସ୍.) | ୦୧ | ୧୨,୦୦୦ |
| | ବିଦ୍ୟା-ଆଧାରିତ (ଏକାଡେମିକ୍) ପଦବୀ | | |
| ୬ | ବରିଷ୍ଠ ଗବେଷକ | ୦୫ | ୪୧,୦୦୦ |
| ୭ | ସହାୟକ ଗବେଷକ | ୦୫ | ୩୭,୦୦୦ |

ଆବେଦନପତ୍ର ପହଞ୍ଚିବାର ଶେଷ ତାରିଖ :- ଦୈନିକ ସମ୍ବାଦପତ୍ରଗୁଡିକରେ (ଓଡ଼ିଶାର ପ୍ରମୁଖ ଓଡ଼ିଆ ଓ ଇଂରାଜି ଦୈନିକ) ଏହି ବିଜ୍ଞାପନ ପ୍ରକାଶ ପାଇବାର ୨୧ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଆବେଦନପତ୍ର ପହଞ୍ଚିବା/ଦାଖଲ କରିବା ଆବଶ୍ୟକ। ସମ୍ପୂର୍ଣ୍ଣ ହୋଇଥିବା ଆବେଦନପତ୍ରକୁ ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମାନସଗଙ୍ଗୋତ୍ରୀ, ହୁଣସୂରୁ ରୋଡ୍, ମୈସୁର-୫୭୦୦୦୬, କର୍ଣ୍ଣାଟକ (Director, Central Institute of Indian Languages, Manasagangothri, Hunsur Road, Mysore-570006, Karnataka) ଠିକଣାରେ ଡାକରେ ପଠାଇପାରିବେ ବା ନିଜେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ତାରିଖ ପରେ ଆବେଦନପତ୍ର ପହଞ୍ଚିଲେ ବା ଦାଖଲ କଲେ ତାହା ଗ୍ରହଣଯୋଗ୍ୟ ନୁହେଁ। ଅନୁଷ୍ଠାନର ୱେବ୍‌ସାଇଟ୍ www.ciil.orgର ଘୋଷଣା (Announcement) ପୃଷ୍ଠାରେ ଆବେଦନପତ୍ର ତଥା ଏ ସମ୍ପର୍କିତ ଅଧିକ ସୂଚନା ଉପଲବ୍ଧ।

**ସହାୟକ ନିର୍ଦ୍ଦେଶକ (ପ୍ରଶାସନ)**
**କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମୈସୁର**
davp 21248/11/0002/1920


# ଉଦନ୍ତୀ ନଦୀପଠାରୁ ମୃତ ଶିଶୁ କନ୍ୟା ଉଦ୍ଧାର

**ସିନାପାଲି,୯।୮(ଡି.ଏନ.ଏ.)**

ସିନାପାଲି ସହରର ଉପକଣ୍ଠ ଉଦନ୍ତୀ ନଦୀପଠା ପମ୍ପ ହାଉସ ନିକଟରୁ ଶୁକ୍ରବାର ସିନାପାଲି ପୋଲିସ ଏକ ମୃତ ଶିଶୁକନ୍ୟା ଉଦ୍ଧାର କରିଛି। ମୃତ ଶିଶୁର ପରିଚୟ ଏ ଯାଏ ମିଳି ନ ଥିଲେ ମଧ କୁମାରୀ ମାତୃତ୍ୱକୁ ଲୋକଲଜ୍ଜା ଭୟରେ ଲୁଚାଇବା ପାଇଁ ଏପରି କରାଯାଇ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ମୃତଶିଶୁଟି ଦିନେ ଦୁଇଦିନ ମଧ୍ୟରେ ଜନ୍ମ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଗୁରୁବାର ସନ୍ଧ୍ୟାରେ କେତେକ ଲୋକ ମୃତ ଶିଶୁର ଦେଖିଥିଲେ ମଧ ଭୟରେ କିଛି କହି ନ ଥିବା ଏଠାରେ ଚର୍ଚ୍ଚା ହେଉଛି। ମୃତ ଶିଶୁର ପରିଚୟ ମିଳି ନ ଥିବା ଯୋଗୁ ଶବ ବ୍ୟବଚ୍ଛେଦ ପରେ ଏହାକୁ ନୂଆପଡା ଜିଲା ମେଡିକାଲକୁ ପଠାଇ ଦିଆଯାଇଛି ।

### ଦୋକାନରୁ ମୋବାଇଲ, ଟଙ୍କା ଚୋରି

**ଭବାନୀପାଟଣା,୯।୮ (ଡି.ଏନ.ଏ.)-** ଭବାନୀପାଟଣା ସହରସ୍ଥିତ କଲେଜ ଛକ ନିକଟ ଏକ ମୋବାଇଲ ଦୋକାନରୁ ମଙ୍ଗଳବାର ରାତିରେ ତାଲା ଭାଙ୍ଗି ଚୋରି ହୋଇଛି। ଚୋରମାନେ ଦୋକାନରେ ଥିବା ସମସ୍ତ ମୋବାଇଲ ଓ ନଗଦ ୨୨ ହଜାର ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ଦୋକାନ ମାଲିକ ଖବର ପାଇବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ ଚୋରଙ୍କୁ ଠାବ କରିବାରେ ପୋଲିସ ସକ୍ଷମ ହୋଇ ନାହିଁ। ଗତ କିଛି ଦିନ ଧରି ଭବାନୀପାଟଣା ସହରରେ ଚୋରି ବଢ଼ିବାରେ ଲାଗିଛି।



**ଦେନା ବୈଙ୍କ ଅବ-ବୈଂକ ऑफ बड़ौदा**
**DENA BANK NOW-BANK OF BARODA**

**ବାଲେଶ୍ୱର ଶାଖା**
ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧
ଫୋନ୍: ୦୬୭୮୨-୨୬୦୨୧୮, ୨୬୩୩୧୧

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ) (ପରିଶିଷ୍ଟ ୪ [ରୁଲ୍ ୮(୧)])

ନିମ୍ନ ସ୍ୱାକ୍ଷରକାରୀ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) '[ଆକ୍ଟ] ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା(ମାନେ) ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

### ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ

| ଋଣଗ୍ରହୀତା(ମାନ)ଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ଲକ୍ଷ୍ମୀ ବ୍ରିକ୍ସ ଇଣ୍ଡଷ୍ଟ୍ରିଜ୍, କାରଖାନା ଠିକଣା-** ସା: ବଣପାରିଆ, କୁରୁଡା, ଏନ୍‌ଏଚ୍-୫ ପାର୍ଶ୍ୱ, ସର୍ଭିସ୍ ରୋଡ୍, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୬, **୨) ମନ୍ମଥ କୁମାର ଦତ୍ତ, ୩) ଶ୍ରୀମତୀ ବିଜୟ ଲକ୍ଷ୍ମୀ ଦତ୍ତ, ବାସସ୍ଥାନ ଠିକଣା-** ସା: ଚାନ୍ଦମାରୀ ପଡିଆ, ପ୍ଲଟ୍ ନଂ.: ୧୬, ଶିବ ମନ୍ଦିର ନିକଟ, ସହଦେବ ଖୁଣ୍ଟା, ବାଲେଶ୍ୱର-୭୫୬୦୦୧, ଓଡ଼ିଶା | **୧) ମନ୍ମଥ କୁମାର ଦତ୍ତ**ଙ୍କ ନାମରେ ଥିବା ଜମି ଏବଂ କାରଖାନା ସେଡ ଯାହାର ଖାତା ନଂ.: ୩୧୫/୨୬୬, ପ୍ଲଟ୍ ନଂ.: ୧୧୧/ ୧୨୮୩ ଏବଂ ୧୧୨/୧୨୮୪, ଅନୁରୂପ ହାଲ୍ ଖାତା ନଂ.: ୩୧୫/୬୪୩, ହାଲ୍ ପ୍ଲଟ୍ ନଂ.: ୧୧୨/୧୨୮୪/୧୬୧୧ ଏବଂ ୧୧୧/୧୨୮୩/୧୬୧୦, କ୍ଷେତ୍ର: ୦.୨୦ ଏକର, ମୌଜା: ବଣପାରିଆ, କୁରୁଡା, ଜିଲ୍ଲା: ବାଲେଶ୍ୱର-୭୫୬୦୫୬, ଏହାର | ୦୪.୦୫.୨୦୧୯ / ୦୫.୦୮.୨୦୧୯ | ତା୦୪.୦୫.୨୦୧୯ ରିଖ ସୁଦ୍ଧା **ଟ.୫୩,୭୬,୩୧୦/- + ତା୦୧.୦୩.୨୦୧୯ରିଖ ଠାରୁ** ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୨, ଦକ୍ଷିଣ: ପ୍ଲଟ୍ ନଂ.: ୧୧୪୨, ପୂର୍ବ: ଗିରିଜା ଶଙ୍କର ଦାସଙ୍କ ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୦, **୨) ମନ୍ମଥ କୁମାର ଦତ୍ତ**ଙ୍କ ନାମରେ ଥିବା ବାସୋପଯୋଗୀ ଡ୍ୟୁପ୍ଲେକ୍ସ ୟୁନିଟ୍ ଯାହାକି "ସୁପ୍ରତିକ ଲାଇଫ୍ ଷ୍ଟାଇଲ୍"ରେ ଅବସ୍ଥିତ ଯାହାର ମୌଜା: କୁରୁଡା, ଥାନା: ସଦର, ଥାନା ନଂ.: ୧୯୬, ଜିଲ୍ଲା: ବାଲେଶ୍ୱର, ସବ୍ ପ୍ଲଟ୍ ନଂ.: ଏ/୧୫, କ୍ଷେତ୍ର: ୧୪୧୦ ବର୍ଗଫୁଟ, ମ୍ୟୁଟେସନ୍ ଖାତା ନଂ.: ୧୯୬/୮୦୬, ପ୍ଲଟ୍ ନଂ.: ୫୯/୧୫୪୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୪), ଦକ୍ଷିଣ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୬), ପୂର୍ବ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୬), ପଶ୍ଚିମ: ପ୍ରସ୍ତାବିତ ରାସ୍ତା

ସ୍ଥାନ : ବାଲେଶ୍ୱର, ତାରିଖ : ୦୯.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା




## ODISHA SUB-ORDINATE STAFF SELECTION COMMISSION

**Block No.3 & 5, Unit -1, Bhubaneswar-751009**
**Telephone - 0674-2597149, 2597152 (office)**
**Fax- 0674-2597155, Website : www.osssc.gov.in**

**No.IIE-69/2018 -268 (C)/OSSSC, Date- 07.08.2019**

**NOTICE**

**Written Test for recruitment to the post of Excise Constable**

No.40-T :- In pursuance of the Advertisements No.IIE-68/2017- 910(C)/OSSSC dt. 09.10.2018, No.39(C)/OSSSC dt.11.01.2019 and IIE-69/2018-29 (C)/OSSSC dt. 10.01.2019, the Provisional List of the candidates qualified in the Physical Standard Measurement and Physical Efficiency Test held from 18.01.2019 to 31.01.2019 for the post of Excise Constable is hereby published as at Annexure-1. The candidates who appeared in the PSM & PET may visit the Commission's website: www.osssc.gov.in to see the results. The Written Test for the qualified candidates will be held at all the approved examination centres in the district headquarters on **08.09.2019 (Sunday)** from 10.00 AM onwards. The admission letters available online may be downloaded from the OSSSC Website from 24.08.2019 onwards by the qualified candidates using their User ID and Password to appear in the examination. **No hard-copy of Admission Letter will be sent to any candidate by post.**

*By order of the Commission*
**Sd./- Secretary**

09007/11/0001/1920



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଜଙ୍ଗଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଲଖନପୁର,୯।୮(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ବନହରପାଲି ଥାନା ସାହାଜବାହାଲ ଗ୍ରାମ୍ୟ ଜଙ୍ଗଲରୁ ଶୁକ୍ରବାର ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତଦେହ ସାହାଜବାହାଲ ଗ୍ରାମର ରାହାସ ମାଝି (୬୩)ଙ୍କର ବୋଲି ଜଣାପଡ଼ିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୭/୧୯) ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାହାସ ଗତ ଗୁରୁବାର ମଧାହ୍ନରୁ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ଗ୍ରାମର କେତେଜଣ ବ୍ୟକ୍ତି ଜଙ୍ଗଲକୁ ଯାଇଥିବାବେଳେ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ।

### ପାଇଖାନା ନିର୍ମାଣରେ ଓପିଜିସିର ପାତରଅନ୍ତର
#### ଗ୍ରାମ କମିଟିର ଅସନ୍ତୋଷ

ଲଖନପୁର,୯।୮(ଡି.ଏନ୍.ଏ.)

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ଇବ୍ ଥର୍ମାଲ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିଗମ ସିଏସ୍ଆର୍ ପାଣ୍ଠିରୁ ନିର୍ମାଣ ଚାଲିଛି ପାଇଖାନା। ଏଥିରେ ନିଗମ କର୍ତ୍ତୃପକ୍ଷ କେତେଜଣ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେଇଛନ୍ତି। ହେଲେ ୫ ହଜାର ଟଙ୍କା ନିଜ ହାତରୁ ବ୍ୟୟ କରିବା ପାଇଁ ଆଉ କେତେଜଣ ହିତାଧିକାରୀଙ୍କୁ କୁହାଯାଇଛି। ନିଗମ କର୍ତ୍ତୃପକ୍ଷଙ୍କ ଏହି ପାତରଅନ୍ତର ନୀତିକୁ ତେଲେନପାଲି ଗ୍ରାମ୍ୟ କମିଟି ବିରୋଧ କରିଛି। ଏ ନେଇ ଗ୍ରାମ୍ୟ କମିଟିର ଶତାଧିକ ସଦସ୍ୟ ଶୁକ୍ରବାର ଓପିଜିସି ଅଭିଯୋଗ ଶୁଣାଣିରେ ପହଞ୍ଚି ସିଏସ୍ଆର୍ ମୁଖ୍ୟ ମନୋଜ ଦାସଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହାକୁ ସିଏସ୍ଆର୍ ମୁଖ୍ୟ ଦାସ ଗ୍ରହଣ କରି ନ ଥିଲେ। ଫଳରେ ଗ୍ରାମ୍ୟ କମିଟି ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତକରି ଅଭିଯୋଗ ଶୁଣାଣିରୁ ଫେରିଆସିଛନ୍ତି। ଏ ନେଇ ଗ୍ରାମ୍ୟ କମିଟି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବ। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ସିଏସ୍ଆର୍ ମୁଖ୍ୟ ଦାସଙ୍କ ପ୍ରତିକ୍ରିୟା ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାହା ସମ୍ଭବ ହୋଇନାହିଁ।
ପାଇଖାନା ନିର୍ମାଣରେ ହିତାଧିକାରୀ ହାତରୁ ୫ ହଜାର ଟଙ୍କା ବ୍ୟୟ କରିବେ। ଅବଶିଷ୍ଟ ଟଙ୍କା ନିଗମ ବ୍ୟୟ କରିବ ବୋଲି ପ୍ରଥମେ ନିୟମ ହୋଇଥିଲା। ସେ ସମୟରେ ତେଲେନପାଲି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପରେ ସିଏସ୍ଆର୍ ମୁଖ୍ୟ କହିଥିଲେ, ୫ ହଜାର ଟଙ୍କା ହାତରୁ ଖର୍ଚ୍ଚ ନ କଲେ ଏହି ସୁବିଧା ମିଳିପାରିବ ନାହିଁ। ଏହି ଯୋଜନା ଅନ୍ୟ ଗ୍ରାମକୁ ଚାଲିଯିବ। ଅଧିକାରୀଙ୍କ ଏଭଳି କଥା ଶୁଣି ଗ୍ରାମବାସୀ ହାତରୁ ୫ ହଜାର ଟଙ୍କା ବ୍ୟୟକରି ପାଇଖାନା ନିର୍ମାଣ କରିଥିଲେ। ପରେ ଲୋକଙ୍କ ମଧ୍ୟରେ ଏହି ଦାବି ଜୋର୍ ଧରିଥିଲା। ହାତରୁ ୫ ହଜାର ଟଙ୍କା ଖର୍ଚ୍ଚ ନ କରିବା ପାଇଁ ଲୋକେ ଅଡ଼ିବସିଥିଲେ। ଏ ନେଇ କୁଶ୍ରାଲୋଇ ପଞ୍ଚାୟତବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍କାଳୀନ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଏଥିରେ ହସ୍ତକ୍ଷେପ କରି ପାଇଖାନା ନିର୍ମାଣରେ ହିତାଧିକାରୀ ନିଜ ହାତରୁ ଅର୍ଥ ବ୍ୟୟ କରିବେ ନାହିଁ ବୋଲି ନିଗମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ନିଗମ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଅର୍ଥ ବ୍ୟୟ କରି ପାଇଖାନା ନିର୍ମାଣ କଲେ। କିନ୍ତୁ ତେଲେନପାଲି ଗ୍ରାମବାସୀ ନିଜ ହାତରୁ ୫ହଜାର ଟଙ୍କା ବ୍ୟୟକରି ପାଇଖାନା ନିର୍ମାଣ କରିଛନ୍ତି। ନିଗମ କର୍ତ୍ତୃପକ୍ଷ ତେଲେନପାଲି ଗ୍ରାମବାସୀଙ୍କ କ୍ଷେତ୍ରରେ ପାତରଅନ୍ତର କରିଛନ୍ତି ବୋଲି ଗ୍ରାମ୍ୟ କମିଟି ଅଭିଯୋଗ କରିଛି। ଏହାକୁ ନିଗମ କର୍ତ୍ତୃପକ୍ଷ ହିତାଧିକାରୀଙ୍କୁ ଫେରାଇଦେବା ପାଇଁ ଗ୍ରାମ୍ୟ କମିଟି ପ୍ରଥମରୁ ଦାବି କରିଆସୁଛି।

### ଏମ୍‌ସିଏଲ୍ ବିସ୍ଥାପିତ, କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ବୈଠକ
# ଉପଯୁକ୍ତ ସୁବିଧା ମିଳିଲେ ଗାଁ ଛାଡ଼ିବାକୁ ରାଜି

ଲଖନପୁର,୯।୮(ଡି.ଏନ୍.ଏ.)

ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବହୁବିଧ ସମସ୍ୟା ନେଇ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଓ ବେଲପାହାଡ଼ ଖୋଲାମୁହଁ କୋଇଲାଖଣି ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ପାରୁନାହିଁ। ଏଥିପାଇଁ କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଫଳରେ ଖଣି କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧା ବଢ଼ିଯାଇଛି। ଏହାର ପ୍ରତିକାର ପାଇଁ ଖଣି କର୍ତ୍ତୃପକ୍ଷ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଖଇରକୁନୀ, ଟିଙ୍ଗିସ୍ମାଲ୍ ଓ ଦର୍ଲିପାଲି ଗ୍ରାମର ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ଶୁକ୍ରବାର ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଡକାଇଥିଲା। ସକାଳେ ଖଇରକୁନୀ ଓ ଟିଙ୍ଗିସ୍ମାଲ୍ ଗ୍ରାମବାସୀଙ୍କୁ ନେଇ ଦହଲଡେରା ପ୍ରାଥମିକ ସ୍କୁଲରେ ବୈଠକ ହୋଇଥିଲା। ଅପରାହ୍ନରେ ଦର୍ଲିପାଲି ଗ୍ରାମରେ ବୈଠକ ହୋଇଥିଲା। ତେବେ ବୈଠକ ସମ୍ପର୍କରେ ଜିଲା ପ୍ରଶାସନ କିମ୍ବା ଏମ୍‌ସିଏଲ୍ ପକ୍ଷରୁ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖଇରକୁନୀ ଓ ଟିଙ୍ଗିସ୍ମାଲ୍ ଗ୍ରାମର କେତେଜଣ ବ୍ୟକ୍ତି ଚାକିରି, କ୍ଷତିପୂରଣ ଆଦି ସୁବିଧା ସୁଯୋଗ ନେଇ ଗାଁ ଛାଡ଼ି ଅନ୍ୟତ୍ର ଥାଇଥାନ ହେଲେଣି। ତେବେ ଉପଯୁକ୍ତ ସୁବିଧା ସୁଯୋଗ ପାଇ ନ ଥିବା ବ୍ୟକ୍ତିମାନେ ଏବେ ବି ଗାଁରେ ରହିଛନ୍ତି। ଏଥିମଧ୍ୟରେ ରହିଛନ୍ତି ବହୁ କ୍ଷତିଗ୍ରସ୍ତ ଶୁକବାସୀ। ଏଥିପାଇଁ ସମ୍ପୂର୍ଣ୍ଣ ଗ୍ରାମ ବିସ୍ଥାପିତ ହୋଇପାରୁ ନାହିଁ। ଫଳରେ ଖଣି ସମ୍ପ୍ରସାରଣ କାମ ଅଟକି ରହିଛି। ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି, ଥାଇଥାନ ଆଦି ସୁବିଧା ସୁଯୋଗ ଯୋଗାଇଦେଲେ ଗାଁ ଛାଡ଼ିବା ପାଇଁ ଲୋକେ ପ୍ରସ୍ତୁତ ବୋଲି ବୈଠକରେ କହିଥିଲେ। ଯଦି ଏହା କରା ନ ଯାଏ ତେବେ ଲୋକେ ଗାଁ ଛାଡ଼ିବେ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ଏ ନେଇ ଉପଜିଲାପାଳ ଶିବ ଟପ୍ପୋ କହିଛନ୍ତି ଯେଉଁ ଲୋକମାନଙ୍କର ଯାହା କିଛି ଦାବି ରହିଛି ସେମାନେ ପୁନର୍ବାର ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରନ୍ତୁ। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ବିଚାର କରାଯିବ ବୋଲି ଉପଜିଲାପାଳ ଟପ୍ପୋ କହିଛନ୍ତି। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଟପ୍ପୋ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଏମ୍‌ସିଏଲ୍ ପକ୍ଷରୁ ଜିଏମ୍ ଅନୀଲ କୁମାର ସିଂ, ଜିଏମ୍ (ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକାର, ଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ, ଯୁରେନ୍ ପଟ୍ଟନାୟକ, ମିତ୍ରଭାନୁ ବଡ଼େଇ, ଦଶରଥ ମିଶ୍ର, ଗ୍ରାମବାସୀଙ୍କ ପକ୍ଷରୁ ଅଶୋକ ବୁଢ଼ିଆ, ବିରଞ୍ଚି ସାହୁ, ସୁରେନ୍ଦ୍ର ସାହୁ, ସାଧୁଚରଣ ଦଣ୍ଡସେନା, ଦାମୋଦର ଭୋଇ, ପ୍ରେମଶୀଳା ପଣ୍ଡିଆ, ସାଗତୁଲା ଭୋଇ, ଜେମା ଭୋଇ, ଗଙ୍ଗାପ୍ରସାଦ ଦୀପ, ଅର୍ଜୁନ ସେଠ, ଭୀମ ସେଠ, ଗୋକୁଳା ସିଂ, ଗୋବିନ୍ଦ କରାଲି, କିଶୋର କରାଲି, ରବୀନ୍ଦ୍ର ସାହୁ, ଅମଦ ଓରାମ, ଗଙ୍ଗାଧର ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ତ୍ରିପାକ୍ଷିକ ବୈଠକରେ ଉପସ୍ଥିତ ଅଧିକାରୀ।

# ଅବହେଳିତ ବେଲପାହାଡ଼ ବୀରଭୂମି

ବେଲପାହାଡ଼,୯।୮(ଡି.ଏନ୍.ଏ.)
ଆଉ ୬ ଦିନ ପରେ ସାରା ଦେଶରେ ସ୍ୱାଧୀନତା ଦିବସ ପାଳନ ହେବ। ମାତ୍ର ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବୀରଭୂମିର ଅବସ୍ଥା ସୁଧୁରିପାରିନି। ବୀରଭୂମିରେ ଦୀର୍ଘଦିନରୁ ମାଟି ଗଦା ଓ ଘାସପତ୍ର ଭର୍ତ୍ତିହୋଇ ରହିଛି। ସେହି ଅଳିଆ ଅବର୍ଜନା ମଧ୍ୟରେ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଶୋଭା ପାଉଛି। ଏହାର ସଫେଇ ପ୍ରତି ଏପର୍ଯ୍ୟନ୍ତ କାହାରି ନଜର ପଡୁନି। ପ୍ରତିବର୍ଷ ଆଞ୍ଚଳିକ ପରିଷଦ ପକ୍ଷରୁ ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନ ହୋଇଥାଏ। ଏଥିସହିତ ଗଣତନ୍ତ୍ର ଓ ସାଧାରଣତନ୍ତ୍ର ଦିବସ ସମାରୋହ ପାଳନ ହୋଇଥାଏ। ମାତ୍ର ସମାରୋହ ସରିବା ପରେ ବୀରଭୂମି ପ୍ରତି କାହାରି ନଜର ପଡ଼ି ନ ଥାଏ। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଗୁମାଡେରା ମାଉସୀ ମା' ମନ୍ଦିର ନିକଟ ରେଳ ଧାରଣା ପାର୍ଶ୍ୱରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ପରେ ଏହି ସ୍ଥାନକୁ ବୀରଭୂମି ନାମରେ ନାମିତ କରାଯାଇଛି। ହେଲେ ବୀରଭୂମିର ଉନ୍ନତୀକରଣ ପାଇଁ କୌଣସି ଆଖିଦୃଶିଆ ଉଦ୍ୟମ ହେଉନାହିଁ। ବରଂ ବର୍ଷ ବର୍ଷ ଧରି ମାଟି, ପଥର ଓ ଅନାବନା ଘାସ ଜମା ହୋଇରହୁଥିବା ଯୋଗୁ ବୀରଭୂମିର ଶୋଭା ଓ ସମ୍ମାନ ହ୍ରାସ ପାଉଛି। କିଛି ମାସ ପୂର୍ବରୁ ରେଳ ବିଭାଗ ପକ୍ଷରୁ ବୀରଭୂମି ପଛ ପାର୍ଶ୍ୱରେ ପାଚେରି ନିର୍ମାଣ କାର୍ଯ୍ୟ ଚାଲିଥିଲା। ସେ ସମୟରେ ବୀରଭୂମି ସ୍ଥଳରେ କେହି ମାଟି, ପଥର ତଥା ପାଚେରୀ ଭଗ୍ନାଂଶ ପକାଇ ଦେଇଥିଲେ। ଯାହା ଆଜିପର୍ଯ୍ୟନ୍ତ ସଫେଇ ହୋଇ ନାହିଁ। ଏ ସଂକ୍ରାନ୍ତରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଦୁଇଦିନ ମଧ୍ୟରେ ବୀରଭୂମି ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଛନ୍ତି।


ବୀରଭୂମି ସ୍ଥଳରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନିକଟରେ ମାଟି, ପଥର ଜମା ହୋଇରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ତେଜି ଉଠୁଛି,**
**ହାତ ଚିକ୍କଣ ହେଉଛି ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡ଼ି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଇଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ତେଜିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ ସେହିପରି ଯିଏ ଅର୍ଥ କାରବାର କରେ, ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଇନାନୀ ବୋଲି ଗୋଟିଏ ଥିଲା**
**ଦଇବ ଦଣ୍ଡିଲା ତାକୁ,**
**ଆଣ୍ଠୁଏ ପାଣିରେ ଜପ କରୁଥିଲା**
**ପରଧନ ଖାଇବାକୁ ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୁରୀଣ। କେତକ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କେବେହେଲେ ଭୋଗ୍ୟ ହୋଇ ପାରି ନ ଥାଏ, ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଉ ନ ଥିବା ମହିଳା ନିଜ କୃତକର୍ମର ଫଳଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅଗଷ୍ଟକ୍ରାନ୍ତି ଦିବସ ପାଳିଲେ ଛାତ୍ରୀଛାତ୍ର

ବେଲପାହାଡ଼,୯।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବି.ଆର୍. ଉଚ୍ଚ ବିଦ୍ୟାଳୟରେ ଚାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଶୁକ୍ରବାର ଅଗଷ୍ଟକ୍ରାନ୍ତି ଦିବସ ପାଳନ କରିଛନ୍ତି। ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ୭୫୦ ଛାତ୍ରୀଛାତ୍ର ଓ ୨୫ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳିତ ହୋଇ ସ୍ୱାଧୀନତା ପୂର୍ବବର୍ତ୍ତୀ ଆନ୍ଦୋଳନକୁ ସ୍ମରଣ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ଶିକ୍ଷକମାନେ ଅଗଷ୍ଟକ୍ରାନ୍ତି ଦିବସର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସେହିପରି କଦେଲପିଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଦେଶମୁକ୍ତି ଆନ୍ଦୋଳନ ପାଇଁ ଜୀବନ ବଳି ଦେଇଥିବା କ୍ରାନ୍ତିକାରୀମାନଙ୍କୁ ମନେ ପକାଇ ଅଗଷ୍ଟକ୍ରାନ୍ତି ଦିବସ ପାଳନ କରିଛନ୍ତି।


ବେଲପାହାଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର କ୍ରାନ୍ତିଦିବସ ପାଳନ କରୁଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଂଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

REAL ESTATE SALE

URGENT SALE
3 BHK Flats at "Mani Tribhuvan" located on Nandan Kanan Road, Raghunathpur, Bhubaneswar.
Please contact us at
9748761763
gcoopersestate@gmail.com

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ୍ ! ଲୋନ୍ ! ଲୋନ୍
୧ ରୁ ୫୦ ଲକ୍ଷ୍ୟ ଲୋନ୍
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୦ ଅଗଷ୍ଟ, ୨୦୧୯



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ମାରପିଟ ଘଟଣାରେ ୭ ଗିରଫ

ରାଉରକେଲା ଅଫିସ,୯।୮: ପ୍ଲାଣ୍ଟସାଇଟ ଥାନା ଅର୍ନ୍ତଗତ ଗୋପବନ୍ଧୁପାଲି ଅଞ୍ଚଳରେ ଗୁରୁବାର ରାତିରେ ୨ ଗୋଷ୍ଠୀ ମଧରେ ମାରପିଟ ହୋଇଥିଲା। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ଗୋପବନ୍ଧୁପାଲି ରେଲୱେ କଲୋନୀସ୍ଥିତ ଓଭରବ୍ରିଜ ନିକଟରେ ୨ ଗୋଷ୍ଠୀ ମାରପିଟ ହେଉଥିଲା। ଏ ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଉଭୟ ପକ୍ଷର ୭ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ତେବେ ଘଟଣାର କୌଣସି ଆପୋସ ସମାଧାନ ହୋଇପାରି ନ ଥିଲା। ଉଭୟ ଗୋଷ୍ଠୀ ପରସ୍ପର ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଦୁଇଟି ମାମଲା (ନଂ ୨୪୨/୧୯ ଓ ୨୪୩/୧୯) ରୁଜୁ କରି ଉଭୟ ଗୋଷ୍ଠୀର ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଟିଏ ଗୋଷ୍ଠୀର ଦୀପକ ପାଶ୍ୱାନ, ନବୀନ ରାଏ, ସୁରଜ ଶାହ, ଏମ୍‌ଡି. ଅଖତର ଓ ଅନ୍ୟ ଗୋଷ୍ଠୀର ଏମ୍‌ଡି. ସମୀର, ଶେଖ ସାହିଲ ଓ ଶାହିଦ ଖାଁ। ଏମାନେ ସମସ୍ତେ ଗୋପବନ୍ଧୁପାଲି ଅଞ୍ଚଳ ବାସିନ୍ଦା ବୋଲି ପୋଲିସ ସୂଚନା ଦେଇଛି।

■ କାଳିଆ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

# ଉପକୃତ ଅଯୋଗ୍ୟ ହିତାଧିକାରୀ ଛାନିଆ

ରାଉରକେଲା ଅଫିସ,୯।୮

ରାଜ୍ୟରେ କାଳିଆ ଯୋଜନାରେ ଉପକୃତ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଅଡୁଆରେ ପଡ଼ିଛନ୍ତି ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧି। ଯେଉଁ ଅଧିକାରୀ ବା ଲୋକ ପ୍ରତିନିଧି ଦିନେ କାଳିଆ ଯୋଜନାରେ ଯାହାକୁ ଯୋଗ୍ୟ ହିତାଧିକାରୀ ଦର୍ଶାଇ ଉପକୃତ କରାଇଥିଲେ ତାଙ୍କୁ ଏବେ ଅଯୋଗ୍ୟ କରିବାକୁ ହାତ ଯାଉନି। ଏମିତି ଅବସ୍ଥାରେ ସରକାରଙ୍କ ତାଗିଦ କେତେ କାମ କରିବ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଲୋକ ପ୍ରତିନିଧିମାନେ ଏବେ ମୁହଁ ଲୁଚାଉଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ସରକାର ବିନା ବାଛବିଚାରରେ କାଳିଆ ଯୋଜନାରେ ଧନୀ ଗରିବ ନିର୍ବିଶେଷରେ ସମସ୍ତ ଚାଷୀଙ୍କ ନାଁ ଭର୍ତ୍ତି କରି ଯୋଜନା ଅର୍ଥ ବାଣ୍ଟିଦେଲେ। ଏହାକୁ ନେଇ ଚାଷୀ, ଅଣଚାଷୀ ସମସ୍ତଙ୍କ ମୁହଁରେ ସରକାରଙ୍କ ଜୟଗାନ ଶୁଣାଗଲା। ଏବେ ଅଯୋଗ୍ୟ ହିତାଧିକାରୀ ଘୋଷଣା ବେଳକୁ ଅନେକଙ୍କ ମୁହଁ ଆମ୍ବିଳା ହୋଇଯାଇଛି। ଉଣା ଅଧିକେ ରାଜ୍ୟର



ଅଯୋଗ୍ୟ କାଳିଆ ଯୋଜନା ହିତାଧିକାରୀ ଚିହ୍ନଟ ନେଇ ପାନପୋଷ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସାମାଜିକ କର୍ମୀ ଶାନ୍ତନୁ କୁସୁମ।

ପ୍ରାୟ ସବୁ ବ୍ଲକ ତଥା ପଞ୍ଚାୟତରେ ଅଯୋଗ୍ୟ କାଳିଆ ହିତାଧିକାରୀ ରହିଛନ୍ତି। ଏବେ ଖୋଳତାଡ଼ ବେଳକୁ ପିଠିରେ ପଡ଼ିବାକୁ କେହି ନାହିଁ। ଲୋକ ପ୍ରତିନିଧିଙ୍କ ସହଯୋଗ ମିଳୁନି। ନିର୍ବାଚନ ସରିଯାଇଛି। ପାନପୋଷ ଉପଖଣ୍ଡ ଅନ୍ତର୍ଗତ ଲାଠିକଟା, କୁଆଁରମୁଣ୍ଡା, ବିଶ୍ରା ଓ ନୂଆଗାଁ ବ୍ଲକର ୩୨୫ରୁ ଅଧିକ ଅଣଚାଷୀ କାଳିଆ ଯୋଜନାରେ ଉପକୃତ ହୋଇଥିବା ସୂଚନା ମିଳିଛି। ପଞ୍ଚାୟତ ଓ ବ୍ଲକ ସ୍ତରରେ କର୍ମଚାରୀଙ୍କ ମନମୁଖି କାରବାର ଯୋଗୁ ବହୁ ଅଣଚାଷୀ ମିଛ ଦସ୍ତାବିଜ ଦାଖଲ କରି ଏହି ଯୋଜନାରେ ଉପକୃତ ହୋଇଛନ୍ତି। କାଳିଆ ଯୋଜନା ଗରିବ ଓ ଅସମର୍ଥ କୃଷକଙ୍କ ପାଇଁ ଉଦ୍ଦିଷ୍ଟ। ଏହା ସତ୍ତ୍ୱେ କେଉଁ ପରିସ୍ଥିତିରେ ସ୍ୱଚ୍ଛଳ ଚାଷୀଙ୍କୁ ଏହି ବର୍ଗରେ ଉପକୃତ କରାଗଲା ତାହା ନିଶ୍ଚିତ ରୂପେ ତଦନ୍ତ ସାପେକ୍ଷ। କୁହାଯାଇଛି ଯେ ଲାଠିକଟା ବ୍ଲକର ୯୪ରୁ ଅଧିକ ଅଣଚାଷୀ ଯୋଜନାରେ ଉପକୃତ ହୋଇଛନ୍ତି। ସେହିପରି କୁଆଁରମୁଣ୍ଡା ବ୍ଲକରେ ୮୭, ବିଶ୍ରା ବ୍ଲକରେ ୭୯ ଓ ନୂଆଗାଁରେ ୬୫ ଅଯୋଗ୍ୟ ଚାଷୀ ସରକାରୀ ଅର୍ଥ ଆତ୍ମସାତ କରିଛନ୍ତି। ପ୍ରକୃତ ତଦନ୍ତ ପରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏଣେ ଏହି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବା ପରେ ଅଯୋଗ୍ୟ ହିତାଧିକାରୀ ଛାନିଆ ହୋଇପଡ଼ିଛନ୍ତି। ଏହାକୁ ନେଇ ସାମାଜିକ କର୍ମୀ ଶାନ୍ତନୁ କୁସମ ଶୁକ୍ରବାର ପାନପୋଷ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସୁଶାନ୍ତ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ନିରପେକ୍ଷତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉ। ଯେଉଁମାନେ ଚଞ୍ଚକତା କରି ସରକାରୀ ଅର୍ଥ ଲୁଟ୍‌ରେ ସାମିଲ ରହିଛନ୍ତି ସେମାନଙ୍କ ସହ ବିଭାଗୀୟ ଅବହେଳା ନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅନ୍ୟଥା ଯୋଜନା ବାଟବଣା ହେବା ସୁନିଶ୍ଚିତ ବୋଲି କୁସୁମ ପ୍ରକାଶ କରିଛନ୍ତି। ତାଙ୍କ ସହ ପ୍ରତିନିଧି ଦଳରେ ସୁଧାଂଶୁ ମହାପାତ୍ର, ପୋଇତା ମୁଣ୍ଡାରୀ ଓ ହେମକାନ୍ତ ତାଜନ ପ୍ରମୁଖ ଉପସ୍ଥିତ ଥିଲେ।




ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ ପକ୍ଷରୁ ଆମ୍ବାଗନ ଛକରେ ବିକ୍ଷୋଭ କରାଯାଉଛି।

## ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ,୯।୮

ଆଧୁନିକ ଯୁଗରେ ବିଜ୍ଞାନ ତଥା ଜ୍ଞାନକୌଶଳକୁ ଦେଶର ସ୍ୱାର୍ଥ ନିମନ୍ତେ ବ୍ୟବହାର କରାଯିବା ପରିବର୍ତ୍ତେ କ୍ଷତି ପହଞ୍ଚାଇବା ପାଇଁ ବ୍ୟବହାର ହେଉଛି। ଏଥିରୁ ଭାରତକୁ ରକ୍ଷା କରିବାକୁ ହେଲେ ବିଭିନ୍ନ ସମୟରେ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିବା ଜରୁରୀ ହୋଇପଡ଼ିଛି। କ୍ରମାଗତ ଭାବେ ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଖର୍ଚ୍ଚକାଟ କରାଯାଉଛି। ଫଳରେ ଭାରତର ବୈଜ୍ଞାନିକମାନେ ଭାରତ ଛାଡ଼ି ବିଦେଶକୁ ପଳାୟନ କରୁଛନ୍ତି। ସରକାର ଶିକ୍ଷା ଖସଡ଼ାକୁ ଏମିତି ପ୍ରସ୍ତୁତ କରିବା ଦରକାର ଯେଉଁଥିରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ଭିତ୍ତିକ ଜ୍ଞାନ ବୃଦ୍ଧି ପାଇବା ସହ ଅନ୍ଧବିଶ୍ୱାସମୁକ୍ତ ସମାଜ ଗଠନରେ ସହାୟକ ହୋଇପାରିବ। ଏହି ସବୁ ବିଷୟକୁ ନେଇ ରାଉରକେଲା ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ ପକ୍ଷରୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଆମ୍ବଗାନଠାରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗଣେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏନ୍‌ଆଇଟି ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ମୁଖ୍ୟବକ୍ତା, ପ୍ରଫେସର ଅଜିତ ବେହେରା ଓ ସାହିତ୍ୟିକ ଗଗନ ବିହାରୀ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଶେଖ ଲିଆକୁଉଦ୍ଦିନ, ପରମେଶ୍ୱର ଓରାମ ଆଲୋକ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବୈଜ୍ଞାନିକ ମନୋଭାବ ଗଢ଼ି ତୋଳିବାକୁ ଅଲିଭା ଦାସ ଆହ୍ୱାନ ଦେଇଥିଲେ।



ଆର୍‌ସିସିଆଇ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

■ ଆର୍‌ସିସିଆଇର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

## ସର୍ବକ୍ଷମା ଯୋଜନା ସର୍ତ୍ତ କୋହଳକୁ ସ୍ୱାଗତ

ରାଉରକେଲା ଅଫିସ,୯।୮

ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଆର୍‌ସିସିଆଇ)ର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ପାନପୋଷସ୍ଥିତ ଏହାର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ପରେ ଆର୍‌ସିସିଆଇ ସଭାପତି ପ୍ରବୀଣ ଗର୍ଗଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସର୍ବକ୍ଷମା ଯୋଜନାରେ ଲାଗୁ ହୋଇଥିବା କେତେକ ସର୍ତ୍ତକୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ କୋହଳ କରାଯାଇଥିବାରୁ ଗର୍ଗ ଏହାକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ସଚିବ, ତଥା ରାଉରକେଲା ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଥିଲେ ୨୦୧୮ ଜୁନ ୨୦ରେ ରାଜ୍ୟ ସରକାର ସର୍ବକ୍ଷମା ଯୋଜନା ଆଣିଥିଲେ। ତେବେ ଏହି ଯୋଜନାରେ ଥିବା କେତେକ ସର୍ତ୍ତ ଲୋକଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା। ବିଶେଷକରି ଜମିଜମା କିଣାବିକା, ବ୍ୟବସାୟ ଏବଂ ଘର ତିଆରି ପାଇଁ ଲୋକଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଯୋଜନା ତ୍ରୁଟିପୂର୍ଣ୍ଣ ଥିବା ନଜରକୁ ଆସିବା ପରେ ଆର୍‌ସିସିଆଇର ତତ୍କାଳୀନ ସଭାପତି ସୁବ୍ରତ ପଟ୍ଟନାୟକ ତୁରନ୍ତ ରାଜ୍ୟ ସରକାରଙ୍କ ସହ ଆଲୋଚନା ପାଇଁ ପ୍ରବୀଣ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ୬ଜଣିଆ କମିଟି ଗଠନ କରିଥିଲେ। ଏହି ଟିମ୍ ବିଭିନ୍ନ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ସଚିବ ଓ ରାଉରକେଲା ବିଧାୟକଙ୍କୁ ଭେଟି ଏହାର ସମାଧାନ ନିମନ୍ତେ ଉଦ୍ୟମ କରିଥିଲେ। ଯୋଜନାରେ ଥିବା କେତେକ ସର୍ତ୍ତ କୋହଳ କରିବା ପାଇଁ ସେମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଶେଷରେ ସରକାର ଏହାର ତର୍ଜମା କରି ଗତ ୬ ତାରିଖ ନୂତନ ଯୋଜନା ଲାଗୁ କରି ଗର୍ଗ ସୂଚନା ଦେଇଛନ୍ତି। ଏହାଦ୍ୱାରା ଜମି କିଣାବିକା, ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଘର ତଆରି ହେଉ କିମ୍ବା ବସତି ସ୍ଥାପନ ପାଇଁ ସବୁଥିରେ ଏଣିକି ଲୋକେ ଅଯଥା ଖର୍ଚ୍ଚାନ୍ତରୁ ବର୍ତ୍ତିଯିବେ ବୋଲି ଗର୍ଗ କହିଥିଲେ। ଖବରଦାତା ସମ୍ମିଳନୀରେ ସମ୍ପାଦକ ରାଜେଶ ଗର୍ଗ, ପ୍ରଭାତ ଟିବ୍ରେୱାଲ, ରମେଶ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ନୀତୀଶ ପାରେଖ, କାନ୍ତିଲାଲ କୋଠାରୀ ଆଲୋକ ରାଜ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସେଲ୍ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

ରାଉରକେଲା ଅଫିସ,୯।୮

ବୁଧବାର ରାତିରେ ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀ କାର୍ଯ୍ୟ ସାରି କାର୍ ଯୋଗେ ଘରକୁ ଫେରୁଥିବା ବେଳେ ଦିଲ୍ଲୀ ହୁଡ୍‌କୋ ପ୍ୟାଲେସ୍ ନିକଟରେ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଦିଲ୍ଲୀ ଭଳି ସ୍ଥାନରେ ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଯଦି ଏପରି ମରଣାନ୍ତକ ଆକ୍ରମଣ କରାଯାଏ ତେବେ ସାଧାରଣ ଜନତାଙ୍କ ଅବସ୍ଥା କିପରି ତାହା ସହଜେ ଅନୁମେୟ ବୋଲି ସେ କହିଛନ୍ତି। ସିଆଇଟିୟୁ ପକ୍ଷରୁ ସେ ଚୌଧୁରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଆକ୍ରମଣକାରୀଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବି କରିଛନ୍ତି।

### ଜୁଆ ଖେଳ ଅଭିଯୋଗରେ ୨ ଗିରଫ

**ରାଉରକେଲା ଅଫିସ,୯।୮:** ସହରରେ ଜୁଆ ଖେଳ ଅଭିଯୋଗରେ ବୁଧବାର ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶୁକ୍ରବାର ଉଦିତନଗର ଓ ପ୍ଲାଣ୍ଟସାଇଟ ପୋଲିସ ମିଳିତ ଚଢ଼ାଉ କରି ଆଉ ୨ଜଣଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉ ନିୟମିତ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି।

## ପରିଣତ ବୟସରେ ସାଧନାରତ ସଙ୍ଗୀତ ଶିକ୍ଷକ

ରାଉରକେଲା ଅଫିସ,୯।୮

ପରିଣତ ବୟସରେ ଉପନୀତ ହୋଇଥିଲେ ମଧ ଷ୍ଟିଲ ସିଟିରେ ନିଜ ସଙ୍ଗୀତ ସାଧନା ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଥିବା ସଙ୍ଗୀତ ଶିକ୍ଷକ ଶ୍ରୀଧର ସେଠୀଙ୍କ ଚଞ୍ଚଳତା ଆଜି ବି କମିନି। ସଞ୍ଜ ସକାଳେ ଫର୍ଟିଲାଇଜର ଟାଉନଶିପ ଅନ୍ତର୍ଗତ ଉତ୍କଳନଗର ଘରୁ ଭାସିଆସେ ତାଙ୍କ ସୁମଧୁର ସ୍ୱର। ଘଡ଼ିଏ ଅଟକି ଯାଆନ୍ତି ପଥଚାରୀ। ଗୀତଟିକୁ ସମ୍ପୂର୍ଣ୍ଣ ନ ଶୁଣିବା ଯାଏ ମନ ବୁଝେନି। ବୟସାଧିକ୍ୟ କାରଣରୁ ଆଜିକାଲି ବାହାରକୁ ଯାଇ ସଙ୍ଗୀତ ଶିକ୍ଷାଦାନ କରିପାରୁନାହାନ୍ତି ସେ। ତଥାପି ନିଜେ ଗୁରୁ ନିଜେ ଶିଷ୍ୟ ସାଜି ପାରମ୍ପରିକ ସଙ୍ଗୀତକୁ ଶାଣ ଦେଇ ଚାଲିଛନ୍ତି। ଘରେ ବସି ଝୁରି ହେଉଛନ୍ତି ତାଙ୍କ ସଙ୍ଗୀତ ଜୀବନର ଅଭୁଲା ସ୍ମୃତିକୁ। ଦିନେ ଆର୍‌ଏସ୍‌ପିରେ ଚାକିରି କରୁଥିବା ୬୪ ବର୍ଷୀୟ ସେଠୀ ନିଜ ପ୍ରତିଭା ପାଇଁ ଅନେକ ପ୍ରଶଂସା ସାଉଣ୍ଟିଛନ୍ତି। ବହୁ ଅନୁଷ୍ଠାନ ତାଙ୍କୁ ସମ୍ମାନିତ କରିଛନ୍ତି। ବଡ଼ ଭାଇ ଅନନ୍ତ ସେଠୀଙ୍କ ପ୍ରେରଣା ଓ ସହଯୋଗ ବଳରେ ମାତ୍ର ୬ ବର୍ଷ ବୟସରେ ସଙ୍ଗୀତ ପ୍ରତି ସେ ଆକୃଷ୍ଟ ହୋଇଥିଲେ। ୧୯୬୯ରେ କର୍ମ ଅନ୍ୱେଷଣରେ ତାଙ୍କୁ କୋଲକାତା ଯିବାକୁ ପଡ଼ିଥିଲା। ସେଠାରେ ସଙ୍ଗୀତ ଗୁରୁ ପଞ୍ଚାନନ ମହାପାତ୍ରଙ୍କଠାରୁ କ୍ଲାସିକାଲ



ସଙ୍ଗୀତ ଗୁରୁ ଶ୍ରୀଧର ସେଠୀ।

ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ପରେ ପ୍ରସିଦ୍ଧ ସଙ୍ଗୀତ ଶିକ୍ଷକ ରଞ୍ଜିତ ମୁଖାର୍ଜୀଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ। କୋଲକାତାରେ ୧୫ ବର୍ଷ ରହଣି କାଳରେ ସଙ୍ଗୀତ ଯେମିତି ତାଙ୍କ ଜୀବନର ସର୍ବସ୍ୱ ପାଲଟି ଯାଇଥିଲା ବୋଲି କହନ୍ତି ସେଠୀ। ପରେ ଆରମ୍ଭ ହୋଇଥିଲା ସଙ୍ଗୀତ ସାଧନାର ଲମ୍ବା ଯାତ୍ରା। ଶାସ୍ତ୍ରୀୟ ସଙ୍ଗୀତରେ ଧୁରୀଣ ସେଠୀ ଓଡ଼ିଶୀ ଓ ଭଜନରେ ବି ବେଶ୍ ପ୍ରବୀଣ। ଗାନ୍ଧର୍ବ ମହାବିଦ୍ୟାଳୟ ପୁନେ ଓ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ଶିକ୍ଷାଲାଭ କରିଥିବା ସେଠୀ ବହୁବାର ଟିଭି ରେଡିଓରେ କାର୍ଯ୍ୟକ୍ରମ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଜଣେ ଦ୍ୱିତୀୟ ଶ୍ରେଣୀ ବରିଷ୍ଠ କଳାକାରଭାବେ ତାଙ୍କୁ ସ୍ୱୀକୃତି ମିଳିଛି। ୧୯୮୦ରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି କରିବା ପରେ ସେ ସ୍ୱପ୍ନେଶ୍ୱର କଳା ନିକେତନ ପ୍ରତିଷ୍ଠା କରି ସଙ୍ଗୀତ ଶିକ୍ଷା ଦେବା ଆରମ୍ଭ କରିଥିଲେ। ଦୀର୍ଘ ସଙ୍ଗୀତ ଯାତ୍ରା କାଳରେ ସେ ଅନେକ ପ୍ରତିଭା ସୃଷ୍ଟି କରିପାରିଛନ୍ତି। ଆଜି ବି ତାଙ୍କ ଜୀବନଚର୍ଯ୍ୟା ସଙ୍ଗୀତରୁ ହିଁ ଆରମ୍ଭ ହୁଏ। ଷ୍ଟିଲ ସିଟିରେ ତାଙ୍କ ଶିଷ୍ୟଙ୍କ ସଂଖ୍ୟା କିଛି କମ୍ ନୁହେଁ। ସେଠୀ ଚଣ୍ଡିଗଡ଼ ୟୁନିଭର୍ସିଟି ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ସାନିଧ୍ୟ ପାଇବାକୁ ଅନେକ ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ଆଜି ବି ଉତ୍କଣ୍ଠା ପରିଲକ୍ଷିତ ହୁଏ। ସେମାନେ ଘରକୁ ଆସି ସେଠୀଙ୍କଠାରୁ ପ୍ରେରଣା ନିଅନ୍ତି। ଆଗ୍ରହରେ ସଙ୍ଗୀତକୁ ନେଇ ରହିଥିବା କଳାକୌଶଳ ତଥା ସାଧନାର ମାର୍ଗ ଦେଖାନ୍ତି ସେଠୀ। ତାଙ୍କ ମତରେ ଆଜିକାଲି ପାରମ୍ପରିକ ସଙ୍ଗୀତ ଶିକ୍ଷା ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଦେଖାଯାଉଥିବା ଆଗ୍ରହ ଏକ ଶୁଭ ଲକ୍ଷଣ। ସଙ୍ଗୀତର ମର୍ମ ଭେଦି ପାରୁଥିବା ଜଣେ ଶିଷ୍ୟ ହିଁ ଏହାର ବାର୍ତ୍ତାବହ ହେବାକୁ ପ୍ରକୃତ ହକ୍‌ଦାର ବୋଲି କୁହନ୍ତି ସେଠୀ।

## ରାଉରକେଲାରେ ପ୍ଲାନେଟୋରିୟମ ପ୍ରତିଷ୍ଠା ଦାବି

ରାଉରକେଲା ଅଫିସ,୯।୮

ନିକଟରେ ରାଜ୍ୟ ସରକାର ଓଡ଼ିଶାର ୪ ସ୍ଥାନରେ ପ୍ଲାନେଟୋରିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ରାଜ୍ୟରେ ଦୁଇଟି ପ୍ଲାନେଟୋରିୟମ ରହିଛି। ଭୁବନେଶ୍ୱରରେ ଥିବା ପ୍ଲାନେଟୋରିୟମରେ ଲାଇଟ୍ ଓ ସାଉଣ୍ଡ ବ୍ୟବସ୍ଥା ରହିଛି। ନୂଆ ୪ ପ୍ଲାନେଟୋରିୟମ ଗଞ୍ଜାମ ଜିଲା ଗୋପାଳପୁର, ରାୟଗଡ଼ା, ମୟୂରଭଞ୍ଜ ଜିଲା ବାରିପଦା ଓ କେନ୍ଦୁଝରରେ ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଗୁଡ଼ିକ ନିର୍ମାଣ ପାଇଁ ୩୦ କୋଟି ଟଙ୍କା ବ୍ୟୟ କରାଯିବାକୁ ପ୍ରସ୍ତାବ ରହିଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତି ଉପରେ ଉତ୍କଳ ନବଜୀବନ ସଂଘ ରାଉରକେଲା ଶାଖା ପକ୍ଷରୁ ଆପତ୍ତି କରାଯାଇଛି। ରାଜ୍ୟ ସରକାର ରାଉରକେଲା କଥା ଭୁଲିଯାଇଛନ୍ତି। ଶିଳ୍ପ ସହର ରାଉରକେଲାର ସ୍କୁଲ, କଲେଜ ଛାତ୍ରୀଛାତ୍ର ନିଜସ୍ୱ ପ୍ରଚେଷ୍ଟାରେ ବିଜ୍ଞାନରେ ଗବେଷଣା କରି ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରୁଛନ୍ତି। ବର୍ତ୍ତମାନ ରାଉରକେଲା ରାଜ୍ୟର ଦ୍ୱିତୀୟ ବୃହତମ ସହର। ଏହାକୁ ସରକାର ମହାନଗର ନିଗମ ମାନ୍ୟତା ଦେଇଥିବା ବେଳେ କେନ୍ଦ୍ର ସରକାର ସ୍ମାର୍ଟ ସିଟି ମାନ୍ୟତା ଦେଇଛନ୍ତି। ମାତ୍ର ସରକାର ରାଉରକେଲାକୁ ରୀତିମତ ଅବହେଳା କରୁଛନ୍ତି। ସହରବାସୀଙ୍କ ସମସ୍ତ ଦାବିକୁ ଉପେକ୍ଷା କରି ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା କରାଗଲା। ପଶ୍ଚିମ ଓଡ଼ିଶାରେ ସବୁଠାରୁ ଅଧିକ ଶ୍ରମିକ ଇଏସ୍‌ଆଇ ଅର୍ନ୍ତଭୁକ୍ତ ଥିଲେ ମଧ ଇଏସ୍‌ଆଇ ହସ୍ପିଟାଲ ଓ ମେଡିକାଲ କଲେଜକୁ ଭୁବନେଶ୍ୱର ସ୍ଥାନାନ୍ତର କରାଗଲା। ରାଜ୍ୟ ସରକାର ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ମେଡିକାଲ କଲେଜ ପ୍ରତିଷ୍ଠା କଲେ। କିନ୍ତୁ ରାଉରକେଲାରେ ଗୋଟିଏ ବି ସୁପର ସ୍ପେଶିଆଲିଟି ହସ୍ପିଟାଲ ବା ମେଡିକାଲ କଲେଜ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କଲେନାହିଁ। ୫୦ ବର୍ଷର ଆନ୍ଦୋଳନ ସତ୍ତ୍ୱେ ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଜମି ଅଧିଗ୍ରହଣ ବର୍ତ୍ତମାନ ଯାଏ ହୋଇପାରିନାହିଁ। ଫଳରେ ଏହି ରେଳପଥ ନିର୍ମାଣରେ ବିଳମ୍ବ ହେଉଛି। ରାଉରକେଲାକୁ ରେଲୱେ ଡିଭିଜନ କରାଯିବା ପାଇଁ ଦାବି ହୋଇଆସୁଥିବା ବେଳେ ଏହାକୁ ଆଜିପର୍ଯ୍ୟନ୍ତ ରାଜ୍ୟ ସରକାର ଗୁରୁତ୍ୱ ଦେଇନାହାନ୍ତି। ରାଉରକେଲାରେ ଆଇଆଇଏମ୍ ବଦଳରେ ଜାଭିୟର୍ସ ଇନଷ୍ଟିଚ୍ୟୁଟ ଏମ୍‌ବିଏ କଲେଜ ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ ୩ ବର୍ଷ ତଳେ ଘୋଷଣା କରିଥିଲେ। ହେଲେ ଆଜିପର୍ଯ୍ୟନ୍ତ ଏ ଦିଗରେ କିଛି ବି ଅଗ୍ରଗତି ହୋଇ ନାହିଁ। ଏଣୁ ରାଉରକେଲାରେ ପ୍ଲାନେଟୋରିୟମ ପ୍ରତିଷ୍ଠା କରିବାକୁ ଉତ୍କଳ ନବଜୀବନ ସଂଘ ସରକାରଙ୍କ ନିକଟରେ ଦାବି କରିଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଏହାସହ ସୁନ୍ଦରଗଡ଼ ଜିଲାରେ ସବୁଠାରୁ ଅଧିକ ଅନ୍ଧବିଶ୍ୱାସ ଜନିତ ଅପରାଧ ଘଟୁଛି। ରାଉରକେଲାରେ ପ୍ଲାନେଟୋରିୟମ ପ୍ରତିଷ୍ଠା ହେଲେ ଲୋକେ ବିଶେଷ ଉପକୃତ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଣୁ ସରକାର ଏ ଦିଗରେ ତୁରନ୍ତ ନିଷ୍ପତ୍ତି ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

■ ବିଶ୍ୱ ଆଦିବାସୀ ଦିବସ

# ସାମ୍ବିଧାନିକ ଅଧିକାର ସତ୍ତ୍ୱେ ଅବହେଳିତ ଆଦିବାସୀ

ରାଉରକେଲା ଅଫିସ,୯।୮

ବିଶ୍ୱ ଆଦିବାସୀ ଦିବସ ଅବସରରେ ଶୁକ୍ରବାର ଏହାର ପାଳନ କମିଟି ପକ୍ଷରୁ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଉଦିତନଗର ଆମ୍ବେଡକର ଛକ ଦେଇ ବିର୍ସା ମଇଦାନରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସାଧାରଣ ସଭାରେ ଆଦିବାସୀ ନେତା ଜର୍ଜ ତିର୍କୀଙ୍କ ସମେତ ବାଗି ଲାକଡ଼ା, ଜାବଲୁନ ଏକ୍କା, ବୀରେନ ସେନାପତି, ଗୋପାଳ ଦାସ, ପ୍ରଶାନ୍ତ ସେଠୀ, ଚକ୍ରଧର ଓରାମ, ବାନ୍ଦେ ଏକ୍କା, ଦିଲୀପ ଲାହାରୀ, ସତ୍ୟନାରାୟଣ ବଡ଼ାଇକ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ତଥା ଜିଲାର ମୂଳବାସୀ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ଆଦିବାସୀମାନେ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ରହିଛନ୍ତି। ଅନୁସୂଚିତ ଜିଲାରେ ସମ୍ବିଧାନକୁ ଠିକ୍ ଭାବେ



ବିଶ୍ୱ ଆଦିବାସୀ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କାର୍ଯ୍ୟକାରୀ କରାଯାଉନି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଜଳ, ଜମି ଓ ଜଙ୍ଗଲ ଉପରେ ସ୍ୱତଃ ଆଦିବାସୀ ସମାଜର ଅଧିକାରକୁ ଆଜି ଅସ୍ୱୀକାର କରାଯିବା ବିଡ଼ମ୍ବନା। ହଜାର ହଜାର ବର୍ଷ ଧରି ଯେଉଁ ମୂଳବାସୀ ଆଦିବାସୀ ଜଙ୍ଗଲ ମୂଳକରେ ବସତି ସ୍ଥାପନ କରି ଜୀବିକା ନିର୍ବାହ କରୁଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ସେମାନଙ୍କୁ ବାସହରା ହେବାକୁ ପଡୁଛି। ପେଶା ଆଇନ ଆନୁସାରେ ଅନୁସୂଚିତ ଜିଲାବାସୀଙ୍କ ନିଜସ୍ୱ ଶାସନ କ୍ଷମତା ରହିଛି। ଏହାକୁ କୌଣସି ପରିସ୍ଥିତିରେ ଉଲ୍ଲଂଘନ କରାଯାଇ ପାରିବନି ବୋଲି ଅତିଥି ପ୍ରକାଶ କରିଥିଲେ। ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଉଥିବାରୁ ଆଜି ଆଦିବାସୀ ସମାଜ ସବୁ କ୍ଷେତ୍ରରେ ଅବହେଳିତ ବୋଲି କୁହାଯାଇଥିଲା। ଅନୁସୂଚିତ ବର୍ଗଙ୍କ ପାଇଁ ରହିଥିବା ନୀତି ନିୟମକୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲଂଘନ କାରାଯାଉଥିବାରୁ ଆଦିବାସୀ ସମାଜ ପ୍ରତି କ୍ଷେତ୍ରରେ ଉପେକ୍ଷିତ ହୋଇ ଆସୁଛନ୍ତି। ବିନା ଗ୍ରାମସଭାରେ ସେମାନଙ୍କ ନ୍ୟାଯ୍ୟ ଅଧିକାରକୁ ଜୋରଜବରଦସ୍ତ ଛଡ଼ାଇ ନିଆଯାଉଛି। ଶାଗମାଛ ଦରରେ ଆଦିବାସୀଙ୍କ ଜମି ଦଖଲ କରୁଛନ୍ତି ପୁଞ୍ଜିପତି ଗୋଷ୍ଠୀ। ଗରିବଙ୍କ ଜମି ଉପରେ ବେଆଇନ କଳକାରଖାନା ଗଢ଼ି ଉଠୁଛି। ବେଘର ହେଉଛନ୍ତି ନିରୀହ ଆଦିବାସୀ। ଦାନା କନା ଯୋଗାଡ଼ରେ ଏମାନଙ୍କ ଜୀବନ ବିତିଯାଉଛି। ସହଯୋଗ ଆଳରେ ସରକାର ଏମାନଙ୍କୁ ଭଣ୍ଡି ଚାଲିଛନ୍ତି। ଆଦିବାସୀ ସମାଜ ପାଇଁ ଯେଉଁ ଆଇନ ରହିଛି ତାକୁ ଯଦି ଠିକ୍ ଭାବେ ଲାଗୁ କରାଯାଏ ତେବେ ଆଦିବାସୀ ସମ୍ପ୍ରଦାୟ ଉପକୃତ ହୁଅନ୍ତେ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଗ୍ରାମ ପଞ୍ଚାୟତ କ୍ଷେତ୍ରରେ ଆଦିବାସୀ ସମାଜକୁ ମିଳିଥିବା ସ୍ୱତନ୍ତ୍ର କ୍ଷମତା ଉପଯୋଗ କରିବାରେ ସରକାରଙ୍କ ଅଣଦେଖା ମନୋଭାବ ଅନୁସୂଚିତ ବର୍ଗଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିଛି। ବାରମ୍ବାର ଏ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଟକରେ ଦାବି ଉପସ୍ଥାପନ ସତ୍ତ୍ୱେ ସୁଫଳ ମିଳୁନି। ଯେଉଁ କାରଣରୁ ଆଦିବାସୀଙ୍କ ମନରେ କ୍ଷୋଭ ଭରି ରହିଛି ବୋଲି ଅତିଥିମାନେ କହିଥିଲେ। ଏ ନେଇ ସରକାର ନିଜ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ସହ ଅନୁସୂଚିତ ବର୍ଗଙ୍କ ହକ୍ ଫେରାଇବାକୁ ଉଦ୍ୟମ କରିବା ଆବଶ୍ୟକ। ଅନ୍ୟଥା ଆଗାମୀ ଦିନରେ ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ ନେତୃମଣ୍ଡଳୀ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍ୱର୍ଥ



## ସଂକ୍ଷେପରେ

### ଡକାୟତି ଘଟଣାରେ ୨ ଗିରଫ

ଟେନ୍ସା, ୯।୮ (ଡି.ଏନ.ଏ)- କୋଇଡା ଥାନା ଅନ୍ତର୍ଗତ ଡେଙ୍ଗୁଲା ପଞ୍ଚାୟତର ଏମଆରଏ ପେଟ୍ରୋଲ ପମ୍ପରେ ଡକାୟତି ଘଟଣାର କୋଇଡା ପୋଲିସକୁ ମିଳିଛି ସଫଳତା। କୋଇଡା ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଦୁଇ ଦୁର୍ଦ୍ଦାନ୍ତ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ବଣାଇଁସ୍ଥିତ ରାକେଶ ସାହୁ ଓ ଲହୁଣୀପଡାର ଗୁଡୁ କୁମାର ଚୌଧୁରୀ। ମୁଖ୍ୟ ଅଭିଯୁକ୍ତ ବା ମାଷ୍ଟର ମାଇଣ୍ଡ ଦୁଇ ଜଣ ଫେରାର ଥିବା ଜଣାପଡିଛି। ଗିରଫ ଡକାୟତମାନଙ୍କଠାରୁ ପୋଲିସ ନଗଦ ୩ ହଜାର ଟଙ୍କା, ୩ଟି ମୋବାଇଲ, ନମ୍ବର ବିହିନ ଆପାଚି ଏବଂ ଦେଶୀ ସିଙ୍ଗିଲ ରାଉଣ୍ଡ ବନ୍ଧୁକ ଓ ଅଫୁଟା ୩ଟି ଗୁଳି ଜବତ କରିଛି। ଗିରଫ ଡକାୟତମାନଙ୍କ ନାଁରେ ପୂର୍ବରୁ ଅନେକ ମାମଲା ରହିଛି। ଗତ ଜୁଲାଇ ୨୬ରେ ଡେଙ୍ଗୁଲା ଗ୍ରାମର ଏମଆରଏ ଫିଲିଙ୍ଗ୍ସ ପେଟ୍ରୋଲ ପମ୍ପରରେ ରାତି ୧୦ଟା ୪୦ରେ ଡକାୟତି ହୋଇଥିଲା।

### ୧୩ରେ ଲହୁଣୀପଡାଠାରେ ଜିଲାପାଳଙ୍କ ଜନଶୁଣାଣି

ଲହୁଣୀପଡା, ୯।୮ (ଡି.ଏନ.ଏ)- ବଣାଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ମୁତାବକ ଚଳିତ ଅଗଷ୍ଟ ମାସ ୧୩ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ପହଞ୍ଚି ଜିଲାପାଳଙ୍କ ନିକଟରେ ନିଜ ଆପତ୍ତି ଅଭିଯୋଗ କରିପାରିବେ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଦୁଇ ଗୋଡ ହରାଇ ବଞ୍ଚିବା ପାଇଁ ସଂଘର୍ଷ

# ସାହାରା ଥିଲେ, ଏବେ ବୋଝ ପାଲଟିଲେ

- ସହାୟତା ପାଇଁ ଗରିବ ମା, ବାପାଙ୍କ ନିବେଦନ
- କଲେଜର ପାଠପଢା ଆଶା ମଉଳିଗଲା

ସୁନ୍ଦରଗଡ଼, ୯।୮ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହର ଆରଆଇଟି କଲୋନୀର ଅସୀତ ପ୍ରସାଦ। ବୟସ ୧୮। ସବୁ ପିଲାଙ୍କ ପରି ତାଙ୍କର ମଧ୍ୟ କଲେଜ ପାଠ ପଢିବା ପାଇଁ ସ୍ୱପ୍ନ ଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ମାଆ ବାପା ଓ ବଡବାପାଙ୍କର ସହଯୋଗରେ ସୁନ୍ଦରଗଡ଼ ସରକାରୀ କଲେଜରେ ଯୁକ୍ତ ୨ ବାଣିଜ୍ୟ ବିଭାଗରେ ନାମ ଲେଖାଇ ଥିଲେ। ଗତ ଜୁଲାଇ ୨୯ରେ ସେ କଲେଜରେ ପାଠ ପଢିଥାଆନ୍ତେ। ସାଙ୍ଗସାଥୀଙ୍କ ସହ ମିଶି ଆରମ୍ଭ କରିଥାଆନ୍ତେ କଲେଜ ଛାତ୍ରର ଜୀବନ। କିନ୍ତୁ ବିଧିର ବିଧାନ ଅଲଗା। ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇପଡି ରାଉରକେଲା ଆଇଜିଏଚ୍ (ଇସ୍ପାତ ଜେନେରାଲ ହସ୍ପିଟାଲ)ରେ ଚିକିତ୍ସିତ ହେଉଥିବା ଅସୀତ୍‌ଙ୍କୁ ଏବେ ତାଙ୍କର ୨ଟି ଗୋଡ ହରାଇବାକୁ ପଡିଛି। ଫଳରେ କଲେଜ ପାଠ ପଢା ଆଶା ମଉଳି ଯାଇଥିବାବେଳେ ଡାକ୍ତରଖାନାର କ୍ରିଟିକାଲ ଆଇସିୟୁରେ ବଞ୍ଚିବା ପାଇଁ ଲଢେଇ କରୁଛନ୍ତି। ହେଲେ ଚିକିତ୍ସାରେ ଅର୍ଥ ଏବେ ବାଧକ ସାଜିଛି। ଗୋଡ ଦୁଇଟି କଟା ହେବା ପରେ ଗରିବ ମା', ବାପାଙ୍କ ଭବିଷ୍ୟତ ପାଇଁ ସାହା ଭରସା ପାଲଟି ଥିବା ଅସୀତ ଏବେ ବୋଝ ପାଲଟିଛନ୍ତି। ଅସୀତଙ୍କ ସୁସ୍ଥ ଜୀବନ ଫେରାଇ ଆଣିବା ସହ ତାଙ୍କର ସ୍ୱାଭାବିକ ଜୀବନ ଯାପନ ପାଇଁ ଚିନ୍ତିତ ହୋଇପଡିଛନ୍ତି ମା'ବାପା। ଅସୀତଙ୍କ ବାପା କିରଣ କୁମାର ପ୍ରସାଦ ଜଣେ ଅଟୋ ଚାଳକ। ଅଟୋ ଚଳାଇ ଯାହା ଆୟ ହୁଏ ସେଥିରେ ପରିବାର ପ୍ରତିପୋଷଣ କରନ୍ତି। କିରଣଙ୍କ ୨ପୁଅ ମଧ୍ୟରୁ ଅସୀତ ବଡପୁଅ ହୋଇଥିବା ବେଳେ ସାନପୁଅ ଆଦିତ୍ୟ ୧୦ମ ଶ୍ରେଣୀର ଛାତ୍ର। କିରଣଙ୍କ ସ୍ୱଳ୍ପ ଆୟ ମଧ୍ୟରେ ୨ପୁଅଙ୍କ ପାଠପଢା ଖର୍ଚ୍ଚ ସାଙ୍ଗକୁ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡୁଥିଲା। ଅସୀତ୍ ଉଚ୍ଚ ଶିକ୍ଷା ଆଗ୍ରହ ରଖି ସାଙ୍ଗମାନଙ୍କ ସହିତ ମିଶି ଘରୋଇ ଇଲେକ୍ଟ୍ରି ଓ୍ୱାରିଂ କାମ କରି ମିଳୁଥିବା ପାରିଶ୍ରମିକକୁ ସଞ୍ଚୟ କରୁଥିଲେ। ସଞ୍ଚିତ ଅର୍ଥରେ କଲେଜ ପାଠପଢା ଖର୍ଚ୍ଚ ସହ ବାପାଙ୍କ ପଛକୁ ଛିଡା ହୋଇ ପରିବାରର ଆର୍ଥିକ ବୋଝକୁ ହାଲୁକା କରିବା ପାଇଁ ଚାହୁଁଥିଲେ। ଏମିତି ଏକ ଇଲେକ୍ଟ୍ରି ଓ୍ୱାରିଂ କାମ ପାଇଁ ଯାଇଥିବାବେଳେ କିଏ ଜାଣିଥିଲା ତାଙ୍କ ସ୍ୱପ୍ନ ସବୁ ଚୁରମାର୍ ହୋଇଯିବ। ଗତ ଜୁଲାଇ ୧୬ରେ ସ୍ଥାନୀୟ ବଡପତ୍ରାପାଲି ବାଇପାସ ପାଖରେ ଏକ ଘରୋଇ ଓ୍ୱାରିଂ କାର୍ଯ୍ୟ କରୁଥିବା ବେଳେ ଘରଛାତ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ୍ ଲାଇନରେ ଆସି ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସାଙ୍ଗରେ ଓ୍ୱାରିଂ କାମକରୁଥିବା ସହଯୋଗୀମାନେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅସୀତଙ୍କ ଶରୀରର ୮୦ଭାଗ ପୋଡି ଯାଇଥିବା ଯୋଗୁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ସଙ୍ଗେ ସଙ୍ଗେ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ବୁର୍ଲାରେ ବର୍ଣ୍ଣୱାର୍ଡରେ ବେଡ ଖାଲି ନ ଥିବାରୁ ମାଆ, ବାପା ଓ ଆତ୍ମୀୟମାନେ ଅସୀତଙ୍କୁ ଜୁଲାଇ୧୭ରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେହିଦିନଠାରୁ ଅସୀତଙ୍କୁ ରାଉରକେଲା ଆଇଜିଏଚ୍ କ୍ରିଟିକାଲ ଆଇସିୟୁରେ ରଖାଯାଇ ଚିକିତ୍ସା ଜାରି ରହିଛି। ବିଦ୍ୟୁତ୍ ଆଘାତରେ ଅକାମୀ ହୋଇଯାଇଥିବା ଦୁଇ ଗୋଡକୁ ଆଣ୍ଠୁ ଉପରୁ ଗତ ଜୁଲାଇ ୩୧ ଓ ଅଗଷ୍ଟ ୩ରେ ଡାକ୍ତରମାନେ କାଟି ଶରୀରରୁ ଅଲଗା କରିଛନ୍ତି। ଅସୀତଙ୍କ ଚିକିତ୍ସା ପାଇଁ ଏ ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇସାରିଥିବା ବେଳେ ଅଟୋ ରିକ୍ସା ଚାଳକ ଭାବେ ବାପା କିରଣ ପକ୍ଷରେ ଅସୀତଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଛି। ଆତ୍ମୀୟ ସ୍ୱଜନ ଓ ବନ୍ଧୁମାନଙ୍କ ଠାରୁ ହାତ ଉଧାରି ଓ ସହାୟତା କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସାରିଥିବା ବେଳେ ବାପା କିରଣଙ୍କ ପକ୍ଷେ ଅସୀତଙ୍କ ଜୀବନରକ୍ଷା ଏବେ ଚିନ୍ତାର ବିଷୟ ପାଲଟିଛି। ଏଥିପାଇଁ ସେ ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ତଥା ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।



ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଚିକିତ୍ସାଧୀନ ଅସୀତ ପ୍ରସାଦ।

## କନଷ୍ଟେବଲଙ୍କ ଘରୁ ଚୋରି ଉଦ୍ୟମ

ବଡଗାଁ, ୯।୮ (ଡି.ଏନ.ଏ)

ବଡଗାଁ ଥାନା ଅନ୍ତର୍ଗତ କୁରେଇବଗା ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନ ୨ଟାରେ ଜଣେ ପୋଲିସ କନଷ୍ଟେବଲଙ୍କ ଘରୁ ଚୋରି ଉଦ୍ୟମ ହୋଇଥିବା ଜଣାପଡିଛି। ଲାଠିକଟା ଅଞ୍ଚଳର ଏକ ଥାନାରେ ନିଯୁକ୍ତ କନଷ୍ଟେବଲ ଦିଗାମ୍ବର କାଲୋ ଘରେ ନ ଥିଲେ। ତାଙ୍କ ସ୍ତ୍ରୀ ଘର ଠାରୁ କିଛି ଦୂର ବାଡିପଟେ ଗାଧୋଉଥିଲାବେଳେ କେତେକ ଦୁର୍ବୃତ୍ତ ଘରେ ପଶିଥିଲେ। ଏୟାରବେଗ ଚିରି ଖୋଜାଖୋଜି କରିବା ପରେ ଲୁହା ଆଲମିରାକୁ ଭାଙ୍ଗିବାକୁ ତାଡିଥିଲେ। ଶବ୍ଦ ଶୁଣି କାଲୋଙ୍କ ସ୍ତ୍ରୀ ପାଟି କରିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଗ୍ରାମର ଯୁବକମାନେ ସୂଚନା ପାଇ ଆଖପାଖରେ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ସମୟରେ ଚାଷ କାମ ଯୋଗୁ ଲୋକେ ଘରେ ତାଲା ପକାଇ ବିଲକୁ ଯାଉଛନ୍ତି କିମ୍ବା ଶିକୁଳୀ ଲଗାଇ ବାଡିପଟେ ପନିପରିବା ଚାଷ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଏହାର ସୁଯୋଗରେ ଚୋରମାନେ ଘରେ ପଶୁଛନ୍ତି। ଗତ ସପ୍ତାହ ବୁଦୁନା ଗ୍ରାମର ୨ଜଣଙ୍କ ଘର ତାଲା ଭାଙ୍ଗି ଚୋରମାନେ ପଶିଥିଲେ। କଂସା, ପିତ୍ତଳ, ବାସନ ଏବଂ ସୁନା ଅଳଙ୍କାର ନେଇ ଯାଇଥିଲେ।

## ବଡ଼ଗାଁରେ ଝରକା ଭାଙ୍ଗି ଚୋରି: ଅଜଣା ବ୍ୟକ୍ତିଙ୍କ ଉପରେ ସନ୍ଦେହ

ବଡ଼ଗାଁ, ୯।୮ (ଡି.ଏନ.ଏ)

ବଡ଼ଗାଁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ଗୃହକର୍ତ୍ତା ସନାତନ ପ୍ରଧାନ ସପରିବାର ସମ୍ବଲପୁର ଯାଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ଚୋରମାନେ ଝରକାର ଗ୍ରୀଲ ତାଡି ଘରେ ପଶିଲା ପରେ ଏକ ସ୍ଥାନରେ ରଖାଯାଇଥିବା ରୁପା ଥାଳି, ଚାମୁଚ ଓ ୧ ହଜାର ଟଙ୍କା ନେଇଯିବା ସହିତ ଲୁହା ଆଲମିରା ଭାଙ୍ଗି ଭିତରେ ଥିବା କପଡା, ବିଭିନ୍ନ ସାମଗ୍ରୀ ଇତସ୍ତତ ପକାଇ ଚାଲିଯାଇଥିଲେ। ତେବେ ଚୋରମାନଙ୍କ ପତ୍ତା ମିଳିନାହିଁ। ଏହି ଅଞ୍ଚଳକୁ ଅନେକ ଅଜଣା ବ୍ୟକ୍ତି ଫେରି କରିବାକୁ ଆସିଥାନ୍ତି । କେତେକ ସ୍ଥାନରେ କିଛି ଦିନ ରହିବା ପରେ ଚାଲିଯାଇଥାନ୍ତି । ଅଜଣା ବ୍ୟକ୍ତିଙ୍କ ଗତିବିଧି ବେଳେବେଳେ ସନ୍ଦେହଜନକ ହୋଇଥାଏ । ସୂଚନାଯୋଗ୍ୟ ଯେ, କିଛି ବର୍ଷ ପୂର୍ବେ ଶୀତଋତୁ ହୋଇ ନ ଥିଲେ ମଧ୍ୟ ୭ଟି ମୋଟର ସାଇକେଲରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ପ୍ରତ୍ୟେକ ବାଇକରେ ୪ରୁ ୬ଟି କମ୍ବଳ ନେଇ ବଡଗାଁ ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଲାବୁଲି କରୁଥିଲେ। ୩୦ କିମି. ପରିମିତ ବିଶିଷ୍ଟ ବ୍ଲକ ଅଞ୍ଚଳକୁ ବାଇକରେ ଜଣେ ବ୍ୟକ୍ତି ୪ଟି କମ୍ବଳ ବିକିବାକୁ ଯିବା ଓ ସନ୍ଧ୍ୟାରେ ଫେରିବା ଲୋକେ ସନ୍ଦେହ କରିବାରୁ ଥାନାରେ ଅଭିଯୋଗ ହୋଇଥିଲା। ସେ ସମୟର ଥାନା ଅଧିକାରୀ ନଳିନୀ ମୋଦି ଯୁବକଙ୍କୁ ଥାନାକୁ ଡକାଇ ପଚରାଉଚୁରା କଲାବେଳେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବଡଗାଁର ଜଣେ ବ୍ୟକ୍ତି ତାଙ୍କ ଜିମାରେ ଥାନାରୁ ଆଣିଲା ପରେ ସନ୍ଦିଗ୍ଧ ଯୁବକମାନେ ବଡଗାଁ ଛାଡି ଚାଲିଯାଇଥିଲେ।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ସାମୂହିକ ଶୌଚାଳୟ ଓ ପାନୀୟ ଜଳ ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ବିଶ୍ରା, ୯।୮ (ଡି.ଏନ.ଏ)

ବିଶ୍ରା ବ୍ଲକ ଅନ୍ତର୍ଗତ ଡରେଇକେଲା ଗ୍ରାମ ପଞ୍ଚାୟତ ରତାଖଣ୍ଡି ଗ୍ରାମ ସୁବୋଧ ରାଉତରାୟ ମହାବିଦ୍ୟାଳୟରେ ଶୁକ୍ରବାର ସାମୂହିକ ଶୌଚାଳୟ ଓ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ ଦ୍ୱାରା ୬ଲକ୍ଷ ଟଙ୍କାର ଅନୁଦାନରେ ସାମୂହିକ ଶୌଚାଳୟ ଓ ପାନୀୟ ଜଳ ପ୍ରକଳ୍ପ ତିଆରି ହୋଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ଷୀରୋଦ ବରାଲ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ ତଥା ସମାଜସେବୀ ମହେଶ ସିଂ, ସମିତି ସଭ୍ୟ ସୋମା ମୁଣ୍ଡା, କୈଳାଶ ସାହୁ, ରାଜେଶ ଗୋଏଲ, ନିରଞ୍ଜନ ମାହାତ, ବିଶ୍ରା ବ୍ଲକ ବିଡିଓ ଈଶ୍ୱର ଚନ୍ଦ୍ର ଦାସ, ବିଭାଗୀୟ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ଅବକାରୀ ଚଢ଼ାଉ: ୮ ଗିରଫ

ରାଜଗାଙ୍ଗପୁର, ୯।୮ (ଡି.ଏନ.ଏ)

ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ଶୁକ୍ରବାର ୮ଜଣ ବେଆଇନ ମଦ ବିକ୍ରେତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୨୨୩ ଲିଟର ଦେଶୀ ମଦ ଜବତ କରାଯାଇଛି। ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି ଯେ, ଝଗରପୁର ଗ୍ରାମର ମତି କୁଜୁର, ସରଫେନା କୁଜୁର, ଲାଲନା କୁଜୁର, ରାଇବେର୍ଣ୍ଣା ଗ୍ରାମର ପୁନା ତିର୍କୀ, ଅନିତା ତିର୍କୀ ଓ ସୁରୁଡିହି ଗ୍ରାମର ସେଲିନା କୁଲ୍ଲୁ, ରାଜୁ ଡୁଙ୍ଗଡୁଙ୍ଗ, ଅନିତା ଧନୱାରଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉ ସୁନ୍ଦରଗଡ ଜିଲା ଓ ଅବକାରୀ ଅଧୀକ୍ଷକ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିଲା। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ସତ୍ୟଜିତ ଖାଡୁଆ, ରାଜେନ୍ଦ୍ର ବାରିକ, ଅବକାରୀ ଏସଆଇ ରାମଜୀ ପଟେଲ, ହୀରା ଦଳପତି, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ସୁନ୍ଦରଗଡ, ରାଜଗାଙ୍ଗପୁର ଅବକାରୀ କର୍ମଚାରୀ ଓ ରାଜଗାଙ୍ଗପୁର ପୋଲିସ ସାମିଲ ଥିଲେ।



ଅବକାରୀ କର୍ମଚାରୀଙ୍କ ସହିତ ଗିରଫ ମଦ ବିକ୍ରେତା।

### କୋଶଳ-ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ମତପ୍ରକାଶ

## ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିର ଯଥାର୍ଥତା ରହିଛି

ସୁନ୍ଦରଗଡ଼, ୯।୮ (ଡି.ଏନ୍.ଏ)

ପଶ୍ଚିମ ଓଡିଶା ହେଉଛି ସବୁଠାରୁ ଅଧିକ ଅନଗ୍ରସର ଅଞ୍ଚଳ। ଯାହାକି ଜାତିସଂଘ ବିକାଶ ପରିଷଦ ମତ ଦେଇଛି। ଏଣୁ ଏହି ଅଞ୍ଚଳକୁନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିର ଯଥାର୍ଥତା ରହିଛି ବୋଲି କୋଶଳ-ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋଶଳ ହେରିଟେଜ ଟ୍ରଷ୍ଟ ତରଫରୁ ମତପ୍ରକାଶ ପାଇଛି। ଶୁକ୍ରବାର ସୁନ୍ଦରଗଡ ଜିଲା ପ୍ରେସ କ୍ଲବ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏକାଡେମୀର ସାଧାରଣ ସମ୍ପାଦକ ଗୋରଖନାଥ ସାହୁ ଓ କୋଷାଧ୍ୟକ୍ଷ ନିମାଇଁ ଚରଣ ନାଏକ କହିଛନ୍ତି ଯେ, କ୍ଷୁଦ୍ର ରାଜ୍ୟ ଗଠନ ବିନା ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ମୋଟେ ସମ୍ଭବ ନୁହେଁ। ଏହା ନ ହେଲେ ଦେଶର ପଛୁଆ ଅଞ୍ଚଳର ସମନ୍ୱିତ ବିକାଶ ସୁଦୂରପରାହତ ହେବ। ଅନଗ୍ରସରତା ଭିତ୍ତିରେ ଜମ୍ମୁ -କଶ୍ମୀରରୁ ଧାରା ୩୭୦ ହଟେଇବା ପଦକ୍ଷେପକୁ ପୂର୍ଣ୍ଣପ୍ରାଣରେ ସ୍ୱାଗତ କରୁଛୁ ବୋଲି କହିଥିଲେ। ପଶ୍ଚିମ ଓଡିଶାବାସୀଙ୍କ ସକାଶେ ଏକ ସ୍ୱତନ୍ତ୍ର ରାଜ୍ୟ ଦାବି କରିବା ଓ ଆଦିବାସୀ ପିଲାମାନଙ୍କୁ ନିଜ ମାତୃଭାଷାରେ ଶିକ୍ଷାଦାନ ସକାଶେ ଦୃଢ ଦାବି କରିଛନ୍ତି। ଏଥିପାଇଁ ପୂର୍ବରୁ ବହୁଥର ଏକାଡେମୀ ତରଫରୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ନିକଟରେ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଥିବା ସେମାନେ କହିଛନ୍ତି। କେବିକେ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ କେବଳ ନାମ ଫଳକ ଅନୁଷ୍ଠାନ ହୋଇ ରହିଯାଇଛି। ପଶ୍ଚିମ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟ ହେଲେ ପୂର୍ବ ଓଡିଶାର ବିକାଶ ମଧ୍ୟ ତୀବ୍ର ହେବ। ଏଣୁ ପଶ୍ଚିମ ଓଡିଶାବାସୀଙ୍କ ମାତୃଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ସହ ଓଡିଶାର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା, ପଶ୍ଚିମ ଓଡିଶାର ଶିଶୁମାନଙ୍କୁ ନିଜ ମାତୃଭାଷାରେ ଶିକ୍ଷାଦାନ, ସୁବର୍ଣ୍ଣପୁରରେ କୋଶଳ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଏକାଡେମୀ ତରଫରୁ ଦାବି କରାଯାଇଥି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟତମ ସଦସ୍ୟ ତାରାକାନ୍ତ ରକ୍ସା ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କୋଶଳ-ସାହିତ୍ୟ ସଂସ୍କୃତି ଏକାଡେମୀର କର୍ମକର୍ତ୍ତା ମଞ୍ଚାସୀନ।

## ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିଶଙ୍କରା, ୯।୮ (ଡି.ଏନ.ଏ)

ବାଲିଶଙ୍କରା ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅଧ୍ୟକ୍ଷ କୁଳମଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଦୁର୍ଗାଚରଣ ପଟେଲ, ଶେଷଦେବ ତ୍ରିପାଠୀ, ଉଚ୍ଛବ ତନ୍ତି, ସବ୍ୟସାଚୀ ସା, ବୈରାଗୀ ତନ୍ତି, ରବିଚନ୍ଦ୍ର ପଟେଲ, ଏମଡି ନସିମ, ମନୋଜ ମିଶ୍ର, ସୁଶାନ୍ତ ପଟେଲ, ଉଗ୍ରସେନ ବେହେରା, ଧନେଶ୍ୱର ନାଏକ, ଲବଣୀଧର ଦାନୀ, ବୁଧୁରାମ ଓରାମ ପ୍ରମୁଖ ଯୋଗଦେଇଥିଲେ। ସଭା ପରିଚାଳନା କରିଥିଲେ କଲେଜ ଅଧ୍ୟାପିକା ଶୋଭା ସା, ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଯୁଗେଶ୍ୱର ସାହୁ। ଧନ୍ୟବାଦ ପ୍ରଦାନ କରିଥିଲେ ଦୀପ୍ତୀମୟୀ ବେହେରା ।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲହୁଣୀପଡା, ୭।୮ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ବିଲେଇପଡା ସ୍ଥିତ ବାବା ବାଣେଶ୍ୱର ମହାବିଦ୍ୟାଳୟରେ ବୁଧବାର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ମାହାନ୍ତ, ସମ୍ମାନିତ ଅତିଥି ଭାବେ କୁମାର ଗୌତମ ବାରିକ, ଅଧ୍ୟାପକ ବିନୋଦ ବିହାରୀ ମାହାନ୍ତ, ଅଧ୍ୟାପିକା ରଶ୍ମିରାଣୀ ମିଶ୍ର ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ସୁଜାତା ଦାଶ ଅଧ୍ୟକ୍ଷତା କରିଥିଲେ। ଚଳିତ ଶିକ୍ଷାବର୍ଷରେ ବାବା ବାଣେଶ୍ୱର ମହାବିଦ୍ୟାଳୟରେ ମୋଟ ୧୨୪ ଜଣ ନୂତନ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ନବାଗତ ଛାତ୍ରୀଛାତ୍ରମାନଙ୍କୁ ପୁରାତନ ଛାତ୍ରୀଛାତ୍ର ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଶୃଙ୍ଖଳା, ସଂସ୍କାର, ସଂସ୍କୃତିକୁ ଆୟୁଧ କରି ବିଦ୍ୟାପ୍ରତି ଧ୍ୟାନ ରଖିଲେ ଜଣେ ଉତ୍ତମ ମଣିଷ ହୋଇପାରିବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ସୌଖିକ କଳା ପ୍ରଦର୍ଶନ କରିଥିଲେ। ଶେଷରେ ଭୋଳେଶ୍ୱର ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ତ୍ରିଲୋଚନ ମାହାନ୍ତ, ନାରାୟଣ ଚନ୍ଦ୍ର ବାରିକ, ନିତ୍ୟାନନ୍ଦ ସାହୁଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବାବା ବାଣେଶ୍ୱର ମହାବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ର।

## କେବଳ ବିଦ୍ୟାଗତ ନୁହେଁ, ପ୍ରାୟୋଗିକ ହେବାକୁ ପଡ଼ିବ

ବଡ଼ଗାଁ, ୯।୮ (ଡି.ଏନ.ଏ)

ବରଗାଁକଛାର କଲେଜ

ବିଦ୍ୟାର୍ଥୀମାନେ କେବଳ ବିଦ୍ୟାର୍ଜନ କରିବା, ବିଦ୍ୟାଗତ ହେବା ନୁହେଁ, ପ୍ରାୟୋଗିକ ମଧ୍ୟ ହେବାକୁ ପଡିବ ବୋଲି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ବରଗାଁକଛାର ପଞ୍ଚାୟତ କଲେଜରେ ଆୟୋଜିତ ସ୍ୱାଗତ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମତବ୍ୟକ୍ତ କରିଛନ୍ତି। ଗୁରୁବାର କଲେଜ ପକ୍ଷରୁ ଆୟୋଜିତ ସ୍ୱାଗତ ଉତ୍ସବରେ ବିଧାୟକ, କଲେଜ ପ୍ରତିଷ୍ଠାତା ରାମେଶ୍ୱର ପଟେଲ, ଭାଜପା ଜିଲା ସଙ୍ଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ବଡଗାଁ ମଣ୍ଡଳ ସଭାପତି ଦିଲୀପ ସେନାପତି, ସତ୍ୟବାନ ବିଶି, ସୁଦନ ସୁନ୍ୟାନୀ, ସାଂସଦ ପ୍ରତିନିଧି ବସନ୍ତ ସାହୁ,କଲେଜ ପ୍ରତିଷ୍ଠାତା ସଦସ୍ୟ ସନାତନ ନାଏକ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଭୋଇ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଦାହରଣ ଦେଇ ଜଣେ କିପରି ନିଷ୍ଠାପର, ଅଧ୍ୟାବସାୟ, ଉଚ୍ଚମନା ହେଲେ ଶ୍ରେଷ୍ଠସ୍ତରକୁ ପହଞ୍ଚିପାରେ ବୁଝାଇବା ସହିତ ଛାତ୍ରୀଛାତ୍ରମାନେ ଲକ୍ଷ୍ୟଗାମୀ ହେବାକୁ ମାର୍ଗ ଦର୍ଶନ ଦେଇଥିଲେ। କଲେଜ ପ୍ରତିଷ୍ଠାତା ପଟେଲ କିପରି ଓ କେଉଁଭଳି ପରିସ୍ଥିତିରେ କଲେଜ ପ୍ରତିଷ୍ଠା କରାଗଲା ସେ ନେଇ କହିଥିଲା ବେଳେ ପ୍ରତିଷ୍ଠାତା ସଦସ୍ୟ ତଥା କଲେଜର ଅବସରପ୍ରାପ୍ତ କିରାଣୀ ସନାତନ ନାଏକ ବିଦ୍ୟାର୍ଥୀଙ୍କ ୫ଟି ଗୁଣ ବୁଝାଇ ତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅନୁଚ୍ଛେଦ ୩୭୦, ଧାରା ୩୫ (କ) କଶ୍ମୀରରୁ ଉଚ୍ଛେଦର ଆବଶ୍ୟକତା ନେଇ ଉପସ୍ଥାପନ କରିଥିଲେ । କଲେଜ ଅଧ୍ୟକ୍ଷ ନାଏକ ଗତବର୍ଷ କଲେଜ ଶ୍ରେଣୀ ଗୃହର ଆଜବେଷ୍ଟସ ପବନରେ ଉଡିଯାଇଥିବାରୁ ମରାମତି, ନୂତନ ଅଫିସ ଶ୍ରେଣୀ ଗୃହ ନିର୍ମାଣ କିମ୍ବା ମରାମତି କରାଇବା, କମନ ରୁମ ଏବଂ ଲାଇବ୍ରେରୀର ଆବଶ୍ୟକ ଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଯେଉଁ ପାଣ୍ଠିରୁ ହେଉ କାମ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସ୍ୱାଗତ ଉତ୍ସବକୁ ଅଧ୍ୟାପକ ହିରଣ୍ୟ କୁମାର ମହନ୍ତ ପରିଚାଳନା କରିଥିଲା ବେଳେ ଅଧ୍ୟାପକ ଗଜେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା କୁନିପଟେଲ, ରଞ୍ଜିତା ପଟେଲ, ଅଧ୍ୟାପକ ମହେନ୍ଦ୍ର ବେହେରା, ଦିନବନ୍ଧୁ ପଟେଲ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।



ସ୍ୱାଗତ ଉତ୍ସବରେ ଉପସ୍ଥିତ କଲେଜର ଛାତ୍ରୀଛାତ୍ର।